

ଏଟ୍ଲି-ସଲ୍‌ମାନ୍ ସାଥିସାଥି
▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-358 ◆BHUBANESWAR ◆MONDAY ◆24 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୫୮ ◆ଭୁବନେଶ୍ୱର ◆ସୋମବାର ◆୨୪ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ଇସ୍ରୋକୁ ସଫଳତା**

## ଆର୍‌ଏଲ୍‌ଭି 'ପୁଷ୍ପକ'ର ତୃତୀୟ ପରୀକ୍ଷଣ

■ **ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)କୁ କ୍ରମାଗତ ତୃତୀୟ ଥର ପାଇଁ ସଫଳତା ମିଳିଛି। ରବିବାର ସକାଳ ୭ଟା ୩୦ରେ କର୍ଣ୍ଣାଟକର ଚିତ୍ରାଦୁର୍ଗାଠାରେ ଥିବା ଏରୋନଟିକାଲ୍ ଟେଷ୍ଟ ରେଞ୍ଜ୍(ଏଟିଆର୍)ରେ ପୁନଃବ୍ୟବହାରକ୍ଷମ ଲଞ୍ଚ୍ ଭେଇକିଲ୍(ଆର୍‌ଏଲ୍‌ଭି) 'ପୁଷ୍ପକ'ର ତୃତୀୟ ଅବତରଣ ପରୀକ୍ଷଣ ସଫଳ ହୋଇଛି। ଆଡଭାନ୍ସ ଅଟୋନମସ କ୍ୟାପାବିଲିଟିର ବ୍ୟବହାର କରି ସଠିକ୍ ▶ପୃଷ୍ଠା-୯



**ବଦଳିଲା ପାଣିପାଗ**

## ଆଜିଠୁ ସକାଳ ୧୦ଟାରେ ବାଜିବ ସ୍କୁଲ୍ ଘଣ୍ଟି

■ **ଭୁବନେଶ୍ୱର, ୨୩।୬ (ସମିସ):** ନଇଁଲା ଖରା; ବଦଳିଲା ପାଗ। ଗ୍ରୀଷ୍ମାବକାଶ ପରେ ଆସନ୍ତାକାଲି ଅର୍ଥାତ୍ ସୋମବାରଠାରୁ ୧୦ଟାରେ ବାଜିବ ସ୍କୁଲ ଘଣ୍ଟି; ଆରମ୍ଭ ହେବ ପାଠପଢ଼ା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଏହାର ଇଙ୍ଗିତ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ପାଣିପାଗ ବଦଳିଛି। ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବା ପରେ ତାପମାତ୍ରା ହ୍ରାସ ପାଇଛି। ତେଣୁ ସ୍ୱାଭାବିକ ସମୟରେ ସ୍କୁଲ ଖୋଲିବାରେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ। ରାଜ୍ୟରେ ଗ୍ରୀଷ୍ମ ଅବକାଶ ଶେଷ ପରେ ଗତ ୧୮ ତାରିଖରୁ ସ୍କୁଲ୍ ଖୋଲାଯାଇଥିଲା। ମାତ୍ର ଗ୍ରୀଷ୍ମ ପ୍ରବାହ ପାଇଁ କିଛି ଜିଲ୍ଲାରେ ସ୍କୁଲ୍ ବନ୍ଦ ରହିଥିଲା। ଜିଲ୍ଲାପାଳମାନେ ନିଜ ଜିଲ୍ଲାର ସ୍ଥିତି ଦେଖି ପଦକ୍ଷେପ ନେବାକୁ ରାଜ୍ୟ ସରକାର ମଧ୍ୟ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଗରମ ଓ ଗୁଳୁଗୁଳିକୁ ଦେଖି ସକାଳୁଆ ପାଠପଢ଼ା ହେଉଥିଲା। ବିଭିନ୍ନ କାରଣରୁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ମଧ୍ୟ ବହୁତ କମ୍ ରହିଥିଲା। ଏଣୁ ପାଠପଢ଼ା ସ୍ୱାଭାବିକ ହୋଇପାରି ନଥିଲା। ଏବେ ଅନୁକୂଳ ପାଗ ହେଇଥିବାରୁ ଖରାଛୁଟି ପରେ ପ୍ରଥମ ଥର ପାଇଁ ୧୦ଟାରୁ ଖୋଲିବ ବିଦ୍ୟାଳୟ। ଫଳରେ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇବା ସହ ପାଠପଢ଼ା ସ୍ୱାଭାବିକ ହେବ ବୋଲି ଅଭିଭାବକମାନେ ଆଶାପ୍ରକାଶ କରିଛନ୍ତି।

### ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜି

# ବିରୋଧୀଙ୍କ ସମରସଜ୍ଜା

**ସରକାରଙ୍କୁ ଆହ୍ୱାନ ହେବ ପ୍ରଶ୍ନପତ୍ର ପ୍ରଘଟ, ଦରବୃଦ୍ଧି, ବେରୋଜଗାରୀ ପ୍ରସଙ୍ଗ**

■ **ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି):** ଅଷ୍ଟାଦଶ ଲୋକସଭାର ପ୍ରଥମ ତଥା ସ୍ୱତନ୍ତ୍ର ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବ। ୧୦ ଦିନ ଧରି ଚାଲିବାକୁ ଥିବା ଅଧିବେଶନରେ ମୋଟ ୮ଟି ବୈଠକ ବସିବ। ସର୍ବପ୍ରଥମେ କାମଚଳା ବାଚସ୍ପତି (ପ୍ରୋଟେମ ସ୍ପିକର) ଭର୍ତ୍ତୃହରି ମହତାବଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସକାଳେ ରାଷ୍ଟ୍ରପତି ଭବନରେ ଶପଥ ପାଠ କରାଇବେ। ପରେ ବାଚସ୍ପତି ସଂସଦରେ ପହଞ୍ଚି ଦିବା ୧୧ଟାରୁ ଲୋକସଭା ଅଧିବେଶନ ଆରମ୍ଭ ପାଇଁ ଘୋଷଣା କରିବେ।

ଅଷ୍ଟାଦଶ ଲୋକସଭାର ଏହା ପ୍ରଥମ ସିଟିଂ ହୋଇଥିବାରୁ ଉପସ୍ଥିତ ସାଂସଦମାନେ ପ୍ରଥମେ କିଛି କ୍ଷଣ ମୌନ ରହିବେ। ଲୋକସଭା ମହାସଚିବ ଉତ୍ପଳ କୁମାର ସିଂହ ନିର୍ବାଚିତ ସାଂସଦଙ୍କ ତାଲିକା ପ୍ରୋଟେମ୍ ବାଚସ୍ପତି ମହତାବଙ୍କ ଟେବୁଲରେ ରଖିବେ। ତା'ପରେ ପ୍ରୋଟେମ୍ ସ୍ପିକର ଲୋକସଭାର ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶପଥ ଗ୍ରହଣ କରିବାକୁ କହିବେ। ପ୍ରଧାନମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ପାଠ କରିସାରିବା ପରେ ପ୍ରୋଟେମ୍ ବାଚସ୍ପତି ତାଙ୍କୁ ଆସନ୍ତା ୨୬ରେ ବାଚସ୍ପତି ନିର୍ବାଚନ ସରିବା ଯାଏଁ ସହାୟତା ଦେବାକୁ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଚେୟାରପର୍ସନ୍‌ସ ପ୍ୟାନେଲ୍‌ରେ ଥିବା ୫ଜଣ ସାଂସଦଙ୍କୁ ଶପଥପାଠ କରାଇବେ। ତା'ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବେ। ପ୍ରଥମ ଦିନରେ ୨୮୦ ସାଂସଦ ଶପଥ ଗ୍ରହଣ କରିବେ ଓ ତା'ପର ଦିନ ବାକି ସାଂସଦ ଶପଥ ନେବେ। ଏହା ପରେ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବ।



**୨୬ରେ ବାଚସ୍ପତି ନିର୍ବାଚନ**

**୨୭ରୁ ରାଜ୍ୟସଭାର ୨୬୪ ତମ ଅଧିବେଶନ**

ଅନ୍ୟପକ୍ଷରେ ୨୭ ତାରିଖରେ ରାଜ୍ୟସଭାର ୨୬୪ତମ ଅଧିବେଶନ ଆରମ୍ଭ ହେବ। ଏହି ଦିନ ସଂସଦର ଉଭୟ ସଦନ ଲୋକସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବେ। ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ବିତର୍କ ଚାଲିବ। ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୨ କିମ୍ବା ୩ରେ ବିତର୍କ ନେଇ ନିଜ ବିବୃତି ରଖିବେ। ତା'ପରେ ସଂସଦର ଉଭୟ ସଦନ ଜୁଲାଇ ୨୧ ଯାଏ ବନ୍ଦ ରଖାଯିବ। ୨୨ ତାରଖରେ ସଂସଦ ଅଧିବେଶନ ଆହୂତ ହୋଇ ବଜେଟ୍ ଉପସ୍ଥାପନ ହେବ।

ଲୋକସଭା ନିର୍ବାଚନରେ ବିଜେପି ଏକକ ବହୁମତ ପାଇନାହିଁ। ସହଯୋଗୀଙ୍କ ସମର୍ଥନରେ ତୃତୀୟ ଥର ପାଇଁ ଏନ୍‌ଡିଏ ମେଣ୍ଟ କ୍ଷମତାସୀନ ହୋଇଛି। ପ୍ରଥମ ଥର ପ୍ରଧାନମନ୍ତ୍ରୀ ମୋଦୀ ମେଣ୍ଟ ସରକାରର ନେତୃତ୍ୱ ନେଉଛନ୍ତି। ଦଶ ବର୍ଷରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀଙ୍କ ଆଗରେ ମଜବୁତ ବିରୋଧୀ ଅଛନ୍ତି। ଗତ ସପ୍ତାହରେ ନିଟ୍ ପରୀକ୍ଷା ବିଭ୍ରାଟ, ତିନି ଅପରାଧିକ ଆଇନ, ଲୋକସଭା ନିର୍ବାଚନ ପରେ ସେୟାର ବଜାରରେ ହୋଇଥିବା ଗଡ଼ବଡ଼ ଆଦିକୁ ନେଇ ବିରୋଧୀ ସରକାରଙ୍କୁ ଘେରିବା ପାଇଁ ସମରସଜ୍ଜା ଆରମ୍ଭ କରିଦେଇଛି। ଏକ୍‌ଜିଟ୍ ପୋଲ୍‌ରେ ବିଜେପିର ତଥା ଏନ୍‌ଡିଏ'ର ମହାବିଜୟର ଆକଳନ ପରେ ଷ୍ଟକ୍ ମାର୍କେଟରେ ନିବେଶକମାନଙ୍କୁ ଅଚାନକ ଲକ୍ଷ ଲକ୍ଷ କୋଟି ଟଙ୍କାର ଫାଇଦା ମିଳିବା ପ୍ରସଙ୍ଗରେ ମଧ୍ୟ ବିପକ୍ଷ ଦଳ ସରକାରଙ୍କୁ ପ୍ରଶ୍ନ କରିପାରନ୍ତି। ଏତଦ୍‌ବ୍ୟତୀତ ଖାଦ୍ୟ ପଦାର୍ଥ ସମେତ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟା ବିଷୟରେ ▶ପୃଷ୍ଠା-୯

**ନିଟ୍-ୟୁଜି ପରୀକ୍ଷା ଜାଲିଆତି ମାମଲା**

## ସିବିଆଇ ରୁଜୁ କଲା ପ୍ରଥମ ଏତଲା

**ବିହାରରେ ଯାଞ୍ଚ ଟିମ୍ ଉପରେ ଆକ୍ରମଣ**

**ନକଲି ପୁଲିସ ଭାବି ବିରୋଧ: ୪ ଗିରଫ**



■ **ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି):** ନିଟ୍-ପିଜି ପରୀକ୍ଷାରେ ଜାଲିଆତିକୁ ନେଇ ସାରା ଦେଶରେ ହଙ୍ଗାମା ଜାରି ରହିଛି। ଏହି ଜାଲିଆତିକୁ ନେଇ ଶିକ୍ଷା ମନ୍ତ୍ରାଳୟ ଅଭିଯୋଗର ଦିନକ ପରେ ସିବିଆଇ ରବିବାର ପ୍ରଥମ ଏତଲା ରୁଜୁ କରିଛି। ଅଜ୍ଞାତ ଲୋକଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ (ଆଇପିସି) ର ଧାରା ୧୨୦-ବି (ଆପରାଧିକ ଷଡ଼ଯନ୍ତ୍ର) ଏବଂ ୪୨୦ (ଠକେଇ) ସମେତ ଅନେକ ଧାରା ଲଗାଯାଇଛି। ମାମଲାର ତଦନ୍ତ ପାଇଁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପାଟନା ଏବଂ ଗୋଧ୍ରା ଯାଇ ତଦନ୍ତ କରିବ। ଗୁଜରାଟ ଓ ବିହାରରେ ଏହି ପ୍ରଶ୍ନପତ୍ର ପ୍ରଘଟରେ ସଂପୃକ୍ତ ଥିବା ଅଭିଯୋଗରେ କେତେକଙ୍କୁ ଗିରଫ କରାଯାଇଛି। ଏହି ଜାଲିଆତି ଓ ଆପରାଧିକ ଷଡ଼ଯନ୍ତ୍ର ପଛରେ କିଏ ସବୁ ଅଛନ୍ତି, ସରକାରୀ ଚାକିରିଆଙ୍କ ସଂପୃକ୍ତି ଏଥିରେ ଅଛି କି ନାହିଁ, ୬୭ ପରୀକ୍ଷାର୍ଥୀ କିପରି ୭୨୦ରୁ ୭୨୦ ମାର୍କ ପାଇଲେ ତାହା ଜାଣିବାକୁ ସିବିଆଇ ଉଦ୍ୟମ କରିବ ଓ ସଂପୃକ୍ତଙ୍କୁ ଧରିବ।

ଅନ୍ୟପକ୍ଷରେ ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ପାଇଁ ସିବିଆଇ ଟିମ୍ ଦିଲ୍ଲୀରୁ ବିହାରର ନୱାଦା ପହଞ୍ଚି ଯାଇଛି। ଏଠାରେ ସିବିଆଇ ଟିମ୍ ଉପରେ ଗ୍ରାମବାସୀ ଆକ୍ରମଣ କରିଛନ୍ତି। ଅଧିକାରୀଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି। ପରେ ରାଜୌଲି ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସିବିଆଇ ଅଧିକାରୀଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା। ନୱାଦା ଏସ୍‌ପି କହିଛନ୍ତି ଯେ ସିବିଆଇ ଟିମ୍ ଥାନା କ୍ଷେତ୍ରର କସିୟାଡିହ ଗ୍ରାମରେ ପହଞ୍ଚି ଥିଲା। ▶ପୃଷ୍ଠା-୯

## ସାରା ରାଜ୍ୟକୁ ଛୁଇଁଲା ମୌସୁମୀ

■ **ଭୁବନେଶ୍ୱର, ୨୩।୬ (ସମିସ):** ସାରା ଓଡ଼ିଶାକୁ ଛୁଇଁଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଜୁନ ୮ରେ ଓଡ଼ିଶାକୁ ସ୍ପର୍ଶ କରିଥିବା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସାରା ଓଡ଼ିଶାକୁ ଅଗ୍ରସର ହୋଇଛି। ବାକି ଥିବା ୬ ଟି ଜିଲ୍ଲାର ଅବଶିଷ୍ଟ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଯୋଗୁଁ ସାରା ଓଡ଼ିଶାକୁ ମୌସୁମୀ ଅଗ୍ରସର ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।



**ଆସୁଛି ଲଘୁଚାପ**

**୨୬ରୁ ବଢ଼ିବ ବର୍ଷାର ପ୍ରକୋପ**

ମୌସୁମୀ ଅଗ୍ରସର ହେବା ହେତୁ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଅନୁଭୂତ ହୋଇଛି। ୨୬ରୁ ବର୍ଷାର ପ୍ରକୋପ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ଅଧିକ ରହିବାର ଆଶଙ୍କା କରାଯାଇଛି। ସେହିପରି ୨୫ ତାରିଖ ସମାନ ସ୍ଥିତି ସହ ୨୬ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ▶ପୃଷ୍ଠା-୯

### ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଘଟଗାଁ ତାରିଣୀ ପୀଠ: ମୁଖ୍ୟମନ୍ତ୍ରୀ

## ବିକାଶ ପାଇଁ ଆଉ ୫୦ କୋଟି ଅନୁଦାନ



■ **କେନ୍ଦୁଝର, ୨୩।୬ (ସମିସ):** ଖଣି, ବୈତରଣୀ ଓ ମା' ତାରିଣୀଙ୍କ ଆଶୀର୍ବାଦ କେନ୍ଦୁଝରକୁ ସମୃଦ୍ଧ କରିଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ କେନ୍ଦୁଝରକୁ 'ସୁନାର କେନ୍ଦୁଝର'ରେ ପରିଣତ କରାଯିବ। ମା' ତାରିଣୀଙ୍କ କ୍ଷେତ୍ର ଘଟଗାଁକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦିଆଯିବା ସହିତ ଜାତୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ପୂର୍ବ ଅନୁମୋଦନ କ୍ରମେ ଏବେ ମା'ଙ୍କ ମନ୍ଦିର ବିକାଶ ପାଇଁ ୫୦ କୋଟି ଟଙ୍କାର କାମ ଚାଲିଛି। ଅଧିକ ଉନ୍ନୟନ କାର୍ଯ୍ୟ ପାଇଁ ଆଉ ୫୦ କୋଟିର ଅନୁଦାନ ଦିଆଯିବ। ଏବେ ୧୦୦ କୋଟି ଟଙ୍କାରେ ମା'ଙ୍କ ମନ୍ଦିର ବିକାଶ କାମ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ହେବାପରେ ଶ୍ରୀ ମାଝୀ ରବିବାର ପ୍ରଥମ କରି ଦୁଇଦିନିଆ ନିଜ ଜିଲ୍ଲା କେନ୍ଦୁଝର ଗସ୍ତରେ ଅଛନ୍ତି। ▶ପୃଷ୍ଠା-୯

**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

## ମରିଯିବ ଭିତରକନିକା !



■ **ଭୁବନେଶ୍ୱର, ୨୩।୬ (ସମିସ):** ମହାନଦୀ, ବ୍ରାହ୍ମଣୀ, ବୈତରଣୀରେ ଜଳ ପ୍ରବାହ ହ୍ରାସ ଭିତରକନିକା ଅଭୟାରଣ୍ୟ ପ୍ରତି ସୃଷ୍ଟି କରିଛି ଭୟଙ୍କର ବିପଦ। ଜଳପ୍ରବାହ ହ୍ରାସ ଯୋଗୁଁ ଭିତରକନିକା ଅଭୟାରଣ୍ୟର ଜୈବମଣ୍ଡଳ ପ୍ରଭାବିତ ହେବ ଓ ଦ୍ରୁତ ମୃତ୍ୟୁ ଅଭିମୁଖେ ଏହି ଅଭୟାରଣ୍ୟ ଗତି କରିବ। ଆଗାମୀ ୨୫ ବର୍ଷ ମଧ୍ୟରେ ଭିତରକନିକା ଅଭୟାରଣ୍ୟକୁ ମଧୁର ଜଳପ୍ରବେଶ ପ୍ରାୟ ୫୦% ହ୍ରାସ ପାଇବ । ଫଳରେ ଅଭୟାରଣ୍ୟ ଉପରେ ନିର୍ଭର କରୁଥିବା ପ୍ରାଣୀଜଗତ ଓ ଜୈବମଣ୍ଡଳ ମଧ୍ୟ ବିପଦରେ ପଡ଼ିବ ।

**୨୫ ବର୍ଷରେ କମିବ ୫୦% ମଧୁର ଜଳ ପ୍ରବାହ**

**ପୂର୍ବରୁ ଆଶଙ୍କା କରିଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ**

**୧୦ ପ୍ରତିଶତ ବର୍ଷାହାନି ଯୋଗୁଁ ୬% ହ୍ରାସ ପାଇବ ଜଳପ୍ରବାହ**

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବ୍ରାହ୍ମଣୀ ଅବବାହିକାରେ ମଧୁର ଜଳ ପ୍ରବାହର ପରିମାଣ ୨୦୫୦ ମସିହା ବେଳକୁ ୪୮% ହ୍ରାସ ପାଇପାରେ। ୨୦୦୧ ମସିହାରେ ଏହା ୭୯% ରହିଥିଲା ଓ ୨୦୫୦ ବେଳକୁ ଏହା ୩୦%ରୁ ୩୧%କୁ ଖସିବାର ଆଶଙ୍କା ରହିଛି । ଅନୁରୂପ ଭାବରେ ବୈତରଣୀ ଅବବାହିକାରେ ମଧୁର ଜଳ ପ୍ରବାହ ପରିମାଣ ୨୦୫୦ ବେଳକୁ ୩୫%କୁ କମିବାପାରେ ବୋଲି କୁହାଯାଉଛି। ୨୦୦୧ ମସିହା ବେଳକୁ ବୈତରଣୀ ଅବବାହିକାରେ ମଧୁର ଜଳ ପ୍ରବାହର ପରିମାଣ ୬୧% ରହିଥିଲା, ବର୍ତ୍ତମାନ ଏହା ୫୦% ତଳକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଜଳ ଉପଲବ୍ଧତା ହ୍ରାସ ଯୋଗୁଁ ବର୍ତ୍ତମାନ ସଙ୍କଟରେ ପଡ଼ିଥିବା ଭିତରକନିକା ଜାତୀୟ ଉଦ୍ୟାନ ଭବିଷ୍ୟତରେ ଆହୁରି ବିପଦରେ ପଡ଼ିବାକୁ ଯାଉଛି। ୨୦୦୧ ମସିହାରେ ମଧୁର ଜଳ ପ୍ରବାହ ୭୫% ଥିଲା ବେଳେ ୨୦୫୦ ବେଳକୁ ଏହା ୪୬%ରେ ପହଞ୍ଚିପାରେ ବୋଲି ପରିବେଶବିତ୍‌ମାନେ ଆକଳନ କରିଛନ୍ତି।

ଉଭୟ ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅବବାହିକା ଅଞ୍ଚଳରେ ଜନ ଘନତ୍ୱ ବଢ଼ିବାରେ ଲାଗିଛି। ଚାଷ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜଳ ବ୍ୟବହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ସହ ଶିଳ୍ପାଞ୍ଚଳର ବିକାଶ, ସହରୀକରଣ ଓ ବଢୁଥିବା ଜନସଂଖ୍ୟା ଯୋଗୁଁ ଆଗାମୀ ୨୫ ବର୍ଷ ମଧ୍ୟରେ ଉଭୟ ନଦୀ ଅବବାହିକାରେ ଜନସାଧାରଣଙ୍କ ଦ୍ୱାରା ଜଳର ବ୍ୟବହାର ବର୍ତ୍ତମାନ ସମୟଠାରୁ ୩ଗୁଣ ବୃଦ୍ଧି ପାଇବାର ▶ପୃଷ୍ଠା-୯

### ଲୋକକଥା



ହାତୁ ନ ଲିଭୁଣୁ କାଳି ଚିହ୍ନ ଭାଇ
ବଢ଼ିଲା ବଜାର ଦର,
ଜନତାଙ୍କ କଥା ଏ କାନରେ ପଶି
ସେ କାନରେ ହୁଏ ପାର୍ !
ଦୋଷ ଏବେ କିଆଁ ଧର ?
ପାଞ୍ଚ ବର୍ଷ ତୁଣ୍ଡେ ଅଠା ମାରି ବସ
ନାହିଁ କିଛି ଉପଚାର !!

# ମଞ୍ଚା ଉପରେ 'ଡିଜିଟାଲ ଇଣ୍ଡିଆ'

■ **ଢେଙ୍କାନାଳ, ୨୩।୬ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାଦବସନ୍ତ ଗ୍ରାମରେ ଡିଜିଟାଲ ଇଣ୍ଡିଆ ନାରା ଭେଳିକି ପାଲଟିଛି। ଏଠାରେ ମୋବାଇଲ ନେଟୱର୍କ ନ ଥିବାରୁ ଗ୍ରାମବାସୀ ଗଛ ଉପରେ ମଞ୍ଚାକରି ନେଟୱର୍କ ନିମନ୍ତେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ରହୁଥିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସମଗ୍ର ଭାରତବର୍ଷରେ ଡିଜିଟାଲ ଆନ୍ଦୋଳନ ସମୟରେ ଏଠାରେ ସାଧାରଣ ମୋବାଇଲ ସେବା ମିଳିବା କଷ୍ଟକର ହୋଇପଡ଼ିଛି। ଏପରିକି କୋମଳମତି ଶିଶୁମାନେ ପାଠ ପଢ଼ିବା ନିମନ୍ତେ ପାହାଡ଼ କିମ୍ବା ଗଛ ଉପରେ ଚଢ଼ି ମଞ୍ଚା କରି ପାଠ ପଢ଼ିବାର ଦୃଶ୍ୟ ଏଠାରେ ଦେଖିବାକୁ ମିଳିଛି।

**ଗଛ, ପାହାଡ଼ ଉପରେ ଖୋଜାଚାଲିଛି ନେଟ୍‌ୱର୍କ**



ସମଗ୍ର ଭାରତ ବର୍ଷରେ ଗାଁ ଠାରୁ ସହର ସବୁଠାରେ ଡିଜିଟାଲ ଇଣ୍ଡିଆର ନାରା; କିନ୍ତୁ ବାସ୍ତବରେ ଆଜି ପର୍ଯ୍ୟନ୍ତ 'ଡିଜିଟାଲ ଇଣ୍ଡିଆ' କେବଳ ଏକ ସ୍ଲୋଗାନରେ ସୀମିତ ରହିଯାଇଛି। ଆଜିବି ଗାଁ ଗହଳିର ଲୋକେ ମୋବାଇଲ ସେବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। କାମାକ୍ଷାନଗର ଉପଖଣ୍ଡ ସଦର ମହକୁମାଠାରୁ ମାତ୍ର ୨୦ କିଲୋମିଟର ଦୂର ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ କାଦବସନ୍ତ ଗ୍ରାମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବେ ମୋବାଇଲ ସେବାରୁ ବଞ୍ଚିତ ହୋଇଛନ୍ତି। ଯାହା ଫଳରେ କୌଣସି ସୁବିଧା, ଅସୁବିଧା, କିମ୍ବା ଜରୁରୀ ଆବଶ୍ୟକତା ସହିତ ମେଡିକାଲ ସେବାରୁ ବଞ୍ଚିତ ହୋଇ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଆଜି ପର୍ଯ୍ୟନ୍ତ କୌଣସି ମୋବାଇଲ ନେଟୱର୍କ ଉପଲବ୍ଧ ହୋଇନାହିଁ। ଘର ଭିତରେ ମୋବାଇଲ ନେଟୱର୍କ ଆସୁ ନ ଥିବାରୁ ପାହାଡ଼, ଜଙ୍ଗଲ ଓ ବଡ଼ ଗଛରେ ମଞ୍ଚା ବାନ୍ଧି ମୋବାଇଲରେ ଯୋଗାଯୋଗ କରୁଛନ୍ତି। ଯାହା ଫଳରେ ଆବଶ୍ୟକ ସମୟରେ ମୋବାଇଲ ▶ପୃଷ୍ଠା-୯

## ଅରୁଣାଚଳରେ ବାଦଲ୍‌ଫଟା ବର୍ଷା

# ଆସାମ ମୃତ୍ୟୁସଂଖ୍ୟା ୩୭କୁ ବୃଦ୍ଧି



### ୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଦେଶର ପାଣିପାଗ ବଦଳିବାରେ ଲାଗିଛି। ପ୍ରଚଣ୍ଡ ତାତି ପରେ ଏବେ ବର୍ଷା ଆରମ୍ଭ ହୋଇଛି। ଏହି କ୍ରମରେ ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ରବିବାର ସକାଳେ ବାଦଲଫଟା ବର୍ଷା ହୋଇଛି। ଏଥିଯୋଗୁଁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଭୀଷଣ ବର୍ଷାରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଜାତୀୟ ରାଜପଥ (ଏନ୍‌ଏଚ୍) ୪୧୫ର ବିଭିନ୍ନ ସ୍ଥାନରେ ଅବଶେଷ ପଡ଼ିଥିବାରୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ପାଣି ଭର୍ତ୍ତି ହୋଇଯାଇଥିବାରୁ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଫସି ରହିଛି। କିଛି ଗାଡ଼ି ଅବଶେଷ ତଳେ ଦବି ରହିଥିବା ସୂଚନା ମିଳିଛି। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଆସାମରେ ପ୍ରାୟ ସପ୍ତାହେ ହେଲା ବର୍ଷା ଜାରି ରହିଛି। ଏ ପର୍ଯ୍ୟନ୍ତ ବର୍ଷା, ବନ୍ୟା ଏବଂ ଭୂସ୍ଖଳନରେ ୩୭ ଜଣଙ୍କ ମୃତ୍ୟୁ ହେଲାଣି। ୧୯ ଜିଲ୍ଲାର ୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତଙ୍କ ଲାଗି ସରକାର ୧୦୦ ରିଲିଫ କ୍ୟାମ୍ପ ଲଗାଇଛନ୍ତି। ରିଲିଫ ସାମଗ୍ରୀ ଦେବା ପାଇଁ ୧୨୫ କେନ୍ଦ୍ର ବନାଯାଇଛି। ଏହା ମଧ୍ୟରେ ପାଣିପାଗ ବିଭାଗ ୧୧ ରାଜ୍ୟକୁ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି। ଏହି ରାଜ୍ୟ ମଧ୍ୟରେ ଗୋଆ, କର୍ଣ୍ଣାଟକ, ମହାରାଷ୍ଟ୍ର,



କେରଳ, ତାମିଲନାଡୁ, ନାଗାଲାଣ୍ଡ, ମଣିପୁର, ତ୍ରିପୁରା ଏବଂ ପଶ୍ଚିମବଙ୍ଗ ସାମିଲ ରହିଛି।

### ୧୧ ରାଜ୍ୟକୁ ବର୍ଷା ଚେତାବନୀ

### ସ୍ଥିତି ସମୀକ୍ଷା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ମୌସୁମୀ ସମୟରେ ଦେଶର ବିଭିନ୍ନ ଭାଗରେ ଆସିବାକୁ ଥିବା ବନ୍ୟାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସ୍ଥିତି ସମୀକ୍ଷା ପାଇଁ ବୈଠକ କରିଛନ୍ତି। ଏଥିରେ ସ୍ୱରାଷ୍ଟ୍ର, ଜଳ ସମ୍ବଳ, ନଦୀ ବିକାଶ, ପୃଥିବୀ ବିଜ୍ଞାନ, ପରିବେଶ, ସଡ଼କ ପରିବହନ ମନ୍ତ୍ରାଳୟର ସଚିବ, ରେଳବାଇ ବୋର୍ଡର ଅଧ୍ୟକ୍ଷ ଏବଂ ଏନଡିଏମଏ ଅଧିକାରୀ ସାମିଲ ହୋଇଥିଲେ। ସେ ବନ୍ୟା ଏବଂ ଜଳ ପରିଚାଳନା ନେଇ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଦ୍ୱାରା ଦିଆଯାଇଥିବା ଉପଗ୍ରହ ଚିତ୍ରକୁ ବ୍ୟବହାର କରିବାକୁ ଜୋର୍ ଦେଇଥିଲେ। ସେ ଗ୍ଲେସିୟଲ ଲେକ ଆଉଟବ୍ରଷ୍ଟ ଫ୍ଲଡ (ଜିଏଲଓଏଫ)ର ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସଠିକ୍ ପରିଚଳନା ଲାଗି ନଦୀ ଜଳସ୍ତରର ପୂର୍ବାନୁମାନ ପ୍ରଣାଳୀ ଉନ୍ନତ କରିବା ଉଚିତ ବୋଲି କହିଥିଲେ। ପୂର୍ବୋତ୍ତରରେ ଅତିକମରେ ୫୦ ବଡ଼ ପୋଖରୀ ନିର୍ମାଣ କରାଯିବା ଉଚିତ। ଏହା ଦ୍ୱାରା ବ୍ରହ୍ମପୁତ୍ରର ଜଳର ପଥକୁ ବଦଳା ଯାଇପାରିବ।

---

### କାଳ ହେଲା ପରକୀୟା ପ୍ରୀତି

## ଡିଏସ୍‌ପିରୁ କନଷ୍ଟେବଲ

ଲକ୍ଷ୍ନୌ, ୨୩।୬ (ଏଜେନ୍ସି): ଉତ୍ତରପ୍ରଦେଶରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ସାଧାରଣତଃ ଚାକିରିରେ କର୍ମଚାରୀଙ୍କୁ ପଦୋନ୍ନତି ମିଳିଥାଏ, ମାତ୍ର ଉନ୍ନାଓର ଡେପୁଟି ଏସ୍‌ପି (ଡିଏସ୍‌ପି)ଙ୍କ କ୍ଷେତ୍ରରେ ଏହାର ଓଲଟା ହୋଇଛି। ଡିଏସ୍‌ପି କୃପାଶଙ୍କର କନୌଜିଆଙ୍କ ପଦାବନତି କରି କନଷ୍ଟେବଲ ବନାଇ ଦିଆଯାଇଛି। କାନପୁରର ଏକ ହୋଟେଲରେ ମହିଳା ସିପାହୀଙ୍କ ସହ ଧରାପଡ଼ିବା ପରେ ଡିଏସ୍‌ପିଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲକ୍ଷ୍ନୌ ଏଡିଜିଙ୍କ ପକ୍ଷରୁ ଶନିବାର ଜାରି ନିର୍ଦ୍ଦେଶରେ ତାଙ୍କୁ ବଦଳି କରି ଗୋରଖପୁର ପିଏସିର ୨୬ ବାଟାଲିୟନକୁ ପଠାଇ ଦିଆଯାଇଛି।



କୃପା ଶଙ୍କର ପିଏସିରେ କନଷ୍ଟେବଲ ପଦରୁ ପଦୋନ୍ନତି ପାଇ ଡିଏସ୍‌ପି ପଦବୀ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। କନୌଜିଆ ଦେବରିଆର ବାସିନ୍ଦା। ସେ ୨୦୨୧ ଜୁଲାଇରେ ଉନ୍ନାଓ ଜିଲ୍ଲାର ବିଧାପୁର ସର୍କଲର ସିଓ ଥିଲେ। ଏହି ସମୟରେ ଜଣେ ମହିଳାଙ୍କ ସହ ତାଙ୍କ ପରକୀୟାପ୍ରୀତି ଥିଲା। ଉଭୟେ ପୂର୍ବରୁ ବିବାହିତ ଥିଲେ। ଏହି ମହିଳାଙ୍କ ସ୍ୱାମୀ ପ୍ରୟାଗରାଜର ଏକ ଥାନାରେ ସିପାହୀ ଥିଲେ। ସୂଚନା ଅନୁଯାୟୀ ୨୦୨୧ ଜୁଲାଇରେ କୃପା ଶଙ୍କର ଚିକିତ୍ସା ପାଇଁ ଛୁଟି ନେଇଥିଲେ। ସେ ଘରକୁ ଯିବା ପାଇଁ ପତ୍ନୀଙ୍କୁ କହି ମହିଳା ସିପାହୀଙ୍କ ସହ କାନପୁର ଚାଲି ଯାଇଥିଲେ। ସେଠାକାର ଏକ ହୋଟେଲରେ ରହିଥିଲେ। ଡିଏସ୍‌ପି ନିଜ ନାମରେ ପ୍ରକୋଷ୍ଠ ବୁକ୍ କରିଥିଲେ। ନିଜର ମୋବାଇଲକୁ ବନ୍ଦ କରି ଦେଇଥିଲେ। ଫୋନ୍ ନ ଲାଗିବାରୁ ଚିନ୍ତିତ ହୋଇ ତାଙ୍କ ପତ୍ନୀ ଏସ୍‌ପିଙ୍କୁ ଏ ବିଷୟରେ କହିଥିଲେ। ପରେ ତଦନ୍ତ ହେବାରୁ ତାଙ୍କ ଗୁମର ଖୋଲି ଯାଇଥିଲା।

---

## ବିଜେପି ଛାଡ଼ିଲେ ସୂର୍ଯ୍ୟକାନ୍ତା

ନାନ୍ଦେଡ, ୨୩।୬ (ଏଜେନ୍ସି): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୂର୍ଯ୍ୟକାନ୍ତା ପାଟିଲ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଲୋକସଭା ନିର୍ବାଚରେ ମହାରାଷ୍ଟ୍ରରେ ବିଜେପର ନିକୃଷ୍ଟ ପ୍ରଦର୍ଶନ ତାଙ୍କୁ ବ୍ୟଥିତ କରିଥିଲା। ୨୦୧୪ରେ ସୂର୍ଯ୍ୟକାନ୍ତା ଏନ୍‌ସିପି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଏଥର ସେ ମରାଠାୱାଡ଼ାର ହିଙ୍ଗୋଲି ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଚାହିଁଥିଲେ। କିନ୍ତୁ ସେ ଆସନଟି ଶିବସେନା (ସିନ୍ଦେ ଗୋଷ୍ଠୀ) ଭାଗରେ ପଡ଼ିଥିଲା। ଟିକେଟ ନପାଇବାରୁ ସୂର୍ଯ୍ୟକାନ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ସେ ୟୁପିଏ ସରକାରରେ ଗ୍ରାମ୍ୟ ଉନ୍ନୟନ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଥିଲେ।

## ୨୨ ମତ୍ସ୍ୟଜୀବୀ ଗିରଫ

ଚେନ୍ନାଇ, ୨୩।୬ (ଏଜେନ୍ସି): ତାମିଲନାଡୁର ୨୨ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ରବିବାର ଗିରଫ କରୁଛି। ଏହି ସମୟରେ ମତ୍ସ୍ୟଜୀବୀ ନେଡୁନଥଇଭୁ ନିକଟରୁ ସମୁଦ୍ରରେ ମାଛ । ତିନୋଟି ବୋଟକୁ ମଧ୍ୟ ଜବତ କରି ଶ୍ରୀଲଙ୍କା ନିଆଯାଇଛି। ଏହା ପୂର୍ବରୁ ଗତ ମଙ୍ଗଳବାର ଦିନ ଶ୍ରୀଲଙ୍କା ନୌସେନା ତାମିଲନାଡୁର ୪ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା। ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ପତ୍ରଲେଖିଥିଲେ। ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିବାକୁ ଶ୍ରୀଲଙ୍କା ସରକାରଙ୍କୁ କୁହନ୍ତୁ ବୋଲି ଅନୁରୋଧ କରିଥିଲେ।

## ନାବାଳକ ଦେଇଥିଲା ବୋମା ଧମକ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଦିଲ୍ଲୀରୁ ଦୁବାଇ ଯାଉଥିବା ବିମାନରେ ବୋମା ରହିଥିବା ନେଇ ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ମିଳିଥିବା ଇ-ମେଲ୍‌ଟି ଜଣେ ୧୩ବର୍ଷର ବାଳକ ମଜାରେ ପଠାଇଥିବା କହିଛନ୍ତି ଡିସିପି ଉଷା ରଙ୍ଗନାନି। ତଦନ୍ତରୁ ଜଣାପଡ଼ିଥିଲା ଯେ ଇ-ମେଲ୍‌ଟି ଉତ୍ତରାଖଣ୍ଡର ପିଥୋରଗଡ଼ରୁ ଆସିଥିଲା ଓ ପଠାଯିବାର କିଛି କ୍ଷଣ ପରେ ତାହା ଡିଲିଟ୍ କରି ଦିଆଯାଇଥିଲା। ସେଠାକୁ ଏକ ପୁଲିସ୍ ଟିମ୍ ପହଞ୍ଚି ବାଳକକୁ ଧରିଥିଲା ଓ ପଚରାଉଚରା ପରେ ତାକୁ ତା'ର ପିତାମାତାଙ୍କୁ ହସ୍ତାନ୍ତର କରାଯାଇଥିଲା। କିଛି ଦିନ ତଳେ ଦିଲ୍ଲୀରୁ କାନାଡାର ଟରୋଣ୍ଟୋ ଯାଉଥିବା ଏୟାର୍ କାନାଡା ବିମାନରେ ବୋମାଥିବା ନେଇ ଇ-ମେଲ୍ ମିଳିଥିଲା। ସେ ଇ-ମେଲ୍‌ଟିକୁ ଜଣେ ୧୩ ବର୍ଷର ବାଳକ ପଠାଇଥିବା ଜଣାପଡ଼ିଥିଲା।

## ଦିନକରେ ମୁକୁଳିଲେ ହିନ୍ଦୁଜା ପରିବାର

ବର୍ଣ୍ଣ, ୨୩।୬ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ତଥା ବ୍ରିଟେନର ସବୁଠାରୁ ଧନୀ ହିନ୍ଦୁଜା ପରିବାର ବିରୋଧରେ ଲାଗିଥିବା ସମସ୍ତ ଅଭିଯୋଗକୁ ସ୍ୱିଜରଲାଣ୍ଡର ଉଚ୍ଚ କୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ସମସ୍ତ ୪ ସଦସ୍ୟଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଦେଇଛନ୍ତି। ଏହା ପୂର୍ବରୁ ଘରୋଇ ସହାୟକଙ୍କୁ ଉତ୍ପୀଡ଼ନ ଦେବା ମାମଲାରେ ନିମ୍ନ କୋର୍ଟ ସମସ୍ତଙ୍କୁ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ବ୍ୟବସାୟୀ ପ୍ରକାଶ ହିନ୍ଦୁଜା ଓ ତାଙ୍କ ପତ୍ନୀ କମଲ ହିନ୍ଦୁଜାଙ୍କୁ ୪.୫ ବର୍ଷ ଲେଖାଏଁ ଏବଂ ପୁଅ ଅଜୟ ଓ ବୋହୂ ନମ୍ରତାଙ୍କୁ ୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଘୋଷଣା କରାଯାଇଥିଲା। ତେବେ ସେମାନଙ୍କୁ ହେପାଜତକୁ ନିଆଯାଇ ନ ଥିଲା। ଏହି ନିଷ୍ପତ୍ତିକୁ ବିରୋଧ କରି ପରିବାର ଉପର କୋର୍ଟକୁ ଯାଇଥିଲା। ଅଭିଯୋଗକାରୀ ସମସ୍ତ ଅଭିଯୋଗ ପ୍ରତ୍ୟାହାର କରି ନେଇଛନ୍ତି ବୋଲି ହିନ୍ଦୁଜା ପରିବାର ପକ୍ଷରୁ କୁହାଯାଇଛି।

---

## ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟ ଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ତାଙ୍କ ଜାମିନ ଉପରେ ଦିଲ୍ଲୀ ହାଇକୋର୍ଟ ଲଗାଇଥିବା ସାମୟିକ ଷ୍ଟେ'କୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ଆସନ୍ତା କାଲି (ସୋମବାର) ଏହି ପିଟିସନର ଶୁଣାଣି କରାଯିବା ନିମନ୍ତେ କେଜ୍ରିୱାଲଙ୍କ ଓକିଲ ସୁପ୍ରିକୋର୍ଟଙ୍କୁ ନିବେଦନ କରିଛନ୍ତି। କେଜ୍ରିୱାଲଙ୍କୁ



ରାଉଜ୍ ଏଭେନ୍ୟୁ ପିଏମ୍‌ଏଲ୍‌ଏ କୋର୍ଟର ଅବକାଶକାଳୀନ ଜଜ୍ ନ୍ୟାୟ ବିନ୍ଦୁ ମଞ୍ଜୁର କରିଥିବା ନିୟମିତ ଜାମିନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା। ଇଡିର ପିଟିସନ୍ ଉପରେ ଶୁଣାଣି ସରି ରାୟ ସଂରକ୍ଷିତ ରଖାଯାଇଛି। ରାୟ ପ୍ରକାଶ ପାଇବା ଯାଏଁ କେଜ୍ରିୱାଲଙ୍କ ରିଲିଜ୍ ଅର୍ଡର କାର୍ଯ୍ୟକାରୀ ହେବନାହିଁ ବୋଲି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ହାଇକୋର୍ଟ ବେଞ୍ଚ୍ ଆଦେଶ ଦେଇଛନ୍ତି। ତେଣୁ ଜାମିନ ପାଇଥିବା ସତ୍ତ୍ୱେ କେଜ୍ରିୱାଲ ଜେଲରୁ ମୁକୁଳି ପାରିନାହାନ୍ତି।

---

### ପୋର୍ସ ମାମଲାର ପୁନରାବୃତ୍ତି କଲେ ଏନ୍‌ସିପି ବିଧାୟକଙ୍କ ପୁତୁରା

## ଗାଡ଼ି ଧକ୍କାରେ ବାଇକଚାଳକ ମୃତ

ପୁନେ, ୨୩।୬ (ଏଜେନ୍ସି): ପୁନେରେ ପୁଣି ପୋର୍ସ କାର୍ ମାମଲାର ପୁନରାବୃତ୍ତି ଘଟିଛି। ହିଟ୍ ଆଣ୍ଡ ରନ୍‌ର ଆଉ ଏକ ସାଙ୍ଘାତିକ ମାମଲା ସାମ୍ନାକୁ ଆସିଛି। ଶନିବାର ବିଳମ୍ବିତ ରାତିରେ ଏନ୍‌ସିପି ବିଧାୟକ (ଅଜିତ ଗୋଷ୍ଠୀ) ଦିଲୀପ ମୋହିତେ ପାଟିଲଙ୍କ ପୁତୁରା ମୟୁର ଟ୍ରାଫିକ ନିୟମ ଭାଙ୍ଗି ମଦ ପିଇ ବିପରୀତ ଦିଗରେ ଗାଡ଼ି (ଫର୍ଚ୍ୟୁନର) ଚଳାଇ ଏକ ବାଇକକୁ ଧକ୍କା ଦେଇଛି। ଏଥିରେ ବାଇକ ଚାଳକ ଓମ ଭାଲେରାଓ (୧୯) ଙ୍କ ମୃତ୍ୟୁ ହୋଇଛି। ପୁନେ-ନାସିକ ହାଇୱେର ଏକଲାହାରେ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ମଞ୍ଚର ଥାନା ମୟୁର ମୋହିତ ପାଟିଲଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଛି। ସୂଚନା ଅନୁଯାୟୀ ମୟୁର ପୁନେ ସହର ଅଭିମୁଖେ ଯାଉଥିଲା। ସେ ଧକ୍କା ଦେବା ପରେ ବାଇକଟି ଧ୍ୱଂସ ହୋଇଯାଇଛି। ମୟୁର ନିଜେ କାର୍ ଚଳାଉ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଆଲ୍‌କୋହଲ ଟେଷ୍ଟ ପାଇଁ ନମୁନା ନିଆଯାଇଛି।

> **ମଦ ନିଶାରେ ବିପରୀତ ଦିଗରେ ଚଳାଉଥିଲେ**

---

### ପ୍ରଶ୍ନପତ୍ର ପ୍ରଘଟ ମାମଲା

## ମୋଦୀ ସମ୍ପୂର୍ଣ୍ଣ ଅସହାୟ: ରାହୁଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଶିକ୍ଷା ମାଫିଆ ଓ ପେପର ଲିକ୍ ଗ୍ୟାଙ୍ଗ୍ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପୂର୍ଣ୍ଣ ଅସହାୟ ହେଇପଡ଼ିଛନ୍ତି ବୋଲି କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ନିଟ୍-ପିଜି ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇ ଥିବାରୁ ତାହାର ପ୍ରତିକ୍ରିୟାରେ ରାହୁଲ କହିଛନ୍ତି, ମୋଦୀ ସରକାରଙ୍କ ଅମଳରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଛି, ଏ ଅସମର୍ଥ ସରକାର ହେଉଛି ଛାତ୍ରଙ୍କ ଭବିଷ୍ୟତ ପ୍ରତି ସବୁଠାରୁ ବଡ଼ ବିପଦ। ନିଟ୍ ୟୁଜି ପେପର୍ ଲିକ୍ ହୋଇଛି। ନିଟ୍, ପିଜି, ୟୁଜିସି ନେଟ୍ ଓ ସିଏସଆଇଆର୍ ନେଟ୍ ରଦ୍ଦ ହୋଇଛି। ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ପରୀକ୍ଷାସବୁର ବିଭ୍ରାଟରେ ଯୁବବର୍ଗ ଅତିଶୟ ବିବ୍ରତ ହୋଇଛନ୍ତି। ରାହୁଲ କହିଛନ୍ତି, ଛାତ୍ରଛାତ୍ରୀମାନେ ଆଜି ନିଜ କ୍ୟାରିୟର୍ ଗଢ଼ିବାକୁ ପଢୁନାହାନ୍ତି, ନିଜ ଭବିଷ୍ୟତ ବଞ୍ଚାଇବାକୁ ସରକାରଙ୍କ ସହ ସଂଘର୍ଷ କରୁଛନ୍ତି। ନିଟ୍-ପିଜି ପରୀକ୍ଷା ଆଜି ହେବାର ଥିଲା କିନ୍ତୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତାହାକୁ ଘୁଞ୍ଚାଇ ଦେଇଛି। ଖୁବ୍ ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସର୍ବଭାରତୀୟ ସ୍ତରର ପ୍ରତିଯୋଗିତାମୂଳକ (କମ୍ପିଟିଟିଭ୍) ପରୀକ୍ଷାଗୁଡ଼ିକ କରାଉଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ମହାନିର୍ଦ୍ଦେଶକ ସୁବୋଧ ସିଂହଙ୍କୁ ସରକାର ହଟାଇ ଦେଇଛନ୍ତି। ନିଟ୍-ୟୁଜି ପେପର୍ ଲିକ୍ ଓ ଅନ୍ୟ ଅନିୟମିତତାର ତଦନ୍ତ ଭାର ସିବିଆଇକୁ ଅର୍ପିତ ହୋଇଛି। ବାରମ୍ବାର ପେପର୍ ଲିକ୍ ଘଟୁଥିବାରୁ ପରୀକ୍ଷା ବ୍ୟବସ୍ଥାକୁ ସୁସଂହତ ଓ ସୁରକ୍ଷିତ ତଥା ଛିଦ୍ରରହିତ କରିବାକୁ ଚାହିଁ ସରକାର ଇସ୍ରୋର ପୂର୍ବତନ ମୁଖ୍ୟ କେ ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଏଜୁକେସନିଷ୍ଟ ଓ ଟେକ୍ନୋକ୍ରାଟ୍‌ଙ୍କ ଏକ ୭ଜଣିଆ କମିଟି ଗଢ଼ିଛନ୍ତି।



---

### ଅପ୍ରାକୃତିକ ଯୌନ ସମ୍ବନ୍ଧ ଅଭିଯୋଗ

## ପ୍ରଜ୍ୱଳଙ୍କ ଭାଇ ସୂରଜ ଗିରଫ

ହାସନ (କର୍ଣ୍ଣାଟକ) ୨୩।୬ (ଏଜେନ୍ସି): ଚାକିରି କରାଇଦେବା ଲୋଭ ଦେଖାଇ ଜଣେ ୨୭ବର୍ଷର ଯୁବକ ଚେଥନ କେଏସ୍‌ଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା କରିଥିବା ଅଭିଯୋଗରେ ହାସନ ପୁଲିସ୍ ସୂରଜ ରେଭନ୍ନାଙ୍କୁ ଗତକାଲି ଗିରଫ କରିଛି। ୩୭ବର୍ଷୀୟ କର୍ଣ୍ଣାଟକ ବିଧାନ ପରିଷଦର ଜେଡିଏସ୍ ସଦସ୍ୟ (ଏମ୍‌ଏଲ୍‌ସି) ସୂରଜ ରିଭାନ୍ନା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ବଡ଼ନାତି ଓ ଯୌନ କେଲେଙ୍କାରୀରେ ଗିରଫ ହେଇ



ଜେଲରେ ଥିବା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କ ବଡ଼ ଭାଇ। ଅଭିଯୋଗ ପାଇବା ପରେ ସୂରଜଙ୍କୁ ହାସନର ସିଇଏନ୍ ପୁଲିସ୍ ଷ୍ଟେସନ ଡକାଯାଇ ଅନେକ ଘଣ୍ଟା ପଚରାଉଚରା କରାଯିବା ପରେ ଗିରଫ କରାଯାଇଛି। ଅଭିଯୋଗ ଅନୁଯାୟୀ, ଜୁନ୍ ୧୬ରେ ସୂରଜ ହେଲନାରାସିପୁରା ତାଲୁକସ୍ଥିତ ଘନ୍ନିକାଡ଼ାରେ ଥିବା ତାଙ୍କ ଫାର୍ମହାଉସରେ ଜେଡିଏସ୍‌ର ଜଣେ ଯୁବକର୍ମୀ ଚେଥନ କେଏସ୍‌ଙ୍କୁ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇଥିଲେ ଓ ଅପ୍ରାକୃତିକ ଯୌନକ୍ରିୟା ପାଇ ତାଙ୍କୁ ବାଧ୍ୟ କରିଥିଲେ। ପୁଲିସ୍ ସୂରଜଙ୍କ ବିରୋଧରେ ୩୭୭ (ଅପ୍ରାକୃତିକ ଯୌନାଚାର) ଓ ୫୦୬ (ଅପରାଧିକ ଧମକଚମକ ଓ ଡରାଣ) ଦଫା ଲଗାଇଛି। ଅନ୍ୟପକ୍ଷରେ ସୂରଜ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସୂରଜଙ୍କ ସହଯୋଗୀ ଗଲା ଶୁକ୍ରବାର ଦିନ ପୁଲିସ୍‌ରେ ଅଭିଯୋଗ (ଏଫ୍‌ଆଇଆର୍) କରିଥିଲେ ଯେ ଚେଥନ କେଏସ୍ ନାମକ ଜଣେ ଜେଡିଏସ୍ କର୍ମୀ ସୂରଜଙ୍କୁ ବ୍ଲାକମେଲ୍ କରି ୫କୋଟି ଟଙ୍କା ଦାବି କରୁଛି ଓ ନପାଇଲେ ସୂରଜଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ଫସାଇବା ଧମକ ଦେଉଛି।

---

### କୃଷି ପୃଷ୍ଠଭୂମିରୁ ଲୋକସଭାକୁ ଆସିଛନ୍ତି ସବୁଠୁ ଅଧିକ ସାଂସଦ

## ସଂସଦରେ ୭୬ ବ୍ୟବସାୟୀ, ୫୮ ସମାଜସେବୀ, ୩୨ ଓକିଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି):

ଅଷ୍ଟାଦଶ ଲୋକସଭାକୁ ସଦ୍ୟ ନିର୍ବାଚିତ ହେଇଥିବା ସାଂସଦମାନଙ୍କ ମଧ୍ୟରୁ ସର୍ବାଧିକ ୧୪୮ ଜଣଙ୍କର ରହିଛି କୃଷି ପୃଷ୍ଠଭୂମି। କୃଷି ତାଙ୍କର ପେସା ବା ବୃତ୍ତି (ପ୍ରଫେସନ୍) ବୋଲି ସେମାନେ କହିଛନ୍ତି। ୧୩ ଜଣ ସାଂସଦ ନିଜକୁ କୃଷକ କହିଛନ୍ତି। ଲୋକସଭା ସଚିବାଳୟରୁ ପ୍ରାପ୍ତ



ଡାଟାରୁ ଏହା ଜଣାପଡ଼ିଛି। ୭୬ ସାଂସଦ ବ୍ୟବସାୟ କ୍ଷେତ୍ରରୁ ଆସିଥିବା ବେଳେ ୫୮ ସାଂସଦ ଆସିଛନ୍ତି ସମାଜସେବା କ୍ଷେତ୍ରରୁ। ସଂସଦମାନଙ୍କ ମଧ୍ୟରେ ଅଛନ୍ତି ୩୨ ଜଣ ଓକିଲ, ଜଣେ ପୂର୍ବତନ ହାଇକୋର୍ଟ ଜଜ୍, ୭ଜଣ ଡାକ୍ତର, ୪ଜଣ ଇଂଜିନିୟର, ୪ ଚଳଚ୍ଚିତ୍ର ଅଭିନେତା/ଅଭିନେତ୍ରୀ, ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଓ ଜଣେ ଷ୍ଟ୍ରାଟେଜିକ୍ କନ୍‌ସଲଣ୍ଟାଣ୍ଟ। ୩୧୬ ଜଣ ସାଂସଦଙ୍କର ରହିଛି ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀ। ୪ଜଣ ସାଂସଦ ଅଛନ୍ତି ଯେଉଁମାନେ ମାଟ୍ରିକ୍ ପାସ୍ କରିନାହାନ୍ତି। ସବୁଠାରୁ ବୟସ୍କ ସାଂସଦ ହେଲେ ୮୩ ବର୍ଷୀୟ ଡିଏମକେ'ର ଟିଆର ବାଲୁ। ସବୁଠାରୁ କନିଷ୍ଠ ସାଂସଦ ହେଲେ ୨୫ ବର୍ଷୀୟ ସମାଜବାଦୀ ପାର୍ଟିର ପୁଷ୍ପେନ୍ଦ୍ର ସରୋଜ। ୧୯୧ ଜଣ ସାଂସଦ ଜଣାଇଛନ୍ତି ଯେ ହିନ୍ଦୀରେ ଶପଥପାଠ କରିବେ। ୧୬୪ ଜଣ ସାଂସଦ ଜଣାଇଛନ୍ତି, ଇଂରାଜୀ କିମ୍ବା ଅନ୍ୟ ଭାଷାରେ ଶପଥପାଠ କରିବେ। ଶପଥପାଠ କରିନଥିବା ସାଂସଦ ସଂସଦର କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ ନାହିଁ। ପରିଚୟ ପତ୍ର ପାଇବାକୁ ଓ ସଂସଦ ପରିସରକୁ ପ୍ରବେଶ ଓ ଅବାଧ ବିଚରଣର ଅଧିକାର ପାଇବାକୁ ନିର୍ବାଚିତ ସାଂସଦଙ୍କୁ ଲୋକସଭା ସଚିବାଳୟରେ ଅନ୍‌ଲାଇନ୍ ଇଣ୍ଟିଗ୍ରେଟେଡ୍ ସଫ୍ଟୱେୟାର୍ ଆପ୍ଲିକେସନ୍ ଜରିଆରେ ପଞ୍ଜିକୃତ ହେବାକୁ ପଡ଼ିଥାଏ। ସାଂସଦଙ୍କୁ ଏକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଆକାଉଣ୍ଟ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସ୍କିମ୍‌ରେ ଏନରୋଲମେଣ୍ଟ ଓ ଦିଲ୍ଲୀରେ ଟ୍ରାଞ୍ଜିଟ୍ ଆକୋମୋଡେସନ୍ ମିଳିଥାଏ। ସମସ୍ତ ସାଂସଦଙ୍କୁ ସମ୍ବିଧାନ, ସଂସଦର ନିୟମାବଳୀ, କାର୍ଯ୍ୟଧାରା ଓ ଅନ୍ୟ କେତେକ ଦରକାରୀ ତଥ୍ୟ ଥିବା ପୁସ୍ତକଗୁଡ଼ିଏ ମିଳିଥାଏ।

### ମହିଳା ସାଂସଦଙ୍କ ସଂଖ୍ୟା କମିଲା



ଦେଶରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ପାଇଁ ସରକାର ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ କରାଇ ଥିଲେ। ମାତ୍ର ଏହା ପରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ କମ୍ ମହିଳା ବିଜୟୀ ହୋଇଛନ୍ତି। ସେଥିପାଇଁ ପୂର୍ବ (୧୭ତମ) ତୁଳନାରେ ଚଳିତ ଥର (ଅଷ୍ଟାଦଶ) ଲୋକସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇଛି। ଅଧିକାଂଶ ରାଜନୈତିକ ଦଳ ମହିଳା ସଶକ୍ତିକରଣ କଥା କହୁଥିବାବେଳେ ତାହାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରୁନାହାନ୍ତି। ବହୁତ କମ୍ ମହିଳାଙ୍କୁ ଟିକଟ ଦେଉଛନ୍ତି। ଏଥିଯୋଗୁଁ ସଂସଦର ଉଭୟ ଗୃହରୁ ମହିଳାଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବାରେ ଲାଗିଛି। ନିର୍ବାଚନ କମିଶନ (ଇସି) ତଥ୍ୟ ଅନୁଯାୟୀ ଲୋକସଭାରେ ମହିଳା ସଦସ୍ୟ ସଂଖ୍ୟା ମାତ୍ର ୧୩.୬୩ ପ୍ରତିଶତ ରହିଛି। ଗତ ଥର ଏହା ୧୪.୩୬ ପ୍ରତିଶତ ଥିଲା। ୨୦୧୯ରେ ୭୮ ମହିଳା ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୭୪କୁ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ମହିଳା ଆଗରେ ଥିବାବେଳେ ପ୍ରତିନିଧିତ୍ୱରେ ପଛରେ ପଡ଼ିଛନ୍ତି। ଆଇନ ପ୍ରଣୟନ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ଚିନ୍ତାଜନକ ରହିଛି। ଏଭଳି ସ୍ଥିତିରେ ମହିଳା ସଂରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି।

## ଗଡ଼ା ଚାଲିଛି ତିନିରଥ...

# ଉଠିଲା ଦ୍ୱିତୀୟ ଭୂଇଁ



**ପୁରୀ,୨୩।୬(ସମିସ):** ଆଉ ମାତ୍ର ୧୩ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ଦ୍ରୁତଗତିରେ ଆଗେଇ ଚାଲିଛି ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣ କାମ। ମହାରଣା, ଭୋଇ, ରୂପକାର, କମାର, କରତି ସେବକମାନେ ରଥ ନିର୍ମାଣ କାମକୁ ଆଗେଇ ନେଉଛନ୍ତି। ଶନିବାର ତିନିରଥର ଛ'କାଠ ଉଠିଥିଲା। ପ୍ରତ୍ୟେକ ରଥ ଦଣ୍ଡାରେ ଖଦି ଓରାରେ କାପ ସହ ବିନ୍ଧ ହୋଇ କଣ୍ଟା ବସିଥିଲା। ରବିବାର ତିନିରଥର ଚାରିନାହାକା ଚତୁଃପାର୍ଶ୍ୱରେ ଚଉଦ ନାହାକା ଉଠିଛି। ଏଥିସହ ପ୍ରତ୍ୟେକ ରଥର ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ ରଥ ଉପରେ ସେଟିଂ କରାଯାଇଛି। ପ୍ରତ୍ୟେକ ରଥରେ ଦୁଇଟି ଲେଖାଏ ଡମକ ଉଠି କଣ୍ଟା ବାଡାଯିବା ପରେ ତୃତୀୟ ଭୂଇଁ ସଂଯୋଗ କରାଯିବ। ଏହାପରେ ପୋଟଳ ଖମ୍ବୀ ଏବଂ ପୋଟଳ ପାରେଣୀ ଖଞ୍ଜାଯିବ। ସେହିପରି ରୂପକାର ସେବକମାନେ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ଚିତ୍ରକାର ସେବକମାନେ ତିନିରଥରେ ରଙ୍ଗକାମ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ରଥର ତଳଭାଗ ଅଂଶଗୁଡ଼ିକର ରଙ୍ଗ ପାଇଁ ଧଳା ପ୍ରାଇମର ମାରିବା ଆରମ୍ଭ କରିଛନ୍ତି। ଏତଦ୍‌ବ୍ୟତୀତ ତିନିରଥର ପାର୍ଶ୍ୱ ଦେବଦେବୀ, ଶିଖର ଡମ୍ବରୁ, ଶଖୀ ଇତ୍ୟାଦିରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ନଦା କଣ୍ଟା ତିଆରି କରୁଛନ୍ତି।

## ତିନି ରଥ ବ୍ରେକ୍ ଚକରେ ଲାଗିଲା ପ୍ଲେଟ୍



**ପୁରୀ, ୨୩।୬(ସମିସ):** ରଥଯାତ୍ରା ପାଇଁ ତିଆରି ଚାଲିଛି ତିନିରଥ। ରଥ ଗଡ଼ିବା ସମୟରେ ଯେପରି କୌଣସି ସମସ୍ୟା ନ ହେବ ସେଥିଲାଗି ବୈଷୟିକ କମିଟି ରଥର ପ୍ରତ୍ୟେକ ଅଂଶକୁ ଯାଞ୍ଚ କରୁଛନ୍ତି। ତେବେ ବୈଷୟିକ କମିଟିର ପରାମର୍ଶକ୍ରମେ ତିନିରଥର ବ୍ରେକ୍ ଚକରେ ବୁଧବାର ଲୁହା ପ୍ଲେଟ ଲଗାଯାଇଛି। ପ୍ରତ୍ୟେକ ରଥର ସମ୍ମୁଖ ଭାଗରେ ଥିବା ଦୁଇଟି ଚକକୁ ବ୍ରେକ୍ ଚକ କୁହାଯାଏ। ରଥ ଗଡ଼ିବା ସମୟରେ ବ୍ରେକ୍ ଚକରେ ଅଧିକ ଚାପ ପଡ଼ିଥାଏ। ତେଣୁ ଏହି ବ୍ରେକ୍ ଚକ ପଇରେ ଲୁହାର ପ୍ଲେଟ ଲଗାଇଛନ୍ତି କମାର ସେବକ। ଏହି ପ୍ଲେଟକୁ ଲଗାଯାଇ ନଟ ବୋଲ୍ଟ ଭିଡ଼ାଯାଇଛି। ଫଳରେ ରଥ ଗଡ଼ିବା ସମୟରେ ପହିରେ କୌଣସି ଫାଟ ହେବ ନାହିଁ ଏବଂ ସୁରୁଖୁରରେ ରଥ ଗଡ଼ିବ ବୋଲି ସୂଚନା ଦେଇଛନ୍ତି କମାର ସେବକ।

# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

**ପୁରୀ, ୨୩।୬(ସମିସ):** ସ୍ନାନବେଦୀରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ଉପଚାର ବିଧି ସମ୍ପର୍କରେ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଆଷାଢ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥାନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥାନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତମହାପାତ୍ର ବନକଲାଗି କରିଥାନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

## ପୂଜା ପାଇଲେ ପଟି ଦିଅଁ



**ପୁରୀ,୨୩।୬(ସମିସ):** ଅଣସର ପିଣ୍ଡିରେ ଦାରୁବିଗ୍ରହଙ୍କ ଗୁପ୍ତ ସେବା ଚାଲିଥିବା ବେଳେ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ମଧ୍ୟ ଆରମ୍ଭ ହୋଇଛି ।ଶନିବାର ରାତି ୧୧ଟା ୧୫ରେ ବାହୁଡା ପହଣ୍ଡି ଆରମ୍ଭ କରାଯାଇଥିଲା। ଗୋଟି ପହଣ୍ଡିରେ ସ୍ନାନମଣ୍ଡପରୁ ଅଣସର ପିଣ୍ଡିକୁ ବିଜେ କରିଥିଲେ ଚତୁର୍ଦ୍ଧାବିଗ୍ରହ। ପ୍ରାୟ ୩ ଘଣ୍ଟା ୪୫ ମିନିଟ୍ ଅର୍ଥାତ୍ ରାତି ୩ଟାରେ ପହଣ୍ଡି ଶେଷ ହୋଇଥିଲା। ସାଢେ ୩ଟାରେ ରାହୁରେଖା ଓ ଚିତା ଓଲାଗି ହୋଇ ଠାକୁରଙ୍କ ଅଣସର ନୀତି ଆରମ୍ଭ କରାଯାଇଥିଲା। ଭୋର ୪ଟା ୨୦ରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିଥିଲେ। ରବିବାର ସକାଳ ୭ଟାରେ ପଟିଦିଅଁ ବିଜେ ହେବା ପରେ କୋଠସୁଆଁସିଆମାନେ ସକାଳ ୮ଟାରେ ବାହାରିଥିଲେ। ସକାଳ ୯ଟା ସୁଦ୍ଧା ତାଟିରେ ପଟିଦିଅଁଙ୍କ ରୁନ୍ଧା ଶେଷ କରିଥିଲେ। ମହାଅଣସର ପଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୂବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ସ୍ଥାନିତ ହୋଇଥିଲେ। ୯ଟା ୩୦ରେ ମାଧବ ଏବଂ ୯ଟା ୪୫ରେ ଦଶ ଅବତାର ଠାକୁର ବିଜେ ପରେ ବେହେରଣ ଦ୍ୱାର ବନ୍ଦ କରାଯାଇ ସାଢେ ୧୦ଟା ମହାସ୍ନାନ ପୂଜା ବସିଥିଲା। ୧୦ଟା ୩୫ରେ ମହାସ୍ନାନ ଆଦି ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା।

## ଖୁବଶୀଘ୍ର ଶ୍ରୀମନ୍ଦିର ସ୍ଥାୟୀ ମୁଖ୍ୟ ପ୍ରଶାସକ ନିଯୁକ୍ତି

**ଭୁବନେଶ୍ୱର, ୨୩।୬ (ସମିସ):** ଶ୍ରୀମନ୍ଦିରର ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ଖୁବଶୀଘ୍ର ଜଣେ ସ୍ଥାୟୀ ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତ କରାଯିବ। ଏନେଇ ଆଜି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶ୍ରୀମନ୍ଦିରର ପରିଚାଳନା ପାଇଁ ଜଣେ ସ୍ଥାୟୀ ପ୍ରଶାସକଙ୍କ ଆବଶ୍ୟକତା ରହିଛି। ଏନେଇ କୋର୍ଟଙ୍କର ନିର୍ଦ୍ଦେଶ ମଧ୍ୟ ରହିଛି। ଶ୍ରମନ୍ଦିରର ନୀତିକାନ୍ତିଠାରୁ ଆରମ୍ଭ କରି ଦର୍ଶନ ବ୍ୟବସ୍ଥା ଯାଏଁ ବିଭିନ୍ନ ଯୋଜନାମାନ ତିଆରି ହୋଇଛି। ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରି ଏହାକୁ ଶୃଙ୍ଖଳିତ, ନିୟନ୍ତ୍ରଣ କରିବା ପାଇଁ ସ୍ଥାୟୀ ପ୍ରଶାସକଙ୍କର ଆବଶ୍ୟକତା ରହିଛି। ଏହି ଦୃଷ୍ଟିକୋଣରୁ ସରକାର ଆଲୋଚନା ଆରମ୍ଭ କରିଛନ୍ତି। ଖୁବଶୀଘ୍ର ଏନେଇ ସରକାର ଏକ ସ୍ୱଷ୍ଟ ନିଷ୍ପତ୍ତି ନେବେ। ସ୍ଥାୟୀ ପ୍ରଶାସକ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ପ୍ରଥମ ୧୦୦ ଦିନିଆ କାର୍ଯ୍ୟସୂଚୀ ମଧ୍ୟରେ ପ୍ରମୁଖତାର ସହ ସ୍ଥାନ ପାଇବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ଅଣସର ସେବାରେ କମାର ସେବା



**ପୁରୀ, ୨୩।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିବା ପରେ ଚତୁର୍ଦ୍ଧାବିଗ୍ରହ ଏବେ ଅଣସରକୁ ବିଜେ କରିଛନ୍ତି। ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଅଣସର ବିଧି। ଦଇତାପତି ସେବକମାନେ ବିଭିନ୍ନ ଉପଚାରରେ ଦାରୁଦିଅଁଙ୍କ ସେବା ଆରମ୍ଭ କରିଛନ୍ତି। ଏହି ସମୟରେ ଠାକୁରଙ୍କ ସେବାରେ କମାର ସେବକଙ୍କ ମଧ୍ୟ ଭୂମିକା ରହିଥାଏ। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣାଙ୍କ ସୂଚନା ମୁତାବକ, ଶ୍ରୀବିଗ୍ରହଙ୍କ ଅଣସର ଗୁପ୍ତସେବା ପାଇଁ ଦୋଳବେଦୀ ପରିସରରେ ଏକ ଅସ୍ଥାୟୀ ଚାଞ୍ଚ ତିଆରି ଚାଳି ନିର୍ମାଣ କରାଯାଇଛି। ଏଥିରେ ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ଚତୁର୍ଦ୍ଧାବିଗ୍ରହଙ୍କ ଗୁପ୍ତସେବା ଲାଗି ସହସ୍ର ଜିନିଷ ତିଆରି ହୁଏ। ଏହି ନିର୍ମାଣ ଖଳିଲାଗି ଏକାଦଶୀ ପୂର୍ବଦିନ ଶେଷ ହୁଏ। ଏହାପରେ ଖଳିଲାଗି ଏକାଦଶୀ ଦିନ ଏହି ସହସ୍ର ଜିନିଷ କମାର ସେବକ ଦଇତାପତିଙ୍କୁ ପ୍ରଦାନ କରିଥାନ୍ତି।

**● ଆଜି ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକ**

## ରଥଯାତ୍ରା ନୀତି ନିର୍ଘଣ୍ଟ ହେବ

**ପୁରୀ, ୨୩।୬(ସମିସ):** ସୋମବାର ଅନୁଷ୍ଠିତ ହେବ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକ। ନୀଳାଦ୍ରି ଭକ୍ତ ନିବାସ ପରିସରରେ ଅପରାହ୍ନ ୪ଟାରେ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗର ଯୁଗ୍ମ ବୈଠକ ବସିବ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରଥଯାତ୍ରା ନୀତି ନିର୍ଘଣ୍ଟ ହେବ। ଏଥିସହିତ ରଥଯାତ୍ରା ବ୍ୟବସ୍ଥାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ତାହାକୁ ଅନୁମୋଦନ କରାଯିବ। ଏବେ ସ୍ନାନ ପୂର୍ଣ୍ଣିମା ଶେଷ ହୋଇଛି। ତେଣୁ ବୈଠକରେ ରଥଯାତ୍ରା, ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଯେ ହେତୁ ଏବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି ତେଣୁ ଏହାକୁ ଦୃଷ୍ଟିରେ ରଖି ନୀତିକାନ୍ତି କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ ତାହା ଉପରେ ଆଲୋଚନା କରାଯିବ। ସେହିପରି ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ମଧ୍ୟ ଅନୁମୋଦନ ଦିଆଯିବ। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀମନ୍ଦିର ସେବାୟତ ଏବଂ କର୍ମଚାରୀମାନେ କାମ କରିବେ। ଏଥିରେ ଯାହା ଉଲ୍ଲେଖ ରହିବ ତାହାକୁ ଯେପରି କୌଣସି ସେବାୟତ କିମ୍ବା କର୍ମଚାରୀ ଉଲ୍ଲଂଘନ ନ କରିବେ ତା' ଉପରେ ଗୁରୁତ୍ୱ ଦିଆଯିବ। ଛତିଶା ନିଯୋଗ ବୈଠକରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେବେ। ୨୫ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସି ନୀତି ସବ୍ କମିଟି ଏବଂ ଛତିଶା ନିଯୋଗର ନିର୍ଘଣ୍ଟ ନୀତି ଏବଂ ବ୍ୟବସ୍ଥାବଳୀ ଉପରେ ମୋହର ବାଜିବ।

**ବ୍ୟବସ୍ଥାବଳୀକୁ ଦିଆଯିବ ଅନୁମୋଦନ**

**ଭୁବନେଶ୍ୱର-କାଠମାଣ୍ଡୁ ବିମାନ ଚଳାଚଳ**

## ସହମତି-ଅନୁମତି ମଧ୍ୟରେ ବିତିଗଲା ଦୁଇ ବର୍ଷ

**ଭୁବନେଶ୍ୱର, ୨୩।୬ (ସମିସ):** କ୍ରମାଗତ ଭାବେ ଓଡ଼ିଶାକୁ ବିମାନ ଚଳାଚଳ ନେଇ କେନ୍ଦ୍ର ସରକାର ଅବହେଳା କରିବା ପରେ ପୂର୍ବ ରାଜ୍ୟ ସରକାର ନିଜ ଉଦ୍ୟମରେ ତିନିଟି ଦେଶକୁ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ପଦକ୍ଷେପ ନିଆଯାଇଛି। ପ୍ରଥମ ଥର ପାଇଁ ଏ ନେଇ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ ବି କରାଯାଇଛି। କିନ୍ତୁ ଖୁବ୍‌ଶୀଘ୍ର ଭୁବନେଶ୍ୱର-କାଠମାଣ୍ଡୁ ମଧ୍ୟରେ ବିମାନ ଚଳଚାଳ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ୨୦୨୨ରେ ତତ୍କାଳୀନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରିକି ଏପର୍ଯ୍ୟନ୍ତ କୌଣସି ଏୟାରଲାଇନ୍ସକୁ ପ୍ରସ୍ତାବ କିମ୍ବା ଟେଣ୍ଡର ଆହ୍ୱାନ କରାଯାଇ ନାହିଁ।

ଦୁଇ ବର୍ଷ ତଳେ ତତ୍କାଳୀନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭୁବନେଶ୍ୱର-କାଠମାଣ୍ଡୁ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ବିଭିନ୍ନ ଦୃଷ୍ଟିକୋଣରୁ ଭୁବନେଶ୍ୱର ଓ ନେପାଳ ରାଜଧାନୀ କାଠମାଣ୍ଡୁ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରିବା ଯୁକ୍ତିଯୁକ୍ତ ବୋଲି ମନ୍ତ୍ରୀ କହିବା ସହିତ ଏଥିପାଇଁ ମନ୍ତ୍ରାଳୟ ପ୍ରସ୍ତୁତ ଅଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏପରିକି ଭୁବନେଶ୍ୱର-କାଠମାଣ୍ଡୁ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରିବା ଲାଗି ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ୍ ଏଭିଏସନ୍ (ଡିଜିସିଏ) ପକ୍ଷରୁ ସବୁଜ ସଙ୍କେତ ମଧ୍ୟ ମିଳିଥିଲା। ତେବେ ଇତିମଧ୍ୟରେ ଦୁଇ ବର୍ଷ ବିତିଯାଇ ଥିଲେ ସୁଦ୍ଧା ବିମାନ ଚଳାଚଳର ଚିହ୍ନବର୍ଣ୍ଣ ନାହିଁ।

କେନ୍ଦ୍ର ସରକାର ସବୁଜ ସଙ୍କେତ ପ୍ରଦାନ କରିଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ଭାବେ ବ୍ୟବସାୟିକ ବ୍ୟାପାର ହୋଇଥିବାରୁ ବିମାନ ସେବା ଆରମ୍ଭ ପାଇଁ କୌଣସି ଏୟାରଲାଇନ୍ସ ସହମତି ପ୍ରକାଶ କରିବା ଆବଶ୍ୟକ। ତେବେ ବିମାନ କମ୍ପାନୀଙ୍କୁ ମନାଇ ଏହି ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ କରିବା ଦାୟିତ୍ୱ କେନ୍ଦ୍ର ସରକାରଙ୍କର ହୋଇଥିଲେ ହେଁ ଏ ଦିଗରେ ଅଗ୍ରଗତି ହୋଇପାରି ନାହିଁ। ଆନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଏୟାର ସର୍ଭିସ୍ ଏଗ୍ରିମେଣ୍ଟ (ଏଏସ୍‌ଏ) ଅନୁସାରେ ନେପାଳର କୌଣସି ବିମାନ ଚଳାଚଳ କମ୍ପାନୀ ଭୁବନେଶ୍ୱର ସମେତ ଦେଶର ଯେ କୌଣସି ସ୍ଥାନରୁ ବିମାନ ସେବା ଆରମ୍ଭ କରିପାରିବେ। ସେହିପରି ଭାରତୀୟ କମ୍ପାନୀ ମଧ୍ୟ ବିମାନ ଚଳାଇବାରେ ସମସ୍ୟା ନାହିଁ। ତେବେ ଏଥିରେ ବିମାନ କମ୍ପାନୀ ସହମତ ପ୍ରକାଶ କରିବା ଆବଶ୍ୟକ। ଏହା ପରେ ବିମାନ ସେବା ଆରମ୍ଭ ପାଇଁ ମନ୍ତ୍ରାଳୟ ପକ୍ଷରୁ ଅନୁମତି ଦେବାରେ ସମସ୍ୟା ନାହିଁ। ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ପ୍ରୋତ୍ସାହିତ କରିବା ଲାଗି ପୂର୍ବ ରାଜ୍ୟ ସରକାର ବିମାନ ଇନ୍ଧନ ଉପରୁ ୫% ଭାଟ୍ ଛାଡ଼ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକ ୨୦୨୨ରେ ପୂର୍ବତନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପତ୍ର ଲେଖି ଭୁବନେଶ୍ୱର ଓ କାଠମାଣ୍ଡୁ ମଧ୍ୟରେ ବିମାନ ସେବା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଥିଲେ। ଡ଼ ପଟ୍ଟନାୟକ କହିଥିଲେ ଯେ ଅନେକ ଛାତ୍ରଛାତ୍ରୀ ଓଡ଼ିଶାରେ ରହି ପାଠ ପଢୁଥିବା ବେଳେ ବହୁ ସଂଖ୍ୟକ ପର୍ଯ୍ୟଟକ ନେପାଳ ଓ ଓଡ଼ିଶା ମଧ୍ୟରେ ଯାତାୟାତ କରୁଛନ୍ତି। ଅନେକ ନେପାଳୀ ଲୋକ ଓଡ଼ିଶାରେ ରହୁଛନ୍ତି। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଓ ଧାର୍ମିକ ସମ୍ପର୍କ ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କାଠମାଣ୍ଡୁ ମଧ୍ୟରେ ବିମାନ ସେବା ଆରମ୍ଭ କରାଯିବା ଆବଶ୍ୟକ ବୋଲି ଡଃ ପଟ୍ଟନାୟକ ଦର୍ଶାଇଥିଲେ।

## ୨୫ତାରିଖରେ ବାହାରିବ +୩ ପ୍ରଥମ ମେଧା ତାଲିକା

**ଭୁବନେଶ୍ୱର, ୨୩।୬(ସମିସ):** ଯୁକ୍ତ ୩ ନାମଲେଖା ପାଇଁ ୨୫ ତାରିଖରେ ପ୍ରକାଶ ପାଇବ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା। ମଙ୍ଗଳବାର ଅପରାହ୍ଣ ୪ ଟା ବେଳେ ସାମ୍‌ସ ୱେବସାଇଟ୍ www.samsodisha.gov.in ରେ ଉପଲବ୍ଧ ହେବ। ମେଧା ତାଲିକାରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନେ ୨୬ରୁ ୨୯ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଚୟନ ହୋଇଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଷୟରେ ପଢ଼ିବାକୁ ଆଗ୍ରହୀ ଥିଲେ ଫ୍ରିଜ୍ ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ଅପସନ୍ ଦେଇ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ଦେଇସାରିବା ପରେ ଛାତ୍ରଛାତ୍ରୀମାନେ ଆବଶ୍ୟକ ଫି' ପୈଠ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ଯୋଗ୍ୟ ଛାତ୍ରଛାତ୍ରୀ ଜୁଲାଇ ୬ରୁ ୯ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ଜୁଲାଇ ୧୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଚଳିତ ବର୍ଷ ସମୁଦାୟ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ ଲକ୍ଷ ୩୩ ହଜାର ୪୫୨ ଜଣ ନିର୍ଦ୍ଧାରିତ ଫି ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ୧୦୫୪ଟି ଶିକ୍ଷାନୁଷ୍ଠାନରେ ୨ ଲକ୍ଷ ୭୪ ହଜାର ୫୦୭ ଟି ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୪୧ ହଜାର ୫୫ଟି କମ୍ ଆବେଦନ ହୋଇଥିବାରୁ +୩ରେ ବହୁ ସିଟ୍ ଖାଲି ରହିବା ନିଶ୍ଚିତ ହୋଇଛି।

# ଅଧା ପିଲା ଦେଲେନି ନିଟ୍ ୟୁଜି ସାନି ପରୀକ୍ଷା

**ଭୁବନେଶ୍ୱର,୨୩।୬(ସମିସ):** ନିଟ୍ ୟୁଜି ପୁନଃ ପରୀକ୍ଷାରେ ଅନୁପସ୍ଥିତ ରହିଲେ ପ୍ରାୟ ଅଧା ପରୀକ୍ଷାର୍ଥୀ। ଗ୍ରେସ୍ ମାର୍କ ପାଇଥିବା ୧୫୬୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୦ ଜଣ ବା ପ୍ରାୟ ୪୮ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ଚଣ୍ଡିଗଡ଼ରେ ୨ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ହୋଇଥିଲା। ହେଲେ କେହି ପରୀକ୍ଷା ଦେବାକୁ ଆସି ନ ଥିବା ନ୍ୟସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଗ୍ରେସ୍ ମାର୍କ ପାଇଥିବା ୧୫୬୩ ପରୀକ୍ଷାର୍ଥୀଙ୍କ ପୁନଃ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଦେଶର ୭ ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫୨ ପ୍ରତିଶତ ବା ୮୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଚଣ୍ଡିଗଡ଼ର ଗୋଟିଏ ପରୀକ୍ଷା କେନ୍ଦ୍ରରେ ୨ ଜଣ ପରୀକ୍ଷାର୍ଥୀ ଥିବାବେଳେ କେହି ପରୀକ୍ଷା ଦେଇନାହାନ୍ତି। ସେହିପରି ଛତିଶଗଡ଼ର ୨ଟି ପରୀକ୍ଷା କେନ୍ଦ୍ରରେ ୬୦୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୧ ଜଣ ପରୀକ୍ଷା ଦେଇ ନଥିବାବେଳେ ୨୯୧ ଜଣ ପରୀକ୍ଷା ଦେଇଛନ୍ତି। ଗୁଜୁରାଟରେ ଜଣେ ପରୀକ୍ଷାର୍ଥୀ ଥିବାବେଳେ ସେ ପରୀକ୍ଷା ଦେଇଛନ୍ତି। ହରିଆନାର ୨ଟି ପରୀକ୍ଷା କେନ୍ଦ୍ରରେ ୪୯୪ଜଣ ପରୀକ୍ଷାର୍ଥୀ ଥିଲେ। ତନ୍ମଧ୍ୟରୁ ୨୦୭ ଜଣ ପରୀକ୍ଷା ଦେଇ ନଥିବାବେଳେ ୨୮୭ ଜଣ ପରୀକ୍ଷା ଦେଇଛନ୍ତି। ମେଘାଳୟର ୪୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୦ ଜଣ ଅନୁପସ୍ଥିତ ଥିବାବେଳେ ୨୩୪ ଜଣ ପରୀକ୍ଷା ଦେଇଛନ୍ତି। ସୂଚନାଯୋଗ୍ୟ, ଡାକ୍ତରୀ ପଢ଼ିବାକୁ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ନିଟ୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ସମୟ ଅଭାବ ଦର୍ଶାଇ ୧୫୬୩ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯାଇଥିବାରୁ ସର୍ବୋଚ୍ଚ ଅଦାଲତ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁନଃ ପରୀକ୍ଷା ନଦେଲେ ପୂର୍ବ ମାର୍କରୁ ଗ୍ରେସ୍ ମାର୍କ କାଟି ଦିଆଯାଇ ମୂଳ ନମ୍ବର ପ୍ରଦାନ କରାଯିବ ବୋଲି କୋର୍ଟ ସ୍ୱଷ୍ଟ କରିଛନ୍ତି। ସେହିପରି ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ନୂତନ ମାର୍କ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ଚଣ୍ଡିଗଡ଼ରେ ଉପସ୍ଥାନ ଶୂନ**



# ବଲାଙ୍ଗିର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବିପଦସଙ୍କୁଳ

**ବଲାଙ୍ଗିର, ୨୩।୬(ସମିସ)**

ଯେଉଁଠି ତିଆରି ହେଉଛି ଜିଲ୍ଲା ଉନ୍ନତିର ନୀଳନକ୍ସା ସେହି କାର୍ଯ୍ୟାଳୟର ଅବସ୍ଥା ନକହିବା ଭଲ। ଛାତ ଅତଡ଼ା ଖସିବା ଅପେକ୍ଷାରେ ରହିଥିବା ବେଳେ କାନ୍ଥଗୁଡ଼ିକ ଫାଟି ଆଁ କରିଛି। ଭିତରେ ଯେମିତି ବାହାରେ ବି ସେମିତି। ପୁଣି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବସି ତିଆରି ହେଉଛି ଜିଲ୍ଲାର ବିକାଶର ଯୋଜନା। ଏଭଳି କିଛି ଚିତ୍ର ବଲାଙ୍ଗିର ଜିଲ୍ଲାପରିଷଦ କାର୍ଯ୍ୟାଳୟରୁ ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲା

**ମୁଣ୍ଡ ଉପରେ ଛାତ ଅତଡ଼ା ଭୟ**
**କାନ୍ଥରେ ବି ଫାଟ ଜଳଜଳ**

ପରିଷଦ କାର୍ଯ୍ୟାଳୟରେ ମୁଣ୍ଡ ଉପରେ ଝୁଲୁଛି ବିପଦ। କାର୍ଯ୍ୟାଳୟର ଛାତ ନଷ୍ଟ ହେବାକୁ ବସିଥିବା ବେଳେ ଛାତ ଅତଡ଼ା କେତେବେଳେ କାହା ମୁଣ୍ଡରେ ଖସିବ ତାହା କହିବା ମୁସ୍କିଲ। ଯେଉଁଠି ସମ୍ମିଳନୀ କକ୍ଷ ରହିଛି ସେହି କକ୍ଷର ସାମ୍ନାରେ ଏହି ଅବସ୍ଥା। ଉକ୍ତ କକ୍ଷରେ ବସି ନେତା, ମନ୍ତ୍ରୀ ଅଧିକାରୀ ଜିଲ୍ଲା ବିକାଶର ଚିତ୍ର ଆଙ୍କୁଥିବା ବେଳେ କାର୍ଯ୍ୟାଳୟର ଚିତ୍ର ସତରେ ଦେଖୁନାହାନ୍ତି ନା ଦେଖି ମଧ୍ୟ ଚୁପ ବସୁଛନ୍ତି ତାହା ସବୁଠାରୁ ବଡ଼ ପ୍ରଶ୍ନ। କେବଳ ଛାତ କାହିଁକି କାନ୍ଥମାନଙ୍କରେ ମଧ୍ୟ



ଫାଟ ଦେଖିବାକୁ ମିଳିଛି। ଯୁଆଡ଼େ ଦେଖିଲେ ଫାଟ ଜଳଜଳ ହୋଇ ଦିଶୁଥିବା ବେଳେ କିଛି ଏହା ପ୍ଲାଷ୍ଟର ଫାଟିଥିବା କିଛି କର୍ମଚାରୀ କହିଛନ୍ତି। ସେହିପରି କାର୍ଯ୍ୟାଳୟ ବାହାର ଚିତ୍ର ମଧ୍ୟ ସମାନ ରହିଛି। ଅନେକ ସ୍ଥାନରେ କାନ୍ଥ ଫାଟିଥିବା ଦେଖିବାକୁ ମିଳିଛି। ତେବେ ଏହା ନୁହେଁ ଯେ କାର୍ଯ୍ୟାଳୟରେ ମରାମତି କାମ କରାଯାଇନାହିଁ। ମରାମତି ନାମକୁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି। କିନ୍ତୁ ଛାତ କିମ୍ବା କାନ୍ଥର ମରାମତି କରିବା ବଦଳରେ ପୁଟିଂ ମାରିଦେଇ ଏହି ସବୁ ଫାଟକୁ ଲୁଚାଇ ଦିଆଯାଇଥିବା ବେଳେ ନିମ୍ନମାନର କାମ ଯୋଗୁ ପୁଣି ଏହା ଜଳ ଜଳ ଦେଖାଯାଉଥିବା ଅଭିଯୋଗ ହୋଇଛି। ଏମିତିରେ ଏହି କାର୍ଯ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଥିବା ବେଳେ କାର୍ଯ୍ୟରତ ଅଧିକାରୀମାନେ ମଧ୍ୟ କାହାକୁ କହିବେ। ଅଧିକାରୀଙ୍କ ରୋଷର ଶୀକାର ହେବା ଭୟରେ ବିପଦ ମୁଣ୍ଡରେ ଥାଇ ମଧ୍ୟ ନୀରବ ରହୁଥିବା ଦେଖିବାକୁ ମିଳିଛି। ତେବେ ଏହି କାର୍ଯ୍ୟାଳୟର ଚିତ୍ର କେବେ ବଦଳିବ ତାହା ଏବେ ବଡ଼ ପ୍ରଶ୍ନ। ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ନିଜେ ବସୁଥିବା କାର୍ଯ୍ୟାଳୟର ମରାମତି କରିବାକୁ ଦାବି ହୋଇଛି।

## ପେସାର ପୁଲିସ ନିଶାରେ କବି
# 'ବାଟ୍ କଢ଼ଉଛେ ଜୀବନ୍ ଧରସା'

**ବଲାଙ୍ଗିର, ୨୩।୬(ସମିସ):** 'ପର୍ କେ ଜଲାସି ଦିଆସିଲି ଖାଡ଼ି, ନିଜେ ବି ଯାଏସି ଜଲି, କଁହର୍ ଝିଟବାର୍ ଟା ଚାହେଁସି ବଲି, ନିଜେବି କହଁରେ ମଲି, ତାହା ଜାନି ଯାରେ ଚଲି, ଯେନ୍‌ଟା ଜଗାବୁ, ହେଟା ଆକଁରିବା, ସେଟା ହିଁ ଆଏବା ଫଲି।' ଜୀବନରେ ଗର୍ବ ଅହଙ୍କାର ଛାଡ଼ି ମେଳାପୀ ହେବାର ବାର୍ତ୍ତା ଦେବାକୁ ଲେଖାଯାଇଥିବା ଏ କବିତାଟି ହେଉଛି ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅର୍ନ୍ତଗତ ଭାଲୁପାଲି ଗାଁର ଯୁବକବି ରୁକ୍ମଣ ବିଶ୍ୱାଳଙ୍କ ରଚନା। କେବଳ ଏ ଗୋଟିଏ ନୁହେଁ ଏଭଳି ଦୁଇ ହଜାର ପ୍ରେରଣାଦାୟୀ କବିତା ଲେଖି ସେ ଏବେ ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି। ଜୀବନର ଝଡ଼ଝଞ୍ଜାକୁ ସାହାସର ସହିତ ସାମ୍ନା କରିବାକୁ, ଜଣେ ଭଲ ମଣିଷ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାକୁ ତାଙ୍କ କଲମ ମୁନରୁ ଝରିଆସୁଛି 'ଜୀବନ୍ ଧରସା'ର କବିତା। ପେଶାରେ ଜଣେ ପୁଲିସ କର୍ମଚାରୀ। କର୍ତ୍ତବ୍ୟନିଷ୍ଠ ଭାବରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଅଙ୍ଗରକ୍ଷୀ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ସତ୍ତ୍ୱେ ଏକ ନିଆରା ନିଶାରେ ମାତିଛନ୍ତି ରୁକ୍ମଣ। କୋଶଳୀ କବିତା ମାଧ୍ୟମରେ ଲୋକଙ୍କୁ ପ୍ରେରଣାର ବାର୍ତ୍ତା ଦେଉଛନ୍ତି। ଜୀବନ ଯୁଦ୍ଧରେ ସଂଘର୍ଷ କରିବାର ବାର୍ତ୍ତା ନେଇ ରଚନା କରିଚାଲିଛନ୍ତି ଜୀବନ୍ ଧରସା। ତାଙ୍କର କହିବା ଅନୁସାରେ ଛାତ୍ର ଜୀବନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ପୁଲିସ ବିଭାଗରେ ଚାକିରୀ ପାଇବା ପରେବି କବିତା ଲେଖିବା ନିଶା ଉତୁରିଲା ନାହିଁ। ନିଜେ ଚାଷୀ ଘର ପୁଅ ହୋଇଥିବାରୁ ଦୁଃଖ କଣ ସେ ଭଲ ଭାବରେ ଜାଣିଛନ୍ତି। ତେବେ ଦୁଃଖକୁ ମୁଣ୍ଡପାତି ନଇଁଯିବା ନୁହେଁ। ବରଂ ଅସୁବିଧାକୁ ସାମ୍ନା କଲେ ମଣିଷର ଦୁଃଖ ଦୂର ହେବ ବୋଲି କହନ୍ତି। ଏହି ମର୍ମରେ ସେ ୨୦୧୯ ମସିହା ଠାରୁ କବିତା ରଚନା କରିବା ଆରମ୍ଭ କରିଥିଲେ।




**ସାତଧାଡ଼ି ବିଶିଷ୍ଟ ଦୁଇହଜାର କୋଶଳୀ କବିତା ଲେଖି ଚର୍ଚ୍ଚାରେ ରୁକ୍ମଣ**

ଦୀର୍ଘ ୬ ବର୍ଷ ଧରି ପ୍ରତିଦିନ ଗୋଟିଏ କବିତା ରଚନା କରୁଛନ୍ତି ରୁକ୍ମଣ। ସେ ପ୍ରତିଦିନ ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରନ୍ତି। ୬ ବର୍ଷର ୨୦୦୦ କବିତା ସଂକଳନକୁ ନେଇ ପ୍ରସ୍ତୁତ ହୋଇଛି ଜୀବନ୍ ଧରସା ପୁସ୍ତକ। ଏହି ପୁସ୍ତକରେ ଥିବା ପ୍ରତ୍ୟେକ କବିତା ସାତ ଧାଡ଼ି ବିଶିଷ୍ଟ। ବର୍ତ୍ତମାନ ପୁସ୍ତକଟି ଉନ୍ମୋଚନ ଅପେକ୍ଷାରେ ରହିଥିବାବେଳେ ରୁକ୍ମଣଙ୍କ ଏହି ପ୍ରୟାସ ପାଇଁ ତାଙ୍କୁ ଚାରିଆଡୁ ପ୍ରଶଂସା କରାଯାଉଛି। ବର୍ତ୍ତମାନର ଯୁବପିଢି ପାଇଁ ରୁକ୍ମଣ ଉଦାହରଣ ସାଜିଥିବାବେଳେ କବିତା ମାଧ୍ୟମରେ ଲୋକଙ୍କ ମନରେ ଜାଗ୍ରତ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

## କାନୁଟ ଗ୍ୟାସ୍ ବିସ୍ଫୋରଣ ଘଟଣା
# ପୁଣି ଜଣଙ୍କ ମୃତ୍ୟୁ, ପୂର୍ବରୁ ୪ ଜଣଙ୍କ ଜୀବନ ଯାଇଥିଲା

**ବେଲପଡ଼ା, ୨୩।୬(ସମୀସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା କାନୁଟ ଗ୍ୟାସ ବିସ୍ଫୋରଣ ଘଟଣା ସମସ୍ତଙ୍କ ମନରେ ଲିଭିନ ଥିବାବେଳେ ଏହି ଘଟଣାରେ ଗାଁର ଦୁଇଟି ପରିବାର ଛାରଖାର ହୋଇଯାଇଛି। ପୂର୍ବରୁ ୪ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଶନିବାର ରାତି ୯ଟା ବେଳେ ପୁଣି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୂତି ଅଦାବରିହା(୫୫)। ଘରେ ଥିବା ସମୟରେ ତାଙ୍କ ମୃତ୍ୟୁ ଘଟିଛି। ତେବେ ସେ ଘଟଣା ଦିନରୁ ରାଉଲକେଲାର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ଚିକିତ୍ସା ହେବା ପରେ ସେ ଗାଁକୁ ଫେରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସୁଧାର ହୋଇ ନ ଥିଲେ ବି ଘରେ ରହି ଚିକିତ୍ସିତ ହେଉଥିଲେ। ହେଲେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଘଟଣାରେ ଆଉ ଜଣେ ମହିଳା ବଞ୍ଚି ଥିବାବେଳେ ତାଙ୍କର ମଧ୍ୟ ଗାଁରେ ଚିକିତ୍ସା ଚାଲିଛି। ରବିବାର ଦୂତିଙ୍କ ମର ଶରୀରକୁ ବେଲପଡ଼ା ଡାକ୍ତରଖାନାକୁ ଅଣାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅସହାୟ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପାଇଁ ସାଧାରଣରେ ଦାବି ଉଠୁଛି।



# ଦୈନିକ 'ସକାଳ' କେବିକେ ସଂସ୍କରଣର ବନ୍ଧୁମିଳନ

**ବଲାଙ୍ଗିର, ୨୩।୬(ସମିସ):** ସ୍ଥାନୀୟ ସମ୍ବାଦିକ ଭବନଠାରେ ଦୈନିକ ଖବରକାଗଜ 'ସକାଳ'ର କେବିକେ ସଂସ୍କରଣରେ କାର୍ଯ୍ୟରତ ପ୍ରତିନିଧିମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରସାର ବିଭାଗର ଡିଜିଏମ ବିଜୟ କୁମାର ଦାସ, ଏଜିଏମ ପ୍ରମୋଦ ନାୟକ, ସମ୍ବଲପୁର ଶାଖା ପରିଚାଳକ ନରୋତ୍ତମ ଗୁରୁ, ସମ୍ବଲପୁର ବ୍ୟୁରୋ ହେଡ୍ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରତିନିଧି ଓ ବ୍ଲକ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲେଚନା କରିଥିଲେ। 'ସକାଳ' ଲୋକଙ୍କ ସ୍ୱର ହୋଇ ରହିଆସିଛି ଏବଂ ରହିବ। ତେଣୁକରି ଗ୍ରାଉଣ୍ଡ ଜିରୋରୁ ସାଧାରଣ ଲୋକଙ୍କ ସମସ୍ୟା ଭିତ୍ତିକ ଖବର ପରିବେଷଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଶିଶିରକାନ୍ତ ଶତପଥୀ ପରିଚାଳନା କରିଥିଲେ। ଶେଷରେ ବଲାଙ୍ଗିର ସହର ପ୍ରତିନିଧି ଅଭିଳାଷ ହୋତା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରସାର ବିଭାଗର ସୁଦାମ ପ୍ରଧାନ, ସନତ ସ୍ୱାଇଁ, କଳାହାଣ୍ଡି ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର, ବୌଦ୍ଧ ଜିଲ୍ଲା ପ୍ରତିନିଧି ଦିବ୍ୟ ପଟ୍ଟନାୟକ, ନୂଆପଡ଼ା ଜିଲ୍ଲା ପ୍ରତିନିଧି ଘନଶ୍ୟାମ ଭୋଇଙ୍କ ସହିତ ଏହି ସମସ୍ତ ଜିଲ୍ଲାର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ନଇକୂଳ ଗାଁ ଶୋଷିଲା
# ପାନୀୟ ଜଳ ଯୋଗାଣ ଦାବିରେ ଜାତୀୟ ରାଜପଥ ଅବରୋଧ କଲେ ମହିଳା



**ବଲାଙ୍ଗିର, ୨୩।୬(ସମିସ):** ପ୍ରବାହିତ ସୁକତେଲ ନଦୀକୂଳରେ ଗାଁ ରହିଛି। କିନ୍ତୁ ଗାଁକୁ ଦୀର୍ଘ ଦିନ ହେଲା ପାଣି ଆସୁନାହିଁ। ଯାହାଫଳରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ହୋଇଥିବାବେଳେ ପାନୀୟ ଜଳ ଯୋଗାଣ ଦାବିରେ ବଲାଙ୍ଗିର-ସମ୍ବଲପୁର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମର ମହିଳା। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅର୍ନ୍ତଗତ ଫାସଡ଼ ଗ୍ରାମରେ। ମହିଳାମାନଙ୍କ କହିବା ଅନୁସାରେ ସୁକତେଲ ନଦୀରୁ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଫାସଡ଼ ଗ୍ରାମକୁ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। କିନ୍ତୁ କିଛିଦିନ ହେବ ଏହି ପ୍ରକଳ୍ପ ଅଚଳ ହୋଇପଡ଼ିବା ଫଳରେ ଫାସଡ ଗ୍ରାମକୁ ପାଣି ଆସୁନାହିଁ। ଯାହାଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନେକ ଦିନ ଅପେକ୍ଷା କରିବା ପରେ ମଧ୍ୟ ପାଣି ନଆସିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ତେଣୁକରି ରବିବାର ସକାଳେ ସେମାନେ ବଲାଙ୍ଗିର ସମ୍ବଲପୁର ଜାତୀୟ ରାଜପଥ ଅବରୋଧ କରିଥିଲେ। ପାଣି ନ ପାଇବା ପର୍ଯ୍ୟନ୍ତ ସେମାନେ ରାସ୍ତା ଅବରୋଧ ହଟାଇବୁ ନାହିଁ ବୋଲି ଜିଦରେ ଅଡି ବସିଥିଲେ। ଖବର ପାଇ ପୁଲିସ ଓ ପ୍ରଶାସନୀକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# କଣ୍ଟାବାଞ୍ଜି ବିଧାୟକଙ୍କ ମୁରିବାହାଲ ଗସ୍ତ, ବ୍ଲକ କାର୍ଯ୍ୟାଳୟରେ ସ୍ୱାଗତ



**ମୁରିବାହାଲ, ୨୩।୬(ସମିସ):** ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ସହ ବିଭିନ୍ନ ପଞ୍ଚାୟତକୁ ରବିବାର କଣ୍ଟାବାଞ୍ଜି ନୂତନ ବିଧାୟକ ଲକ୍ଷ୍ମଣ ବାଗ ତାଙ୍କର ପ୍ରଥମ ପରିଦର୍ଶନ କରିଛନ୍ତି। ପ୍ରଥମେ ମୁରିବାହାଲ ବ୍ଲକ ସଭାଗୃହରେ ବିଡିଓ ପୂର୍ଣ୍ଣନନ୍ଦ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କଣ୍ଟାବାଞ୍ଜି ବିଧାୟକ ଶ୍ରୀ ବାଗ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ କରିବା ଏହା ସହ ଭତ୍ତା, ରାସନ କାର୍ଡ, ଓ ଯୋଗ୍ୟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ନହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପି ବଲାଙ୍ଗିର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ବିଜେପିର ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ବ୍ଲକ ଆକାଉଣ୍ଟ ଅଧିକାରୀ ଘନୁରାମ ତାଣ୍ଡି, ଏଏଇ ଅବିନାଶ ମୋଡି ପ୍ରମୁଖ ଉପସ୍ଥିତ ଥିଲେ। ମୁରିବାହାଲ ବ୍ଲକର ୨୨ଟି ପଞ୍ଚାୟତରେ କାର୍ଯ୍ୟରତ ଥିବା ସମସ୍ତ ଜେଇ, ପିଇଓ, ଜିଆରଏସ, ଏମଭିକେ ଓ ସମସ୍ତ ବିଭାଗର କର୍ମକର୍ତ୍ତାମାନେ ନୂତନ ବିଧାୟକ ଶ୍ରୀ ବାଗଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମୁରିବାହାଲ କଲ୍ୟାଣ ଭବନରେ ଆଶାମାନଙ୍କ ବୈଠକରେ ଯୋଗ ଦେଇ ସମସ୍ତ ସୁବିଧା ଅସୁବିଧା ବୁଝିଥିଲେ। ପରେ ହଳଦୀ ମଣ୍ଡଳର ୬ଟି ପଞ୍ଚାୟତର ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମଣ୍ଡଳ ସଭାପତି ଇଶ୍ୱର ପୁଟେଲ ଡା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ ଓ ସମସ୍ତ କର୍ମୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ବୃକ୍ଷରୋପଣ କରିବା ପରେ ନୂଆପଡ଼ା, ଡେଙ୍ଗପଡ଼ର, ଖରାଳି, ମାଳିସାରା ଓ ହଳଦୀ ଗ୍ରାମର ସର୍ବସାଧାରଣ ସଭାମାନ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୁବାଷ ପୋଡ଼, ଲାଲ ବାହାଦୁର ପୁଟେଲ, ଗଙ୍ଗାଧର ହେର୍ଣ୍ଣା, ରାଜୀବ କୁମାର ମହାନ୍ତି, ରାମୁ କୁମ୍ଭାର, ପ୍ରଦୀପ ବଛା, କୈବଲ୍ୟ ବେହେରା, ନାରାୟଣ ସାହୁ, ପୂରଣ ବାଗ, ବାଳକୃଷ୍ଣ ପୁଟେଲ ଓ ସରୋଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସହରରେ ସଫେଇ କାର୍ଯ୍ୟ ବ୍ୟତିକ୍ରମ
# ଆବର୍ଜନା ଭର୍ତ୍ତି ଡ୍ରେନ୍ ପାଇଁ ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

**କଣ୍ଟାବାଞ୍ଜି, ୨୩।୬(ସମିସ):** କଣ୍ଟାବାଞ୍ଜି ସହରରେ ସଫେଇ କାର୍ଯ୍ୟ ପାଇଁ ଠିକାସଂସ୍ଥାକୁ ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ହେଲେ ଠିକାସଂସ୍ଥାକୁ ଦାୟିତ୍ୱ ଦେଲେ ମଧ୍ୟ ତାର ବ୍ୟତିକ୍ରମ ଦେଖାଦେଇଛି। ସହରର ଅନେକ ପଡ଼ାରେ ଡ୍ରେନ ଭିତରେ ଅଳିଆ ଆବର୍ଜନ ପଡ଼ି ରହିଥିବା ବେଳେ ଦୁର୍ଗନ୍ଧରେ ସେହି ଅଞ୍ଚଳ ଫାଟିପଡୁଛି। ଏପରିକି ଏନଏସି କାର୍ଯ୍ୟାଳୟରୁ ଅଳ୍ପ ଦୂର ସହର ୧ ନଂ ୱାର୍ଡରେ ଦେଖା ଦେଇଛି। ଡ୍ରେନରେ ଆବର୍ଜନା ଭରିଥିବା ଯୋଗୁଁ ରାସ୍ତା ଉପରେ ନର୍ଦ୍ଦମା ପାଣି ଯାଉଛି। ଯାହାଫଳ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଥର ସ୍ଥାନୀୟ ଲୋକେ କଣ୍ଟାବାଞ୍ଜି ଏନଏସି କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ତାଙ୍କ ଅଭିଯୋଗ ଉପରେ କେହି ନଜର ଦେଉନାହାଁନ୍ତି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ



ଏଭଳି ଯଦି ସହରର ପ୍ରତ୍ୟେକ ଡ୍ରେନରୁ ଆବର୍ଜନା ସଫା କରାନଯାଏ। ତେବେ ବର୍ଷା ଦିନ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

**ବଲାଙ୍ଗିର, ୨୩।୬(ସମିସ):** ଆସନ୍ତା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ତରଫରୁ ରବିବାର ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବଲାଙ୍ଗିର ଆରଏନ ସିଂ ଦେଓ କ୍ରୀଡ଼ା ପ୍ରାଙ୍ଗଣ ସ୍ଥିତ ସନ୍ତରଣାଗାର ଠାରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଛି। ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠର ୪ଟି ବର୍ଗରେ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳୀ ଭାଗ ନେଇଛନ୍ତି। ପ୍ରଥମ ଦିନରେ ଏହି ବର୍ଗର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଦ୍ୱିତୀୟ ଦିନରେ ସକାଳ ୭ଟାରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପୌରାଧକ୍ଷା ଲିକା ସାହୁ ଉଦଯାପନୀ ସମାରୋହରେ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ଜିଲ୍ଲା ସନ୍ତରଣ ସଂଘର ସମ୍ପାଦକ ସୁମିତ ପୁରୋହିତ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

**ଲୋଇସିଂହା, ୨୩।୬(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଗୁରୁ ସସ୍ମିତା ସାହୁ ଯୋଗଦେଇ ଯୋଗର ବିଭିନ୍ନ ଆସନ ଓ ଶରୀର ପାଇଁ ଏହାର ଉପାଦେୟତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ବିବେକାନନ୍ଦ ମିଶ୍ର ଯୋଗଦିବସର ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ପ୍ରାଧ୍ୟାପକପ୍ରାଧ୍ୟାପିକା, କର୍ମଚାରୀ, ଏନଏସଏସ ସ୍ୱେଚ୍ଛାସେବୀ, ଏନସିସି ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଦୀପ ବଗର୍ତ୍ତୀଙ୍କ ତତ୍ୱାବଧାନରେ ଏନସିସି ଛାତ୍ରଛାତ୍ରୀମାନେ ଯୋଗର ବିଭିନ୍ନ ଆସନ ପ୍ରଦର୍ଶନ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅନୁପ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜଗମୋହନ ଦର୍ଜି ଧନ୍ୟବାଦ ଅର୍ପଣ କରିଥିଲେ।

ଲୋଇସିଂହା: ଲୋଇସିଂହା ବ୍ଲକ ଯୋଗୀସର୍ଡା ସ୍ଥିତ ହରିହର ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଡୋଲାମଣି ସାହୁ ଛାତ୍ରଛାତ୍ରୀଙ୍କୁ ଯୋଗଦିବସର ମହତ୍ୱ, ଯୋଗାସାନରେ ଶରୀରକୁ ମିଳିଥିବା ଲାଭ ବିଷୟରେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଜୟ କୁମାର ସାହୁ, ପିଆଇ କରୁଣା କର୍ତ୍ତିଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀ ବିଭିନ୍ନ ଯୋଗାସନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିବାବେଳେ ପୁରାତନ ଛାତ୍ରୀ ଶିଖା ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସେବତୀ ନା ସରଳୀ!**

# ପ୍ରଧାନଶିକ୍ଷୟିତ୍ରୀଙ୍କ ନିଯୁକ୍ତିପତ୍ରକୁ ନେଇ ଉଠିଲା ପ୍ରଶ୍ନ

**ବଲାଙ୍ଗିର, ୨୩।୬(ସମିସ)**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ସାଲେପଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ସେବତୀ ଦାସଙ୍କ ନିଯୁକ୍ତିପତ୍ରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୂଚନା ଅଧିକାର କର୍ମୀ ବୈଧୃତ ଚରଣ ସାହୁ। ସୂଚନା ଅଧିକାର ଆଇନରେ ମଳିଥିବା ତଥ୍ୟ ଅନୁସାରେ ସେବତୀ ଦାସଙ୍କ ନିଯୁକ୍ତିପତ୍ରରେ ସରଳୀ ଦାସ ଲେଖାହୋଇଥିବା ବେଳେ କିଭଳି ସେ ରେଗୁଲାର ହେଲେ ତାକୁ ନେଇ ପ୍ରଶ୍ନ ଉଠିଛି। ସେ ନବରଙ୍ଗପୁର ଜିଲ୍ଲାରୁ ବଦଳି ହୋଇ ବଲାଙ୍ଗିର ଆସିଥିବା ବେଳେ କାଗଜପତ୍ରରେ ଅନିୟମିତତା କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ସାହୁ ପୂର୍ବରୁ ରାଗ ରଖି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ।

ସେବତୀ ଦାସ ନା ସରଳୀ ଦାସ। କେଉଁ ନାଁଟି ଠିକ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ମୁରିବାହାଲ ବ୍ଲକ ସାଲେପଡ଼ା(ଡି) ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ସେବତୀ ଦାସଙ୍କ ନିଯୁକ୍ତିପତ୍ରକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ। ତାଙ୍କ ନିଯୁକ୍ତିପତ୍ର ସହ ଅନ୍ୟ ସବୁ କାଗଜପତ୍ର ପ୍ରଦାନ କରିବା

**ଆରଟିଆଇରେ ମିଳିଥିବା ନିଯୁକ୍ତିପତ୍ରରେ ନାମ ଭିନ୍ନ**

**ବିଭାଗୀୟ ତ୍ରୁଟି ଓ ଅବହେଳା କହିଲେ ସମ୍ପୃକ୍ତ ଶିକ୍ଷୟିତ୍ରୀ**

ପାଇଁ ସୂଚନା ଆଇନ ଅଧିକାରରେ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ବୈଧୃତ ଚରଣ ସାହୁ ଆବେଦନ କରିଥିଲେ। ଏଥିରେ ତାଙ୍କୁ ସେବତୀ ଦାସଙ୍କ ଏକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଯେଉଁ ନିଯୁକ୍ତିପତ୍ର ବଳରେ ସେବତୀ ଦାସ ୧୯୯୨ ମସିହାରେ ଶିକ୍ଷାକର୍ମୀ ଭାବେ ଚାକିରୀ ପାଇଥିଲେ। ପରେ ସେ ୧୯୯୪ ରେ ରେଗୁଲାର ମଧ୍ୟ ହୋଇଥିଲେ। କିନ୍ତୁ ଉକ୍ତ ନିଯୁକ୍ତିପତ୍ରରେ ସେବତୀ ଦାସ ନାମ ବଦଳରେ ସରଳୀ ଦାସ ଲେଖାହୋଇଥିବା ବେଳେ ତାକୁ ନେଇ ଉଠିଛି ପ୍ରଶ୍ନ। ସରଳୀ ଦାସ ଲେଖା ହୋଇଥିବା ସତ୍ତ୍ୱେ ସେହି ନିଯୁକ୍ତି ପତ୍ରରେ ସେବତୀ ଦାସ କିଭଳି ଏତେ ବର୍ଷ ଚାକିରୀ କରୁଛନ୍ତି, ସେବତୀ ଦାସ ଓ ସରଳୀ ଦାସ ଜଣେ ମହିଳା ବୋଲି ମଧ୍ୟ କିଛି ପ୍ରମାଣ ନାହିଁ। ଏମିତିରେ ସେ ରେଗୁଲାର ହେବା ସମୟରେ ମଧ୍ୟ କେମିତି ଶିକ୍ଷା ବିଭାଗ ଦେଖିପାରିଲା ନାହିଁ ବୋଲି ଶ୍ରୀ ସାହୁ ପ୍ରଶ୍ନ ଉଠାଇଛନ୍ତି। ତେବେ କେଉଁ ନାମ ଟା ସତ। ନିଯୁକ୍ତିପତ୍ର ଯଦି ସତ ତେବେ ଏତେ ବର୍ଷ ହେଲା ଅନ୍ୟ ନାମରେ ଆଉ ଜଣେ ଚାକିରୀ କରୁଛନ୍ତି କେମିତି। ଯଦି ନିଯୁକ୍ତିପତ୍ରରେ କିଛି ତୃଟି ରହିଛି ତେବେ ଆଜି ପର୍ଯ୍ୟନ୍ତ କାହିଁକି ଏହାର ସଂଶୋଧନ କରାଯାଇନାହିଁ। ତାହା ଶିକ୍ଷା ବିଭାଗ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଏବିଷୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ତାଙ୍କ ନାମ ସେବତୀ ଦାସ ବୋଲି କହିଛନ୍ତି। ଭୁଲରେ କିମ୍ବା ତରବରରେ ସେହି ସମୟରେ ଉକ୍ତ ନାମଟି ଲେଖା ହୋଇଛି। ଏନେଇ ପୂର୍ବରୁ ମଧ୍ୟ ସେ ସଂଶୋଧନ ପାଇଁ କହିଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହା ସାଧାରଣ ଭୁଲ ବୋଲି ଏଡ଼ାଇଯାଇଥିଲେ। ୨୦୦୨ ମସିହାରେ ସେ ବଲାଙ୍ଗିର ଜିଲ୍ଲାକୁ ବଦଳି ହୋଇଆସିଥିଲେ। ପରେ ଶିକ୍ଷକତା କରୁଥିବା ସମୟରେ ବୈଧୃତ ଚରଣ ସାହୁଙ୍କ ସହ ତାଙ୍କର ସ୍କୁଲ ବିଷୟ ନେଇ ଅସନ୍ତୋଷ ରହିଥିଲା। ଯେଉଁଥିପାଇଁ ତାଙ୍କୁ ବଦନାମ କରିବା ପାଇଁ ଶ୍ରୀ ସାହୁ ଏହିଭଳି ଅଭିଯୋଗ ଆଣିଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ବିଷୟରେ ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପରିହାରୀଙ୍କ କହିବା ଅନୁସାରେ ଏନେଇ ଲିଖିତ ଭାବେ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସୂଚନା ପାଇଁ ଆବେଦନ କରାଯାଇଛି। ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି କହିଛନ୍ତି।

# ଟିର୍ଲିଆମରେ ପାନୀୟ ଜଳ ସଙ୍କଟ

**କୋକସରା, ୨୩।୬(ସମିସ):** ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଟିର୍ଲିଆମ ଗାଁରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଯାହା ଫଳରେ ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଥିବା ଲୋକେ ପ୍ରକାଶ କରିଛନ୍ତି। ସୂଚନା ଯେ' ଟିର୍ଲିଆମରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସେମାନଙ୍କ ପାନୀୟଜଳ ବ୍ୟବହାର ନିମନ୍ତେ ୨ଟି ନଳକୂପ ଓ ଦୁଇଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ରହିଛି। ହେଲେ ସେଥିମଧ୍ୟରୁ ଗୋଟିଏ ସୌର ଚାଳିତ ଜଳ ପ୍ରକଳ୍ପ ଆରମ୍ଭ ଦିନରୁ ଅଚଳ ହୋଇପଡ଼ିଛି। ତେବେ ସ୍କୁଲ ସାମ୍ନାରେ ଥିବା ଅନ୍ୟ ଏକ ନଳକୂପରୁ ପାଣି ବାହାରୁ ନାହିଁ। ସେହି ନଳକୂପରେ ସଂଯୋଗ ହୋଇଥିବା ସୌର ଚାଳିତ ଜଳ ପ୍ରକଳ୍ପ ଆବଶ୍ୟକ ହିସାବରେ ପାଣି ଦେଇ ପାରୁ ନାହିଁ ଏବଂ ଠିକ୍ ହିସାବରେ ଚାଲୁ ନ ଥିବାରୁ ଗାଁରେ ପାନୀୟ ଜଳର ଘୋର ସଂକଟ ଦେଖାଦେଇଛି। ପିଇବା ପାଣି ଓ ଗାଧୋଇବା ନିମନ୍ତେ ଗାଁର ସମସ୍ତେ ଏବେ ଗୋଟିଏ ନଳକୂପ ଉପରେ ଭରସା କରି ରହିଛନ୍ତି। ପାନୀୟଜଳ ସମସ୍ୟା ଦିଗରେ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଆଗକୁ ଏହି ଅଚଳ ସୌର ଚାଳିତ ଜଳ ପ୍ରକଳ୍ପ ଓ ନଳକୂପକୁ ମରାମତି କରା ନ ଯାଏ ତେବେ ଆଗକୁ ଗାଁରେ ଆହୁରି ଉତ୍କଟ ଜଳ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଫାର୍ମାସିଷ୍ଟଙ୍କୁ କରାଯାଉଛି ଢାଲ

# ଲାଇସେନ୍ସ ଖଣ୍ଡେ ଧରି ଚଳାଉଛନ୍ତି ଔଷଧ ବେପାର

**ଭବାନୀପାଟଣା, ୨୩।୬(ସମିସ)**

ଲୋକମାନଙ୍କୁ ଅତ୍ୟାବଶ୍ୟକ ଔଷଧପତ୍ର ଉପଲବ୍ଧ କରାଇବାରେ ଔଷଧର ମୂଲ୍ୟ ନିର୍ଦ୍ଧାରଣ ସବୁଠାରୁ ଜରୁରୀ ହୋଇଥିବାବେଳେ କେତେକ ଔଷଧ ଦୋକାନ ଉପରେ ବିଶ୍ୱାସ ଓ ଭରସା କରାଯାଇପାରୁ ନାହିଁ। କାରଣ କେଉଁ ଦୋକାନରେ କିଏ କେତେ ପ୍ରକାର ଔଷଧ କ୍ରୟ ସମୟରେ କମିଶନ ବ୍ୟବସ୍ଥା କରୁଛନ୍ତି ଯେ ତାହା ଭାବିଲେ ଗୁଣବତ୍ତାକୁ ନେଇ ଭୟ ମଧ୍ୟ ଲାଗୁଛି। କେଉଁ ଔଷଧ ଦୋକାନୀ ୧୦ ପ୍ରତିଶତ କମିଶନ ଦେଉଥିବାବେଳେ ଆଉ କିଏ କିଏ ୧୫ ପ୍ରତିଶତରୁ ଉର୍ଦ୍ଧ୍ୱ କମିଶନର ଲାଳସା ଦେଖାଉଥିବା ନଜିର ରହିଛି। ଏହା କିପରି ସମ୍ଭବ ହେଉଛି ଜଣାପଡୁ ନାହିଁ। କେତେକ ସ୍ଥାନରେ ଜେନେରିକ ମେଡିସିନକୁ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ କରାଯାଇଛି। ବିଶେଷ କରି କିଛି ନର୍ସିଂହୋମ ଏହାର ଭଲ ଫାଇଦା ଉଠାଉଥିବା କୁହାଯାଉଛି। ଔଷଧପତ୍ର ଉପରେ ଦରନିୟନ୍ତ୍ରଣ ଓ ଉପଲବ୍ଧତା ପରସ୍ପର ସଂଶ୍ଳିଷ୍ଟ। ଦାମୀ ଔଷଧ କିଣିବା ସମ୍ଭବପର ନୁହେଁ। ତେଣୁ ଅସହାୟ ପରିବାରଗୁଡିକ ପରିସ୍ଥିତିରେ ପଡ଼ି ମାତ୍ରାଧିକ ରୂପେ ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳେ। କଳାହାଣ୍ଡି ଜିଲ୍ଲାରେ ଔଷଧ ବେପାର ସବୁଠାରୁ ଲାଭଦାୟକ ବୋଲି ଅନୁମାନ କରାଯାଉଛି। ଜିଲ୍ଲାରେ ପ୍ରାୟ ୭୦୦ ଔଷଧ ଦୋକାନ ରହିଛି। ସେଥିରୁ କେବଳ ଭବାନୀପାଟଣା ସଦରରେ ୧୦୬ଟି ଔଷଧ ଦୋକାନ ଚାଲୁଥିବା ରିପୋର୍ଟରୁ ଜଣାପଡ଼ିଛି। ପରିତାପର ବିଷୟ ଏହି ଜିଲ୍ଲାରେ ଦୀର୍ଘବର୍ଷ ହେବ ଡ୍ରଗ ଇନ୍ସପେକ୍ଟରର ପଦ ଖାଲିପଡ଼ିଛି। ବର୍ତ୍ତମାନ କୋରାପୁଟ ରେଞ୍ଜ ଡ୍ରଗ୍ ଇନ୍ସପେକ୍ଟର କଳାହାଣ୍ଡି ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ଏମିତି ୩ଟି ଜିଲ୍ଲାର ଦାୟିତ୍ୱରେ ରହିଛନ୍ତି। ଭବାନୀପାଟଣାରେ ଏକ କାର୍ଯ୍ୟାଳୟ ଅଛି, ସେଠାରେ ଜଣେ କିରାଣି ସବୁ ଦାୟିତ୍ୱ ସମ୍ଭାଳୁଛନ୍ତି। ଜିଲ୍ଲାରେ ଡି. ଆଇ ରହୁ ନ ଥିବା ଯୋଗୁଁ ଔଷଧ ବ୍ୟବସାୟରେ କୌଣସି ଆଙ୍କୁଶ ଲାଗୁନାହିଁ। ଔଷଧର ମାନ ନିର୍ଦ୍ଧାରଣ ଦିଗରେ ଯାଞ୍ଚ ହେଉନାହିଁ। ଏତେ ପରିମାଣର କମିଶନୀ ବେପାର ପଛର ରହସ୍ୟ ପଦାକୁ ଆସୁନାହିଁ। ଔଷଧ ଦୋକାନ ପାଇଁ ଜଣେ ଫାର୍ମାସିଷ୍ଟଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଫାର୍ମାସିଷ୍ଟ ନାଁ ରେ ହିଁ ମେଡିସିନ ଦୋକାନର ଲାଇସେନ୍ସ ରହିବା ସରକାରୀ ନିୟମ ରହିଛି। ଯଦି ତଦନ୍ତହୁଏ ଅଧିକାଂଶ ମେଡିସିନ ଦୋକାନରେ ଦୋକାନର ଲାଇସେନ୍ସ ଥିବା ଫାର୍ମାସିଷ୍ଟଙ୍କୁ ଖୋଜିଲେ ମିଳିବା ଅସମ୍ଭବ। ଫାର୍ମାସିଷ୍ଟଙ୍କୁ ଢାଲ କରି କେତେକ ଦୋକାନୀ ଆରାମରେ ଓ ନିର୍ଭୟରେ ଔଷଧ ବିକ୍ରି କାର୍ଯ୍ୟ ଚଳାଇଆସୁଥିବା ଅଭିଯୋଗ ହୋଇଛି। ଦ୍ୱିତୀୟରେ ଜିଲ୍ଲାରେ ମାଳମାଳ ନକଲି ଡାକ୍ତର (କ୍ୱାକ୍) ଚିକିତ୍ସା କରୁଥିବାବେଳେ କିଏ ତାଙ୍କୁ ପ୍ରଶ୍ରୟ ଦେଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ଜିଲ୍ଲାରେ ଡି. ଆଇ. ନ ଥିବାରୁ ସବୁକଥା ଆଖିବୁଜା ଚାଲୁଛି ଅଥଚ କାର୍ଯ୍ୟାନୁଷ୍ଠାନ ଶୂନ। କଳାହାଣ୍ଡି କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଗତ ୧୪ ତାରିଖରେ କଳାହାଣ୍ଡି ଜିଲ୍ଲାପାଇଁ ସ୍ଥାୟୀ ଡ଼ି. ଆଇ. ନିଯୁକ୍ତି ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ନକଲି ଔଷଧ ଓ ନକଲି ଡାକ୍ତରମୁକ୍ତ କଳାହାଣ୍ଡି କେବେ ହେବ ତାହା ଦେଖିବାକୁ ବାକି ରହିଲା।

**● ବର୍ଷବର୍ଷ ଧରି ଖାଲି ପଡ଼ିଛି ଡି.ଆଇ. ପଦ**

## ● ପୁଅ ଫେରିବା ବାଟକୁ ଅନାଇ ରହିଛି ମା'

# ୫ ବର୍ଷ ହେଲା ଫେରିନାହାନ୍ତି ପରମାନନ୍ଦ



**ନୂଆପଡ଼ା, ୨୩।୬ (ସମିସ):** ବୁଢ଼ୀ ମା'କୁ ଦୁଇମୁଠା ଦାନା ଦେବା ପାଇଁ ପୁଅ ଦାଦନ ଖଟିଯାଇଥିଲା। ହେଲେ ୫ ବର୍ଷ ପରେ ବି ପୁଅ ମା ପାଖକୁ ଫେରିନି। ଏବେ ବି ମା' ପୁଅ ଅପେକ୍ଷାରେ ରହିଛି। ନୂଆପଡ଼ା ଜିଲ୍ଲା କୋମନା ଥାନା କାଲିମାଟି ଗାଁର ପାର୍ବତୀ ନାଗ(୭୦)। ତାଙ୍କର ଏକମାତ୍ର ପୁଅ ପରମାନନ୍ଦ ନାଗ କିଛି ଲୋକଙ୍କ ସହ ଆନ୍ଧ୍ର ପ୍ରଦେଶକୁ କାମ କରିବାକୁ ଯାଇଥିଲେ। ୫ ବର୍ଷ ହେଲା ସେ ଗାଁକୁ ଫେରି ନାହାନ୍ତି। ପୁଅର ଫେରିବା ବାଟକୁ ଚାହିଁ ରହିଛି ବୃଦ୍ଧା। ବୃଦ୍ଧାଙ୍କୁ ତାଙ୍କ ଝିଅ ଜ୍ୱାଇଁ ପାଖରେ ନେଇ ରଖିଛନ୍ତି। ସରକାର ପରମାନନ୍ଦଙ୍କୁ ଖୋଜି ବାହାର କରିବାକୁ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି। ବୃଦ୍ଧାଙ୍କ ଜମିବାଡ଼ି ବୋଲି କିଛି ନାହିଁ। ବାର୍ଦ୍ଧକ୍ୟ ଭତ୍ତା ଟିକକ ଭରସା। ଏଥିରୁ ଯାହା ପାଉଛନ୍ତି ଏଥିରେ ଝିଅଘରେ ମୁଣ୍ଡ ଗୁଞ୍ଜି ରହିଛନ୍ତି।

# ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

**ନୂଆପଡ଼ା/ଖଡ଼ିଆଳ, ୨୩।୬ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ପଦ୍ମପୁର ଗ୍ରାମରେ ସ୍ୱାମୀ ମାଡ଼ରେ ଆହତ ହୋଇଥିବା ତାଙ୍କ ସ୍ତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ୧୬ତାରିଖ ଦିନ ଗ୍ରାମର ଦାମୋଦର ପଟେଲ (୫୬) ଓ ସ୍ତ୍ରୀ ସଂଯୁକ୍ତା ପଟେଲ (୫୪)ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାରିବାରିକ କଳହ ଲାଗିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦାମୋଦର ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କୁ ଏକ ଲୁହା ପାଇପରେ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଏଥିରେ ସଂଯୁକ୍ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ରାୟପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ଘରକୁ ଆଣି ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦାମୋଦରଙ୍କ ସାନ ପୁଅ ମୁକେଶ ପଟେଲଙ୍କ ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଧର୍ମଗଡ଼, ୨୩।୬(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ରାହୁରା ହଳଦୀ ଗାଁର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରବିବାର ସକାଳେ ଗ୍ରାମର ମେଘନାଦ ମୁଣ୍ଡା ଘାସମରା ଔଷଧ ଖାଇ ଏପରି ପଦକ୍ଷେପ ଗ୍ରହଣ କରିଥିବା ପରିବାର ଲୋକେ କହିଛନ୍ତି। ପରିବାର ବର୍ଗ ଜାଣିଲା ପରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଗୁରୁତର ଥିବାରୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ନିଜ ପ୍ରେମିକା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପରିବାର ଲୋକେ କହିଛନ୍ତି।

## ● ରବି ଋତୁରେ ଫେଲ୍ ମାରୁଛି ଜଳସେଚନ

# କଳାହାଣ୍ଡିରେ କମୁଛି ଧାନ ଉତ୍ପାଦନ

**ଭବାନୀପାଟଣା, ୨୩।୬ (ସମିସ):** କଳାହାଣ୍ଡି ଜିଲ୍ଲାରେ ରବି ଋତୁରେ ଧାନ ଅମଳ କମୁଛି। କୃଷି ବିଭାଗର ଆକଳନ ଅନୁଯାୟୀ ରବିଋତୁରେ ଧାନ ଚାଷ ସକାଶେ ୬୩ ହଜାର ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ହେଉଥିବା ଜଣାଯାଇଛି। ଯଦିଓ ଇନ୍ଦ୍ରାବତୀ ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକ୍ରମ ଅନୁଯାୟୀ ୧୮ ୬୮୦ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ କରାଯାଉଛି, ତେବେ ଜଳସେଚନର ଅନ୍ୟ ଉତ୍ସର ଅବଦାନ ବହୁତ କମ୍ ରହୁଛି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଚେକଡ୍ୟାମ୍ ଏବଂ ଉଠା ଜଳସେଚନ ପ୍ରକଳ୍ପକୁ ଦିଆଯାଇଥିବା ଲକ୍ଷ୍ୟର ୬୦ ରୁ ୬୫ ପ୍ରତିଶତ ହ୍ରାସ ପାଉଛି। ଫଳରେ ଇନ୍ଦ୍ରାବତୀ ପ୍ରକଳ୍ପରୁ ଯୋଜନା ପ୍ରସ୍ତୁତି ହୋଇଥିବା ଅଞ୍ଚଳ ବ୍ୟତୀତ ରବି ଆଶା ଉଜ୍ଜ୍ୱଳ ମନେ ହେଉ ନାହିଁ ବୋଲି ଜିଲ୍ଲା କୃଷି ବିଭାଗର ସୂଚନାରୁ ଜଣାଯାଇଛି। କଳାହାଣ୍ଡିରେ ୧୩୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ୧୧୧୮ ହେକ୍ଟରକୁ ଜଳସେଚିତ କରିବା ପାଇଁ ୨୯ଟି ଏମ ଏମ୍‌ଆଇ ପ୍ରକଳ୍ପ ଥିବାବେଳେ ସେଥିରୁ ମାତ୍ର ୪ଟି ପ୍ରକଳ୍ପରେ ୩୦୫ ହେକ୍ଟର ଚାଷ ଜମିକୁ ଜଳ ଯୋଗାଯାଉଛି। ବେହେରା ଏମ୍‌ଆଇ ପ୍ରକଳ୍ପର ଧାର୍ଯ୍ୟ ୧୨୧୪ ହେକ୍ଟର ପରିବର୍ତ୍ତେ ମାତ୍ର ୨୫୭ ହେକ୍ଟରକୁ ଜଳସେଚନ କରାଯାଉଛି। ସେହିପରି ପିପଲନାଳା ପ୍ରକଳ୍ପରୁ ୩୨୪ ହେକ୍ଟର ସ୍ଥାନରେ ମାତ୍ର ୩ ହେକ୍ଟରକୁ ଜଳ ଯୋଗାଣ ହେଉଛି। ବାଗପୁର ୨୦ ହେକ୍ଟର ଏବଂ କରକୋଟ ଏମ୍‌ଆଇ ପ୍ରକଳ୍ପ ୩୦୫ ହେକ୍ଟର ପରିବର୍ତ୍ତେ କେବଳ ୫ହେକ୍ଟର ଚାଷ ଜମିକୁ ଜଳସେଚନ ଦେଇପାରୁଛି। ଅପରପକ୍ଷେ ରବି ଋତୁ ୨୮୦ଟି ଚେକ୍ ଡ୍ୟାମ ମାଧ୍ୟମରେ ୧୦୭୩ ହେକ୍ଟରକୁ ଜଳସେଚନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଉଥିବା ବେଳେ ପ୍ରାୟ ୭୦ପ୍ରତିଶତ ଚେକ୍ ଡ୍ୟାମ ଫେଲ୍ ମାରିଛି। କେବଳ ସେତିକି ନୁହଁ ଜିଲ୍ଲାରେ ଥିବା ୯୩୫ଟି ଉଠା ଜଳସେଚନ ପ୍ରକଳ୍ପରୁ ପ୍ରାୟ ଶହେରୁ ଅଧିକ ପ୍ରକଳ୍ପ ଫେଲ ମାରୁଥିବାବେଳେ କେବଳ ୮୩୫ଟି ପ୍ରକଳ୍ପ ମାଧ୍ୟମରେ ୭୯୪ ହେକ୍ଟର ଚାଷ ଜମି ଜଳସେଚିତ ହେଉଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି। ଏହାସହ ମୃତ୍ତିକା ସଂରକ୍ଷଣ ବିଭାଗର ୧୩୬ ଜଳ ଅମଳ ସଂରଚନା (ପ୍ରକଳ୍ପ) ବର୍ତ୍ତମାନ ଅର୍ଦ୍ଧ ଶୁଷ୍କ ଅବସ୍ଥାରେ ରହିଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

# ମହିମା ଆଶ୍ରମ ଓ ଶୂନ୍ୟମନ୍ଦିରର ଭୂମି ପୂଜନ

**ସିନାପାଲି, ୨୩।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗଣ୍ଡାବାହାଲିର ଐତିହାସିକ ରାମଗଡ଼ଠାରେ ଅଲେଖ ମହିମା ଆଶ୍ରମ ଓ ଶୂନ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୀଷ୍ମରାଜ ମେହେରଙ୍କ ସଂଯୋଜନା ଓ ବୈଷ୍ଣବ ମାଲିଙ୍କ ଅଧ୍ୟକ୍ଷତାରେ ଏନେଇ ପୂଜାବିଧି କରାଯିବା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପାତଳଗଙ୍ଗାର ବାବା ଯୋଗାନନ୍ଦ ଦାସ, ନୀଳଜୀ ମଠର ବାବା ରବୀନ୍ଦ୍ର ଦାସ, ହେମରାଜ ଶାସତ୍ରୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ରାମଗଡ଼ କିମ୍ବଦନ୍ତୀ ଭରା ଏକ ଐତିହାସିକ ସ୍ଥାନ ହୋଇଥିବା ବେଳେ ପର୍ଯ୍ୟଟନସ୍ଥଳ ଭାବରେ ଏହାର ବିକାଶ କରିବାକୁ ଗତ କିଛି ବର୍ଷ ହେଲା ସ୍ଥାନୀୟ ଲୋକଙ୍କ ପ୍ରୟାସ ଜାରି ରହିଛି। ଆଜିର କାର୍ଯ୍ୟକ୍ରମରେ ଧନେଶ୍ୱର ନିଆଲ, ଦେବରାମ ସା, ଦୁତିଆ ପଟେଲ, ମଧୁଆ ନିଆଲ, ଟଙ୍କଧର ବୈଠାରୁ, ଯଦୁମଣି ଭକ୍ତ, ପୁସ୍ତମ ଭକ୍ତ, ପ୍ରସନ୍ନ କୁମାର ରଣା, ବସନ୍ତ ଦାସ, ଗୁଣଧର ମେହେର, ସନ୍ନାସୀ ଦାସ, ପରମା ମେହେର, ଦିଲ୍ଲୀପ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



# ଗଣଶିକ୍ଷା ମନ୍ତ୍ରୀଙ୍କୁ ସରପଞ୍ଚଙ୍କ ଦାବିପତ୍ର

**କେସିଙ୍ଗା, ୨୩।୬(ସମିସ):** ରାଜ୍ୟ ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କେସିଙ୍ଗା ଏନଏସିକୁ ଶନିବାର ଗସ୍ତ କରିଥିଲେ। ଏହି ସମୟରେ କେସିଙ୍ଗା ବ୍ଲକ ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାର ନିଜ ଅଞ୍ଚଳର ଉନ୍ନତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

## କଫି ଚାଷ

# ବର୍ଷେ ପରେ ଶ୍ରମିକଙ୍କୁ ମିଳିଲା ପ୍ରାପ୍ୟ

**ଭବାନୀପାଟଣା, ୨୩।୬(ସମିସ):** କଳାହାଣ୍ଡି ଜିଲ୍ଲା ଜଳଛାୟା ବିଭାଗର ଖାମଖିଆଲି ନୀତି ଯୋଗୁଁ କଳାହାଣ୍ଡି ଜିଲ୍ଲା ମହୁଲପାଟଣା ନର୍ସରିରେ ପ୍ରାୟ ୩ ଲକ୍ଷ କଫି ଚାରା ପଡ଼ି ରହିବା ସହ ଶ୍ରମିକଙ୍କ ପ୍ରାପ୍ୟ ନ ମିଳିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାପରେ ଜଳଛାୟା ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଶ୍ରମିକଙ୍କୁ ପ୍ରାୟ ୪ ଲକ୍ଷ ଟଙ୍କା ବକେୟା ପ୍ରାପ୍ୟ ପ୍ରଦାନ କରାଯାଇଥିବା ବେଳେ ଆହୁରି ପ୍ରାୟ ୬୦ ହଜାର ଟଙ୍କା ବକେୟା ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାର ମହୁଲପାଟଣା ଓ ବଡ଼ଛତରଙ୍ଗରେ ଏସ୍‌ଏଚ୍‌ଜି ମାଧ୍ୟମରେ ୯ଟି ସ୍ଥାନରେ କଫି ଚାଷ ନିମନ୍ତେ ଚାରା ଲଗାଯାଇଥିଲା। କିନ୍ତୁ ମହୁଲପାଟଣାଠାରେ ପ୍ରାୟ ୩ ଲକ୍ଷ ଚାରା ନର୍ସରିରେ ପଡ଼ିରହିଛି। ଜଳଛାୟା ବିଭାଗର ଜଣେ କର୍ମଚାରୀଙ୍କ ଅବହେଳା ଯୋଗୁଁ ଗତ ୧ବର୍ଷ ଧରି ପ୍ରାୟ ୪ ଲକ୍ଷ ଟଙ୍କା ଶ୍ରମିକମାନଙ୍କ ପ୍ରାପ୍ୟ ମିଳି ନ ଥିଲା। ଶ୍ରମିକମାନେ ଥୁଆମୂଳ ରାମପୁର ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୪ ଲକ୍ଷ ଟଙ୍କା ପ୍ରାପ୍ୟ ପୈଠ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ବକେୟା ଥିବା ଅର୍ଥ ଜଣେ କର୍ମଚାରୀ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବିଭାଗୀୟ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ଶ୍ରମିକମାନେ କହିଛନ୍ତି। ୧୩୯ ହେକ୍ଟର ଜମିରେ କଫି ଚାରା ଲଗାଯାଇଥିବା ବେଳେ ଆହୁରି ୧୬୧ ହେକ୍ଟର ଜମିରେ କଫି ଚାରା ଲଗାଯାଇ ପାରିନାହିଁ। ଏଥିପାଇଁ ଏହି ଘଟଣାରେ ଅବହେଳା କରିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏନେଇ ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାଏକଙ୍କୁ ପଚାରିବାରୁ 'ମୁଁ ଗତ ୨ମାସ ତଳେ କଳାହାଣ୍ଡିରେ ଯୋଗ ଦେଇଛି, ବର୍ତ୍ତମାନ ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ପ୍ରାୟ ୪ ଲକ୍ଷ ଟଙ୍କା ଶ୍ରମିକମାନଙ୍କ ପ୍ରାପ୍ୟ ପୈଠ କରାଯାଇଛି। ମହୁଲପାଟଣା ନର୍ସରିରେ ପଡ଼ି ରହିଥିବା କଫି ଚାରା ଚଳିତ ବର୍ଷ ଲଗାଯିବ। ବକେୟା ଥିବା ୬୦ ହଜାର ଟଙ୍କା ଅଭିଯୋଗ ମିଥ୍ୟା ଅଟେ। ଶ୍ରମିକମାନେ ଅଧିକ ପ୍ରାପ୍ୟ ଦାବି କରୁଛନ୍ତି। ଏହାର ଲିଖିତ କୌଣସି ସୂଚନା ଆମ ପାଖରେ ନାହିଁ ବୋଲି କହିଥିଲେ।



## ନର୍ଲା ସହର ରାସ୍ତା ପ୍ରଶସ୍ତିକରଣ କାମ

# ଆଗଉନି କାମ; ଉଠାଦୋକାନୀ ଓ ସହରବାସୀ ଅସନ୍ତୁଷ୍ଟ

**ନର୍ଲା, ୨୩।୬(ସମିସ)**

ବହୁ ପୁରୁଣା ଓ ଅଣଓସାରିଆ ରାସ୍ତା ଆଜି ଦୁର୍ଘଟଣା ପ୍ରବଣ ହେବା ସହ ସାଧାରଣ ଜନଜୀବନରେ ଅନେକ ସମସ୍ୟା ସୃଷ୍ଟି କରୁଛି। ବିଭାଗ, ନିର୍ମାଣକାରୀ ସଂସ୍ଥା ଓ ସ୍ଥାନୀୟ ପ୍ରଭାବଶାଳୀଲୋକଙ୍କ ଯୋଗୁଁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଚାଲିଛି। ୨୦୨୧ରୁ ନର୍ଲାସହର ରାସ୍ତା ପ୍ରଶସ୍ତୀକରଣ ପାଇଁ ନର୍ଲାଶିଶୁ ବିଦ୍ୟାମନ୍ଦିରଠାରୁ ପ୍ରାଣୀ ଚିକିତ୍ସାଳୟ ପର୍ଯ୍ୟନ୍ତ ୧.୮ କିଲୋମିଟର ରାସ୍ତା ପାଇଁ ୬.୬ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା। ବିଡମ୍ବନାର ବିଷୟ ହେଲା ଯେ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ବିଭାଗର ସମନ୍ୱୟର ଅଭାବ ଯୋଗୁଁ ଦୀର୍ଘ ଅଢେଇବର୍ଷ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ସୁଦ୍ଧା ହୋଇପାରି ନାହିଁ। ବହୁପୁରୁଣା ସହର ରାସ୍ତା ପ୍ରଶସ୍ତିକରଣ ପାଇଁ ନିର୍ମାଣକାରୀ ବିଭାଗ ଓ ସଂସ୍ଥାସହ ରାଜସ୍ୱ ବିଭାଗ, ଜଳଯୋଗାଣ, ଟେଲିକମ, ଜଙ୍ଗଲ ବିଭାଗ ସହ ସ୍ଥାନୀୟ ପୁଲିସର ସମନ୍ୱୟ ନିଶ୍ଚିତ ଭାବରେ ଆବଶ୍ୟକ। କିନ୍ତୁ ପୂର୍ତ୍ତବିଭାଗର ସୂଚନା ଅନୁଯାୟୀ ଏସମସ୍ତ ବିଭାଗ ପକ୍ଷରୁ ଉକ୍ତ ସଡ଼କ ନିର୍ମାଣ ପାଇଁ ଆବଶ୍ୟକ ସହଯୋଗ ମିଳୁନାହିଁ। ଯାହାଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବା ଯୋଗୁଁ ବର୍ତ୍ତମାନ ଆହୁରି ସମସ୍ୟା ସୃଷ୍ଟି ହେଉଛି। ୨୦୨୧ରେ ଯେଉଁ ଦରରେ ବ୍ୟୟ ଅଟକଳ ନିର୍ଦ୍ଧାରଣ ହୋଇଥିଲା ତାହା ବର୍ତ୍ତମାନ ସରକାରୀ ଓ ସ୍ଥାନୀୟ ବଜାର ଦର ହିସାବରେ ବହୁ ପରିମାଣରେ ବୃଦ୍ଧି ପାଇଛି। ବିଭାଗର ସୂଚନା ଅନୁଯାୟୀ ୬.୬୬ କୋଟି ଅଟକଳର ରାସ୍ତା ଆଜି ୧୦ କୋଟିରୁ ଅଧିକ ହୋଇସାରିଛି। ଠିକ୍ ସମୟରେ ରାସ୍ତା ପାଇଁ ଜମି ଚିହ୍ନଟ ହେଲାନାହିଁ, ରାସ୍ତା କଡ଼ରେ ଥିବା ଜଳଯୋଗାଣ ପାଇପ୍, ଟେଲିଫୋନ କେବୁଲ୍, ଓ ବିଦ୍ୟୁତ ଖୁଣ୍ଟ ଗୁଡିକ ସମ୍ପ୍ରସାରଣ ହେଉନାହିଁ। ଯାହାଫଳରେ ନିର୍ମାଣକାରୀ ସଂସ୍ଥା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ ଜଳଯୋଗାଣ ପାଇପ୍ ଓ ବିଦ୍ୟୁତ ଖୁଣ୍ଟ ଗୁଡିକ ସ୍ଥାନାନ୍ତର ପାଇଁ ପଚାଶ ଲକ୍ଷରୁ ଉର୍ଦ୍ଧ୍ୱ ଲେଖାଏଁ ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଛି। ଅନେକ ମାସ ବିତି ଯାଇଥିଲେ ହେଁ ଉକ୍ତ କାମଗୁଡିକ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସବୁକିଛି ବର୍ତ୍ତମାନ ପର୍ଯ୍ୟନ୍ତ ଅଧାପନ୍ତରିଆ ରହିଛି।

ସୂଚନା ମୁତାବକ ନିର୍ଧାରିତ ଟେଣ୍ଡର ମୂଲ୍ୟ ଠାରୁ ବର୍ତ୍ତମାନ ସରକାରୀ ଓ ସ୍ଥାନୀୟ ବଜାର ଦର ବିଭିନ୍ନ ସାମଗ୍ରୀ ଉପରେ ଅନେକ ପରିମାଣରେ ବୃଦ୍ଧି ପାଇଛି। ନୂଆ ଟେଣ୍ଡର କେବେ ସରକାରୀ ସ୍ତରରେ ଗୃହୀତ ହେବ ଓ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟଆରମ୍ଭ ହେବ ତାହା ଅନିର୍ଦ୍ଦିଷ୍ଟ ରହିଛି। ବାରମ୍ବାର ନୋଟିସ ଓ ଡ଼ାକବାଜି ଯନ୍ତ୍ରରେ ଘୋଷଣା କରି ଛୋଟ ବ୍ୟବସାୟୀ ଓ ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ କଲେ। ହେଲେ ନା ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହେଲା ନା କ୍ଷତିଗ୍ରସ୍ତଙ୍କ ଥଇଥାନ ହେଲା। ପ୍ରଶାସନିକ ଅବହେଳା ଓ ବିଳମ୍ବିତ କାମ ଉଠାଦୋକାନୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି।





# କେସିଙ୍ଗା ବ୍ଲକ୍ ହାଇସ୍କୁଲ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**କେସିଙ୍ଗା, ୨୩।୬(ସମିସ):** କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ଟପ୍ପର, ପ୍ରଧାନଶିକ୍ଷକ ଏବଂ ଅଭିଭାବକ/ଅଭିଭାବିକାଙ୍କୁ ଓଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଭାବରେ ପ୍ରତ୍ୟେକ ବିଦ୍ୟାଳୟର ଟପ୍ପରକୁ ପରିବେଶ ସୁରକ୍ଷା ଏବଂ ସଚେତନତା ପାଇଁ ଏକ ବୃକ୍ଷ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ଯୋଗ ଦେଇଥିଲେ। ମାଟ୍ରିକ ଟପ୍ପର ଯତ୍ନରାଜ ସାହୁଙ୍କୁ ରାହୁଲ ଜୈନଙ୍କ ଦ୍ୱାରା ପ୍ରଦତ୍ତ ଶର୍ମିଳାଦେବୀ ଜୈନ ମେମୋରିଆଲ ଟ୍ରଫି, ମାନପତ୍ର, ଉତ୍ତରୀୟ ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉକ୍ତସଭାରେ ରାଜେଶ କୁମାର ଅଗ୍ରୱାଲ, ଆନନ୍ଦ କୁମାର ବେହେରା, ମୃତ୍ୟୁଞ୍ଜୟ ବେହେରା, ସାରଙ୍ଗଧର ଠାକୁର, ମନୋରଞ୍ଜନ ପାଣିଗ୍ରାହୀ, ପ୍ରଭାତ କୁମାର ରଥ, ସନ୍ତୋଷ କୁମାର ରଥ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଅଭୟ କୁମାର ଦେବତା ଓ ସମୀର କୁମାର ବେହେରା ପରିଚାଳନା କରିଥିଲେ। ହେମନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

भारत सरकार • अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

संक्षिप्त ई–निविदा सूचना / Brief E-TENDER NOTICE

ई–निविदा सूचना सं. / e- Tender Notice No:SHAR/CMD/E/B 2487202/2024-25 Corrigendum तिथि/ Date. 21.06.2024

भारत के राष्ट्रपति की ओर से, "चांदीपुर, उड़ीसा में पर्यावरणीय एवं अंतरिक्ष अनुसंधान सुविधा (एएसआरएफ)। (विद्युत कार्य)।" (अनुमानित लागत: ₹297.54 लाख के लिए ई–निविदा के माध्यम से मद दर निविदाएं आमंत्रित की जाती हैं। निविदा दस्तावेज 30.06.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जा सकते हैं।

On behalf of President of India, Item Rate tenders are invited through e-tendering for "Atmospheric and Space Research Facility (ASRF) at Chandipur, Odisha. (Electrical works)" (Estimated cost: ₹297.54 Lakhs). Tender documents can be downloaded up to 30.06.2024, 14:30 hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

# ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରସ୍ତାବରେ ପୂର୍ଣ୍ଣଛେଦ

ସୁନ୍ଦରଗଡ଼, ୨୩।୬(ସମିସ)



- ସମ୍ବଲପୁରରେ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ଓଡ଼ିଶାର ପ୍ରସ୍ତାବ
- ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା
- ସ୍ଥାନୀୟ ସାଂସଦ ଓ ବିଜେପି ବିଧାୟକଙ୍କ ନିରବତାକୁ ନେଇ ଉଦବେଗ

ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ଆଶା ମଉଳି ଯାଇଛି। ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ୨୦୨୪-୨୫ କେନ୍ଦ୍ରୀୟ ବଜେଟରେ ଉପଯୁକ୍ତ ପଦକ୍ଷେପ ନେବାକୁ ଓଡ଼ିଶାର ବିଜେପି ସରକାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ରବିବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ ପରାମର୍ଶ ବୈଠକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଯୋଗଦେଇ ଏହି ଦ୍ୱିତୀୟ ଏମ୍ସ ପ୍ରସ୍ତାବ ସମେତ ରାଜ୍ୟର ଅର୍ଥନୀତି ଓ ବିକାଶ ପ୍ରସଙ୍ଗକୁ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଫଳରେ ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରସ୍ତାବରେ ପୂର୍ଣ୍ଣଛେଦ ପଡ଼ିଛି। ଏହି ଘଟଣାକୁ ନେଇ ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲ୍ଲା ସମେତ ପଡ଼ୋଶୀ ସମ୍ବଲପୁର, ଝାରସୁଗୁଡ଼ା ଜିଲ୍ଲା ତଥା ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ ମଧ୍ୟ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଏନଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ପରେ ୨୦୨୧ ଏପ୍ରିଲ ୩ରେ ଏକ କେନ୍ଦ୍ରୀୟ ବୈଷୟିକ ଦଳ ସୁନ୍ଦରଗଡ଼ ଆସି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଏଠାରେ ଏମ୍ସ ସ୍ଥାପନ ସକାଶେ ଉପଯୁକ୍ତ ଭିତିଭୂମି ରହିଥିବା ମତପ୍ରକାଶ କରିଥିଲେ। ସୁନ୍ଦରଗଡ଼ରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରହିଥିବାରୁ ଏମ୍ସ ପରିଚାଳନା ସକାଶେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳକୁ ଅବଗତ କରାଯାଇଥିଲା। ଏପରିକି କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଏନ୍‌ଟିପିସି ମେଡିକାଲ ପରିସରରେ ଚାରାରୋପଣ ମଧ୍ୟ କରିଥିଲେ। ତେବେ କେନ୍ଦ୍ର ସରକାର ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି କରିବାରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ଦାବିକୁ ଅନ୍ୟ ଜିଲ୍ଲାର ଲୋକେ ମଧ୍ୟ ସମର୍ଥନ କରୁଥିଲେ। ସ୍ଥାନୀୟ ବିଜେପି ନେତାମାନେ ବି ଏହି ଦାବିକୁ ଦୃଢ଼ ସମର୍ଥନ ଜଣାଇଥିବା ବେଳେ କିଛିଦିନ ତଳେ ବିଜେପି ଦଳିତ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ରାଜା କାକ୍ ନୂତନ ସୁନ୍ଦରଗଡ଼ ସରାକାରୀ ମେଡିକାଲ କଲେଜରେ ଦ୍ୱିତୀୟ ଏମ୍ସ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ଦେଇଥିଲେ। ତେବେ ଶେଷରେ ରାଜ୍ୟ ବିଜେପି ସରକାର ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ ପ୍ରସ୍ତାବ ଦେବା ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କୁ ମର୍ମାହତ କରିଛି। ସେହିପରି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ଜିଲ୍ଲାର ୨ ବିଜେପି ବିଧାୟକ ସୁନ୍ଦରଗଡ଼ ପ୍ରତି ଏପରି ଅବହେଳାକୁ ମଥାପାତି ସହିନେବା ଉଦବେଗର କାରଣ ହୋଇଛି।

# ବିଦ୍ୟୁତ୍ ଖୁଣ୍ଟରେ ଧକ୍କାହେଲା ବାଇକ; ଜଣେ ମୃତ

**ବାଲିଶଙ୍କରା, ୨୩।୬(ସମିସ):** ରବିବାର ସନ୍ଧ୍ୟାରେ କିଞ୍ଜିରକେଲା ଥାନା ଅନ୍ତର୍ଗତ ରଷ୍ଟି ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଜୁଳି ଖୁଣ୍ଟରେ ଧକ୍କା ହୋଇଛି। ଏଥିରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରିପୋର୍ଟ ପ୍ରସ୍ତୁତି ଯାଏଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ। ସ୍ଥାନୀୟ ସିକାଜୋର ଗ୍ରାମର ମନୋଜ ଏକ୍କା (୩୮) ଓ ରଷ୍ଟି ଗ୍ରାମର ମନୋଜ ରାଉତ ମୈତ୍ର ଅଟନ୍ତି। ଦୁଇ ମୈତ୍ର ବାଇକରେ ଯାଉଥିବା ବେଳେ ଗାଡ଼ି ଭାରାସାମ୍ୟ ହରାଇ ରଷ୍ଟି ନିକଟରେ ବିଜୁଳି ଖୁଣ୍ଟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମନୋଜ ଏକ୍କାଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ମନୋଜ ରାଉତଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି।

- ଗାଁ ଟ୍ରାନ୍ସଫର୍ମର ସଜାଡୁଥିବାବେଳେ ଅଘଟଣ

# ବିଦ୍ୟୁତ ସଂସ୍ପର୍ଶରେ ଯୁବକ ମୃତ

**ସୁନ୍ଦରଗଡ଼, ୨୩।୬(ସମିସ):** କିଞ୍ଜିରକେଲା ଥାନା ଅନ୍ତର୍ଗତ ଗାଙ୍ଗପୁରଗଡ଼ ସାପଡ଼ାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଟ୍ରାନ୍ସଫର୍ମର ଖରାପ ହୋଇଯାଇଥିଲା। ଗ୍ରାମବାସୀଙ୍କ ସହ ଯୁବକ ଜଣକ ଏହାକୁ ସଜାଡୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ୨୩।୬(ସମିସ):** ବଡ଼ଗାଁ ଥାନା ରୁନଗାଁ ଗ୍ରାମ ପୋଖରୀରେ ବୁଡ଼ି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ମୁକେଶ କାଲୋଙ୍କ ସ୍ତ୍ରୀ ଜ୍ୟୋସ୍ନା କାଲୋ। ଜ୍ୟୋସ୍ନା ଗାଁ ପୋଖରୀକୁ ଗୋଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୁଲିସ କବଜାରେ ୨ ଚୋରାମଦ ବେପାରୀ

**ସୁନ୍ଦରଗଡ଼, ୨୩।୬(ସମିସ):** ବଡ଼ଗାଁ ଥାନା ପୁଲିସ ରବିବାର ୨ ଚୋରାମଦ ବେପାରୀଙ୍କଠାରୁ ମହୁଲି ମଦ ଜବତ କରି ତାଙ୍କ ବିରୋଧରେ ୨ଟି ପୃଥକ ମାମଲା ରୁଜୁ କରିଛି। ସେମାନେ ହେଲେ ସେନ୍ଦ୍ରିଟାଙ୍ଗର ଗ୍ରାମର ଧର୍ମପଦ ରୋହିଦାସ ଓ ପାମରା ନୂଆପଡ଼ାର କୃଷ୍ଣ ଖିଲାରୀ। ଅଭିଯୁକ୍ତଙ୍କୁ ୪୧ ସିଆରପିସି ନୋଟିସରେ ଛଡ଼ାଯାଇଛି।

# ଘର ଅଗଣାରୁ ପିକଅପ୍ ଗାଡ଼ି ଚୋରି

**ସୁନ୍ଦରଗଡ଼, ୨୩।୬(ସମିସ):** ତଳସରା ଥାନା ଅନ୍ତର୍ଗତ ସବଡେଗା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଅଗଣାରୁ ତାଙ୍କ ପିକଅପ୍ ଭ୍ୟାନ୍ ଚୋରି ହୋଇଛି। ୬ ମାସ ତଳେ ଛବିଳ ଶତପଥୀ ନିଜ ଗ୍ରାମର ଭବେଶ ଅଗ୍ରୱାଲଙ୍କଠାରୁ ଉକ୍ତ ପିକଅପ୍ ଗାଡ଼ିକୁ କିଣିଥିଲେ। ତେବେ ଗତ ୨୧ ତାରିଖ ସେ ଗାଡ଼ିକୁ ନିଜ ଘର ଅଗଣାରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ଏହାକୁ ଚୋରାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାସ୍ତା ଉପରୁ ଚୋରାମଦ ଜବତ

**ସୁନ୍ଦରଗଡ଼, ୨୩।୬(ସମିସ):** ତଳସରା ଥାନା ପୁଲିସ ୨ ଚୋରାମଦ ଚାଲାଣକାରୀଙ୍କଠାରୁ ମଦ ଜବତ କରିଛି। ବାବୁଡିହିର ଅନୀଲ ପାଣ୍ଡେ ଏକ ବ୍ୟାଗରେ ଦେଶୀମଦ ନେଇ ଆସୁଥିବା ବେଳେ ପୁଲିସ ପାଟ୍ରୋଲିଂ ଦଳ ହାବୁଡ଼ରେ ପଡ଼ିଛନ୍ତି। ସେହିପରି ପିଙ୍କି କିସାନ ତଳସରାରୁ ସାପଡଗର ଗ୍ରାମକୁ ବିକ୍ରି ଉଦ୍ଦେଶ୍ୟରେ ମହୁଲି ମଦ ନେଇ ଯାଉଥିବା ବେଳେ ପୁଲିସ ତାଙ୍କୁ ଧରିଛି। ପୁଲିସ ୨ ଅଭିଯୁକ୍ତଙ୍କଠାରୁ ମଦ ଜବତ କରି ତାଙ୍କ ବିରୋଧରେ ୨ଟି ପୃଥକ ମାମଲା ରୁଜୁ କରିଛି।

# ଟ୍ରକ୍, ଟ୍ରେଲରଗୁଡ଼ିକରୁ ବଟି ଆଦାୟ ଅଭିଯୋଗ

**ହେମଗିରି, ୨୩।୬(ସମିସ):** ହେମଗିରି ବ୍ଲକ ଟପରିଆ ଦେଇ ଛତିଶଗଡ଼ ଅଭିମୁଖେ ଯାଉଥିବା ଟ୍ରକ୍ ତଥା ଟ୍ରେଲର ଆଦି ମାଲ ବୋଝେଇ ଗାଡ଼ିଗୁଡ଼ିକୁ ଅଟକାଇ କିଛି ଦୁର୍ବୃତ୍ତ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ଏପରି ବହୁ ଅଭିଯୋଗ ଆସିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଏଥିରେ ରୋକ୍ ଲାଗିଥିଲା। ହେଲେ ଏବେ ଦୁର୍ବୃତ୍ତ ପୁଣି ସକ୍ରିୟ ହୋଇପଡ଼ିଛନ୍ତି। ଯୋଡ଼ା ବଡ଼ବିଲ ପଟୁ ଆସୁଥିବା ଲୁହାପଥର ବୋଝେଇ ଟ୍ରେଲରଗୁଡ଼ିକରୁ ଅସାମାଜିକ ବ୍ୟକ୍ତିମାନେ ଅର୍ଥ ଆଦାୟ କରୁଥିବା ଦେଖିବାକୁ ମିଳୁଛି। ପୁଲିସ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ତଥା ଚାଳକମାନେ ଅନୁରୋଧ କରୁଛନ୍ତି। ଏପରି ଅପରାଧିକ କାର୍ଯ୍ୟ ରୋକିବା ପାଇଁ ସୀମାବର୍ତ୍ତୀ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ବିଜେପି ପକ୍ଷରୁ ବଳିଦାନ ଦିବସ ପାଳିତ





- ମା'ଙ୍କ ନାମରେ ଚାରାରୋପଣ

**ସୁନ୍ଦରଗଡ଼, ୨୩।୬(ସମିସ):** ଭାରତୀୟ ଜନସଙ୍ଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବିଜେପି ପକ୍ଷରୁ ସମଗ୍ର ଦେଶରେ ବଳିଦାନ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ବିଜେପି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳିତ ହୋଇଛି। ପ୍ରଥମେ ଅତିଥି ଓ ଦଳୀୟ ନେତୃମଣ୍ଡଳୀ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ରାଜ୍ୟ ଉପ ସଭାନେତ୍ରୀ କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜୁନ ୨୩ରୁ ତାଙ୍କ ଜନ୍ମ ଜୟନ୍ତୀ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ତିରୋଧାନ ଦିବସ ପାଳନ କରାଯାଉଥିବା ସୂଚନା ଦେଇଥିଲେ। ଏହି ଅବସରରେ ଚାରାରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ବେଳେ ଜୁଲାଇ ୨୫ ତାରିଖ କଳା ଦିବସ ଭାବେ ସମସ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ ପାଳନ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜ, ପଶ୍ଚିମ ଓଡ଼ିଶା ପ୍ରାନ୍ତ ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ ପ୍ରମୁଖ ଡ. ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋଚନା କରି ତାଙ୍କ ତ୍ୟାଗ, ନିଷ୍ଠାକୁ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରେରଣା ରୂପେ ଗ୍ରହଣ କରି ସମାଜର ଗରିବ ନିରାଶ୍ରୟ ଓ ଅବହେଳିତ ଲୋକଙ୍କ ସେବା କରିବାରେ ସର୍ବଦା ବ୍ରତୀ ରହିବାକୁ ପରାମର୍ଶ ଦେଇଥିଲେ। ମା' ପାଇଁ ଗଛଟିଏ ଲଗାଇବାକୁ ଜିଲ୍ଲାର ସମସ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ କାର୍ଯ୍ୟକ୍ରମ ରହିଥିବାରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅତିଥିମାନେ ତାଙ୍କ ମା'ଙ୍କ ନାମରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ, କାଉନସିଲର ଦୀପାଞ୍ଜଳି ନନ୍ଦ, ମିନତୀ ପୁରୋହିତ, ଜୁନାସ ଲୁଗୁନ, କନକବାଳା ବେହେରା, ଶ୍ରୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା କିରେଇ ମଣ୍ଡଳ ପକ୍ଷରୁ ସଭାପତି ସୁଦାମ ହୋତା, ବିଲେଇମୁଣ୍ଡା ମଣ୍ଡଳ ପକ୍ଷରୁ ସଭାପତି ମାଧବ ବାରିକ, କୁତ୍ରା ମଣ୍ଡଳ ପକ୍ଷରୁ ସଭାପତି ଦୀପକ ମହାନନ୍ଦିଆ, ବିରକେରା ମଣ୍ଡଳ ପକ୍ଷରୁ ସଭାପତି ସନ୍ତୋଷ ତିର୍କୀ, ଜାମପାଲି ମଣ୍ଡଳ ପକ୍ଷରୁ ସଭାପତି ବିତନା ମାଝିଙ୍କ ନେତୃତ୍ୱରେ ତଥା ସମସ୍ତ ୨୨ ମଣ୍ଡଳରେ ବଳିଦାନ ଦିବସ ପାଳନ କରାଯାଇଛି।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା; ଗଜାନନ ବେଶ

ରାଉରକେଲା, ୨୩।୬(ସମିସ)

- ସେକ୍ଟର-୬ ଜଗନ୍ନାଥ ମନ୍ଦିର

ଇସ୍ପାତ ସହର ସେକ୍ଟର-୬ ଶ୍ରୀ ଶ୍ରୀ ପତିତପାବନଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମ ଶନିବାର ମହାଆଡ଼ମ୍ବରରେ ପାଳିତ ହୋଇଛି। ଏଥିରେ ପ୍ରଧାନ ସେବକ ପ୍ରଦୀପ କୁମାର ଧଳ ଠାକୁର ରାଜା ଭୂମିକାରେ ମନ୍ଦିରର ରୀତିନୀତି ଓ ଠାକୁରଙ୍କ ପହଣ୍ଡି ନିମନ୍ତେ ଛେରାପହଁରା କରିଥିଲେ। ସ୍ନାନଯାତ୍ରା ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇ ତା' ଉପରେ ଶ୍ରୀ ବିଗ୍ରହଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ଅଧିଷ୍ଠିତ କରାଯିବା ପରେ କୂପ ଜଳରେ ଚୁଆ, ଚନ୍ଦନ ଓ କର୍ପୂର ମିଶ୍ରିତ ସୁଗନ୍ଧିତ ଜଳରେ ସମୁଦ୍ରଜେଷ୍ଠା ମନ୍ତ୍ରରେ ଅଭିଷେକ କରାଯାଇଥିଲା। ପୂଜାପଣ୍ଡାମାନେ ୧୦୮ କଳସ ଜଳକୁ ଚାରିଭାଗରେ ବିଭକ୍ତ କରି ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଭାସ୍କର ଚଇନି, ଭବାନୀ ଶଙ୍କର ପଣ୍ଡା, ପ୍ରମୋଦ ପଣ୍ଡା, ନେପାଳ ଚନ୍ଦ୍ର ଶତପଥୀ ପ୍ରମୁଖ ପୂଜକମାନଙ୍କ ଦ୍ୱାରା ମଙ୍ଗଳ ଆଳତି, ମଇଲମ ନୀତି, ଅଧର ପୋଛା, ଟେରା ଲାଗି, ଅବକାଶ ନୀତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାରରେ ହୋମ ଆଦି ରୀତିନୀତିରେ ସମ୍ପନ୍ନ କରାଯାଇଥିଲା। ଏଥିରେ ପରିଚାଳନା କମିଟିର ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଦିଲୀପ କୁମାର ଦାସ, ଜ୍ୟୋତିରଞ୍ଜନ ମିଶ୍ର, ଅଶୋକ କୁମାର ସ୍ୱାଇଁ, ରାମମୋହନ ନାୟକ, ଚିରଞ୍ଜୀବୀ ଦୋରା, ରାମାକାନ୍ତ ବେହେରା, ଲୋକେଶ ରାଉତ, ସୁବାସଚନ୍ଦ୍ର ପାତ୍ର, ପ୍ରସନ୍ନ କୁମାର ରଥ, ଅଶୋକ ରାଉତରାୟ, ପ୍ରଶାନ୍ତ କୁମାର ବାରିକ, ଉତ୍ତମ କୁମାର ସାହୁ, ରବିନାରାୟଣ ରାଉତ, ବ୍ରହ୍ମାନନ୍ଦ ଜୋତିଷୀ, ସନ୍ନ୍ୟାସୀ ନନ୍ଦ, ସୁରେଶ ପାତ୍ର, ହୃଷୀକେଶ ପ୍ରଧାନ, ବସନ୍ତ ଜେନା, ମନୋଜ ମିରକାପ, ବନମାଳୀ ପଲାଇ, ଅର୍ଜୁନ ବେହେରା, ବିଭୂତି ପରିଡ଼ା ପ୍ରମୁଖ ଠାକୁରଙ୍କ ପହଣ୍ଡି କରି ଅଣସର ଘରେ ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ରଞ୍ଜନ ନାୟକ, ଜୟରାମ ସାହୁ, ତ୍ରିନାଥ ପ୍ରଧାନ, ରାଜୀବ ତନ୍ତି, ପ୍ରସନ୍ନ କୁମାର ମହାପାତ୍ର, ରବିନାରାୟଣ ସାହୁ, ଦେବଦତ୍ତ ଜେନା, ସୁବାସ ବେହେରା, ଶ୍ରୀଧର ଓଝା, ଅନହଳି ନାୟକ ପ୍ରମୁଖ କୀର୍ତ୍ତନ ମଣ୍ଡଳୀର ନେତୃତ୍ୱ ନେଇଥିଲେ। ସନ୍ଧ୍ୟାରେ ଶ୍ରୀ ପତିତପାବନ ଜୀଉଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା।



## ● କୋଏଲନଗର ଜଗନ୍ନାଥ ମନ୍ଦିର

କୋଏଲନଗର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଭୋର୍ ୪ଟାରେ ଦ୍ୱାରଫିଟା, ୬ଟାରେ ସୂର୍ଯ୍ୟପୂଜା, ସାଢ଼େ ୬ଟାରେ ଦ୍ୱାରପାଳ ଧୂପ, ୬ଟା ୪୫ରେ କୁଶପୂଜା, ୭ଟାରେ ବାଲଭୋଗ, ୯ଟା ୧୭ରେ ଖେଚୁଡ଼ି ଧୂପ, ୯ଟା ୪୦ରେ ପହଣ୍ଡି, ସାଢ଼େ ୧୦ଟାରେ ସ୍ନାନ, ୧୧ଟାରେ ଛେରାପହଁରା, ସାଢ଼େ ୧୧ଟାରେ ପୂଜାରମ୍ଭ, ଅପରାହ୍ନ ୧ଟାରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ୬ଟାରେ ଗଜାନନ ବେଶ, ରାତି ୯ଟା ୫୦ରେ ସନ୍ଧ୍ୟା ଆଳତି, ୧୦ଟାରେ ରାତ୍ରି ଧୂପ ଓ ସାଢ଼େ ୧୦ଟା ଅନବସର ଗୃହକୁ ପହଣ୍ଡି ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଦଇତାପତି ସେବକମାନେ ପହଣ୍ଡି କରି ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପ ବିଜେ କରିଥିଲେ। ୧୦୮ ସୁବାସିତ ଜଳରେ ସ୍ନାନନୀତି ସମ୍ପନ୍ନ କରାଯାଇଥିଲା। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଠାକୁର ରାଜା ଭାବେ ଛେରାପହଁରା କରିଥିଲେ। ସନ୍ଧ୍ୟାରେ ହାତୀବେଶ ଦେଖିବାକୁ ଭିଡ଼ ପରିଲକ୍ଷିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଆଲୋକ ରଞ୍ଜନ ମଲ୍ଲିକ ତଦାରଖ କରିଥିବା ବେଳେ ବ୍ରଜେନ୍ଦ୍ର ଦାସ, ଅମୂଲ୍ୟ ମିଶ୍ର, ମନୋଜ ପଣ୍ଡା, ବିନୟ ମହାନ୍ତି, ଦଇତାପତି ବିବେକ ପଣ୍ଡା, ମୋହିନୀ ଦଳବେହେରା, ରାଜେଶ ମହାନ୍ତି, ବିରଜା ମହାନ୍ତି, ତୁଷାର ସାହୁ, ଉମେଶ ମହାନ୍ତିଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପୂଜକ ସୁମନ୍ତ ଦାସ ଓ ଗଣେଶ ଦାସ ସହଯୋଗ କରିଥିଲେ।



## ● ବଣାଇଁ ରାଜନଅର ସମ୍ମୁଖ ଜଗନ୍ନାଥ ମନ୍ଦିର



**ବଣାଇଁ:** ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶନିବାର ବଣାଇଁ ରାଜନଅର ସମ୍ମୁଖରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନୋତ୍ସବ ଅନୁଷ୍ଠିତ ହୋଇଛି। ସକାଳ ୬ଟାରୁ ଦେବନୀତି ଅନୁସାରେ ସମସ୍ତ ସେବାୟତ, ରାଜା ଓ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଆଣିଥିଲେ। ରାଜନଅରରେ ଥିବା ସୁନା କୂଅରୁ ୧୦୮ ଗରାରେ ପବିତ୍ର ସୁବାସିତ ଜଳ ଆଣି ଠାକୁରଙ୍କ ସ୍ନାନ ସମାପନ କରାଯାଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତି ହାତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମୃଦଙ୍ଗ, ଘଣ୍ଟ, ଝାଞ୍ଜ ବାଦ୍ୟରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା। ଶୃଙ୍ଖଳିତ ନୀତିକାନ୍ତି ତଥା ଦର୍ଶନ ପାଇଁ ଉପଖଣ୍ଡ ପ୍ରଶାସନ ତଥା ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ● ରାଜଗାଙ୍ଗପୁର ଜଗନ୍ନାଥ ମନ୍ଦିର

**ରାଜଗାଙ୍ଗପୁର:** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି। ସ୍ଥାନୀୟ କୁମାରକେଳାସ୍ଥିତ ବହୁ ପୁରାତନ ଜଗନ୍ନାଥ ମନ୍ଦିର, ମଧୁସୂଦନ କଲୋନୀ ଏବଂ ଲିପଲୋଇସ୍ଥିତ ଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତି, ଗୋ ପୂଜା, ଗୁରୁପୂଜା, ସୂର୍ଯ୍ୟପୂଜା, ଗଣପତି ପୂଜା ଆଦି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କରାଯାଇ ସ୍ନାନ ନୀତି ଆରମ୍ଭ କରାଯାଇଥିଲା। ପଞ୍ଚ ଉପଚାର ପୂଜା, ହୋମ, ଆଳତି ପରେ ଧୂପଦୀପ ନୈବେଦ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରମାନଙ୍କୁ ଗଜାନନ ବେଶ କରାଯାଇଥିଲା। ସାହାଣମେଲା ଦର୍ଶନ ପରେ ତିନି ଠାକୁରଙ୍କୁ ଅଣସର ଗୃହକୁ ବିଜେ କରାଯାଇଥିଲା। ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ ମାମଲା

# ଆଜି ମଧ୍ୟରାତ୍ର ଯାଏଁ କର୍ଫ୍ୟୁ ବଳବତ୍ତର

**ବାଲେଶ୍ୱର, ୨୩।୬(ସମିସ):** ଗୋଷ୍ଠୀ ସଂଘର୍ଷକୁ ନେଇ ସହରରେ ଜାରି ହୋଇଥିବା କର୍ଫ୍ୟୁ ୨୪ ତାରିଖ ମଧ୍ୟରାତ୍ରିକୁ ବଢ଼ାଇ ଦିଆଯାଇଛି। ସହରର ତିନୋଟି ଥାନା



ଅର୍ଥାତ ଶିଳ୍ପାଞ୍ଚଳ, ସହଦେବଖୁଣ୍ଟା ଏବଂ ଟାଉନଥାନା ଅଞ୍ଚଳରେ ଗତ ୧୭ତାରିଖଠାରୁ କର୍ଫ୍ୟୁ ଲାଗିଥିଲା। ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ କର୍ଫ୍ୟୁ ଉଠିଯାଇଥିବାବେଳେ ସହଦେବଖୁଣ୍ଟା ଏବଂ ଟାଉନ ଥାନା ଅଧିନରେ କର୍ଫ୍ୟୁ ବଳବତ୍ତର ରହିଛି। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଶାନ୍ତ ରହିଛି ବୋଲି ଜିଲ୍ଲାପାଳ ଆଶିଷ ଠାକ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ରବିବାର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଟାଉନ ଥାନା ଅଞ୍ଚଳରେ ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି କ୍ରମରେ ସୋମବାର ମଧ୍ୟ କର୍ଫ୍ୟୁ କୋହଳ କରାଯିବ। ସେହିପରି ଇଣ୍ଟରନେଟ ସେବା ସ୍ୱାଭାବିକ ହେବା ନେଇ ଜିଲ୍ଲାପାଳ କହିଛନ୍ତି ଯେ, ପୂର୍ବରୁ ଲିଜ୍‌ଲାଇନ ଓ ବ୍ରଡ୍‌ବ୍ୟାଣ୍ଡ କାର୍ଯ୍ୟକ୍ଷମ କରାଯାଇଥିଲା। ତେବେ ସୋମବାରଠାରୁ ମୋବାଇଲ ଇଣ୍ଟରନେଟ ସୁବିଧା ମଧ୍ୟ ଉପଲବ୍ଧ ହେବ। ଏହାବ୍ୟତୀତ ସୋମବାରଠାରୁ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯିବ। ଏଠାରେ ସକାଳୁଆ ସ୍କୁଲ ହେବାକୁ ନିଷ୍ପତ୍ତି ହୋଇଛି। ସହଦେବଖୁଣ୍ଟା ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ ଅନୁସାରେ ସ୍କୁଲ ଖୋଲିବା ସହ ଟାଉନଥାନା ଅଞ୍ଚଳରେ ମଧ୍ୟ କର୍ଫ୍ୟୁ କୋହଳ ଅନୁସାରେ ସ୍କୁଲ କଲେଜ

- ଟାଉନ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ
- ସୋମବାର ଖୋଲିବ ସ୍କୁଲ ଓ କଲେଜ
- ସ୍ୱାଭାବିକ ହେବ ମୋବାଇଲ ଇଣ୍ଟରନେଟ
- ୨୧ଟି ମାମଲାରେ ୮୯ ଗିରଫ

ଚାଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ବିଭିନ୍ନ ସଂଗଠନ ସହ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ଶାନ୍ତି କମିଟି ଗଠନ କରାଯିବ। ସାହି, ବସ୍ତି ସ୍ତରରେ ମଧ୍ୟ ଶାନ୍ତି କମିଟି ଗଠନ କରାଯାଇ ବିଭିନ୍ନ ସରକାରୀ ଅଧିକାରୀମାନେ ସେଠାକୁ ଯାଇ ଆଲୋଚନା କରିବେ। ଏଣୁ କୌଣସି ବ୍ୟକ୍ତି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

ସେହିପରି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ, ଗୋଷ୍ଠୀ ସଂଘର୍ଷ ନେଇ ୧୭ତାରିଖଠାରୁ ଆଜି ପର୍ଯ୍ୟନ୍ତ ମୋଟ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ୮୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଗୋଟିଏ ସାଇବର ମାମଲା ରୁଜୁ ହୋଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୁଲିସ ବିଭାଗ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ଡ୍ରୋନର ବ୍ୟବସ୍ଥା କରାଯାଇଛି। ଡ୍ରୋନ ଦ୍ୱାରା ନଜର ରଖାଯିବା ସହ ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାରେ ସହାୟତା କରିବ। ଏହାବ୍ୟତୀତ କୌଣସି ବ୍ୟକ୍ତି କର୍ଫ୍ୟୁ ନିୟମକୁ ଉଲ୍ଲଙ୍ଘନ କରନ୍ତି ତେବେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଶାନ୍ତିପୂର୍ଣ୍ଣ ଭାବେ ଲୋକେ ରହିଲେ ଖୁବ୍‌ଶୀଘ୍ର କର୍ଫ୍ୟୁ ଉଠିଯିବ ବୋଲି ଏସ୍‌ପି କହିଛନ୍ତି।

# କଣ୍ଟେନରକୁ ପିଟି ଜଳିଗଲା ଆମ୍ବୁଲାନ୍ସ

## ୪ ଆହତ, ୨ ଗୁରୁତର କଟକ ସ୍ଥାନାନ୍ତର

**ରାଜଘାଟ,୨୩।୬(ସମିସ):** ରବିବାର ଭୋରରେ ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହଳଦୀପଦା ବାଇପାସ୍ ପୂର୍ବରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିବାବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ସ୍ଥାନାନ୍ତର କରାଯାଇଛି।



ମିଳିଥିବା ସୂଚନା ଅନୁଯାୟୀ, ବସ୍ତା ବ୍ଲକ ଅନ୍ତର୍ଗତ ପୁଟୁରା ଗ୍ରାମର ଯତୀନ୍ଦ୍ର ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଗତରାତିରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। କିନ୍ତୁ ଯତୀନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରବିବାର ଭୋର ସମୟରେ ୧୦୮ ଆମ୍ବୁଲାନ୍ସ (ଓଡି ୦୨ ସିଏନ୍ ୯୦୮୮)ରେ ଯତିନ୍ଦ୍ରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହେଉଥିବା ସମୟରେ ହଳଦୀପଦା ବାଇପାସ ପୂର୍ବରୁ ଆମ୍ବୁଲାନ୍ସଟି ଆଗରେ ଯାଉଥିବା ଏକ କଣ୍ଟେନରକୁ ଧକ୍କା ଦେଇଥିଲା। ଯାହାଫଳରେ ଯତୀନ୍ଦ୍ରଙ୍କ ସମେତ ସ୍ତ୍ରୀ ଲୀଳାବତି ସିଂ, ସମ୍ପର୍କୀୟ ପୁତୁରା, ଆମ୍ବୁଲାନ୍ସର ଚାଳକ, ଖଲାସୀ, ଫାର୍ମାଶିଷ୍ଟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନ୍ୟ ଏକ ଆମ୍ବୁଲାନ୍ସରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ। ସେମାନଙ୍କ ମଧ୍ୟରୁ ଯତୀନ୍ଦ୍ର ଓ ଫାର୍ମାସିଷ୍ଟଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଦୁର୍ଘଟଣାର କିଛି କ୍ଷଣ ପରେ ଉକ୍ତ ଆମ୍ବୁଲାନ୍ସଟି ହୁତୁହୁତୁ ହୋଇ ଜଳିଯାଇଥିଲା। ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ସର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥାଇପାରେ ଏବଂ ଆମ୍ବୁଲାନ୍ସର ଅମ୍ଳଜାନ ସିଲିଣ୍ଡର ଫାଟି ଯାଇ ତାହା ଜଳିବାରେ ସହାୟକ ହୋଇଥିବା ପାଟ୍ରୋଲିଂ ପୁଲିସ ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ କଣ୍ଟେନର ଚାଳକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଛି। ରୂପସା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ମାଲିକ ସଂଘର ଜୋନ୍ ବୈଠକ ପରେ ଯାତ୍ରୀସେବା ସ୍ୱାଭାବିକ

# ରବିବାର ସନ୍ଧ୍ୟାରୁ ଜିଲ୍ଲାରେ ଗଡ଼ିଲା ବସ୍





**ବାରିପଦା, ୨୩।୬(ସମିସ):** ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ଦୁଇ ଗୋଷ୍ଠୀ ମଧ୍ୟରେ ହଣାକଟା ପରଠାରୁ ବନ୍ଦ ଥିବା ବସ୍‌ସେବା ରବିବାର ସନ୍ଧ୍ୟାରୁ ପୂର୍ବପରି ଆରମ୍ଭ ହୋଇଛି। ବସଷ୍ଟାଣ୍ଡରୁ ନିର୍ଦ୍ଧାରିତ ସମୟରେ ବସଗୁଡିକ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ଆରମ୍ଭ କରିଛନ୍ତି। ଅପରାହ୍ଣରେ ବସ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହିତ ଏସ୍‌ପି ଏସ.ସୁଶ୍ରୀଙ୍କ ବୈଠକ ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପ୍ରଶାସନ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖ ବାରିପଦା ଘରୋଇ ବସଷ୍ଟାଣ୍ଡରେ ପହଞ୍ଚିବା ପରେ ବସ ଚଳାଚଳ ଆରମ୍ଭ ହୋଇଛି। ସେହିପରି ସନ୍ଧ୍ୟାରେ ସର୍କିଟ ହାଉସରେ ଗୃହ, ନଗର ଉନ୍ନୟନ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବସମାଲିକ ଜୋନାଲ ସଂଘର ପ୍ରତିନିଧି ଦଳ ସାକ୍ଷାତ କରି ଉପୁଜିଥିବା ଘଟଣାର ପୁନରାବୃତ୍ତି ନ ହେବା, ଶାନ୍ତି ବଜାୟ ରହିବା ଏବଂ ବସ ଚଳାଚଳ ସମୟ ନିର୍ଘଣ୍ଟ ସମାଧାନ ପାଇଁ ପ୍ରଶାସନିକ ସହଯୋଗ କାମନା କରିଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ପୂର୍ଣ୍ଣମାତ୍ରାରେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ରବିବାର ସକାଳେ ବସ ଚଳାଚଳ ବନ୍ଦ ଜନିତ ସମସ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଲିସ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ରୁଟରେ ଓଏସଆରଟିସିର ୧୪ଟି ଲକ୍ଷ୍ମୀ ବସ ଚଳାଚଳ କରାଯାଇଥିଲା। ଅପରପକ୍ଷରେ ଏହି ଘଟଣାକୁ ନେଇ ରବିବାର ପୂର୍ବାହ୍ଣରେ ବେତନଟୀଠାରେ ଉତ୍ତର ଓଡ଼ିଶା ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର, ବାରିପଦା, ବାଲେଶ୍ୱର ଓ ଭଦ୍ରକର ଘରୋଇ ବସ୍ ମାଲିକ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ସନ୍ଧ୍ୟା ସୁଦ୍ଧା ବସ ଚଳାଚଳ

**ଶାନ୍ତି ଫେରିବା ନେଇ ଏସ୍‌ପି ଓ ମନ୍ତ୍ରୀଙ୍କ ସହିତ ମାଲିକ ସଂଘର ଆଲୋଚନା**

ସ୍ୱାଭାବିକ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବସ ମାଲିକ ସଂଘର ଜୋନସ୍ତରୀୟ ସାଧାରଣ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଭଦ୍ରକ ମାଲିକ ସଂଘର ଉପ ସଭାପତି ଶ୍ରୀନିବାସ ପତି, ବାଲେଶ୍ୱର ବସ ମାଲିକ ସଂଘର ସାଧାରଣ ସମ୍ପାଦକ ମାଧବ ଚନ୍ଦ୍ର ମିଶ୍ର, ବାରିପଦା ବସ ମାଲିକ ସଂଘର ସଭାପତି ଅଜୟ କୁମାର ବେହେରା, ଉପ ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ମୋହନ ବେହେରା, ଚିତ୍ତରଞ୍ଜନ ମହାନ୍ତି, ସର୍ବେଶ୍ୱର ମିଶ୍ର, ପ୍ରସନ୍ନ ଦାସ, ସନ୍ତୋଷ ଖଣ୍ଡେଲୱାଲ, ଅରୁଣ ପଟ୍ଟନାୟକ ଓ ପ୍ରଶାନ୍ତ ବାରିକ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ରାଇରଙ୍ଗପୁରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ମା' ଦୁର୍ଗା ନାମକ ଏକ ଘରୋଇ ବସ ବାରିପଦା ବସଷ୍ଟାଣ୍ଡରୁ ଚଳାଚଳ କରିବା ସମୟକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ବିବାଦ ସୃଷ୍ଟି ହୋଇଥିଲା; ଯାହାକୁ ନେଇ ବସଷ୍ଟାଣ୍ଡରେ ଦୁଇ ଗୋଷ୍ଠୀ ମଧ୍ୟରେ ହାଣକାଟ୍ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୮ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇ କଟକ ଓ ଭୁବନେଶ୍ୱର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପୃଥକ ଅଭିଯୋଗ କ୍ରମେ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ସମେତ ୧୦ ଜଣଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ଯାହାକୁ ନେଇ ବସ ମାଲିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇ ଜିଲ୍ଲାବ୍ୟାପୀ ଘରୋଇ ବସ ଚଳାଚଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା।

ନିହୁଆଁ ଗ୍ରାମରେ ହେଟାବାଘ ଆତଙ୍କ

# ମାଆ ପାଖରେ ଶୋଇଥିବା ଶିଶୁପୁତ୍ରକୁ ଆକ୍ରମଣ

**ତୁରୁମୁଙ୍ଗା, ୨୩।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ନିହୁଆଁ ଗ୍ରାମରେ ହେଟାବାଘ ଆତଙ୍କ। ହେଟାବାଘ ଆକ୍ରମଣରେ ୪ ବର୍ଷର ଶିଶୁପୁତ୍ର ଗୁରୁତର ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। ଗୁରୁତର ଶିଶୁପୁତ୍ର ହେଲେ ଗ୍ରାମର ସ୍ୱର୍ଗତ ଅନାମ ମୁଣ୍ଡାଙ୍କ ପୁଅ ବାବାଜୀ ମୁଣ୍ଡା। ବିଳମ୍ବିତ ରାତିରେ ଶିଶୁ ପୁତ୍ର ମାଆ ଓ ପରିବାର ଲୋକଙ୍କ ସହ ଘର ବାହାରେ ଶୋଇଥିବା ସମୟରେ ଏକ ହେଟାବାଘ ଆକ୍ରମଣ କରିଥିଲା। ଏଥିରେ ଶିଶୁପୁତ୍ରର ପେଟ ପିଠିରେ କ୍ଷତ ହୋଇଛି। ତାକୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହେଟାବାଘ ଭୟରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ବନବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**



# ମାଓଶିବିରରୁ ନକଲି ନୋଟ୍, ଛାପା ମେସିନ ଜବତ

**ମାଲକାନଗିରି,୨୩।୬(ସମିସ):** ଲାଲ୍‌ଗଡ଼ରେ ଛପା ହେଉଛି ନକଲି ନୋଟ୍। ମାଓ ସଂଗଠନ ଚଳାଇବା ପାଇଁ ଅର୍ଥାଭାବ ଥିବା ବେଳେ ସଂଗଠନକୁ ବଞ୍ଚାଇ ରଖିବା ପାଇଁ ମାଓବାଦୀମାନେ ପ୍ରସ୍ତୁତ କରୁଛନ୍ତି ନକଲି ନୋଟ। ଆଜି ପ୍ରଥମ ଥର ପାଇଁ ଏହାର ଖୁଲାସା କରିଛି ଛତିଶଗଡ଼ର ସୁକୁମା ପୁଲିସ।



ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଲଗାତାର ଭାବେ ଚାଲିଥିବା ନକ୍ସଲ ବିରୋଧୀ ଅପରେସନ ପରେ ଦୁର୍ବଳ ହୋଇ ପଡ଼ିଛି ମାଓ ସଂଗଠନ। ବାହାରୁ ଆସୁଥିବା ଅର୍ଥ ବନ୍ଦ ହେବା ପରେ ଏବେ ଖାଦ୍ୟ ସାମଗ୍ରୀ କିଣିବା ଲାଗି ମଧ୍ୟ ମାଓବାଦୀଙ୍କ ପାଖରେ ଟଙ୍କା ନାହିଁ। ଏପରି ସ୍ଥିତିରେ ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ରହି ନିଜକୁ ଚଳାଇବା କଷ୍ଟ ହୋଇ ପଡ଼ିଥିବା ବେଳେ ସଙ୍ଗଠନ ମଧ୍ୟ ଭାଙ୍ଗିବାରେ ଲାଗିଛି। ଦୁର୍ବଳ ହେଉଥିବା ମାଓ ସଙ୍ଗଠନକୁ ବଞ୍ଚାଇ ରଖିବା ପାଇଁ ନକଲି ଟଙ୍କା ତିଆରି କରି ଏବେ ହାଟ ବଜାର ଓ ଅଭ୍ୟନ୍ତରୀଣ ଅଞ୍ଚଳରେ ଏହାକୁ ମାଓବାଦୀ ମାନେ ବ୍ୟବହାର କରୁଥିବା ଜଣା ପଡ଼ିଛି। ଛତିଶଗଡ଼ର ସୁକୁମା ଜିଲ୍ଲାର ଏକ ମାଓ ଶିବିର ଉପରେ ଚଢ଼ଉ ବେଳେ ଏହି ନକଲି ନୋଟ ପ୍ରସ୍ତୁତି ପାଇଁ ଆବଶ୍ୟକ ସାମଗ୍ରୀ ଓ ଯନ୍ତ୍ରପାତି ପୁଲିସ ଜବତ କରିଛି।

ସୁକୁମା ଜିଲ୍ଲାର କୋଣ୍ଟା ଥାନା ଅନ୍ତର୍ଗତ କୋରାଜଗୁଡ଼ା ଜଙ୍ଗଲ ଭିତରେ ଚାଲିଥିବା ତଲାସୀ ଅଭିଯାନ ବେଳେ ଏକ ମାଓ କ୍ୟାମ୍ପରେ ସିଆରପିଏଫ, ଡିଆରଜି ଓ ବସ୍ତର ଫାଇଟର୍ସ ଯବାନମାନେ ମିଳିତ ଚଢ଼ଉ କରିଥିଲେ। ସୁକୁମା ଏସପି କିରନ ଚୌହାନଙ୍କ ସୂଚନା ଅନୁସାରେ, ଘଟଣାସ୍ଥଳରୁ ବନ୍ଧୁକ ଓ ବୁଲେଟ, ଫୋନ, ବ୍ୟାଟେରି ପରି ଅନେକ ମାଓ ବ୍ୟବହୃତ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଭାରୀ ମାତ୍ରାରେ ନକଲି ଟଙ୍କା ସହ ୨୦୦ ବୋତଲ ନୋଟ ତିଆରି କରିବା କଲର ମଧ୍ୟ ମିଳିଛି ମାଓ କ୍ୟାମ୍ପରୁ। ଟଙ୍କା ତିଆରି କରିବା ମେସିନ ସହ ସମସ୍ତ ଉପକରଣ ଜବତ କରିଛି ସୁକୁମା ପୁଲିସ। ଉକ୍ତ ଶିବିରରୁ କିଛି ମାଓବାଦୀଙ୍କୁ ମଧ୍ୟ ଗିରଫ କରିଛି ପୁଲିସ। ସେନେଇ ବର୍ତ୍ତମାନ ସୁଦ୍ଧା ପୁଲିସ କୌଣସି ତଥ୍ୟ ଦେଇନାହିଁ। ତଦନ୍ତ ପରେ ସେମାନଙ୍କ ପରିଚୟ ସହ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ସହିଦ

**ମାଲକାନଗିରି, ୨୩।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ସୂଚନା ଅନୁଯାୟୀ, ସୁକୁମା ଜିଲ୍ଲା କୋବ୍ରା ବାହିନୀର



ଯବାନମାନେ ସୁକୁମା ଜିଲ୍ଲା ସିଲଗୁର କ୍ୟାମ୍ପଠାରୁ ରାସ୍ତା ସୁରକ୍ଷା ଯୋଗାଇବା ପାଇଁ ତଲାସୀରେ ବାହାରିଥିବାବେଳେ ଏହି ଯବାନମାନେ ଟେକାଲଗୁଡ଼ମ ଆଡ଼କୁ ଯାଉଥିବା ସମୟରେ ହଠାତ୍ ଏକ ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣ ଦ୍ୱାରା ଦୁଇ ଯବାନ ସହିଦ ହୋଇଥିଲେ। ସହିଦ ଯବାନମାନେ ହେଲେ ବିଷ୍ଣୁ ଆର୍ ଓ ଶୈଳେନ୍ଦ୍ର। ଦୁଇ ଯବାନଙ୍କ ପରିବାର ବର୍ଗଙ୍କୁ ଖବର ଦିଆଯାଇ ଉକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିଥିବା ଓ ଯବାନମାନଙ୍କ ମୃତଦେହକୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ତେବେ ଅଞ୍ଚଳରେ ଅଧିକ ଯବାନ ମୁତୟନ ହୋଇ ତଲାସୀ ଅଭିଯାନ ଜାରି ରଖିଛନ୍ତି।

# ଆଜିଠୁ ଆରମ୍ଭ ଓଟିଇଟି ଆବେଦନ

**ଭୁବନେଶ୍ୱର,୨୩।୬(ସମିସ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ସୋମବାର ଠାରୁ ଆରମ୍ଭ ହେବ ଆବେଦନ। ଆଶାୟୀମାନେ www.bseodisha.ac.in ୱେବ୍‌ସାଇଟ୍‌ରେ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ଯାଏଁ ଆବେଦନ କରିପାରିବେ। ଆବଶ୍ୟକ ଫି' ଜୁଲାଇ ୬ ତାରିଖ ରାତି ୧୧.୪୫ ସୁଦ୍ଧା ଦାଖଲ କରିବାକୁ ହେବ। ଅଗଷ୍ଟ ୨ ତାରିଖରେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଆଡ୍‌ମିଟ୍ କାର୍ଡ। ଅଗଷ୍ଟ ୯ ତାରିଖ ସକାଳ ୯ଟାରୁ ସାଢ଼େ ୧୧ ଟା ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ଣ ୨ଟାରୁ ସାଢ଼େ ୪ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଆବେଦନକାରୀମାନେ ଫର୍ମ ପୂରଣ ବେଳେ ସଚେତନ ହୋଇ ଫର୍ମ ପୂରଣ କରିବେ। ଅନ୍ୟଥା ପରବର୍ତ୍ତୀ ସମୟରେ ତହିଁରେ ପରିବର୍ତ୍ତନ କରିପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।




ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି, ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ !
...ଉଠ କଙ୍କାଳ, ଛିନ୍ନ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି !
-ଗୋଦାବରୀଶ ମହାପାତ୍ର

ସକାଳ
THE SAKALA

### ଏନ୍‌ଟିଏ ବିଭ୍ରାଟର ସିବିଆଇ ଯାଞ୍ଚ ଆରମ୍ଭ

# ନିଟ୍-ୟୁଜି ପରୀକ୍ଷା ବିବାଦ ତେଜିଲା

ମେଧା ସୃଷ୍ଟି ଓ ଅନ୍ୱେଷଣରେ ବିଶ୍ୱଗୁରୁ ଆଖ୍ୟା ପାଇଥିବା ଭାରତ ପାଇଁ ନ୍ୟାଶ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)ର ପରୀକ୍ଷା ପରିଚାଳନା ବିଭ୍ରାଟ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଜାତୀୟସ୍ତରର ସମସ୍ତ ପ୍ରବେଶିକା ଓ ଯୋଗ୍ୟତା ପରୀକ୍ଷାର ପରିଚାଳନା ଦାୟିତ୍ୱ ପାଇଥିବା ଏହି କେନ୍ଦ୍ରୀୟ ସଂସ୍ଥା ଅନେକ କାରଣରୁ ବିବାଦ ଘେରକୁ ଚାଲିଆସିଛି ଯାହା କେନ୍ଦ୍ର ସରକାର ଓ ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛି। ଏନ୍‌ଟିଏ ଦ୍ୱାରା ପରିଚାଳିତ ଚଳିତ ବର୍ଷର ନିଟ୍-ୟୁଜି(ଡାକ୍ତରୀ ପରୀକ୍ଷା)ରେ ଗ୍ରେସ୍ ମାର୍କ ବିବାଦ ଓ ପ୍ରଶ୍ନପତ୍ର ପ୍ରଘଟ ପରି ଗୁରୁତର ଅଭିଯୋଗ ଆସିବା ପରେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଘେରକୁ ଚାଲିଯାଇଛି। କେବଳ ସେତିକି ନୁହେଁ, ନିଟ୍-ୟୁଜି ପରୀକ୍ଷା ବିଭ୍ରାଟ୍ ଜଣାପଡ଼ିବା ପରେ ଏନ୍‌ଟିଏ ଦ୍ୱାରା ପରିଚାଳିତ ନିଟ୍-ପିଜି ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ଏବଂ ଅଧ୍ୟାପନା ଓ ଗବେଷଣା ପାଇଁ ଉଦ୍ଦିଷ୍ଟ ଯୋଗ୍ୟତା ପରୀକ୍ଷା ନେଟ୍-ୟୁଜିସିକୁ ବାତିଲ୍ କରିଦିଆଯାଇଛି। ଫଳରେ ଏହି ପରୀକ୍ଷା ଦେଇଥିବା ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ଶ୍ରମ, ଅଧ୍ୟବସାୟ ନିଷ୍ଫଳ ହେବାସହିତ ସେମାନଙ୍କ କ୍ୟାରିୟର ଗଠନ ଆଶା ମଧ୍ୟ ମଉଳି ଯାଇଛି। କ୍ରମଶଃ ଏହି ସମସ୍ୟା ସ୍ୱାଭାବିକ ଭାବେ ରାଜନୈତିକ ରୂପ ନେଇଛି। ତେଣୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେନ୍ଦ୍ର ସରକାର ଏନ୍‌ଟିଏର ମୁଖ୍ୟଙ୍କୁ ବହିଷ୍କାର କରିବା ସହିତ ଜାତୀୟ ପ୍ରବେଶିକା ପରୀକ୍ଷାର ପରିଚାଳନାରେ ସଂସ୍କାର ପରାମର୍ଶ ଦେବା ପାଇଁ ଦେଶର ବଛାବଛା ଶିକ୍ଷାବିତ୍‌ଙ୍କୁ ନେଇ ଇସ୍ରୋର ପୂର୍ବତନ ମୁଖ୍ୟ ଡ. କେ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ସାତଜଣିଆ କମିଟି ଗଠନ କରିଛନ୍ତି। ଏଥିସହିତ ଜାତୀୟ ପରୀକ୍ଷା ପରିଚାଳନା ଆଇନକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଅପରପକ୍ଷରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ପଛରେ ଏକ ଶକ୍ତିଶାଳୀ ର୍‌ୟାକେଟ୍ କାମ କରୁଥିବା ଜଣାପଡ଼ିବା ପରେ ଏହାର ସିବିଆଇ ତଦନ୍ତ ଆରମ୍ଭ ହୋଇଛି।

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ତଦନ୍ତ ରିପୋର୍ଟ କ'ଣ ହେବ, କାହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେବ ତାହା ଭିନ୍ନ କଥା। ସେହିଭଳି ମାମଲା ସୁପ୍ରିମକୋର୍ଟକୁ ଯାଇଥିବାରୁ ଏହା ଉପରେ ଆସନ୍ତା ୮ ତାରିଖରୁ ଆରମ୍ଭ ହେବାକୁ ଥିବା ଶୁଣାଣିରେ ଖଣ୍ଡପୀଠ କ'ଣ ନିଷ୍ପତ୍ତି ନେବେ ଓ କି ନିର୍ଦ୍ଦେଶ ଦେବେ ତାହା ଉପରେ ନିଟ୍-ୟୁଜି ପରୀକ୍ଷାର ବୈଧତା ନିର୍ଭର କରୁଛି। କିନ୍ତୁ ଏହି ଦୁର୍ନୀତି, ତଦନ୍ତ ଓ ରାଜନୈତିକ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ନିରୀହ ଓ ଗରିବ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି।

୨୦୧୭-୧୮ ମସିହାରେ ଅଲ୍‌ଇଣ୍ଡିଆ ପ୍ରିମେଡିକାଲ୍ ଟେଷ୍ଟ(ଏଆଇପିଏମ୍‌ଟି)କୁ ଉଚ୍ଛେଦ କରି ନିଟ୍ ଲାଗୁ ହେବା ପରଠାରୁ ଏହାକୁ ନେଇ ବିଭିନ୍ନ ସମୟରେ ବିବାଦ ଉଠିଛି। ତାମିଲନାଡ଼ୁ ପରି କେତେକ ରାଜ୍ୟ ନିଟ୍ ଉଚ୍ଛେଦ ପାଇଁ ଦାବି କରୁଥିବା ବେଳେ ଆଉ କେତେକ ରାଜ୍ୟର ଦାବି ଅନୁଯାୟୀ ନିଟ୍‌କୁ ଆଞ୍ଚଳିକ ଭାଷାରେ କରାଯାଉଛି। ପୂର୍ବରୁ ନିଟ୍ ପରୀକ୍ଷା କେନ୍ଦ୍ରୀୟ ସ୍କୁଲ୍ ଶିକ୍ଷା ପରିଷଦ(ସିବିଏସ୍‌ସି) ଦ୍ୱାରା ପରିଚାଳିତ ହେଉଥିବା ବେଳେ ବର୍ତ୍ତମାନ ଏହାର ଦାୟିତ୍ୱ ନ୍ୟାଶ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଉପରେ ନ୍ୟସ୍ତ ଅଛି। କିନ୍ତୁ ଏନ୍‌ଟିଏ ଗଠନ ହେବା ପରଠାରୁ ଏହା ବିଭିନ୍ନ କାରଣରୁ ବିବାଦୀୟ ହୋଇପଡ଼ିଛି। ଚଳିତ ନିଟ୍-ୟୁଜି ପରୀକ୍ଷା ପୂର୍ବରୁ ଏନ୍‌ଟିଏ ଦ୍ୱାରା ବିଭିନ୍ନ ସମୟରେ ପରିଚାଳିତ ପ୍ରାୟ ୭୦ଟି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରଶ୍ନପତ୍ର ବିଭ୍ରାଟ ପରି ଗୁରୁତର ଅଭିଯୋଗ ଆସିଥିଲା। ସେତେବେଳେ ଯଦି ସରକାର ଏହି ଅଭିଯୋଗକୁ ଗୁରୁତ୍ୱ ଦେଇଥା'ନ୍ତେ ତେବେ ଆଜି ଏଭଳି ବିଷମ ଜାତୀୟ ପରିସ୍ଥିତି ସୃଷ୍ଟି ହୋଇ ନ ଥା'ନ୍ତା।

ନିଟ୍-ୟୁଜିରେ ବିଭ୍ରାଟ ହୋଇଥିବା ଜଣାପଡ଼ିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅବଶ୍ୟ କେନ୍ଦ୍ର ସରକାର କେତେକ ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ପଦକ୍ଷେପ ସ୍ୱରୂପ ଯେଉଁ ୧୫୬୩ ଜଣଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା ସେମାନଙ୍କୁ ପୁନଃ ପରୀକ୍ଷା ଦେବା କିମ୍ବା ବିନା ଗ୍ରେସ୍ ମାର୍କରେ ମେଧା ତାଲିକାରେ ସ୍ଥାନ ପାଇବା ଭଳି ଦୁଇଟି ବିକଳ୍ପ ଦିଆଯାଇଥିଲା। ଗତକାଲି ଅନୁଷ୍ଠିତ ସାନି ନିଟ୍-ୟୁଜି ପରୀକ୍ଷାରେ ୧୫୬୩ ଜଣଙ୍କ ମଧ୍ୟରୁ ୮୧୩ ଜଣ ପୁନଃପରୀକ୍ଷା ଦେଇଛନ୍ତି। କିନ୍ତୁ ଏହା ଆଉ ଏକ ସମସ୍ୟା ସୃଷ୍ଟି କରିବ ବୋଲି କେତେକ ଶିକ୍ଷାବିତ୍ ମତ ଦେଇଛନ୍ତି। ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଦେବାରେ ବିଳମ୍ବ ଯୋଗୁଁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିବା ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା। ଏହି ନିଷ୍ପତ୍ତି ହିଁ ଅନେକ ଦ୍ୱନ୍ଦ୍ୱ ଓ ସମସ୍ୟା ସୃଷ୍ଟି କରିଛି। ପ୍ରଥମତଃ, ଜାତୀୟ ସ୍ତରରେ ସମସ୍ତ ପ୍ରବେଶିକା ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଏକ ସଂସ୍ଥା ପର୍ଯ୍ୟାପ୍ତ ପୂର୍ବପ୍ରସ୍ତୁତି ସତ୍ତ୍ୱେ କ'ଣ ପାଇଁ ସବୁ ପରୀକ୍ଷା କେନ୍ଦ୍ରରେ ଠିକ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇ ପାରିଲା ନାହିଁ? ଏହା ଗୁରୁତର ପରିଚାଳନାଗତ ତ୍ରୁଟି ନୁହେଁ କି? ସେହିପରି ଏହା ଉଦ୍ଦେଶ୍ୟମୂଳକ ନା ଏକ ଅଘଟଣ? ଦ୍ୱିତୀୟତଃ, ଯଦି ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ହେଲା ତେବେ ପରୀକ୍ଷାର୍ଥୀମାନଙ୍କୁ ଅତିରିକ୍ତ ସମୟ ଦିଆଯାଇପାରିଥା'ନ୍ତା। କିନ୍ତୁ ତା' ନ କରି ନିୟମ ବହିର୍ଭୂତ ଭାବେ ଗ୍ରେସ୍ ମାର୍କ ଦିଆଯିବା ଦୋଷାବହ ନୁହେଁ କି? ଯଦି ପରକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ମିଳିଥା'ନ୍ତା ସେଥିରେ ସେମାନଙ୍କ ଦକ୍ଷତା ବା ମେଧା ପ୍ରଦର୍ଶିତ ହୋଇପାରିଥା'ନ୍ତା। ଏହା ପରିବର୍ତ୍ତେ ଗ୍ରେସ୍ ମାର୍କ ମିଳିବା ଏବଂ ତାହାକୁ ସୁପ୍ରିମକୋର୍ଟ ଆଦେଶରେ ପ୍ରତ୍ୟାହାର କରି ନେବା ଫଳରେ ସେମାନଙ୍କ ପ୍ରକୃତ ଦକ୍ଷତା ଆକଳନ କରି ହେଲା କି? ଏନ୍‌ଟିଏର ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ କାହିଁକି ପୁଣି ଥରେ ପରୀକ୍ଷା ଦେବେ? ଏଭଳି ଅନେକ ପ୍ରଶ୍ନ ଏବେ ସରକାରଙ୍କ ଆଗରେ ଆହ୍ୱାନ ସୃଷ୍ଟି କରିଛି। ଏଭଳି ପ୍ରଶ୍ନ ନେଇ ଗ୍ରେସ୍ ମାର୍କ ପାଇ ପରବର୍ତ୍ତୀ ସମୟରେ ହରାଇଥିବା ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ପୁଣି ଅଦାଲତର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିପାରନ୍ତି।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ। ପ୍ରଥମଟି ହେଲା ଏ ବର୍ଷ ନିଟ୍-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୪ ଲକ୍ଷ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ? ସୁପ୍ରିମକୋର୍ଟ ଏ ପର୍ଯ୍ୟନ୍ତ ନାମଲେଖା କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ରହିତାଦେଶ ଦେଇନାହାନ୍ତି। ଆସନ୍ତା ଜୁଲାଇ ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏହି କାଉନ୍‌ସେଲିଂ ପ୍ରକ୍ରିୟାରେ ଯେଉଁମାନେ ନାମଲେଖା ପାଇଁ କଲେଜ୍ ଚୟନ କରିସାରିବେ ସେମାନେ ସେଇଠି ନାମ ଲେଖାଇବା ସୁନିଶ୍ଚିତ ତ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ। ଏକ ତ ନିଟ୍-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷବର୍ଷ ଧରି କୋଚିଂ କ୍ଲାସ୍‌ରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନ ପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି ପଳାଉଛନ୍ତି। ତା' ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ। ସେଇଥିପାଇଁ ତ ରାଜନୈତିକ ଅସ୍ଥିରତା ତଥା ଛାତ୍ର ଅଶାନ୍ତି ଓ ପ୍ରଦର୍ଶନ ବିଭିନ୍ନ ସହରରେ ଲାଗି ରହିଛି। ସିବିଆଇ ଯାଞ୍ଚ ପାଇଁ କେତେଦିନ ଲାଗିବ ଓ ଅପରାଧୀମାନଙ୍କୁ ଦଣ୍ଡବିଧାନରେ ଯେଉଁ ସମୟ ଲାଗିବ ତାହା ଯେପରି ଚଳିତ ଶିକ୍ଷାବର୍ଷ ମେଡିକାଲ୍ ପାଠ୍ୟକ୍ରମରେ ବାଧାସୃଷ୍ଟି ନ କରେ ତାହା କେନ୍ଦ୍ର ସରକାରଙ୍କ ପ୍ରଧାନ ଦାୟିତ୍ୱ।

ଦ୍ୱିତୀୟ ପ୍ରଶ୍ନଟି ହେଲା, ବର୍ତ୍ତମାନର ନିଟ୍ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନ ହୋଇ ଆବଶ୍ୟକୀୟ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ। ଏନ୍‌ଟିଏ ସ୍ଥାପନ ହେବା ଦିନଠାରୁ କେତେଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟକ୍ଷମତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ। ସେପଟେ ରାଜନୈତିକ ଦଳମାନେ ଏଭଳି ଏକ ବିଶାଳ ସ୍ତରର ଅନିୟମିତତାକୁ ଦେଖି ଚୁପ୍ ରହିବା ଅସମ୍ଭବ। ଅନ୍ୟପଟେ ସୁପ୍ରିମକୋର୍ଟକୁ ଏଭଳି ବିପର୍ଯ୍ୟୟ ସମୟରେ ସ୍ପଷ୍ଟ, ଦୃଢ଼ ତଥା ନ୍ୟାୟୋଚିତ ରାୟ ଅବିଳମ୍ବେ ଦେବା ଉଚିତ, ଯେପରିକି ଚଳିତ ବର୍ଷର ନିର୍ଦ୍ଦୋଷ ପରୀକ୍ଷାର୍ଥୀମାନେ ପରୋକ୍ଷରେ ଦଣ୍ଡିତ ନ ହୁଅନ୍ତି। ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାର ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବ ନାହିଁ। ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏ କଥା ସମସ୍ତଙ୍କୁ ମନେ ରଖିବାକୁ ହେବ। ●

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସଂସ୍କୃତି ଓ ଇତିହାସର ସଙ୍ଗମ: ଭାରତୀୟ ଦୁର୍ଗ

ମଣିଷ ଯେତେବେଳେ ବ୍ୟବସ୍ଥିତ ଭାବେ ବସବାସ କରିବା ଶିଖିଲା ସେବେଠାରୁ ସଭ୍ୟ ସମାଜ ଭଳି ଧାରଣା ଜନ୍ମ ନେଲା ଏବଂ ନିଜକୁ ସଭ୍ୟ ଭାବେ ପରିଗଣିତ କରିବାର ଧାରା ଆରମ୍ଭ କଲା। ଏଥିସହିତ ମଣିଷ ନିଜକୁ, ନିଜ ଘର ଓ ବସବାସ କରୁଥିବା ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରାକୃତିକ ଓ କୃତ୍ରିମ ନିର୍ଭୟ ସ୍ଥାନ ବାଛି ନେଲା। ଧୀରେ ଧୀରେ ଏହି ସୁରକ୍ଷା ବ୍ୟବସ୍ଥାରେ ନିଜ ଧନଜୀବନ ସହିତ ଗୃହପାଳିତ ପଶୁ, ଜଳ ଓ ଖାଦ୍ୟ ଯୋଗାଣ ବ୍ୟବସ୍ଥା, ଗମନାଗମନର ସୁରକ୍ଷା ଆଦି ସାମିଲ୍ ହେଲା। ଗୁରୁତ୍ୱ ସର୍ବଦା ଦିଆଯାଇଛି। ସୁରକ୍ଷାର ଏହି ଚିନ୍ତା ଓ ଯୋଜନାରୁ ଗଡ଼ ବା ଦୁର୍ଗ ଜନ୍ମ ନେଲା। ପୂର୍ବରୁ ଏହା କଣ୍ଟାବାଡ଼, ବାଉଁଶ ବାଡ଼, ଆଦିରେ ନିର୍ମିତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ପଥର ଓ ଇଟାର ଦୃଢ଼ ପ୍ରଚାରୀ ବା କାନ୍ଥ ଆଦି ବ୍ୟବହୃତ ହେଲା। ଜନବସତି ବଢ଼ିବା ସହ ସାମାଜିକ-ଅର୍ଥନୈତିକ-ରାଜନୈତିକ ବ୍ୟବସ୍ଥାମାନ ସୃଷ୍ଟି ହେଲା ଏବଂ ଶାସକ ଓ ଶାସିତ ବର୍ଗ ଗଠନ ହେଲା। ଏହାପରେ ସୁରକ୍ଷା ଆବଶ୍ୟକତା ଆହୁରି ବ୍ୟାପକ ହେଲା ଏବଂ ଏଥିପାଇଁ ଯେଉଁ ଦୁର୍ଗୀକରଣର ଆବଶ୍ୟକତା ଥିଲା ତାହା ସ୍ଥାପତ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟି ଗଲା। ମଣିଷ ଯେତେ ସଭ୍ୟ ହେଲା ଅସୁରକ୍ଷିତ ଭାବନା ତାର ସେତିକି ତୀବ୍ର ହେବାରେ ଲାଗିଲା। ତେଣୁ ଦୁର୍ଗର ବିଭିନ୍ନ ଦ୍ୱାରରେ ସଶସ୍ତ୍ର ପ୍ରହରୀ ମୁତୟନ, ଶତ୍ରୁର ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମିନାର ବା ୱାଚ ଟାୱାର ନିର୍ମାଣ, ସୈନ୍ୟ ଛାଉଣି, ଅସ୍ତ୍ରାଗାର ଆଦି ନିର୍ମାଣ କରାଗଲା।

ଭାରତୀୟ ଇତିହାସରେ ବିଭିନ୍ନ ଶାସନ କାଳରେ ଦୁର୍ଗର ପ୍ରକାରଭେଦ, ନିର୍ମାଣ ଶୈଳୀ ଓ ସ୍ଥାପତ୍ୟରେ ପରିବର୍ତ୍ତନ ଓ ଉନ୍ନତି ପରିଲକ୍ଷିତ ହୋଇଛି। ସୁଲତାନ, ମୋଗଲ ଓ ମରାଠା, ରାଜପୁତ, ଶିଖ, କାକତୀୟ, ବାହମନି, କୁତବସାହି ଓ ଆସାମର ଅହମ୍ ଶାସକମାନଙ୍କ ଶାସନ କାଳରେ ଅନେକ ଦୁର୍ଗ ଦେଶର ବିଭିନ୍ନ ପ୍ରାନ୍ତରେ ନିର୍ମିତ ହୋଇଥିଲା। ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ତ୍ତୁଗୀଜ ଓ ବ୍ରିଟିଶ ଶାସନକାଳରେ ନିର୍ମିତ ଅନେକ ଦୁର୍ଗ ଦେଖିବାକୁ ମିଳେ।

ଭାରତର ପ୍ରାରମ୍ଭିକ ଦୁର୍ଗ ନିର୍ମାଣ କାଳରେ ତିନି ପ୍ରକାର ମୁଖ୍ୟ ଉପାୟ ଅବଲମ୍ବନ କରାଯାଉଥିଲା। ଏଥିରେ ପ୍ରଥମେ ମାଟିର ମଜବୁତ, ଚଉଡ଼ା, ଓ ସୁଉଚ୍ଚ କାନ୍ଥ ନିର୍ମାଣ କରାଯାଇ ଏକ ଚକଡ଼ା ତିଆରି କରାଯାଇଥିଲା। ସେହି ମାଟିକାନ୍ଥର ଚତୁଃପାର୍ଶ୍ୱରେ ଗଭୀର ଖାଲ କରି ପରିଖା ବା ଗଡ଼ଖାଇ ତିଆରି ହେଉଥିଲା। ଅନେକ ସମୟରେ ସେହି ଖାଇରେ ପାଣି ନ' ରଖି ତାହାକୁ ଶୁଷ୍କ ଛାଡ଼ିଦିଆଯାଉଥିଲା। ପ୍ରାଚୀରର ସୁରକ୍ଷା ବଳୟ ମଧ୍ୟରେ ଦୁର୍ଗର ଆବାସିକ ଓ ଅନ୍ୟାନ୍ୟ ଭବନ ନିର୍ମାଣ କରାଯାଉଥିଲା। ଏହାର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଜଗୁଆଳି ବ୍ୟବସ୍ଥା ରହୁଥିଲା। ଦ୍ୱିତୀୟ ପ୍ରକାର ଦୁର୍ଗର ଚାରିପଟେ ମାଟି ଓ ପଥର ଖଣ୍ଡର ମିଶ୍ରଣରେ ସୁଦୃଢ଼ ତଥା ସୁଉଚ୍ଚ ପ୍ରାଚୀର ନିର୍ମାଣ କରାଯାଉଥିଲା। ଏହାର ବାହ୍ୟ ଭାଗରେ ଆଉ ଏକ ମାଟିର ପ୍ରାଚୀର ଅତିରିକ୍ତ ସୁରକ୍ଷା ପାଇଁ ତିଆରି ହେଉଥିଲା। ତୃତୀୟ ପ୍ରକାର ଦୁର୍ଗ ନିର୍ମାଣରେ ମୁଖ୍ୟ ସୁରକ୍ଷା ପ୍ରାଚୀର ବାଲି ମସଲା ଦ୍ୱାରା ପଥର ଯୋଡ଼େଇ କରି ରାଜମିସ୍ତ୍ରୀଙ୍କ ସହାୟତାରେ ଦୃଢ଼ ପକ୍କା କାନ୍ଥ ନିର୍ମାଣ କରାଯାଉଥିଲା। ପ୍ରାଚୀନ କାଳରେ ଭାରତର ଅଧିକାଂଶ ଦୁର୍ଗ ଏହି ପଦ୍ଧତିରେ ନିର୍ମିତ ହୋଇଥିଲା। ଚତୁର୍ଥ ପ୍ରକାର ଦୁର୍ଗ ହେଲା ପାହାଡ଼/ପର୍ବତ ଦେଇ ଦୁର୍ଗକୁ ଲମ୍ବିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ ଭାବେ ମିଳୁଥିବା ପଥରକୁ ବ୍ୟବହାର କରି ପ୍ରାଚୀର ନିର୍ମାଣ କରିବା। ସେଥିରେ ମଝିରେ ମଝିରେ ଚେକ୍ ଗେଟ୍ ଭଳି ଅବରୋଧ ତିଆରି କରାଯାଇ ସୁରକ୍ଷା କର୍ମୀ ମୁତୟନ କରାଯାଉଥିଲା।

ପ୍ରତ୍ନତାତ୍ତ୍ୱିକ ଖନନ ଓ ସର୍ବେକ୍ଷଣର ତଥ୍ୟ ଅନୁସାରେ ସପ୍ତମ ଶତାବ୍ଦୀ ବେଳକୁ ଭାରତୀୟ ଉପମହାଦେଶରେ ଅନେକ ଦୁର୍ଗୀକୃତି ନଗରୀ, ସହର, ଦୁର୍ଗ ଓ ସାମରିକ ସ୍ଥଳମାନ ଗଢ଼ି ଉଠିଥିଲା। ଏସବୁ ପାହାଡ଼ ପାଦଦେଶ ବା ଗଡ଼ାଣିଆ ଇଲାକାରେ ତିଆରି ହୋଇଥିଲା। ତାହାକୁ ଲୋକେ ମୁଖ୍ୟତଃ ଦୁର୍ଗ ବା ଗଡ଼ ବୋଲି କହୁଥିଲେ। ମୌର୍ଯ୍ୟ, ଗୁପ୍ତ, ପ୍ରତିହାର, ୱକଟକ, ଚୋଳ, ପାଣ୍ଡ୍ୟ ଆଦି ସାମ୍ରାଜ୍ୟର ଶାସକମାନେ ଏଭଳି ଦୁର୍ଗନଗରୀ ନିର୍ମାଣ କରିଥିଲେ। ଦଶମରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଦୁର୍ଗ ନିର୍ମାଣ ଓ ଦୁର୍ଗୀକରଣରେ କେତେକ ପରିବର୍ତ୍ତନ ଆସିଥିଲା। ଏବେ ଆମେ ଯେଉଁ ଚିତ୍ତୋରଗଡ଼, ରଣଥମ୍ବୋର, କୁମ୍ଭଲଗଡ଼, ଗଗ୍‌ରୋନ୍, ଅମ୍ବର, ଜୟସଲମର୍ ଦୁର୍ଗ ଦେଖୁଛି ସେସବୁ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ପାଇଛି। ଏହାଛଡ଼ା ଯୋଧପୁର, ଗ୍ୱାଲିୟର, ଆଟ୍ଟକ, ଆଗ୍ରା, ଦିଲ୍ଲୀ, ଲାହୋର, ଗୋଲକୋଣ୍ଡା, ବିଜାପୁର, ରାୟଗଡ଼, ସିନ୍ଧୁଦୁର୍ଗ, ବିଜୟଦୁର୍ଗ ଓ ଗିଙ୍ଗୀ ଆଦି ଦୁର୍ଗ ଭାବେ ମାନ୍ୟତା ପାଇଥିଲେ ମଧ୍ୟ ସେଥିମଧ୍ୟରୁ ଅନେକ ପାହାଡ଼ ଉପରେ ନିର୍ମିତ ହୋଇଥିଲା ଓ ସେ ସମସ୍ତ ଦୁର୍ଗୀକୃତ ହୋଇ ନ ଥିଲା। ବାସ୍ତବରେ ଭାରତୀୟ ଉପମହାଦେଶରେ ଦୁର୍ଗୀକୃତ ବସତି ସ୍ଥାପନ ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିବା ଜଣାଯାଏ।

ଦୁର୍ଗ ନିର୍ମାଣରେ ସ୍ଥାନୀୟ ଭୂଗୋଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସାମରିକ ଦୃଷ୍ଟିରୁ ସୁରକ୍ଷିତ ସ୍ଥାନକୁ ଦୁର୍ଗ ପାଇଁ ବଛାଯାଉଥିଲା। ଏଥିରେ ଶତ୍ରୁ ଆକ୍ରମଣର ସଫଳ ମୁକାବିଲା ନିମନ୍ତେ ପ୍ରାକୃତିକ ପ୍ରତିବନ୍ଧକ ଗୁରୁତ୍ୱ ପାଉଥିଲା। ସେଥିରେ ଥିଲା ନଦୀ, ନାଳ, ପାହାଡ଼, ପର୍ବତ, ଜଙ୍ଗଲ ଇତ୍ୟାଦି। ସମଗ୍ର ଭାରତୀୟ ଉପମହାଦେଶରେ ଥିବା ଦୁର୍ଗ ଓ ଶିଙ୍ଗୀ ଆଦି ମଧ୍ୟରୁ ପ୍ରାୟ ୭୦୦୦ ଆନୁଷ୍ଠାନିକ ଭାବେ ନଥିଭୁକ୍ତ କରାଯାଇ ତାହାର ତାଲିକା ପ୍ରସ୍ତୁତ ହୋଇଛି। ଅନେକ ସହାୟକ ଦୁର୍ଗ ଓ ଛୋଟ ସାମରିକ ଦୁର୍ଗର ତାଲିକା ମଧ୍ୟ ହୋଇଛି। ସେଥିମଧ୍ୟରୁ ୧୦୬୪ ଦୁର୍ଗ ଓ ଦୁର୍ଗୀକୃତ ସ୍ଥାନ ସୁରକ୍ଷିତ ଘୋଷିତ ହେବା ସହିତ ସଂରକ୍ଷିତ ଅବସ୍ଥାରେ ଅଛି।

ସାହିତ୍ୟ, ଐତିହାସିକ ତଥ୍ୟାବଳୀ, ପ୍ରତ୍ନତତ୍ତ୍ୱ, ସ୍ଥାପତ୍ୟ ଓ କଳା ଆଦିରୁ ଭାରତର ଦୁର୍ଗ ଓ ଦୁର୍ଗୀକରଣ ସମ୍ପର୍କରେ ବିଭିନ୍ନ ସୂଚନା ମିଳେ। ମାନସାର, ମୟମତମ୍, ଶିଳ୍ପରତ୍ନ, ସମରଙ୍ଗତା ସୂତ୍ରଧର ଭଳି ଶିଳ୍ପଶାସ୍ତ୍ର ଭାରତର ବିଭିନ୍ନ ସମୟରେ ରଚିତ ହୋଇଥିଲା। ଏହା ଭାରତର ଶାସ୍ତ୍ରୀୟ ବାସ୍ତୁକଳାର ଅମୂଲ୍ୟ ଗ୍ରନ୍ଥ। ବିଭିନ୍ନ ସମୟରେ ଦେଶର ବିଭିନ୍ନ ଭୌଗୋଳିକ ଅଞ୍ଚଳର ଆବଶ୍ୟକତାକୁ ଆଖିରେ ରଖି ଏହି ବାସ୍ତୁକଳା ବିକଶିତ ହୋଇଥିଲା। ସାଞ୍ଚିସ୍ତୂପର ଗଠନ ପ୍ରଣାଳୀ ଏବଂ ଅଜନ୍ତାର ଚିତ୍ରକଳା ବୌଦ୍ଧ ଯୁଗର ଦୁର୍ଗୀକରଣ ଓ ସ୍ଥାପତ୍ୟର ଏକ ନିଆରା ପରିଚୟ ବହନ କରେ। କୋଟିଲ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର'ରେ ମଧ୍ୟ ଛ'ପ୍ରକାର ପ୍ରମୁଖ ଦୁର୍ଗର ବର୍ଣ୍ଣନା ଅଛି। ସେଗୁଡ଼ିକ ହେଲା ଜଳଦୁର୍ଗ, ଧନବଣ ବା ମରୁଦୁର୍ଗ, ଗିରିଦୁର୍ଗ, ବନଦୁର୍ଗ, ମହୀଦୁର୍ଗ ଓ ନୃଦୁର୍ଗ। ଏହି ଛ'ପ୍ରକାର ଦୁର୍ଗ ପୁଣି ବିଭିନ୍ନ ଭାଗରେ ବିଭକ୍ତ। ଯଥା-ଜଳଦୁର୍ଗ- ଅନ୍ତର୍ଦ୍ୱୀପ ଦୁର୍ଗ (ନଦୀ ଓ ସମୁଦ୍ର ଭଳି ପ୍ରାକୃତିକ ଜଳରାଶି ଦ୍ୱାରା ପରିବେଷ୍ଟିତ), ମୁରୁଡ଼-ଜଂଜିରା ଏପ୍ରକାର ଦୁର୍ଗ। ସ୍ଥଳଦୁର୍ଗ- ସ୍ଥଳଭାଗରେ ନିର୍ମିତ ଦୁର୍ଗ, ଯାହା କୃତ୍ରିମ ଜଳାଧାର ବା ଗଡ଼ଖାଇ ଆଦି ଦ୍ୱାରା ପରିବେଷ୍ଟିତ। ରାଜସ୍ଥାନର ଡାଗରଣ୍, ଦୀପ, ଲୋହାଗଡ଼ ଓ ଶେରଗଡ଼ ଦୁର୍ଗ ଏହି ଶ୍ରେଣୀର। ସେହିଭଳି ମରୁଦୁର୍ଗର ଚତୁଃପାର୍ଶ୍ୱରେ ପାଞ୍ଚ ଯୋଜନ ବା ୩୭କି.ମି ଯାଏ ଶୁଷ୍କାଞ୍ଚଳ ରହିବା ଆବଶ୍ୟକ। ରାଜସ୍ଥାନରେ ଜୟସଲମାର, ଲେଦ୍ରୱା ଓ ଭଟରେ (ହନୁମାନଗଡ଼) ଏହି ଶ୍ରେଣୀର। ଗିରିପାର୍ଶ୍ୱ ଦୁର୍ଗ ପାହାଡ଼ର ଗଡ଼ାଣିଆ ଅଞ୍ଚଳରେ ନିର୍ମିତ ହୋଇଥାଏ। ବୁଂଦିର ତାରାଗଡ଼ ଓ ଅଜମେରର ତାରାଗଡ଼ ଏହି ଶ୍ରେଣୀର ଦୁର୍ଗ। ଗିରିଦୁର୍ଗ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ। ଯଥା ପ୍ରାନ୍ତର ଦୁର୍ଗ ଓ ଗିରିପାର୍ଶ୍ୱ ଦୁର୍ଗ। ଏହା ଏକ ପାହାଡ଼ର ସମତଳ ଉପରିଭାଗ ବା ଅଧିତ୍ୟକା ଉପରେ ନିର୍ମିତ ହୋଇଥାଏ। ଚିତ୍ତୋରଗଡ଼ ଓ ଗ୍ୱାଲିୟର ଦୁର୍ଗ ଏହି ଶ୍ରେଣୀର। ଏହାଛଡ଼ା ଗିରିଦୁର୍ଗରେ ଆଉ ଏକପ୍ରକାର ଦୁର୍ଗ ଦେଖାଯାଏ, ଯାହା ଗୁହଦୁର୍ଗ ନାମରେ ପରିଚିତ। ଏହା ପାହାଡ଼ ପର୍ବତ ବେଷ୍ଟିତ ଏକ ଉପତ୍ୟକା ମଧ୍ୟରେ ନିର୍ମିତ ହୋଇଥାଏ। ଦୁର୍ଗର ସୁରକ୍ଷା ପାଇଁ ଚାରିପାଖ ପାହାଡ଼ ଓ ଗିରି ନିକଟରେ ଫାଣ୍ଡି, ସୁରକ୍ଷା କେନ୍ଦ୍ର ଓ ସିଗ୍‌ନାଲ ଟାୱାର ଆଦି ରହିଥାଏ। ବନଦୁର୍ଗ ଜଙ୍ଗଲ ମଧ୍ୟରେ ନିର୍ମିତ ହୁଏ। ଘଞ୍ଚ ଜଙ୍ଗଲ ଏହାର ଚତୁଃପାର୍ଶ୍ୱରେ ଚାରିକୋଶ ବା ୧୪.୬ କି.ମି. ଯାଏ ଥାଏ। ରଣଥୋମ୍ବର ଏହି ଧରଣର ଦୁର୍ଗ। ଏହାର ଆଉ ଦୁଇ ପ୍ରକାର ଦୁର୍ଗ ରହଛି, ଯାହା ଝଜାନା ଓ ସ୍ତମ୍ଭ ଦୁର୍ଗ ନାମରେ ପରିଚିତ। ଅପରପକ୍ଷରେ ସ୍ତମ୍ଭ ଦୁର୍ଗ ଉଚ୍ଚ ଗଛ ଥିବା ଜଙ୍ଗଲରେ ନିର୍ମିତ ହୁଏ ଏବଂ ସେଠାରେ ପର୍ଯ୍ୟାପ୍ତ ଜଳ ଉତ୍ସ ନ ଥାଏ। ମହୀଦୁର୍ଗ ବା ମାଟି ଦୁର୍ଗ ତିନି ପ୍ରକାରର। ସେଥିରେ ଗୋଟିଏ ମୃଦ୍-ଦୁର୍ଗ ଯାହାର ଚତୁଃପାର୍ଶ୍ୱରେ ମାଟି ପ୍ରାଚୀର ଥାଏ। ଦ୍ୱିତୀୟଟି ହେଲା ପରିଖା ଦୁର୍ଗ। ଏହାର ଚତୁଃପାର୍ଶ୍ୱରେ ଅତିକମ୍‌ରେ ୫.୪ ମିଟର ଉଚ୍ଚରେ ଓ ୨. ୭ମିଟର ଚଉଡ଼ା ଇଟା, ପଥର ଓ ମାଟି ନିର୍ମିତ ପ୍ରାଚୀର ଥାଏ। ମହୀଦୁର୍ଗର ତୃତୀୟ ପ୍ରକାର ହେଲା ପଙ୍କ ଦୁର୍ଗ। ଏହା ଚାରିପାଖରେ ସନ୍ତସନ୍ତିଆ ଭୂମି ଓ ଚୋରାବାଲି ଥାଏ। ଷଷ୍ଠପ୍ରକାର ଦୁର୍ଗ, ଯାହା ନୃ-ଦୁର୍ଗ ନାମରେ ପରିଚିତ, ସରଳ ଭାଷାରେ ତାହା ମାନବ ଦୁର୍ଗ। ଏହି ଦୁର୍ଗ ସ୍ଥାୟୀ ଭାବେ ଅସ୍ତ୍ରଧାରୀ ପ୍ରହରାଦାର, ସୈନିକ ଓ ଲଢ଼ୁଆ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷିତ ହୋଇଥାଏ। ନାଗାଉର ଏହି ଧରଣର ଏକ ଦୁର୍ଗ। ଏସବୁ ଦୁର୍ଗରେ ସୁରକ୍ଷା ଦାୟିତ୍ୱରେ ସ୍ଥାୟୀଭାବେ ଅନେକ ଲୋକଙ୍କୁ ନିଯୁକ୍ତି ଦିଆଯାଏ।

ଦଶମରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଦେଶର ଅଧିକାଂଶ ରାଜବାଟୀ ଓ ରାଜ୍ୟର ସୁରକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଲା। ରାଜା ଓ ଶାସନମାନେ ଦୁର୍ଗୀକୃତି ନଗର ଓ ଆବାସ ବ୍ୟବସ୍ଥା ପରିବର୍ତ୍ତେ ନିଜର ଦୁର୍ଗଗୁଡ଼ିକୁ ଅଧିକ ସୁରକ୍ଷିତ କଲେ। ତା'ଛଡ଼ା ସହରର ବିଭିନ୍ନ ଛକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଗୀକୃତ ସୁରକ୍ଷା ଚୌକମାନ ନିର୍ମାଣ କରାଯାଇ ପ୍ରହରାଦାର ଓ ଯୋଦ୍ଧାଙ୍କୁ ମୁତୟନ କରାଗଲା। ଦିଲ୍ଲୀ, ଆଗ୍ରା, ଲାହୋର, ଓର୍ଚ୍ଛା ଓ ପୁଣେ ଆଦି ସହରରେ ଏହି ବ୍ୟବସ୍ଥା କରାଯାଇଥିଲା।

ଷୋଡ଼ଶ ଶତାବ୍ଦୀରେ ପ୍ରତିରକ୍ଷା ବ୍ୟବସ୍ଥାରେ ତୋପର ପ୍ରବର୍ତ୍ତନ ହେବା ପରେ ଦୁର୍ଗଗୁଡ଼ିକର ନିର୍ମାଣ ଓ ନକ୍ସାଙ୍କନ ବଦଳିଥିଲା। ଭାରତୀୟ ଦୁର୍ଗଗୁଡ଼ିକ କ୍ରମଶଃ ୟୁରୋପୀୟ ଦୁର୍ଗ ଶୈଳୀରେ ନିର୍ମିତ ହେଲା। ଏଥିସହିତ ଦୁର୍ଗ ଭିତରେ ଥିବା ଭବନଗୁଡ଼ିକର କେନ୍ଦ୍ରସ୍ଥଳରେ ଏକ ସୁଉଚ୍ଚ ତଥା ସୁଦୃଢ଼ ନିରାପଦ ସ୍ଥଳ (ସିଟାଡେଲ) ନିର୍ମାଣ କରାଗଲା ବାହ୍ୟ ଆକ୍ରମଣ ସମୟରେ ଅନ୍ତେବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ। ଗୋଲକୋଣ୍ଡା ଓ ବେରାର ଦୁର୍ଗରେ ଏହି ସିଟାଡେଲ ଏବେ ମଧ୍ୟ ଦେଖିବାକୁ ମିଳେ। ଆଗ୍ରାରେ ମୋଗଲ ଶାସକଙ୍କ ଦ୍ୱାରା ନିର୍ମିତ ଦୁର୍ଗ ଲାଲକିଲ୍ଲା ବାଲି ପଥରରେ ନିର୍ମିତ ହୋଇଥିଲା। ଏହି ଦୁର୍ଗ ଚାରିପାଖରେ ୨. ୫ କି.ମି. ଏକ ସୁଦୃଢ଼ ପ୍ରାଚୀର ରହିଥିଲା; ଯାହା ମୋଗଲ ଶାସକମାନଙ୍କୁ ସୁରକ୍ଷିତ ରଖୁଥିଲା। ଦୁର୍ଗ ଭିତରେ ଥିଲା ଜାହାଙ୍ଗୀର ପ୍ରାସାଦ, ଖାସ୍ ମହଲ, ରାଜାଙ୍କ ଶୁଣାଣି କକ୍ଷ(ଦ୍ୱିୱାନୀ ଖାସ୍)। ଆଗ୍ରା ଦୁର୍ଗ ଭିତରେ ମଧ୍ୟ ଦୁଇଟି ମସ୍‌ଜିଦ୍ ନିର୍ମିତ ହୋଇଥିଲା।

ମରଠା ଶାସକମାନେ ନିଜ ରାଜ୍ୟରେ ଅନେକ ସ୍ଥଳ ଓ ଜଳ ଦୁର୍ଗ ନିର୍ମାଣ କରିଥିଲେ। ଶିଖ ଇତିହାସରେ ମଧ୍ୟ ଅନେକ ଦୁର୍ଗର ବର୍ଣ୍ଣନା ଅଛି। ପଟିଆଲାର କିଲ୍ଲା ମୁବାରକ ସେଥିମଧ୍ୟରୁ ଅନ୍ୟତମ। ପୂର୍ବ ଭାରତର ଅହୋମ ଶାସନ କାଳରେ ଅନେକ ଗିରିଦୁର୍ଗ ନିର୍ମିତ ହୋଇଥିଲା। ତେଲଙ୍ଗାନା ଓ ଆନ୍ଧ୍ରରେ ମଧ୍ୟ ଯଥାକ୍ରମେ ଅନେକ ସ୍ଥଳ ଓ ଜଳ ଦୁର୍ଗ ରହିଛି। ଏସବୁ ଦୁର୍ଗର ନିର୍ମାଣ ଶୈଳୀ ଥିଲା ବେଶ ନିଆରା। ଡିଉ, ସୁରତ, ଡାମନ, ବସେନ୍, ବମ୍ବେ, ଗୋଆ, ହୁଗଳି, ଚିନସୁରା, ଫୋର୍ଟ ଉଇଲିୟମ, ଚନ୍ଦନଗର, ଶ୍ରୀରାମପୁର, ବିଶାଖାପାଟଣା, ମସଲିପାଟଣା ଆଦିରେ ୟୁରୋପୀୟମାନଙ୍କ ଦ୍ୱାରା ସ୍ଥାପିତ ଦୁର୍ଗ କେବଳ ଦେଖିବାକୁ ନିଆରା ନୁହେଁ, ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଅତି ସୁଦୃଢ଼।

ଅନେକ ଦୁର୍ଗର ପ୍ରାଚୀରରେ ଛୋଟ ଛୋଟ ଫୁଙ୍କାର ବା ଜଳା ରହିଥିଲା। ତା'ମଧ୍ୟ ଦେଇ ଦୁର୍ଗ ଭିତରୁ ବାହାରେ ଥିବା ଶତ୍ରୁମାନଙ୍କ ଉପରେ ଗୁଳି ଚାଳନା କରାଯାଉଥିଲା। ଏହାକୁ ଇଂରାଜୀରେ 'ଫାୟାରିଂ ଲୁପ୍ ହୋଲ୍ସ' କୁହାଯାଏ। ବିଟ୍ରିଶର ନିର୍ମିତ ଦୁର୍ଗଗୁଡ଼ିକ ସାମରିକ ଦୃଷ୍ଟିରୁ ଅଧିକ ମଜବୁତ ଥିଲା। ମୁମ୍ବଇ ଫୋର୍ଟ, କଲିକତାର ଫୋର୍ଟ ଉଇଲିୟମ୍, ଚେନ୍ନାଇର ଫୋର୍ଟ ସେଣ୍ଟଜର୍ଜ ଆଦି ସେଥିମଧ୍ୟରୁ ଅନ୍ୟତମ।

ଭାରତରେ ଓରଚ୍ଛା, ଅମ୍ବର ଭଳି ଅନେକ ଦୁର୍ଗୀକୃତ ନଗରୀ ଦେଖିବାକୁ ମିଳେ। ଏହାଛଡ଼ା ସଭ୍ୟତାର ଆଦ୍ୟ କାଳରୁ ତ୍ରିଭେନ୍ଦ୍ରମ, ପୁରୀ ଓ କାଞ୍ଚିପୁରମ ଭଳି ପ୍ରାଚୀନ ଧାର୍ମିକ ନଗରୀର ମଧ୍ୟଭାଗରେ ପ୍ରକାଣ୍ଡ ପ୍ରାଚୀର ପରିବେଷ୍ଟିତ ପବିତ୍ରସ୍ଥାନ ମାନ (ବିଶେଷକରି ମନ୍ଦିର) ରହିଥିଲା। ଏସବୁ ନଗରୀ ବିଶ୍ୱ ଐତିହ୍ୟ ସ୍ଥଳ ତାଲିକାରେ ସ୍ଥାନିତ ହୋଇଛି। ଏସବୁବ୍ୟତୀତ ଭାରତର ବିଭିନ୍ନ ଅଞ୍ଚଳରେ ଶହ ଶହ ପ୍ରାଚୀନ ଦୁର୍ଗ ରହିଛି। ମୋଟାମୋଟି ଭାବେ ଦେଖିଲେ ଜଣାଯାଏ ଯେ ଭାରତର ଦୁର୍ଗ, ଇତିହାସ, ସଂସ୍କୃତି ଓ ପରମ୍ପରା ଅତୀବ ପ୍ରାଚୀନ ଏବଂ ବିବିଧ। ଆମ ଦେଶର ଦୁର୍ଗ ଐତିହ୍ୟ ଘେନି ଆମେ ଗର୍ବିତ। ●

(ସକାଳ ମିଡିଆ ସର୍ଭିସ୍)

# ଉତ୍ତପ୍ତ ପୃଥିବୀ



ନିକୁଞ୍ଜ ବିହାରୀ ସାହୁ
ଭୋପାଳ, ମୋ: ୮୯୧୭୬୩୭୯୭୪

ଋତୁଚକ୍ରର ପଟ୍ଟ ପରିବର୍ତ୍ତନରେ ଗ୍ରୀଷ୍ମଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ ଓ ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନିରବତା, ଝିଙ୍କାରୀ କଣ୍ଠର ସକରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରିପ୍ରହର ଯାଏଁ ଗାଁମୁଣ୍ଡ ଖୋଲାସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁମଧୁର ଗ୍ରୀଷ୍ମଋତୁ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମ ଋତୁ। ଜନସାଧାରଣ ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ। ବୈଶାଖ ମାସର ପ୍ରାରମ୍ଭରୁ ଆମ ରାଜ୍ୟରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସୀମା ଛୁଇଁଥିଲା ବେଳେ ଉତ୍ତର-ପଶ୍ଚିମ ଭାରତରେ ତାପମାତ୍ରା କ୍ରମାଗତ ୪୫ ଡିଗ୍ରୀ ଉପରେ ଅବସ୍ଥାନ କରୁଛି।ଏପରିକି କିଛିଦିନ ତଳେ ରାଜଧାନୀ ଦିଲ୍ଲୀର ଏକ ପାଣିପାଗ କେନ୍ଦ୍ରରେ ତାପମାତ୍ରା ୫୨.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ଘୋର ଉଦବେଗର ବିଷୟ। ଏହି ଅହେତୁକ ତାପମାତ୍ରା ବୃଦ୍ଧି କେବଳ ଆମ ଦେଶ ଭାରତର ସମସ୍ୟା ନୁହେଁ, ଏହା ସମଗ୍ର ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କଟ ଓ ଗତବର୍ଷ ବିଶ୍ୱସାରା ଜାପାନ୍‌ରୁ ଆରମ୍ଭ କରି ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଦକ୍ଷିଣ ୟୁରୋପ୍ ଏବଂ ଉତ୍ତର ଆଫ୍ରିକାରେ ତାପମାତ୍ରା ସମସ୍ତ ପୂର୍ବରେକର୍ଡକୁ ଭଙ୍ଗ କରିଥିଲା ବେଳେ ଇଟାଲୀର କେତେକ ସ୍ଥାନରେ ତାପମାତ୍ରା ୪୭ ଡିଗ୍ରୀରେ ପହଞ୍ଚିଥିଲା।

ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ବିଶ୍ୱତାପନ ପ୍ରଭାବକୁ ଦାୟୀ କରାଯାଉଛି, ଯାହା ଚଳିତ ଶତାବ୍ଦୀର ସବୁଠାରୁ ବଡ଼ ପରିବେଶୀୟ ସଙ୍କଟ ରୂପେ ମୁଣ୍ଡ ଟେକିଛି। ଆଇପିସିସିର ଏକ ରିପୋର୍ଟ ଅନୁଯାୟୀ ଆମର ଗ୍ରହ ପୃଥିବୀ ବିଗତ ଶତାବ୍ଦୀରେ ୦.୬% ଉତ୍ତପ୍ତ ହୋଇଛି ଏବଂ ଆଗାମୀ ୨୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ତାପମାତ୍ରା ୨.୪ ରୁ ୪.୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଏହା ବୈଶ୍ୱିକ ପାଣିପାଗ ଓ ଜଳବାୟୁ ବ୍ୟବସ୍ଥାରେ ଘୋର ପରିବର୍ତ୍ତନ ଆଣି ଦେଇଛି, ଯାହାର ପରିଣାମ ଏବେ ଦେଖିବାକୁ ମିଳିଲାଣି। ହିମବାହସବୁରେ ବରଫ ବିଗଳନ ଏବଂ ତଦ୍‌ଜନିତ ସମୁଦ୍ର ପତ୍ତନର ବୃଦ୍ଧି, ଅନିୟମିତ ବୃଷ୍ଟିପାତ, ଛନ୍ଦହରା ମୌସୁମୀ, ଦାରୁଣ ଗ୍ରୀଷ୍ମପ୍ରବାହ ତଥା କ୍ରାନ୍ତିମଣ୍ଡଳୀୟ ଘୂର୍ଣ୍ଣିଝଡ଼ର ସଂଖ୍ୟା ବୃଦ୍ଧି ଭଳି ଚରମ ପାଣିପାଗ ଅବସ୍ଥାର ପ୍ରବଳତା, କୃଷି ଉତ୍ପାଦର ପରିମାଣ ହ୍ରାସ ତଥା ଡେଙ୍ଗୁ ମ୍ୟାଲେରିଆ ଭଳି ଭୂତାଣୁବାହକ ଜନିତ ସଂକ୍ରାମକ ରୋଗର ସଂଖ୍ୟା ବୃଦ୍ଧି ଆଦି ଘଟଣା ଏହାର ପରିଣାମ। ବିଶ୍ୱ ତାପନର ଏକ ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଦୁବାଇରେ ଘଟିଥିବା ନାହିଁ ନଥିବା ବନ୍ୟା। ଦୁବାଇ ଚିରାଚରିତ ଭାବେ ସ୍ୱଳ୍ପ ବୃଷ୍ଟିପାତ ତଥା ଶୁଷ୍କ ମରୁ ଜଳବାୟୁ ନିମନ୍ତେ ଜଣାଶୁଣା। ମାତ୍ର ନିକଟରେ ସେଠାରେ ପ୍ରବଳ ବୃଷ୍ଟିପାତ ଘଟି ଜଳ ନିଷ୍କାସନ ଅଭାବରୁ ସହରର ଭିତ୍ତିଭୂମି ବ୍ୟବସ୍ଥା ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। କିଛି ଲୋକଙ୍କର ମଧ୍ୟ ଜୀବନ ହାନି ଘଟିଥିଲା।

ବିଶ୍ୱ ତାପନ ବିଶ୍ୱସାରା ଲୋକଙ୍କ ଜୀବନ ଓ ଜୀବିକାକୁ ଗୁରୁତର ପ୍ରଭାବିତ କରିଛି। ମାଳଦ୍ୱୀପର ଲୋକଙ୍କୁ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ନିଜର ଭିଟାମାଟି ଛାଡ଼ି ସ୍ଥାନାନ୍ତରିତ କରିବାକୁ ପଡୁଛି। ନିଜେର୍ ନଦୀର ଜଳରୁ ମାଛମାନେ ବିଲୁପ୍ତ ହୋଇ ଯିବାରୁ ମତ୍ସ୍ୟଜୀବୀମାନଙ୍କର ଜାଲ ଆଉ ମାଛରେ ଭରୁନାହିଁ। ବନ୍ୟା ଓ ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ବାଂଲାଦେଶରେ ସ୍ତ୍ରୀଲୋକମାନଙ୍କୁ ପାନୀୟ ଜଳ ସଂଗ୍ରହ ନିମନ୍ତେ ମାଇଲ୍ ମାଇଲ୍ ବାଟ ପାଦରେ ଚାଲିଚାଲି ଯିବାକୁ ପଡୁଛି। ଏପରିକି ଜୀବଜନ୍ତୁମାନେ ମଧ୍ୟ ବିଶ୍ୱ ତାପନର ବଳୟରୁ ମୁକ୍ତ ନୁହନ୍ତି। ଉତ୍ତର ମେରୁରେ ବରଫ ବିଗଳନ କାରଣରୁ ମେରୁ ଭାଲୁକୁ ଚାଲିବା ପାଇଁ ଚଟାଣ ମିଳୁ ନାହିଁ। ଭାରତର ସୁନ୍ଦରବନର ହେନ୍ତାଳ ଅରଣ୍ୟର ଅବକ୍ଷୟ ଯୋଗୁଁ ମହାବଳ ବାଘ ମଧ୍ୟ ବିଲୁପ୍ତିର ଦ୍ୱାରଦେଶରେ। ଉତ୍ତର ଆଟଲାଣ୍ଟିକ ମାହାସାଗରର ତିମି ମାଛ ନିଜର ଚିରାଚରିତ ଖାଦ୍ୟ ପ୍ଲାଙ୍କଟନ୍ ଅଭାବରୁ ଏବେ ସଙ୍କଟାପନ୍ନ ଏବଂ ଇଣ୍ଡୋନେସିଆରେ ଜଙ୍ଗଲ ନିଆଁ ଯୋଗୁଁ ଉରାଙ୍ଗ ଉଟାଙ୍ଗ ବାନରାକାୟ ଜୀବର ସ୍ଥିତି ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି।

୨୦୦୩ ମସିହାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ସମୁଦାୟ ୩୫, ୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ କେବଳ ଫ୍ରାନ୍ସରେ ୧୫, ୦୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଆମ ଦେଶରେ ବିଶ୍ୱ ତାପନ ପ୍ରଭାବରୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୃଷି, ଜଙ୍ଗଲ, ମତ୍ସ୍ୟଚାଷ ଭଳି ଜଳବାୟୁ ସ୍ପର୍ଶକାତର କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୭୦ କୋଟି ଲୋକ ସିଧାସଳଖ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଏ।

ବିଶ୍ୱ ତାପନର ପ୍ରଭାବ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଅନୁଭୂତ ହେଉଛି। ଲଘୁଚାପ, ଘୂର୍ଣ୍ଣିଝଡ଼ ଏବଂ ଅବପାତ ଜନିତ ବୃଷ୍ଟିପାତ ଏବେ ଆମ ରାଜ୍ୟବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟି ଗଲାଣି। ଏଭଳି ଅଦିନିଆ ଓ ଅନିୟମିତ ବୃଷ୍ଟିପାତ ଫଳରେ ଚାଷୀମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି। ଲୋକଙ୍କ ପ୍ରାଣ ପ୍ରବାହିକା ନଦୀ ଏବେ ଶୁଖିଲା ଓ ସମ୍ଭାବନା ଶୂନ୍ୟ। ୧୯୯୮ ମସିହାରେ ଘଟିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ତଥା ୧୯୯୯ ମସିହାର ପ୍ରବଳ ଘୂର୍ଣ୍ଣିଝଡ଼ରେ ଉଭୟ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶତାଧିକ ଲୋକଙ୍କର ପ୍ରାଣହାନି ଘଟିଥିଲା। ଲଗାଣ ବନ୍ୟା ଓ ମରୁଡ଼ି ରାଜ୍ୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିବା ବେଳେ ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଇତିମଧ୍ୟରେ ସମୁଦ୍ର ଓଡ଼ିଶା ପାଇଁ ଏକ ବଡ଼ ବିପଦ ରୂପେ ମୁଣ୍ଡ ଟେକିଛି। ବଙ୍ଗୋପସାଗର ଏବେ ଦ୍ରୁତଗତିରେ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେଉଛି। ଅନେକ ଗାଁ ତଥା ଉର୍ବର ଜମି ଏହାର କରାଳ ଗର୍ଭ ମଧ୍ୟରେ ବିଲୀନ ହୋଇ ଗଲାଣି। ଏହାଦ୍ୱାରା ରାଜ୍ୟ ଅର୍ଥନୀତି ତଥା ଲୋକଙ୍କ ଜୀବନଜୀବିକା ଗୁରୁତର ପ୍ରଭାବିତ ହୋଇଛି।

ଏକ ଆକଳନରୁ ଜଣାପଡ଼େ ଯେ, ବିଗତ ଶିଳ୍ପ ବିପ୍ଳବ ପରଠାରୁ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା ୧୧% ବୃଦ୍ଧି ପାଇଥିଲା ବେଳେ ଅନ୍ୟ ଏକ ମୁକ୍ୟ ସବୁଜଘର ବାଷ୍ପ ମିଥେନ୍‌ର ମାତ୍ରା ଉଦ୍‌ବେଗଜନକ ଭାବେ ୧୪୯% ବଢ଼ିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ସମୁଦାୟକୁ ବିଶ୍ୱ ତାପନର ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ନିଜର ସବୁଜଘର ବାଷ୍ପ ଉତ୍ସର୍ଜନ ମାତ୍ରା ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏହି ପ୍ରସଙ୍ଗକୁ ଆଖି ଆଗରେ ରଖି ବିଶ୍ୱର ନେତାମାନେ ଅତୀତରେ ଅନେକ ଜଳବାୟୁ ଶିଖର ସମ୍ମିଳନୀରେ ମିଳିତ ହୋଇଛନ୍ତି। ବିଶେଷକରି, ଶିଳ୍ପୋନ୍ନତ ଦେଶମାନଙ୍କର ଉତ୍ସର୍ଜନ ମାତ୍ରା ହ୍ରାସ କରିବାରେ ଅନିଚ୍ଛୁକତା ହେତୁ ୧୯୯୨ର ରିଓ ସମ୍ମିଳନୀ, ୧୯୯୫ର କ୍ୱିଟୋ ରାଜିନାମା, ୨୦୦୯ ର କୋପେନ୍ ହ୍ୟାଗେନ୍ ସନ୍ଧିପତ୍ର, ୨୦୧୫ର ପ୍ୟାରିସ୍ ଚୁକ୍ତିନାମା, ୨୦୨୧ ର ଗ୍ଲାସଗୋ ଜଳବାୟୁ ବୁଝାମଣା ପତ୍ର ଏବଂ ୨୦୨୩ର ଦୁବାଇ ଚୁକ୍ତି ଇତ୍ୟାଦିରୁ ଆଖିଦୃଶିଆ ସଫଳତା ମିଳିପାରି ନାହିଁ। ସୁତରାଂ ବିଶ୍ୱ ତାପନର ପ୍ରଭାବକୁ ହ୍ରାସ କରି ଜଳବାୟୁ ପରିବର୍ତ୍ତନର ବେଗ ମନ୍ଦିତ କରିବା ନିମନ୍ତେ ଆମକୁ ତୁରନ୍ତ ଓ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ତେବେ ଯାଇ ପୂର୍ବର ହଜିଲା ବସନ୍ତ ଓ ବିଲୁପ୍ତ କୋଇଲିର କୁହୁତାନ ପୁଣି ଫେରି ଆସିବ। ଗ୍ରୀଷ୍ମ ଅପରାହ୍ଣ ଝିଙ୍କାରୀର କଣ୍ଠ ସଙ୍ଗୀତରେ ପୁଣି ଗୁଞ୍ଜରିତ ହେବ। ●

## ଦୂର ହେଉନି ଶିଶୁଙ୍କ ଉପରୁ ସ୍ୱାସ୍ଥ୍ୟ ସଂକଟ

# କାୟା ମେଲିଛି ଡିପ୍‌ଥେରିଆ, ଜେଇ ଏବଂ ଜଣ୍ଡିସ୍

**ଭୁବନେଶ୍ୱର,୨୩।୬(ସମିସ):** ରାଜ୍ୟରେ ପ୍ରତି ବର୍ଷ ସ୍ୱାସ୍ଥ୍ୟଗତ ଆହ୍ୱାନ ମୁଣ୍ଡ ଟେକିବାରେ ଲାଗି ରହିଥିବା ବେଳେ ଚିକିତ୍ସା ବିଜ୍ଞାନ ଏକ ପ୍ରକାର ଅସହାୟ ହୋଇପଡୁଛି । ଗତ କିଛି ଦିନ ହେଲା ରାଜ୍ୟର ଭିନ୍ନ ପ୍ରାନ୍ତରେ ଯେପରି ସ୍ୱାସ୍ଥ୍ୟ ସଙ୍କଟ ମୁଣ୍ଡ ଟେକିଛି ତାକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଉଛି । ବିଶେଷକରି ଶିଶୁମାନଙ୍କ ପ୍ରତି ବିପଦ ବଢ଼ିବାରେ ଲାଗିଛି। କାହାର କେତେବେଳେ ଜୀବନ ଚାଲିଯିବ ତାକୁ ନେଇ ସମସ୍ତେ ଚିନ୍ତାରେ। ଚଳିତ ମାସ ପ୍ରଥମେ ଡିପଥେରିଆ ଆତଙ୍କକୁ ନେଇ ପୂରା ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ଥିବା ବେଳେ ଜାପାନୀ ଜ୍ୱର ଆଉ ତା ପରେ ଜଣ୍ଡିସ ଆତଙ୍କ ଥମିବାର ନାଁ ଧରୁନାହିଁ । ଯଦିଓ ଜାପାନୀ ଜ୍ୱର ଏବଂ ଜଣ୍ଡିସ୍ ଗତ କିଛି ବର୍ଷ ହେଲା ଚିନ୍ତାର କାରଣ ହୋଇଛି ତେବେ ପ୍ରଥମ ଥର ପାଇଁ ଡିପଥେରିଆ ସଂକ୍ରମଣ ଭୟଙ୍କର ରୂପ ଧାରଣ କରିଛି। ଏସବୁ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିକାକରଣ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଜୁନ୍ ମାସ ପ୍ରରମ୍ଭରେ ରାୟଗଡ଼ା ଏବଂ ନିକଟସ୍ଥ ଜିଲ୍ଲାରେ ଡିପଥେରିଆ ସଂକ୍ରାମକ ରୂପ ଧାରଣ କରିଛି। ଚିକିତ୍ସା ସତ୍ତ୍ୱେ ୬ ପିଲାଙ୍କ ଜୀବନ ଗଲାଣି। ଡିପଥେରିଆ ଆତଙ୍କ ଥମି ନାହିଁ, ଅନୁଗୁଳରେ କିଛି ପିଲା ଜାପାନୀ ଏନସେଫାଲାଇଟିସ୍‌ରେ ଆକ୍ରାନ୍ତ

### ଟିକାକରଣର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଲା

ହେଲେ। ତା ସଙ୍ଗେ ସଙ୍ଗେ ସମ୍ବଲପୁରରେ ଜଣ୍ଡିତ ରୋଗ ବ୍ୟାପିବା ଆରମ୍ଭ କରିଦେଲା। କେବଳ ଏହି ରୋଗ ନୁହେଁ କିଛି ଜିଲ୍ଲାରେ ପିଲାଙ୍କ କ୍ଷେତ୍ରରେ ପୁଷ୍ଟିହୀନତା ସମସ୍ୟା ମଧ୍ୟ ଦେଖାଯାଇଛି। ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ମିଳିତ ଭାବେ କାମ କରୁଛନ୍ତି। କିଛି ଖ୍ୟାତି ସମ୍ପନ୍ନ ବିଦେଶୀ ଦାତବ୍ୟ ସଂଗଠନ ମଧ୍ୟ ଶିଶୁଙ୍କ ସ୍ୱାସ୍ଥ୍ୟ ରକ୍ଷା ଦିଗରେ କାମ କରୁଛନ୍ତି। ଟିକାକରଣ ଏବଂ ଅପପୁଷ୍ଟି ଦୂର ପାଇଁ ପ୍ରାଧାନ୍ୟ ଦିଆଯାଉଛି। ବିପୁଳ ପାଣ୍ଠି ବ୍ୟୟ କରାଯାଉଛି। ତଥାପି ପ୍ରତିବର୍ଷ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ସବୁ ବେଳେ ବିପଦ ଲାଗି ରହୁଛି। ପାଗ ପରିବର୍ତ୍ତନ ହେବା ସହିତ ଗୋଟିଏ ପରେ ଗୋଟିଏ ରୋଗ ମାଡି ବସୁଛି। କେବଳ ଉପରୋକ୍ତ ତିନି ରୋଗ ନୁହେଁ ଅଜଣା ଜ୍ୱର, ବ୍ରେନ୍ ମ୍ୟାଲେରିଆ, ଡାଇରିଆ ଭଳି ସ୍ୱାସ୍ଥ୍ୟ ସମସ୍ୟା ପିଲାଙ୍କ ଜୀବନ ନେଉଛି। ଶିଶ ରୋଗ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ମହାନ୍ତି କହିଛନ୍ତି, ସରକାର ଦେଉଥିବା ଟିକା ପିଲାଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ। ଅନେକ ଜରୁରୀ ଟିକା ଅଛି ଯାହାକୁ ବାହାରୁ କିଣିବାକୁ ପଡ଼ିଥାଏ। ତେଣୁ ଥିଲାବାଲା ଲୋକଙ୍କ ପିଲାଙ୍କମାନଙ୍କର ସମ୍ପୂର୍ଣ୍ଣ ଟିକାକରଣ ହୋଇପାରୁଛି। ଅପରପକ୍ଷେ ସରକାରୀ ସ୍ତରରେ ପିଲାମାନଙ୍କୁ ଦିଆଯାଉଥିବା ଟିକାର ଉପଯୁକ୍ତ ପରିବହନ ନେଇ ମଧ୍ୟ ଅଭିଯୋଗ ରହିଛି। ସ୍ୱାସ୍ଥ୍ୟକର୍ମୀ ଯେଉଁ ପ୍ୟାକେଜ୍‌ରେ ଟିକା ନେଇ ଯାଉଛନ୍ତି ତାହାର ଉପଯୁକ୍ତ ଶୀତଳୀକରଣ ହୋଇପାରୁ ନାହିଁ, ତେଣୁ ଟିକା ପ୍ରଭାବହୀନ ହେବାର ଆଶଙ୍କାକୁ ଏହାଇ ଦେଇ ହେବ ନାହିଁ। ଡିପଥେରିଆ ଏବଂ ଜାପାନୀ ଜ୍ୱର ପାଇଁ ପିଲାମାନଙ୍କୁ ଟିକା ଦିଆଯାଉଛି। କିନ୍ତୁ ଏହା ସତ୍ତ୍ୱେ ଉପରୋକ୍ତ ରୋଗରେ ପିଲାଙ୍କ ଜୀବନ ଯାଉଛି। ଗତ ବଜେଟରେ କେନ୍ଦ୍ର ସରକାର ବାଳିକା ମାନଙ୍କୁ ମାଗଣାରେ ସର୍ଭିକାଲ କ୍ୟାନସର ଟିକା ଦେବା ପାଇଁ ଘୋଷଣା କରିଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରିଲା ନାହିଁ। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଂଗଠନ ଏହି ଦିଗ ପ୍ରତି ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଡାକ୍ତର ମହାନ୍ତି କହିଛନ୍ତି।

# ବିଶ୍ୱାସ ହରାଉଛି ଏନ୍‌ଟିଏ

**ଭୁବନେଶ୍ୱର, ୨୩।୬(ସମିସ):** କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଶନିବାର ନିଟ୍ ପିଜି ପରୀକ୍ଷାକୁ ବାତିଲ କରାଯାଇଛି। ଏହା ପୂର୍ବରୁ ଏନ୍‌ସିଇଟି, ୟୁଜିସି ନେଟ୍, ସିଏସ୍‌ଆଇଆର୍ ୟୁଜିସି ନେଟ୍ ପରୀକ୍ଷା ବାତିଲ ହୋଇ ସାରିଛି। ବିଗତ ୧୦ ଦିନ ମଧ୍ୟରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରୀକ୍ଷା ସଞ୍ଚାଳନ କରୁଥିବା ୪ଟି ପରୀକ୍ଷାକୁ ବାତିଲ ଏବଂ ନିଟ୍ ଓ ସିୟୁଇଟି ପିଜି ପରି ଏକାଧିକ ପରୀକ୍ଷା ବିବାଦ ଏନ୍‌ଟିଏକୁ କେବଳ ବିବାଦୀୟ କରିନାହିଁ, ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି।

ଗତ ଜୁନ୍ ୧୨ ତାରିଖରେ ସମନ୍ୱିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଆଇଟିଇପି) ପରୀକ୍ଷା କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିଲା। ଆଉ କିଛି ପରୀକ୍ଷା କେନ୍ଦ୍ରରେ ବୈଷୟିକ

### ୧୦ଦିନରେ ୪ ପରୀକ୍ଷା ବାତିଲ୍; ୧୪ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ

ତ୍ରୁଟି କାରଣରୁ ପରୀକ୍ଷା ଆରମ୍ଭ ହୋଇପାରି ନଥିଲା। ଦୀର୍ଘ ସମୟ ପରେ ମଧ୍ୟ ପ୍ରଶ୍ନପତ୍ର ନ ଆସିବାରୁ ପରୀକ୍ଷାକୁ ବାତିଲ କରାଯାଇଥିବା ଏନ୍‌ଟିଏ ଦର୍ଶାଇଥିଲା। ଏଥିପାଇଁ ପ୍ରାୟ ୨୯ ହଜାର ପରୀକ୍ଷାର୍ଥୀ ହଇରାଣ ହୋଇଥିଲେ। ଏହାପରେ ଜୁନ୍ ୧୮ ତାରିଖରେ ୟୁଜିସି ନେଟ୍ ପରୀକ୍ଷା ହୋଇଥିଲା। ମୋଟ୍ ୯ ଲକ୍ଷ ୮ ହଜାର ୫୮୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ହେଲେ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ପରୀକ୍ଷା ପରଦିନ ଏହାକୁ ବାତିଲ କରାଯାଇଛି। ଅନୁରୂପ ଭାବରେ ଆସନ୍ତା ୨୫ ରୁ ୨୭ ତାରିଖ ମଧ୍ୟରେ ହେବାକୁ ଥିବା ସିଏସ୍‌ଆଇଆର୍ ୟୁଜିସି ନେଟ୍ ପରୀକ୍ଷାକୁ ୨୧ ତାରିଖ ଦିନ ଘୁଞ୍ଚାଇ ଦିଆଯାଇଥିଲା। ଏଥିପାଇଁ ପ୍ରାୟ ୨ ଲକ୍ଷ ପରୀକ୍ଷାର୍ଥୀ ପଞ୍ଜିକରଣ କରିଥିଲେ। ବୈଷୟିକ ତ୍ରୁଟି କାରଣରୁ ଏହାକୁ ବାତିଲ କରାଯାଇଥିବା ଏନ୍‌ଟିଏ ଦର୍ଶାଇଛି। ଅନୁରୂପ ଭାବେ ରବିବାର ହେବାକୁ ଥିବା ନିଟ୍ ପିଜି ପରୀକ୍ଷାର କିଛି ଘଣ୍ଟା ପୂର୍ବରୁ ଶନିବାର ରାତି ୧୧ଟା ବେଳେ ବାତିଲ କରାଯାଇଛି। ଏଥିପାଇଁ ପ୍ରାୟ ୨ ଲକ୍ଷ ପରୀକ୍ଷାର୍ଥୀ ବହୁ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ପୂର୍ବରୁ ମେ ୫ ତାରିଖରେ ହୋଇଥିବା ନେଟ୍ ୟୁଜି ପରୀକ୍ଷାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ୬୭ ଜଣ ପୂର୍ଣ୍ଣ ନମ୍ବର ରଖି ଟପ୍ପର ହୋଇଥିଲେ। ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିବାରୁ ଏନ୍‌ଟିଏର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଥିଲା। ଏହାର ପ୍ରଶ୍ନପତ୍ର ମଧ୍ୟ ଲିକ୍ ହୋଇଥିବା ଅଭିଯୋଗର ସିବିଆଇ ତଦନ୍ତ ଆରମ୍ଭ ହୋଇଛି। ସେହିପରି ସିୟୁଇଟି ୟୁଜି ପରୀକ୍ଷାରେ କିଛି ପରୀକ୍ଷାର୍ଥୀଙ୍କୁ ଅନୁଗ୍ରହ କରି ଅଧିକ ମାର୍କ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳନା କରୁଥିବା ଗୋଟିଏ ପରେ ଗୋଟିଏ ପରୀକ୍ଷା ବିବାଦ ଘେରକୁ ଆସିଛି। ଏଥିପାଇଁ ପ୍ରାୟ ୧୪ ଲକ୍ଷ ପରୀକ୍ଷାର୍ଥୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ ହୋଇଛନ୍ତି। ନିଟ୍ ଓ ସିୟୁଇଟି ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଏବଂ ପରୀକ୍ଷାରେ ବିଭ୍ରାଟ ଓ ବିବାଦ ହେଉଥିବାରୁ ଏନ୍‌ଟିଏର ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ଏନ୍‌ଟିଏ ଉପରୁ ବିଶ୍ୱାସ ହରାଇଥିବା ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରକାଶ କରିଛନ୍ତି।

# ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ସିପିଇଟି ଆଡ୍‌ମିଟ୍ କାର୍ଡ

### ଜୁଲାଇ ୩ରୁ ୧୪ ତାରିଖ ଯାଏଁ ପରୀକ୍ଷା

**ଭୁବନେଶ୍ୱର,୨୩।୬(ସମିସ):** ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି) ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ପରୀକ୍ଷା ସଞ୍ଚାଳନ କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ୱେବ୍‌ସାଇଟ https://ssbodisha.ac.in ରେ ଉପଲବ୍ଧ ହୋଇଛି। ଆବେଦନକାରୀମାନେ ଆପ୍ଲିକେସନ୍ ନମ୍ବର ଓ ଜନ୍ମ ତାରିଖ ଦେଇ ଆଡମିଟ୍ କାର୍ଡ ଡାଉନଲୋଡ କରିପାରିବେ। ଜୁଲାଇ ୩ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ୧୨ରୁ ୨୦ତାରିଖ ମଧ୍ୟରେ ଆବେଦନକାରୀମାନେ ନିଜର ସ୍ନାତକ ମାର୍କ ଅପଡେଟ୍ କରିବେ। ମେଧା ତାଲିକା ପ୍ରକାଶ ପାଇବା ତାରିଖ ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ସାମ୍‌ସ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ସମୁଦାୟ ୧୧୨ଟି ଶିକ୍ଷାନୁଷ୍ଠାନର ୨୮ ହଜାର ୯୦୬ଟି ସିଟ୍‌ରେ ନାମଲେଖା ପାଇଁ ପରୀକ୍ଷା କରାଯାଉଛି। ଏଥିପାଇଁ ୬୨ହଜାର ୫୪୪ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରେ ୪୩ହଜାର ୬୨୪ଜଣ ଛାତ୍ରୀ ଥିବାବେଳେ ୨୧ ହଜାର ୩୬୦ ଜଣ ଛାତ୍ର ଓ ୩ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

### ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣା

# ୫ କାର୍ଯ୍ୟକର୍ତ୍ତା ଦଳରୁ ବହିଷ୍କୃତ

**ଭୁବନେଶ୍ୱର, ୨୩।୬(ସମିସ):** ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ୫ ଜଣ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଯୋଗୁ ସେମାନଙ୍କୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବହିଷ୍କାର କରିଛନ୍ତି। ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂହ ସାଲୁଜା ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରେସବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ଏ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଓଡ଼ିଶା ପ୍ରଭାରୀ ଡାକ୍ତର ଅଜୟ କୁମାରଙ୍କୁ ମଧ୍ୟ ଅବଗତ କରାଯାଇଛି। ବହିଷ୍କୃତ ହୋଇଥିବା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଓପିସିସିର ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଶ୍ରୀୟାସ୍ମିତା ପଣ୍ଡା, ଏନ୍‌ଏସୟୁଆଇ ସମ୍ପାଦକ

### ଶ୍ରୀୟାସ୍ମିତାଙ୍କ ଧାରଣା, ଆତ୍ମଦାହ ଚେତାବନୀ

ସନ୍ଦୀପ ରାଉତରାୟ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଅମରେଶ ପରିଡ଼ା ଓ ଏନ୍‌ଏସ୍‌ୟୁଆଇ ରାଜ୍ୟ ସମ୍ପାଦକ ଆର୍ଯ୍ୟନ ସାସମଲ ପ୍ରମୁଖ ରହିଛନ୍ତି। ଗତ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ଭବନରେ ତାଙ୍କ କୋଠରୀରେ ବସିଥିବା ବେଳେ ତାଙ୍କ ଉପରକୁ କାଳିମାଡ଼



କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ତାଙ୍କ ଉପରକୁ କାଳି ମାଡ଼ କରିଥିବା ନେଇ ଭିଡିଓ ଫୁଟେଜ୍‌ରୁ ଜଣାପଡ଼ିଥିଲା। ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହିତ ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିଥିବାରୁ ଦଳ ପକ୍ଷରୁ ସେମାନଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

ଅନ୍ୟପଟେ ଦଳରୁ ବହିଷ୍କାର ପରେ ମହିଳା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀୟାସ୍ମିତା ପଣ୍ଡା ଧାରଣାରେ ବସିଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ଦର୍ଶାଇ ବିନା କାରଣ ଦର୍ଶାଇ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହିସହିତ ପିସିସି ସଭାପତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଏବଂ ମିଡିଆ ସେଲ ଅଧ୍ୟକ୍ଷଙ୍କ ବିରୋଧରେ ଏଫଆଇଆର ଦେବା ସହ ଆତ୍ମଦାହ କରିବାକୁ ଚେତାବନୀ ଦେଇଛନ୍ତି।

### ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ସରକାରଙ୍କ ତଦାରଖ

**ଭୁବନେଶ୍ୱର, ୨୨।୬(ସମିସ):** ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ସମ୍ପର୍କରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉଦବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ରାଜ୍ୟର ଖାଉଟିମାନେ ଯେପରି ସୁଲଭ ତଥା ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ ପାଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏଥିସହିତ ମୁନାଫାଖୋର ତଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଉଟି ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ଜାତୀୟସମସ୍ୟା ହୋଇଥିଲେ ମଧ୍ୟ ରାଜ୍ୟରେ ଅସାଧୁ ବ୍ୟବସାୟୀ ଯେପରି ଏହାର ଲାଭ ନ ଉଠାଇ ପାରନ୍ତି, ସେଥିପାଇଁ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଯୋଗାଣ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ ଆଦି ଅଞ୍ଚଳରେ ଯାଞ୍ଚ କରାଯାଉଛି। ଏତଦବ୍ୟତୀତ ବିଭାଗ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀର କ୍ରୟ ବିକ୍ରୟ ଆଦି ଉପରେ ନଜର ରଖିବା ସହ ଜିଲ୍ଲାର ଯୋଗାଣ କର୍ମଚାରୀମାନଙ୍କୁ ଏ ସମ୍ବନ୍ଧରେ ବିବରଣୀ ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ





**ଭୁବନେଶ୍ୱର, ୨୩।୬(ସମିସ):** ଓଡ଼ିଶାରେ ନୂଆ ସରକାର ଗଠନ ପରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସେମାନଙ୍କ ଦିଲ୍ଲୀସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କ ସହିତ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଉପସ୍ଥିତ ଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶାରେ ନୂଆ ସରକାରଙ୍କ ଗଠନମୂଳକ ଆଭିମୁଖ୍ୟ ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ଜାହିର ଇକ୍‌ବାଲଙ୍କୁ ବାହାହେଲେ ସୋନାକ୍ଷୀ



**ମୁମ୍ବାଇ, ୨୩।୬ (ଏଜେନ୍ସି):** ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ପ୍ରେମିକ ଜହିର ଇକ୍‌ବାଲଙ୍କ ହାତ ଧରିଛନ୍ତି। ସୋନାକ୍ଷୀଙ୍କ ବାନ୍ଦ୍ରା ସ୍ଥିତ ଆପାର୍ଟମେଣ୍ଟରେ ଉଭୟେ ନିଜ ବିବାହ ପଞ୍ଜିକରଣ କରିଛନ୍ତି। ଏହି ସମୟରେ ପୂର୍ବରୁ ବିବାହକୁ ନେଇ ଅସନ୍ତୁଷ୍ଟ ଥିବା ସୋନାକ୍ଷୀଙ୍କ ବାପା ତଥା ଅଭିନେତା ସାଂସଦ ଶତ୍ରୁଘ୍ନ ସିହ୍ନା ଉପସ୍ଥିତ ଥିଲେ। ସେ ଅସନ୍ତୋଷକୁ ଭୁଲି ଜହିରଙ୍କୁ ତିଳକ ଲଗାଇ ଥିଲେ। ବିବାହ ପରେ ମୁମ୍ବାଇର ଦାଦର ସ୍ଥିତ ବେଷ୍ଟିୟନ ରେଷ୍ଟୋରାଁରେ ଦମ୍ପତିଙ୍କ ବିବାହ ଭୋଜି ଚାଲିଛି।

## ଅବଶିଷ୍ଟାଂଶ....

### ଆର୍‌ଏଲ୍‌ଭି 'ପୁଷ୍ପକ'ର...

ଭାବେ ଅବତରଣ କରିଛି। ଆଗରୁ ୨୦୧୬ରେ ଓ ୨୦୨୩ ଏପ୍ରିଲରେ ଏହାର ସଫଳ ପରୀକ୍ଷଣ ହୋଇଥିଲା। ପୁଷ୍ପକକୁ ଭାରତୀୟ ବାୟୁସେନାର ଏକ ଚିନୁକ୍ ହେଲିକପ୍ଟର୍‌ରେ ଆକାଶରେ ୪.୫ କିଲୋମିଟର ଉଚ୍ଚତାକୁ ନିଆଯାଇ ଛଡା ଯାଇଥିଲା। ପୁଷ୍ପକ ଘଣ୍ଟା ପ୍ରତି ୩୨୦ କିମି ବେଗରେ ଭୂପୃଷ୍ଠକୁ ଖସିଥିଲା ଓ ଟଚ୍‌ଡାଉନ୍ ପରେ ବ୍ରେକ୍ ପାରାଚ୍ୟୁଟ୍ ଖୋଲିବାରୁ ତାହାର ବେଗ ଘଣ୍ଟା ପ୍ରତି ପ୍ରାୟ ୧୦୦ କିମିକୁ ହ୍ରାସ ପାଇଥିଲା। ପରେ ଲ୍ୟାଣ୍ଡିଂ ଗିୟର୍ ବ୍ରେକ୍ ବ୍ୟବହାର କରାଯିବାରୁ ଏହା ପୂର୍ବ ନିର୍ଦ୍ଧାରିତ ସ୍ଥାନ ରନ୍‌ୱେ ସେଣ୍ଟର୍‌ଲାଇନ୍‌ରେ ଅଟକି ଥିଲା। ରନ୍‌ୱେରେ ଗ୍ରାଉଣ୍ଡ ରୋଲ୍ ବେଳେ ପୁଷ୍ପକ ତାର ରାଡାର୍ ଓ ନୋଜ୍ ହୁଇଲ୍ ଷ୍ଟିୟରିଂ ସିଷ୍ଟମ୍ ବ୍ୟବହାର କରିଥିଲା। ଲଞ୍ଚ୍ ଭେଇକିଲ ବାରକେଟ୍ ପୁନଃବ୍ୟବହାରକ୍ଷମ ହୋଇପାରିଲେ ମହାକାଶ ଅଭିଯାନ କମ୍ ଖର୍ଚ୍ଚରେ ହେବ।

ଏହି ସଫଳତା ପାଇଁ ଇସ୍ରୋ ଅଧ୍ୟକ୍ଷ ଏସ ସୋମନାଥ ଆର୍‌ଏଲ୍‌ଭି ମିଶନ୍ ଡାଇରେକ୍ଟର୍, ଭେଇକିଲ୍ ଡାଇରେକ୍ଟର୍‌ଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତ ଏହି ପୁନଃବ୍ୟବହାରକ୍ଷମ ଲଞ୍ଚ ଭେଇକିଲ୍ ନିର୍ମାଣ କରିଛି ବୋଲି କହିଛନ୍ତି। ଲଞ୍ଚ ଭେଇକିଲର ଅପର ଷ୍ଟେଜରେ ଅତି ମୂଲ୍ୟବାନ ଇଲେକଟ୍ରୋନିକ୍ସ ରହିଥାଏ। ପୁନଃବ୍ୟବହାରକ୍ଷମ ଭେଇକିଲ୍ ସେସବୁ ମୂଲ୍ୟବାନ ଇଲେକଟ୍ରୋନିକ୍ସକୁ ନିରାପଦରେ ତଥା ସୁରକ୍ଷିତ ଭାବେ ମହାକାଶରୁ ଭୂପୃଷ୍ଠକୁ ଫେରାଇ ଆଣିଥାଏ। ପୁନଃବ୍ୟବହାରକ୍ଷମ ଭେଇକିଲ ପୃଥିବୀର କକ୍ଷପଥରେ ସ୍ଥାପିତ କୌଣସି ଉପଗ୍ରହକୁ ରି-ଫୁଏଲିଂ କରିପାରିବ ଓ କକ୍ଷପଥରୁ ଟାଣିଆଣି ତାହାର ମରାମତି ଓ ଯନ୍ତ୍ରାଂଶ ଅଦଳବଦଳ ମଧ୍ୟ କରିପାରିବ। ପୁନଃବ୍ୟବହାରକ୍ଷମ ଭେଇକିଲ ଉପଯୋଗ କରାଗଲେ ବିଭିନ୍ନ ରକେଟ, ଅଚଳ ଉପଗ୍ରହ ଓ ନଷ୍ଟ ଉପଗ୍ରହର ଭଗ୍ନାଂଶସବୁର ଯେଉଁ ଆବର୍ଜନା ମହାକାଶରେ ଘୁରିବୁଲୁଛି ତାହା ହ୍ରାସ କରିହେବ।

### ବିରୋଧୀଙ୍କ ସମରସଜ୍ଜା...

ସଂସଦରେ ବିତର୍କ ପାଇଁ ମଧ୍ୟ ବିପକ୍ଷ ବ୍ଲକ୍ ସରକାରଙ୍କୁ ଆହ୍ୱାନ ଦେବ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ନିଟ୍ ୟୁଜି ପରୀକ୍ଷା ବିଭ୍ରାଟଟି ଏକ ଘୋଟାଲା। ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)ର ସାଧୁତା ଓ ଯୋଗ୍ୟତା ଉପରେ ମଧ୍ୟ ପ୍ରଶ୍ନ ଚିହ୍ନ ଲାଗିଛି। ନିଟ୍‌ର ଡିଜାଇନ୍ ଓ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ସନ୍ଦେହ ଦେଖାଦେଇଛି। ଏହି ପ୍ରସଙ୍ଗରେ ବିରୋଧୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିବୃତି ଦାବି କରିବ।

### ସିବିଆଇ ରୁଜୁ...

କିନ୍ତୁ ଗ୍ରାମବାସୀ ସିବିଆଇ ଟିମ୍‌କୁ ନକଲି ପୁଲିସ ଭାବି ନେଇଥିଲେ। ଏଥିପାଇଁ ତାଙ୍କ ସହ ମାରପିଟ୍ କରିଥିଲେ। ଏହା ସହିତ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଦେଇଥିଲେ। ଡ୍ରାଇଭରଙ୍କ ସହ ମାରପିଟ୍ କରିଥିଲେ। ଏବେ ମାମଲାର ଅବଧାରଣା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ସିବିଆଇ ଟିମ୍‌ର ଅଧିକାରୀମାନେ ଅଭିଯୁକ୍ତଙ୍କ ୨ଟି ମୋବାଇଲ ଫୋନ୍ ଜବତ କରିଛନ୍ତି। ଏହାର ଟାୱାର ଲୋକେସନ ଆଧାରରେ ଟିମ୍ ଯାଞ୍ଚ ପାଇଁ ପହଞ୍ଚି ଥିଲା। ଏହି ଟିମ୍‌ରେ ସିବିଆଇ ୪ ଅଧିକାରୀଙ୍କ ସହ ଜଣେ ମହିଳା କନଷ୍ଟେବଲ ମଧ୍ୟ ସାମିଲ ଥିଲେ।

### ସାରା ରାଜ୍ୟକୁ...

ଏହାଯୋଗୁଁ ବର୍ଷାର ପ୍ରକୋପ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ରବିବାର ଚାନ୍ଦବାଲିରେ ୩୧ ମିମି ବର୍ଷା ହୋଇଥିବା ବେଳେ ବାରିପଦାରେ ୧୫, ହୀରାକୁଦ, ରାୟଗଡ଼ା ଓ ଦାରିଙ୍ଗବାଡ଼ିରେ ୧୧ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ବର୍ଷା ଯୋଗୁଁ ରାଜ୍ୟରେ ଧୀରେ ଧୀରେ ତାପମାତ୍ରା ହ୍ରାସ ହେଉଥିବା ବେଳେ ଆଗକୁ ତାପମାତ୍ରାରେ ଆହୁରି ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ମୌସୁମୀ ସକ୍ରିୟ ଯୋଗୁ ଆଜି ସକାଳୁ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି।

### ବିକାଶ ପାଇଁ...

ପ୍ରଥମେ ସେ ମା' ତାରିଣୀଙ୍କ ପୀଠ ଘଟଗାଁରେ ପହଞ୍ଚିଥିଲେ। ହେଲିକପ୍‌ଟରରେ ଘଟଗାଁ ହାଇସ୍କୁଲ ପଡ଼ିଆରେ ଅବତରଣ କରି ସେଠାରୁ ରୋଡ୍ ଶୋ'ରେ ଯାଇ ମା' ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ବାହାରେ ନଡ଼ିଆ କୋରା, ମା'ଙ୍କ ଫଟୋ ଓ ଭୋଗ ସାମଗ୍ରୀ କିଣିଥିଲେ। ଦୋକାନୀ ଅଧିର ଦାସଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ।

ପରେ ମୁଖ୍ୟମନ୍ତ୍ରୀ ମନ୍ଦିର ପରିସରରେ ସମାଜସେବୀ ଭୀମସେନ ରାଉତ ଓ ରାଜା ଗୋବିନ୍ଦ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରୋଡ଼ ସୋ', ହେଲିପ୍ୟାଡ଼ ନିକଟ ଓ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ପୁରୁଷ ଓ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ଜଣାଇବା ସହିତ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ସମୟରେ ଲୋକଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ତାରିଣୀ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଁ ଗୋଟେ ସାଧାରଣ ଗରିବ ଘରୁ ଆସିଛି। ତେଣୁ ଗରିବଙ୍କୁ ଚିହ୍ନିବା ଓ ଗରିବର ସମସ୍ୟା ଜାଣିବାରେ ମୋର ଅସୁବିଧା ନାହିଁ।

ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ପୁଲିସ ରିଜର୍ଭ ଗ୍ରାଉଣ୍ଡରେ ଅବତରଣ କରିଥିଲେ। ସେଠାରେ ଜିଲ୍ଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅପରାହ୍ନରେ ସେ କେନ୍ଦୁଝରର ଆରାଧ୍ୟ ପ୍ରଭୁ ବଳଦେବଜୀଉ ମନ୍ଦିର ଯାଇଥିଲେ। ସେଠାରେ ତାଙ୍କୁ ବିଭିନ୍ନ ସଂଗଠନ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଚରାଯାଇଥିଲା। ଏହି ଅବସରରେ ସେ ମନ୍ଦିର ପାଖରୁ ବଡ଼ଦାଣ୍ଡ, ଆଟପୁର, ଚର୍ଚ୍ଚ ଛକ, ଜେଲ ରୋଡ, ଗାନ୍ଧୀ ଛକ, କଲେକ୍ଟୋରେଟ, ଲାବଣ୍ୟ ଛକ, ନୂଆ କୋର୍ଟ, ଟେଲିଫୋନ ଏକ୍ସଚେଞ୍ଜ ଦେଇ ନଗର ଭବନ ଷ୍ଟାଡିୟମ ସଭାସ୍ଥଳ ପର୍ଯ୍ୟନ୍ତ ଏକ ରୋଡ଼ ଶୋ ରେ ଯୋଗ ଦେଇଥିଲେ।

ଏହି ଅବସରରେ ଷ୍ଟାଡିୟମରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାକୁ ଏକ ନମ୍ବର ଜିଲ୍ଲା ଭାବେ ଗଢି ତୋଳିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନିଜ ଗାଁ ରାଇକଳାରେ ଏକ ରୋଡ୍ ସୋ କରିବା ସହ ଝୁମ୍ପୁରା ଦୁର୍ଗାପଡ଼ିଆରେ ଆୟୋଜିତ ଜନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବେ।

### ମରିଯିବ ଭିତରକନିକା !...

ସମ୍ଭାବନା ରହିଛି। ଯାହାକି ଅଭୟାରଣ୍ୟ ଭିତରକୁ ମଧୁର ଜଳ ପ୍ରବାହକୁ ହ୍ରାସ କରିବା ଆଶଙ୍କା ସୃଷ୍ଟି କରିଛି। ପୁନଶ୍ଚ ବୃହତ ଓ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ପାଇଁ ମଧୁର ଜଳର ବ୍ୟବହାର ବର୍ତ୍ତମାନଠାରୁ ଦୁଇ ଗୁଣ ବୃଦ୍ଧି ପାଇବା ସମ୍ଭବନା ରହିଛି। ୨୦୦୧ ମସିହାରେ ଏହି ଦୁଇ ନଦୀ ଅବବାହିକାରେ ଜଳସେଚନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୨ହଜାର ନିୟୁତ ଘନମିଟର ଜଳର ଆବଶ୍ୟକତା ଥିବାବେଳେ ବର୍ତ୍ତମା ସମୟରେ ଏହା ପ୍ରାୟ ୫୦୦୦ ନିୟୁତ ଘନ ମିଟରରେ ପହଞ୍ଚିଛି। ୨୦୫୦ ମସିହା ବେଳକୁ ଆବଶ୍ୟକ ଜଳ ପରିମାଣ ୧୦ହଜାର ନିୟୁତ ଘନ ମିଟରରେ ପହଞ୍ଚିପାରେ। ସେହିପରି ସାମଗ୍ରିକ ଭାବେ ଜଳର ଚାହିଦା ୫୩୦୦ନିୟୁତ ଘନ ମିଟରରୁ ୩ଗୁଣ ବୃଦ୍ଧି ପାଇ ୧୬୫୦୦ ନିୟୁତ ଘନ୍ ମିଟରରେ ହୋଇପାରେ ବୋଲି ଆକଳନ କରାଯାଇଛି। ନିକଟ ଅତୀତରେ ବୈତରଣୀ ଓ ବ୍ରାହ୍ମଣୀ ନଦୀ ଅବବାହିକାରେ ମଧୁର ଜଳର ଉପଲବ୍ଧତା ସର୍ଭେ ସମୟରେ ତାଳଚେର, ଅନୁଗୁଳ ଅଞ୍ଚଳରେ ଖଣି ଓ ଶିଳ୍ପାଞ୍ଚଳରେ ବିପୁଳ ଜଳ ବ୍ୟବହାର ସୂଚନା ମିଳିଛି। ଅଣମୌସୁମୀ ସମୟରେ ଭିତରକନିକା ଅଭୟାରଣ୍ୟକୁ ପ୍ରାୟ ୨୩୫୫୧ ନିୟୁତ କ୍ୟୁବିକ୍ ମିଟର (ଏମ୍‌ସିଏମ୍) ଜଳ ପ୍ରବେଶ କରୁଥିବା ବେଳେ ମୌସୁମୀରେ ଏହାର ପରିମାଣ ପ୍ରାୟ ୧୯ ୯୨୪ ଏମ୍‌ସିଏମ୍ ମଧ୍ୟରେ ରହୁଥିବା ଆକଳନ କରାଯାଇଛି। ମାତ୍ର ମହାନଦୀରେ ଜଳପ୍ରବାହ ହ୍ରାସ ସହ ବ୍ରାହ୍ମଣୀ ଓ ବୈତରଣୀ ନଦୀ ଅବବାହିକାରେ ଶିଳ୍ପାୟନ, ପାନୀୟ ଜଳ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ ଆଦି ଭିତରକନିକାକୁ ଜଳପ୍ରବାହ ହ୍ରାସର ସମ୍ଭାବନା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାହାନୀ ମଧ୍ୟ ଜଳ ପ୍ରବାହରେ ବଡ଼ ଅନ୍ତରାୟ ସୃଷ୍ଟି କରିଛି। ସାଧାରଣତଃ ୧୦% କମ୍ ବର୍ଷା ହେଲେ ଜଳ ପ୍ରବାହ ୬% କମ୍ ହେବାର ଆଶଙ୍କା ଥାଏ। ଚଳିତ ବର୍ଷ ଓଡ଼ିଶାରେ କମ୍ ବର୍ଷା ହେବା ଆଶଙ୍କା କରାଯାଇଥିବା ଯୋଗୁଁ ଜଳପ୍ରବାହ ହ୍ରାସ ପାଇପାରେ ବୋଲି ମଧ୍ୟ ଆକଳନ କରାଯାଇଛି।

ଦୁଇବର୍ଷ ତଳେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମଧ୍ୟ ଅନୁରୂପ ଆଶଙ୍କା କରିଥିଲା। ଏକ ରିପୋର୍ଟରେ ବୈତରଣୀ ଓ ବ୍ରାହ୍ମଣୀ ନଦୀ ଅବବାହିକାରେ ବଢୁଥିବା ଜନବସତି ଓ ବିକାଶମୂଳକ କାର୍ଯ୍ୟ ପାଇଁ ଜଳ ପ୍ରବାହ ହ୍ରାସର ସିଧାସଳଖ ପ୍ରଭାବ ଭିତରକନିକା ଉପରେ ପଡ଼ିବ ବୋଲି କୁହାଯାଇଥିଲା।

### 'ଡିଜିଟାଲ ଇଣ୍ଡିଆ'...

ସେବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଖରା, ବର୍ଷା ଓ ଶୀତ ଦିନରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଠ ପଢୁଥିବା କୁନିକୁନି ପିଲାମାନେ ମୋବାଇଲ ମାଧ୍ୟମରେ ପାଠ ପଢୁଥିବା ବେଳେ ଘରେ ନେଟୱର୍କ ଆସୁ ନଥିବାରୁ ବାଧହୋଇ ପାହାଡ଼ ଉପରେ ବିପଦସଂକୁଳ ପରିବେଶରେ ପାଠ ପଢୁଛନ୍ତି। ଖରାଦିନେ ପାହାଡ଼ ଉପରେ ପାଠ ପଢ଼ିପାରୁଥିବା ବେଳେ ବର୍ଷା ଓ ଶୀତ ଦିନରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିବା ପିଲାମାନେ ପ୍ରକାଶ କରିଛନ୍ତି। ଜୟପୁରା କାଟେଣୀ ପଞ୍ଚାୟତରେ ମୋବାଇଲ ସେବା ପାଇଁ ଜୟପୁରା କାଟେଣୀ ଗାଁ ଠାରେ ଏକ ମୋବାଇଲ ଟାୱାର ନିର୍ମାଣ ହୋଇଥିଲେ ହେଁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଫଳରେ କାଦବସନ୍ତ ଗାଁରେ ଥିବା କଲୋନୀ ସାହି ଓ ଦେହୁରୀ ସାହିର ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ମୋବାଇଲ ସେବା ମିଳୁନାହିଁ। ମୋବାଇଲରେ କଥା ହେବା ପାଇଁ ଗାଁ ଠୁ ଦୂର ପାହାଡ଼ ନିକଟରେ ଗଛରେ ମଞ୍ଚା ବାନ୍ଧି କିମ୍ବା ଗଛରେ ମୋବାଇଲକୁ ଝୁଲାଇ ଘଣ୍ଟାଘଣ୍ଟା ଧରି ନେଟୱର୍କକୁ ଅପେକ୍ଷା କରୁଛନ୍ତି। ଗାଁ ଲୋକ ୧୦୮ ଆମ୍ବୁଲାନ୍ସ ସେବାଠାରୁ ଆରମ୍ଭ କରି ଅଗ୍ନିଶମ ସେବା, ଥାନା ଇତ୍ୟାଦି ଆବଶ୍ୟକ ସେବାରୁ ବଞ୍ଚିତ ହେଉଛନ୍ତି। ଗାଁର ପ୍ରାୟ ଲୋକ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମୋବାଇଲ ସେବା ପାଇବା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅସମର୍ଥ ହେଉଛନ୍ତି। ମୋବାଇଲ ସେବା ନେଇ ଗ୍ରାମବାସୀ କିଛିବର୍ଷ ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରିନାହିଁ। ଆଜିର ଡିଜିଟାଲ ଇଣ୍ଡିଆ ସହ ଏମାନଙ୍କ କୌଣସି ସମ୍ପର୍କ ନଥିବା ମନେହୁଏ। ଏବେ ଉଭୟ ଦେଶ ତଥା ରାଜ୍ୟରେ ଡିଜିଟାଲ ଇଣ୍ଡିଆର ନାରା ଦେଇ ସରକାର ଚାଲୁଥିବାରୁ ସରକାରୀ ସ୍ତରରେ ମୋବାଇଲ ସେବା ପାଇବା ନେଇ ଆଶାବାଦୀ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅପେକ୍ଷା କରି ରହିଛନ୍ତି। ଆଜିର ସମୟରେ ସମାଜର ପ୍ରତ୍ୟେକ ବ୍ୟକ୍ତି ପାଇଁ ମୋବାଇଲ ବିଶେଷ ମହତ୍ୱ ରଖୁଥିବା ବେଳେ ଏଥିରୁ କାଦବସନ୍ତ ଗ୍ରାମବାସୀ ବଞ୍ଚିତ ହୋଇ ରହିଛନ୍ତି। ଜଙ୍ଗଲ ଓ ପାହାଡ଼ ମଝିରେ ଥିବା ଏହି ଗାଁ ଲୋକେ କିଭଳି ମୋବାଇଲ ସେବା ପାଇପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

An affidavit before executive magistrate Tangi,dist:khordha, odisha , that Bhubaneswar kodamsinh, s/o - murali kodamsinh and Bhagaban kodamsingh,s/o : murali kodamsingh both names are related to one man and same person. Hence I forth name belongs to shall be known as **Bhubaneswar kodamsinh** for all purposes

**AFFIDAVIT**

By virtue of an affidavit sworn before Executive Magistrate, Kakatpur, date- 24/06/2024. I, Shaikh Saratullah, S/o- Shaikh Hamidullah, At/Po- Rasulpur, Kakatpur, Dist- Puri, Odisha declare that I have changed my name from **SK Bkaullah To Shaikh Saratullah.** Henceforth I shall be known as **SHAIKH SARATULLAH** for all future purposes.

**Shaikh Saratullah**

ସ୍ୱସ୍ତି
ସକାଳ
THE SAKALA
www.sakalaepaper.com

# ଅନନ୍ୟ ଅଣସର



**ଦାରୁ ଦେବତାଙ୍କୁ ଜ୍ୱର । ବଡ଼ ଦେଉଳରେ ବାଜୁନି ବାଜା । ଶୂନ୍ୟ ପଡ଼ିଛି ରତ୍ନସିଂହାସନ । ସ୍ନାନବେଦୀରେ ଗଜ ବେଶରେ ଦର୍ଶନ ଦେବା ପରେ ଅଣସର ଘରେ ବିଜେ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି । ଅଙ୍ଗଲାଗି ସେବକ କରୁଛନ୍ତି ଠାକୁରଙ୍କ ଉପଚାର । ସୁସ୍ଥ ହୋଇ ଘୋଷଯାତ୍ରାରେ ବାହାରିବେ କାଳିଆ ଠାକୁର ।**

**ଅଣସର ପିଣ୍ଡିରେ ଠାକୁର:** ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ । ଏହାପରେ ମାନବୀୟ ଲୀଳା କରୁଥିବା ଠାକୁର ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ୧୫ ଦିନ ଯାଏଁ ଅନବସରରେ ରହନ୍ତି । ଏହି ସମୟରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି । ଦଇତାପତି ସେବକ ଠାକୁରଙ୍କ ଗୁପ୍ତ ସେବା ବା ଉପଚାର କରନ୍ତି । ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ ।

ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ । ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହାଅଣସର । ସାଧାରଣ ଅଣସର ୧୫ ଦିନ ପାଳିତ ହୁଏ । ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ ।

**ପୂଜା ପାଆନ୍ତି ପଟିଦିଅଁ:** ଅଣସର ସମୟରେ ୧୫ ଦିନ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି । ଶ୍ରୀ ବଳଭଦ୍ର ବାସୁଦେବ ରୂପରେ ପୂଜା ପାଉଥିବା ବେଳେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ଶ୍ରୀ ଜଗନ୍ନାଥ ନାରାୟଣ ଭାବେ ପୂଜିତ ହୁଅନ୍ତି । ତେବେ ଯେଉଁ ନୀତି ଦାରୁ ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ ।

ସେହିପରି ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଏକତ୍ର ପୂଜା ପାଇଥାନ୍ତି । ଏହି ଦଶାବତାର ଠାକୁରଙ୍କୁ ମହାପ୍ରସାଦଦ ଭୋଗ ଲାଗି ହୋଇଥାଏ ।

**ଗୁପ୍ତନୀତି ପାଳନ ହୁଏ:** ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ । ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ ।



ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ ।

# ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ଆଷାଢ଼

**କୁହାଯାଏ, ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ଆଷାଢ଼ । ଏହି ମାସରେ ପୂଜା-ପାଠ, ଭଜନକୀର୍ତ୍ତନ କରିବାର ବିଶେଷ ମହତ୍ତ୍ୱ ଅଛି । ଏହାଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ । ତେବେ ଆଷାଢ଼ ମାସରେ କେଉଁ ଦେବୀ ଦେବତାଙ୍କ ପୂଜା କରିବାର ବିଶେଷ ନିୟମ ଅଛି ଏବଂ କେଉଁ ଠାକୁରଙ୍କ ଆରାଧନା କରିବା ଦ୍ୱାରା ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ, ସେ ସମ୍ପର୍କରେ ଜାଣନ୍ତୁ ।**

**ବିଷ୍ଣୁଙ୍କ ପୂଜା:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ହୋଇଥିବାରୁ ଲୋକମାନେ ସତ୍ୟନାରାୟଣ କଥା ବା ପୂଜା ଆୟୋଜନ କରନ୍ତି । ଏହି ମାସରେ ବିଷ୍ଣୁ ଭଗବାନଙ୍କ ପୂଜା କରିବା ଦ୍ୱାରା ପାପରୁ ମୁକ୍ତି ମିଳିଥାଏ । ଶ୍ରୀହରିଙ୍କ ପୂଜା ଦ୍ୱାରା ନାରାୟଣଲୋକ ପ୍ରାପ୍ତି ହୁଏ ।

**ଶିବ ପୂଜା:** ଆଷାଢ଼ ମାସରେ ଶିବଲିଙ୍ଗ ଉପରେ ଜଳ, କ୍ଷୀର, ଘିଅ, ମହୁ, ବେଲପତ୍ର, ଫୁଲ ଏବଂ ଚନ୍ଦନ ଅର୍ପଣ କରିବା ଉଚିତ । ଶିବ ପୂଜା ସମୟରେ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଭଲ । ଶିବଙ୍କ ପୂଜା ଦ୍ୱାରା ମନକୁ ଶାନ୍ତି ମିଳିଥାଏ ।

**ପାର୍ବତୀଙ୍କ ପୂଜା:** ଆଷାଢ଼ ମାସରେ ମାତା ପାର୍ବତୀଙ୍କ ପୂଜା ଦ୍ୱାରା ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଏ । ପୂଜା ସମୟରେ ମା'ଙ୍କୁ କଳା ରଙ୍ଗ ବସ୍ତ୍ର, ଫଳ, ଫୁଲ ଅର୍ପଣ କରିବା ଦରକାର । ଏହାକୁ କରିବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ଦୂରେଇ ଯାଏ । ବିବାହିତାଙ୍କୁ ସୌଭାଗ୍ୟର ବରଦାନ ପ୍ରାପ୍ତ ହୁଏ ।



## ପ୍ରଶ୍ନୋତ୍ତର

୧. ଲକ୍ଷ୍ମଣଙ୍କ ମାତାଙ୍କ ନାମ କ'ଣ?
୨. ଭରତଙ୍କ ପତ୍ନୀଙ୍କ ନାମ କ'ଣ?
୩. ବାଳିର ବଧ କିଏ କରିଥିଲେ?
୪. ରାବଣର ବଧ କେଉଁ ଅସ୍ତ୍ର ଦ୍ୱାରା କରାଯାଇଥିଲା?
୫. ରାମାୟଣରେ କେଉଁ ମାଳା ଶ୍ରୀରାମଙ୍କ ପ୍ରିୟ ଥିଲା?



**ଉତ୍ତର**
(୧) ସୁମିତ୍ରା (୨) ମାଣ୍ଡଭି (୩) ଶ୍ରୀରାମ (୪) ବ୍ରହ୍ମାସ୍ତ୍ର (୫) ତୁଳସୀ ମାଳା

# କାମ ପାଇଁ ଶୁଭ ସମୟ



ବାସ୍ତୁ ଓ ସୂର୍ଯ୍ୟଙ୍କ ମଧ୍ୟରେ ନିଆରା ସମ୍ବନ୍ଧ ଥିବା କୁହାଯାଏ । ଯଦି ଘରର ବାସ୍ତୁ ସୂର୍ଯ୍ୟଙ୍କ ଭ୍ରମଣ ଦିଶା ଆଧାରରେ ରହେ, ତେବେ ଏଥିରୁ ସର୍ବାଧିକ ଲାଭ ମିଳେ । ବାସ୍ତୁ ଅନୁସାରେ ସୂର୍ଯ୍ୟ ଘରର କେଉଁ ସମୟ ତଥା ଦିଗରେ ରହିଲେ, କେଉଁ କାମ ପାଇଁ ଶୁଭ, ସେ ସମ୍ପର୍କରେ ଜାଣିବା ।

- ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ଭୋର ୩ଟାରୁ ସକାଳ ୬ଟାକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଏ । ଏହି ସମୟରେ ସୂର୍ଯ୍ୟ ଘରର ଉତ୍ତର-ପୂର୍ବ ଭାଗରେ ଅବସ୍ଥାନ କରନ୍ତି । ଏହି ସମୟ ଚିନ୍ତନ ଓ ପୂଜାପାଠ ପାଇଁ ଉତ୍ତମ ।
- ସକାଳ ୬ରୁ ଦିନ ୯ଟା ପର୍ଯ୍ୟନ୍ତ ସୂର୍ଯ୍ୟ ଘରର ପୂର୍ବ ଭାଗରେ ରହନ୍ତି । ଘରେ ଯେଭଳି ସୂର୍ଯ୍ୟ କିରଣ ପଡ଼ିବ, ସେ ଦିଗରେ ଧ୍ୟାନ ଦିଅନ୍ତୁ । ଏହା ଦ୍ୱାରା ବହୁ ରୋଗ ଦୂର ହୋଇଥାଏ ।
- ପ୍ରାତଃ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସୂର୍ଯ୍ୟ ଘରର ଦକ୍ଷିଣ-ପୂର୍ବ ଭାଗରେ ରହନ୍ତି । ସ୍ନାନ ଓ ରୋଷେଇ ପାଇଁ ଏହା ହେଉଛି ଉପଯୁକ୍ତ ସମୟ ।
- ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ହେଉଛି ବିଶ୍ରାମ ନେବାର ସମୟ । ଏହି ସମୟରେ ସୂର୍ଯ୍ୟ ଦକ୍ଷିଣରେ ଥାନ୍ତି ।
- ଅପରାହ୍ଣ ତିନିଟାରୁ ସନ୍ଧ୍ୟା ୬ଟା ଅଧ୍ୟୟନ ଓ ଅନ୍ୟାନ୍ୟ କାମ କରିବା ଲାଗି ଉତ୍ତମ ସମୟ ।
- ସେହିପରି ସନ୍ଧ୍ୟା ୬ଟାରୁ ରାତି ନଅଟା ପର୍ଯ୍ୟନ୍ତ ପଢ଼ିବା, ଖାଇବା ତଥା ବୈଠକ ଲାଗି ଶୁଭଙ୍କର ।

## ଗୀତାବାଣୀ



**ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥**

ଯେଉଁ ଭକ୍ତିଯୋଗୀ ସମସ୍ତ କର୍ମ ପରମାତ୍ମାଙ୍କଠାରେ ଅର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରେ, ସେ ଜଳରେ ପଦ୍ମପତ୍ର ପରି ପାପରେ ଲିପ୍ତ ହୁଏ ନାହିଁ ।

- (ପଞ୍ଚମୋଽଧ୍ୟାୟଃ- ଶ୍ଲୋକ: ୧୦)



# ଚମତ୍କାରୀ ହନୁମାନ ମନ୍ଦିର

**ମୂର୍ତ୍ତିରୁ ଝରେ ଝାଳ**

ଉତ୍ତର ପ୍ରଦେଶ ଫିରୋଜାବାଦ୍ ସହରରୁ ୯ କିମି ଦୂରରେ ଚନ୍ଦ୍ରବାଡ଼ ଗାଁରେ ଏକ ଚମତ୍କାରୀ ହନୁମାନ ମନ୍ଦିର ଅଛି । ଯାହାର ନାଁ 'ଚିନ୍ତାହରଣ ମାରୁତି ନନ୍ଦନ' ମନ୍ଦିର । ଏହି ମନ୍ଦିରରେ ହନୁମାନଙ୍କର ବହୁ ପୁରୁଣା ମୂର୍ତ୍ତି ଶୋଭା ପାଉଛି । ତେବେ ହନୁମାନଙ୍କ ମୂର୍ତ୍ତିରେ ଯେତେବେଳେ ଭକ୍ତ ଚୋଲା ବା ଲୁଗା ଲାଗି କରନ୍ତି, ସେତେବେଳେ ପ୍ରତିମାରୁ ଝାଳ ବହେ । ସେଥିପାଇଁ ଏହାକୁ 'ଝାଳବୁହା ହନୁମାନ ମନ୍ଦିର' ବୋଲି ମଧ୍ୟ କୁହାଯାଏ । ତେବେ ଏଭଳି କାହିଁକି ହୋଇଥାଏ, ତାହାର କାରଣ ଏବେ ସୁଦ୍ଧା ଜଣାପଡ଼ି ନାହିଁ । ଏଠାରେ ଭକ୍ତଙ୍କ ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ । ମୁଖ୍ୟତଃ ମଙ୍ଗଳବାର ଏବଂ ଶନିବାର ଏଠାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୁଏ । ସେହିପରି ହନୁମାନ ଜୟନ୍ତୀରେ ଏଠାରେ ତିନି ଦିବସୀୟ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ମୂର୍ତ୍ତିରୁ ନିର୍ଗତ ଝାଳ ଯୋଗୁଁ ହିଁ ମନ୍ଦିରର ପ୍ରସିଦ୍ଧି ବଢ଼ିଛି ।

# ନୂଆ ବସ୍ତ୍ର ପରିଧାନର ନିୟମ



**ହିନ୍ଦୁ ପରମ୍ପରା ଅନୁସାରେ, କିଛି କାମ ପାଇଁ ଶୁଭ ସମୟ ଏବଂ ଦିନ ନିର୍ଦ୍ଧାରଣ କରାଯାଏ । ସେହିପରି କେଉଁ ଦିନ ନୂଆ ବସ୍ତ୍ର ପିନ୍ଧିବା ଶୁଭ ଏବଂ ଅଶୁଭ, ସେନେଇ ବି ନିୟମ ଅଛି ।**

ହିନ୍ଦୁ ଧର୍ମ ଅନୁସାରେ, ସପ୍ତାହରେ ତିନି ଦିନ ନୂଆ କପଡ଼ା ପିନ୍ଧିବା ଭଲ ନୁହେଁ । ରବିବାର, ମଙ୍ଗଳବାର ଏବଂ ଶନିବାର ନୂଆ କପଡ଼ା ପିନ୍ଧିବା ଅନୁଚିତ । ଅବଶ୍ୟ ସୋମବାର ମଧ୍ୟ ନୂଆ ବସ୍ତ୍ର ଧାରଣ କରିବା ଶୁଭ ହୋଇ ନ ଥାଏ । ରବିବାର ନୂଆ ବସ୍ତ୍ର ପରିଧାନ କଲେ ସୂର୍ଯ୍ୟ ଦୋଷ ସାମ୍ନା କରିବାକୁ ପଡ଼ିଥାଏ । ଏହ ଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦିଏ ।

ମଙ୍ଗଳବାର ନୂଆ ପୋଷାକ ପିନ୍ଧିଲେ କ୍ରୋଧଭାବ ଆସିଥାଏ । ସମାଜରେ ବଦନାମ ଏବଂ ପୋଷାକ ଶୀଘ୍ର ଚିରିଯାଏ । ସେହିପରି ଶନିବାର ନୂଆ ବସ୍ତ୍ର ପିନ୍ଧିବା ଅନୁଚିତ । ଏଭଳି କରିବା ଦ୍ୱାରା ଶନି ଦେବ କୋପ କରନ୍ତି । ଏହା ସହ ଗ୍ରହ ଦୋଷ ଆଶଙ୍କା ବୃଦ୍ଧି ପାଏ । ଶନିବାର ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଧନହାନି ଆଶଙ୍କା ରହିଥାଏ । ଏହାବାଦ୍ ଏହିଦିନ ନୂଆ କପଡ଼ା କିଣିବା ଭଲ ନୁହେଁ । ତେବେ ନୂଆ ବସ୍ତ୍ର ପିନ୍ଧିବା ପାଇଁ ବୁଧବାର, ଗୁରୁବାର ଏବଂ ଶୁକ୍ରବାର ଶୁଭ ହୋଇଥାଏ ।

# ଘଣ୍ଟିର ଧାର୍ମିକ ମହତ୍ତ୍ୱ



**ମନ୍ଦିରକୁ ପ୍ରବେଶ କରିବା ସମୟରେ ସମସ୍ତେ ଘଣ୍ଟି ବଜାଇଥାନ୍ତି । ଏହା ମନ୍ଦିରରେ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ । ତେଣୁ ଘଣ୍ଟି ବଜାଇବାର ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଜାଣିବା ।**

- ମନ୍ଦିର ପ୍ରବେଶ ସମୟରେ ଘଣ୍ଟି ବଜାଇବା ଦ୍ୱାରା ଦେବୀ ଦେବତାଙ୍କ ଚେତନା ଜାଗ୍ରତ ହୋଇଥାଏ ।
- ଏହାକୁ ବଜାଇବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ ଏବଂ ଆଖାପାଖର ନକାରାତ୍ମକ ଶକ୍ତି ନାଶ ହୁଏ ।
- ଏହା ଦ୍ୱାରା ପରିବେଶ ଶାନ୍ତିମୟ ହୋଇଥାଏ ।
- ଘଣ୍ଟି ବଜାଇବାର କେବଳ ଏହି ସବୁ ଧାର୍ମିକ ମହତ୍ତ୍ୱ ଅଛି ତାହା ନୁହେଁ, ଘଣ୍ଟିରୁ ଉତ୍ପନ୍ନ ଧ୍ୱନି ଶରୀରର ସାତ ଚକ୍ରକୁ ସକ୍ରିୟ କରିଥାଏ ।
- ଘଣ୍ଟି ଶବ୍ଦରୁ ମନ ଓ ମସ୍ତିଷ୍କ ଶାନ୍ତ ହୋଇଥାଏ ।
- ଯଦିଓ ମନ୍ଦିରରୁ ଫେରିବା ବେଳେ ଘଣ୍ଟି ବଜାଇବା ହାନି ନୁହେଁ, ତଥାପି ବୈଦିକ ନିୟମ ଅନୁସାରେ, ଫେରିବା ବେଳେ ଘଣ୍ଟି ବଜାଇବା ଦ୍ୱାରା ମାନସିକ ଶାନ୍ତି କମ୍ ହୋଇଥାଏ ।
- ଘଣ୍ଟିକୁ କଦାପି ଜୋର୍‌ରେ ବଜାଇବା ଅନୁଚିତ ।
- ଲଗାତାର ଘଣ୍ଟି ବଜାଇବା ଭଲ ନୁହେଁ ।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଶଗଡ଼ା, ୨୩।୬(ସମିସ):** ରବିବାର ଅପରାହ୍ନ ସମୟରେ କଣ୍ଟାମାଳସ୍ଥିତ ଶିବ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳର ପୂର୍ବତନ ବିଧାୟକ ଭଗବାନ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଣ୍ଟାମାଳ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ। ସମ୍ପାଦକ ଲକ୍ଷ୍ମଣ ସାହୁ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ୱେଚ୍ଛାସେବୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। କୋଷାଧ୍ୟକ୍ଷ ଗୌର ବାଘଙ୍କ ସମେତ ବିଭିନ୍ନ ଗ୍ରାମର ମୁଖ୍ୟ ଓ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ପ୍ରଭୁଙ୍କ ନୀତିକାନ୍ତି ପାଇଁ ରଶ୍ମି କୁଦେଇ, ବିଜୁ ସାହୁ, ମୁକ୍ତେ ନାୟକ, ଦାମ ବାଗଙ୍କୁ ମନୋନୀତ କରାଯାଇଛି।



# ନିମ୍ନମାନ କାମର କବଚ ସାଜିଛି ବୌଦ୍ଧ ପୂର୍ତ୍ତ ବିଭାଗ







**ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି**

**ହରଭଙ୍ଗା, ୨୩।୬(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ପୂର୍ତ୍ତ ବିଭାଗର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଅସନ୍ତୋଷ ସୃଷ୍ଟି କରିଛି। ବ୍ଲକର ମଣିପୁର ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେବାନେଇ ଅଭିଯୋଗ ହେଉଥିଲା ବେଳେ ଏଥିପାଇଁ ମାଟି ଫିଲିଙ୍ଗ କରି ସମ୍ପୃକ୍ତ ଠିକାଦାର ରଫାଦଫା କରିବାକୁ ଉଦ୍ୟମ କରିଥିଲେ ବି ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନେଇନାହିଁ। ଉକ୍ତ ନିର୍ମାଣ କାର୍ଯ୍ୟରେ ବାଲି ନା ମାଟି ଫିଲିଙ୍ଗ ହୋଇଛି ତାହା ଜିଲ୍ଲାପାଳ ତଦନ୍ତ କରିବାର ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି।

ଅନ୍ୟପଟେ ପୂର୍ତ୍ତ ବିଭାଗ ପକ୍ଷରୁ ବୌଦ୍ଧ-ଧଳପୁର ଜଗନ୍ନାଥ ସଡ଼କର ରାମଗଡ଼ ଲକ୍ଷ୍ମୀ ନାଳଠାରୁ ଧଳପୁର ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତାର ପିଚୁ କାମ ସ୍ଥାନେ ସ୍ଥାନେ ଅସମ୍ପୂର୍ଣ୍ଣ ରଖାଯାଇଛି। ବିଭିନ୍ନ କଲଭର୍ଟ କାମ ନିମ୍ନମାନର, ନୂତନ ପୋଲ ନିର୍ମାଣ ପରେ ମନଇଚ୍ଛା ଏଣେତେଣେ ମାଟି ପକାଇ ଦେବାରୁ କଲଭର୍ଟ ରାସ୍ତା ବ୍ଲକିଙ୍ଗ ହେବା ଯୋଗୁଁ ଚାଷୀ ମଧ୍ୟ ପାଣି ଠିକରେ ପାଇପାରୁ ନଥିବା ଅଭିଯୋଗ ହେଉଛି। ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ ପଥର ପେଚିଂ ହୋଇଥିଲେ ମଧ୍ୟ ତାହା ମଧ୍ୟ ନିମ୍ନମାନର ଥିବାରୁ ଭାଙ୍ଗିରୁଜି ଗଲାଣି। ଉକ୍ତ ଜଗନ୍ନାଥ ସଡ଼କର ବଲାଟ ସେତୁ ହେଉ କି ଧଳପୁର ସେତୁ, ଅତି ମନ୍ଥର ଗତିରେ ଚାଲିଛି। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ଅସନ୍ତୋଷ ପ୍ରକାଶ ପାଉଛି।

ତିନିବର୍ଷ ହେଲା ଶୀତଳପାଣି ରାସ୍ତାର କୁମାରୀ ବିଟ ନିକଟରେ ପୂର୍ତ୍ତ ରାସ୍ତା କିଛି ବାଟ ଅଧପନ୍ତରିଆ ପଡ଼ିଥିବାରୁ ବିଭିନ୍ନ ସମୟରେ ଯାତ୍ରୀ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କୁଟିଝାର-ଅଯୋଧ୍ୟା ପୂର୍ତ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଗଛ ଡାଳ ଓହଳି ପଡ଼ିଥିବାରୁ ବିଭିନ୍ନ ସମୟରେ ଯାନବାହନ ଯାତାୟାତରେ ବାଧକ ସାଜୁଛି। ଘଟଣା ସମ୍ପର୍କରେ ବୌଦ୍ଧ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସଙ୍କ କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବୀରମହାରାଜପୁର, ୨୩।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମିଳିତ ଶିକ୍ଷକ ସଂଘର ସଭାପତି ଯୁଗଳ କିଶୋର ମିଶ୍ରଙ୍କ ନେତୃତ୍ୱରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲାଙ୍କୁ ବ୍ଲକ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



କମିଟିର ସମ୍ପାଦକ ମେଘନାଦ ଭୋଇ, ପ୍ରାଣବନ୍ଧୁ ସାହୁ, ପ୍ରବିର ଦାସ୍, ଦୁଃଖୀଶ୍ୟାମ ଭୋଇ, ବିଶ୍ୱାମିତ୍ର ନାଏକ, ଗୋପବନ୍ଧୁ ଭୋଇ, ଗୋବିନ୍ଦ ମେହେର, ଜମ୍ବେଶ୍ୱର ଦିପ୍, ନାରାୟଣ ଜଗଦଲା, ଅକ୍ଷୟ ରାୟ, ପଦ୍ମନାଭ ବାରିକଙ୍କ ସମେତ ବହୁ ଶିକ୍ଷକ ସାମିଲ ଥିଲେ। ବୀରମହାରାଜପୁର ଶିକ୍ଷକ ଭବନ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ବିଧାୟକ କହିଥିଲେ।

## କାମରେ ଆସୁନି ଯାତ୍ରୀ ବିଶ୍ରାମାଗାର

**ହରଭଙ୍ଗା, ୨୩।୬(ସମିସ):** ହରଭଙ୍ଗା ବ୍ଲକ ରାମଗଡ଼ ପଞ୍ଚାୟତ କୋଇଲିସୂତା ଗ୍ରାମ ଛକଠାରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ଯାତ୍ରୀ ବିଶ୍ରାମାଗାର। ଗ୍ରାମବାସୀ ଏନେଇ କ୍ଷୋଭ ପ୍ରକାଶ କରୁଥିବା ବେଳେ ଲକ୍ଷାଧିକ ଟଙ୍କା ଅନୁଦାନରେ ନିର୍ମିତ ହୋଇ ପଡ଼ି ରହିଥିବା ବିଶ୍ରାମାଗାରଟିକୁ ଉପଯୋଗୀ କରିବାକୁ ଦାବି ହୋଇଛି। ସୂଚନା ଅନୁସାରେ, ୨୦୧୭-୧୮ ଆର୍ଥିକ ବର୍ଷରେ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଗ୍ରାମବାସୀଙ୍କ ଶ୍ରମଦାନରେ ଉକ୍ତ କୋଠାଟିକୁ ନିର୍ମାଣ କରାଯାଇଥିଲା। ମାତ୍ର ଅର୍ଥରାଶି କମ ହୋଇଥିବାରୁ ଯାତ୍ରୀ ବିଶ୍ରାମାଗାର ତାଜା ଲେବୁଲ ପର୍ଯ୍ୟନ୍ତ କାର୍ଯ୍ୟ ହୋଇ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି।




ପରେ ଏଥିପାଇଁ ଆବଶ୍ୟକ ହେଉଥିବା ଆଉ କିଛି ଅନୁଦାନ ମଞ୍ଜୁର କରାଯାଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂତନ ବିଧାୟକ ସରୋଜ ପ୍ରଧାନ ଉକ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବେ ବୋଲି ଗ୍ରାମବାସୀ ଆଶା ପ୍ରକଟ କରିଛନ୍ତି।

## ଚଲାପଥ ସମ୍ମାନରେ ସମ୍ମାନିତ ହେଲେ ଡ. ହିମାଂଶୁ



**ସୁବଳୟା, ୨୩।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କୁ ଚଲାପଥ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପୁରାତନ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଚଲାପଥ ପକ୍ଷରୁ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିପାଇଁ ଜଣାଶୁଣା ସାହିତ୍ୟିକ, ସଂସ୍କୃତି ଗବେଷକ, ଜାତୀୟ ସ୍ତରରେ ପ୍ରତିଷ୍ଠିତ ପରିଭ୍ରମଣ ଲେଖକ ଶ୍ରୀ ପାଢ଼ୀଙ୍କୁ ଚଲାପଥ ସମ୍ମାନ ୨୦୨୪ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଜୟଦେବ ଭବନରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଡ. ପାଢ଼ୀଙ୍କ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ତିନିଶହରୁ ଅଧିକ ପ୍ରବନ୍ଧ ରହିଛି। ଦେଶର ପ୍ରମୁଖ ସମ୍ବାଦପତ୍ର ଓ ପତ୍ରିକାରେ ତାଙ୍କଦ୍ୱାରା ଲିଖିତ ଅନେକ ପ୍ରବନ୍ଧ ଓ ଫିଚର ପ୍ରକାଶିତ ହୋଇଛି। ବୀରମହାରାଜପୁରସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ ତରଫରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି।

## ମିଳିନି ଅବସରକାଳୀନ ସହାୟତା

**ଶଗଡ଼ା, ୨୩।୬( ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ଗ୍ରାମର ଅଙ୍ଗନବାଡ଼ି ପାଚିକାଙ୍କୁ ଅବସର ନେବାର ଦେଢ଼ ବର୍ଷ ପରେ ମଧ୍ୟ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି।



ରୋଷେୟା ଭାବରେ କାର୍ଯ୍ୟ କରୁଥିବା ରଇବାରୀ ଗହିର ଦୀର୍ଘ ଦେଢ଼ ବର୍ଷ ହେଲା କାର୍ଯ୍ୟରୁ ଅବସର ନେଇଛନ୍ତି। ଇତି ମଧ୍ୟରେ ସେ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ଦାଖଲ କରିଛନ୍ତି। ତାଙ୍କୁ ଅବସର ପରେ ଅବସରକାଳୀନ ସହାୟତା ରାଶି ୨୦ ହଜାର ଟଙ୍କା ଯୋଗାଇ ଦେବାର ସରକାରୀ ନିୟମ ଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କୁ ଯୋଗାଇ ଦିଆଯାଇ ନାହିଁ। ଏ ସମ୍ପର୍କରେ ରଇବାରୀ ସୁପର ଭାଇଜର ଓ ସିଡିପିଓଙ୍କ ନିକଟରେ ଅଭିଯୋଗ କଲା ପରେ ମଧ୍ୟ ତାଙ୍କୁ କୌଣସି ସହାୟତା ରାଶି ଯୋଗାଇ ଦିଆଯାଇ ନାହିଁ। ଅବସର ପରେ ବହୁ ଅସୁବିଧାର ସହ କାଳାତିପାତ କରୁଥିବା ବେଳେ ତାଙ୍କୁ ଅବସରକାଳୀନ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜିଲ୍ଲାସ୍ତରୀୟ ବଳିଦାନ ଦିବସ

**ବୌଦ୍ଧ, ୨୩।୬(ସମିସ)**

ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରାମେଶ୍ୱର ବିହାରଠାରେ ପାଳନ କରାଯାଇଛି। ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଜିଲ୍ଲାସ୍ତରୀୟ ବଳିଦାନ ଦିବସ କାର୍ଯ୍ୟକ୍ରମରେ ପ୍ରଥମେ ସମସ୍ତ ବିଜେପି ନେତୃବୃନ୍ଦ ଡ. ମୁଖାର୍ଜୀଙ୍କୁ ଜାତୀୟତାବାଦର ଉଦଘୋଷକ ଓ ପ୍ରଖର ବିଦ୍ୱାନ ରୂପେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୌଦ୍ଧ ମହାନଦୀ କୂଳ ଜଳେଶ୍ୱର ମନ୍ଦିର ପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇ ଥିଲା। ୬ ଜୁଲାଇ ପର୍ଯ୍ୟନ୍ତ ମଣ୍ଡଳ, ଶକ୍ତି କେନ୍ଦ୍ର ସ୍ତରରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି। ଜିଲ୍ଲା ବିଜେପି ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତାପସ ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ରଙ୍କ ସହ ପୂର୍ବତନ ଜିଲ୍ଲା ବିଜେପି ସଭାପତି ମନରଞ୍ଜନ ଦାସ,



ମାଗୁଣି ଗାଇଗୌରିଆ, ନମିତାରାଣୀ ଦାସ, ନିରଞ୍ଜନ ଦାନୀ, ରାଜକୁମାର ମେହେର, ବାମନ ବାରିକ, ଶମ୍ଭୁ ପ୍ରଧାନ, ବିଶିକେସନ ପ୍ରଧାନ, ନବୀନ ହୋତା, ବଂଶୀଧର ନାୟକ ପ୍ରମୁଖ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଜିଲ୍ଲାର ସମସ୍ତ ମଣ୍ଡଳ ଓ ଶକ୍ତି କେନ୍ଦ୍ର ସ୍ତରରେ ବଳିଦାନ ଦିବସ ପାଳନ କରାଯାଇଛି।

## ମକୁନ୍ଦପୁରରେ ନ'ଦିନିଆ ରାମାୟଣ ପାରାୟଣ

**ଜହ୍ନାପଙ୍କ, ୨୩।୬(ସମିସ):** ରବିବାର ଅପରାହ୍ନଣ ସମୟରେ ବୌଦ୍ଧ ବ୍ଲକ ମକୁନ୍ଦପୁର ଗ୍ରାମରେ ଚାଲିଥିବା ନବାହ୍ନ ପାରାୟଣ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗଦାନ କରିଥିଲେ। ସପ୍ତମ ଦିବସରେ ବୌଦ୍ଧ ବିଧାୟକ ଶ୍ରୀ ପ୍ରଧାନ ପହଞ୍ଚିବା ପରେ ତାଙ୍କୁ



ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ତାଙ୍କୁ ପାରାୟଣ ମଣ୍ଡପ ସହ ପାଛୋଟି ନେଇଥିଲେ। ଏହି ରାମାୟଣ ପାରାୟଣରେ କର୍ତ୍ତା ଭାବେ ଦିଲ୍ଲୀପ ବେହେରା ଓ ତାଙ୍କର ଧର୍ମପତ୍ନୀ ପାର୍ବତୀ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ବ୍ୟାସ ଭାବେ ସଚ୍ଚି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ବିଭୀଷଣ ଚାନ୍ଦ ପୂଜା କାର୍ଯ୍ୟ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆସନ୍ତା ମଙ୍ଗଳବାର ପାରାୟଣ ଉଦଯାପିତ ହେବ।

# ଅବହେଳିତ ବାରିଗାଁର ଚନ୍ଦ୍ରମଣି ବାବାଙ୍କ ମଠ

- ବାବାଙ୍କ ରଚନା ଉପରେ ହୋଇନି ଗବେଷଣା
- ପର୍ଯ୍ୟଟନ କ୍ଷେତ୍ର ଭାବେ ମାନ୍ୟତା ଦାବି





**ସୋନପୁର, ୨୩।୬ (ସମିସ)**

ମନ୍ଦିର, ମଠ, ଧର୍ମ ଏବଂ ସଂସ୍କୃତିର ଜିଲ୍ଲା ହେଉଛି ସୁବର୍ଣ୍ଣପୁର। ବିଭିନ୍ନ ଗାଁରେ ଶହ ଶହ ବର୍ଷର ପୁରୁଣା ମଠ ସବୁ ରହିଛି। ଏହି ମଠ ହିଁ ଦିନେ ଅଞ୍ଚଳର ଜନସାଧାରଣଙ୍କୁ ଏକ ଆଧ୍ୟାତ୍ମିକ ଭାବଧାରାରେ ବାନ୍ଧି ପାରି ଥିଲା। ବିଭିନ୍ନ ଗ୍ରାମରେ ମୁଖ୍ୟତଃ ବୈଷ୍ଣବ ଧର୍ମୀ ବାବାଙ୍କ ମଠ ସବୁ ରହିଛି। ଉଲ୍ଲୁଣ୍ଡା ବ୍ଲକ ଅନ୍ତର୍ଗତ ବାରିଗାଁଠାରେ ଥିବା ବାବା ଚନ୍ଦ୍ରମଣି ଦାସଙ୍କ ମଠ ହେଉଛି ଏକ ପ୍ରମୁଖ ମଠ। ଏହି ପବିତ୍ର ସ୍ଥାନରେ ବାବା ସିଦ୍ଧିପ୍ରାପ୍ତ ହୋଇଥିଲେ। ତାଙ୍କ ଲେଖନୀରୁ ନିସୃତ ହୋଇଥିଲା ଗୋଟିଏ ପରେ ଗୋଟିଏ ପୌରାଣିକ ଗ୍ରନ୍ଥ। ବାରିଗାଁ ମଠ ଏଭଳି ଏକ ପବିତ୍ର ସ୍ଥାନ ହୋଇଥିଲେ ମଧ୍ୟ ଆଖିଦୃଶିଆ ବିକାଶ ହୋଇ ପାରିନାହିଁ। ବାବାଙ୍କ ସାହିତ୍ୟ ସର୍ଜନା ଉପରେ ଗବେଷଣା ପାଇଁ ଏଯାଏଁ ସରକାରୀ ସ୍ତରରେ ଉଦ୍ୟମ ହୋଇ ନାହିଁ। ଏହି ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବୈଷ୍ଣବ ଧର୍ମର ଶ୍ରେଷ୍ଠ କବି ବାବା ଚନ୍ଦ୍ରମଣି ଦାସ ପ୍ରତିଷ୍ଠା କରିଥିବା ତିନୋଟି ମଠ ମଧ୍ୟରୁ ବାରିଗାଁ ଅନ୍ୟତମ। ବାରିଗାଁ, ବାଘବର ଏବଂ ବାଘପାଲି ଗାଁରେ ବାବା ଚନ୍ଦ୍ରମଣି ମଠ ପ୍ରତିଷ୍ଠା କରିଥିଲେ। ରାଧାକୃଷ୍ଣଙ୍କ ଭଜନ ସହିତ ସୁଧାସାର ଗୀତା ରଚନା କରି ଚନ୍ଦ୍ରମଣି ଦାସ ନିଜ କବିତ୍ୱର ପରିଚୟ ଦେଇଛନ୍ତି। 'ଅ' ଅକ୍ଷରରୁ 'କ୍ଷ' ପର୍ଯ୍ୟନ୍ତ ପଦ ଯୋଡ଼ି ବାବା ପୁସ୍ତକ ରଚନା କରିଛନ୍ତି। ପ୍ରଥମେ ବାଘବର ଗାଁରେ ବାବା ଚନ୍ଦ୍ରମଣି ଦାସ ଏକ ମଠ ପ୍ରତିଷ୍ଠା କରିଥିଲେ, ପରେ ବାରିଗାଁ ମଠରେ ସିଦ୍ଧିପ୍ରାପ୍ତ ହୋଇଥିଲେ ଏବଂ ବାଘପାଲି ମଠରେ ଦେହତ୍ୟାଗ କରିଥିଲେ। ସ୍ମୃତି ସ୍ୱରୂପ ଏବେ ମଧ୍ୟ ବାରିଗାଁ ମଠରେ ବାବାଙ୍କ ଆଶାବାଡ଼ି ଏବଂ ଏକ ଚିମୁଟା ରହିଛି। ମଠ ପରିସରରେ ବାବାଙ୍କ ଧୂନି ସ୍ଥାନ ରହିଛି। ଆଶାବାଡି ଏବଂ ଚିମୁଟାକୁ ଗାଦି ଉପରେ ରଖି ପ୍ରତ୍ୟହ ପୂଜା କରାଯାଉଛି।

ଏହି ମଠ ଦୃଷ୍ଟିର ଆଢୁଆଳରେ ରହି ଯାଇଥିବା ଅଭିଯୋଗ ହୋଇଛି। ମଠ ପରିସରରେ କିଛି ଘରୋଇ ଲୋକଙ୍କ ଜମି ବାହାରି ଥିବାରୁ ଏଯାଏଁ ମଠ ପରିସରକୁ ବାଡକରି ଆବଦ୍ଧ କରାଯାଇ ପାରୁନାହିଁ। ରୋଷଘର, ଲାଇବ୍ରେରୀ ଆଦି ମଠ ପରିସରରେ ନିର୍ମାଣ ହୋଇ ପାରିନାହିଁ। ଏହାପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ବାବା ଚନ୍ଦ୍ରମଣି ଦାସଙ୍କ ମଠକୁ ଗ୍ରାମବାସୀ ଏକ ତୀର୍ଥକ୍ଷେତ୍ର ସଦୃଶ ମନେ କରିଥାନ୍ତି। ବାବାଙ୍କ ସନ୍ତକ ଆଶାବାଡ଼ି ଏବଂ ଚିମୁଟାକୁ ଗ୍ରାମବାସୀ ପ୍ରତ୍ୟହ ଦର୍ଶନ କରିଥାନ୍ତି। ତେବେ ଏହି ମଠ ତଥା ବାବାଙ୍କ ମହିମା ବାବଦରେ ପ୍ରଚାର ପ୍ରସାର ହୋଇ ପାରୁନାହିଁ। ବାବାଙ୍କ ସାହିତ୍ୟ ସର୍ଜନା ଦିଗ ପ୍ରତି ଏଯାଏଁ ଅଣଦେଖା କରାଯାଇଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦ୍ୟମରେ କିଛି ନିର୍ମାଣ କାମ ହୋଇଛି ସତ ହେଲେ ମଠର ଆଖିଦୃଶିଆ ବିକାଶ ହୋଇ ପାରିନାହିଁ। ଚନ୍ଦ୍ରମଣି ଦାସଙ୍କ ମଠକୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ରାଜ୍ୟ ସରକାର ମାନ୍ୟତା ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## କାମ କରୁନି ମୋବାଇଲ ନେଟୱର୍କ

**ବାଉଁଶୁଣି, ୨୩।୬(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣିରେ ଦୁଇ ଦିନ ହେଲା କାମ କରୁନି ଜିଓ ୫-ଜି ନେଟୱର୍କ। ଗ୍ରାହକଙ୍କ ମନରେ ବଢୁଛି ଅସନ୍ତୋଷ। ବାଉଁଶୁଣି, ଜମାଘଟି, ବୈଦ୍ୟନାଥପୁର, ଯମଟାଙ୍ଗୀ ଓ ଆଖପାଖ ଅଞ୍ଚଳରେ ଦୁଇ-ତିନି ଦିନ ହେଲା ୫-ଜି ନେଟୱର୍କ ବଦଳରେ ୪ଜି ନେଟୱର୍କ କେତେବେଳେ କେମିତି ଆସୁଥିବା ବେଳେ ଅଧିକ ସମୟ ନେଟୱର୍କ କଟି ଯାଉଛି।



ଫଳରେ ଇଣ୍ଟରନେଟ ବିନା କୌଣସି କାମ ହୋଇପାରୁନି ଏମିତିକି ଛାତ୍ର ଛାତ୍ରୀ ଅନଲାଇନରେ ପାଠ ପଢୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଓ ନେଟୱର୍କର ଅବ୍ୟବସ୍ଥାକୁ ଯଥା ଶୀଘ୍ର ଠିକ୍ କରି ବାଉଁଶୁଣି ତଥା ଆଖପାଖ ଅଞ୍ଚଳରେ ସେବା ସ୍ୱାଭାବିକ କରିବାକୁ ଦାବି ହେଉଛି।

## କୁମ୍ଭାର ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ସଭା ଉଦ୍‌ଯାପିତ

**ବୌଦ୍ଧ, ୨୩।୬(ସମିସ):** କୁମ୍ଭାର ସମାଜର ଦୁଇଦିନ ଧରି ଚାଲିଥିବା ୨୭ତମ ଜିଲ୍ଲାସ୍ତରୀୟ ବାର୍ଷିକ ସାଧାରଣ ସଭା ଉଦଯାପିତ ହୋଇଯାଇଛି। ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ଖଲିଗାଁ ଗ୍ରାମରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା କୁମ୍ଭାର ସମାଜର ସଭାପତି ନନ୍ଦକିଶୋର ରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବର ସମାଜର ଉପସଭାପତି ମୁରଲୀଧର ରଣା, ସମ୍ପାଦକ ଉମେଶ ରଣା, ସହସମ୍ପାଦକ ଭୋଳାନାଥ ରଣା, ସଂଗଠକ ଉଦୟନାଥ ରଣା, ସମୀକ୍ଷକ ଶେଷଦେବ ରଣା, ପଶ୍ଚିମଓଡ଼ିଶା ଜୋନ-୩ ସମ୍ପାଦକ ଶଙ୍କର୍ଷଣ ରଣା, ଉପଦେଷ୍ଟା ଗୋକୁଳ ରଣା, ପ୍ରହଲ୍ଲାଦ ରଣା, ଭୀମସେନ ରଣା, ଚନ୍ଦ୍ରକାନ୍ତ ରଣା, ସୁଦାମ ରଣା, ମୋହନ ରଣା ମଞ୍ଚାସୀନ




ଥିଲେ। ପ୍ରାରମ୍ଭରେ ଇଷ୍ଟଦେବୀ ରୁଦ୍ରପାଳ ରତ୍ନେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମାଜର ବିଭିନ୍ନ ସମସ୍ୟା ଓ ସଂସ୍କାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେଟ୍ରିକ, ଉଚ୍ଚ ମାଧ୍ୟମିକ ଓ ସ୍ନାତକରେ କୃତିତ୍ୱ ହାସଲ କରିଥିବା ୧୭ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ମୟସେନ ରଣା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମାଜର ପତାକାକୁ ସଭାପତି ଅବତରଣ କରାଯାଇ ସଭା ଉଦ୍‌ଯାପନ ଘୋଷଣା କରାଯାଇଥିଲା। ଏହି ବାର୍ଷିକ ସାଧାରଣ ସଭାରେ ଜିଲ୍ଲା କର୍ମକର୍ତ୍ତାଙ୍କ ସମେତ ୧୩ଟି ଆଞ୍ଚଳିକ କେନ୍ଦ୍ରର କର୍ମକର୍ତ୍ତା ଓ ସଭ୍ୟ, ଉପଦେଷ୍ଟାମଣ୍ଡଳୀ, ସମୀକ୍ଷକ, ସଂଗଠକ ଓ ଜିଲ୍ଲା ବୋର୍ଡର ସଦସ୍ୟ ଉପସ୍ଥିତ ଥିଲେ।

ସକାଳ THE SAKALA



# ଅଳ୍ପ ଦିନରେ ଭାଙ୍ଗିଲା ସେତୁ ମୁହାଣ ଓ ସୁରକ୍ଷା ଖୁଣ୍ଟ

**ହାଟଡ଼ିହୀ,୨୩।୬(ସମିସ):** ଆନନ୍ଦପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଅକରୁଆ-ତରତରା ୧କିମି ରାସ୍ତାର ଗାଇଦାଣ୍ଡି ନାଳ ଉପରେ ନବନିର୍ମିତ ବିଜୁସେତୁର ଉଭୟ ମୁହାଣ ପାଶ୍ୱର୍ ସହ ପିଚୁରାସ୍ତା ଫାଟି ଆଁ କରି ମେଲା ହୋଇଯାଇଥିବା ବେଳେ ଅଧିକାଂଶ ସୁରକ୍ଷାଖୁଣ୍ଟ ଗୁଡ଼ିକର ମୂଳ ମଜବୁତ ନଥିବାରୁ ସାମାନ୍ୟ ବର୍ଷାରେ ଉପୁଡ଼ି ରାସ୍ତାର ୪୦ଫୁଟ ତଳେ ପଡ଼ିଥିବା ଦେଖାଯାଇଛି। ଏହି ବିଜୁସେତୁ ନିର୍ମାଣ ପାଇଁ ୨କୋଟି ୫୧ଲକ୍ଷ ୧୪ହଜାର ଟଙ୍କା ବ୍ୟୟ ଆକଳିତ ହୋଇଥିଲା। ସେତୁ ନିର୍ମାଣରେ ଅଟକଳ ଅନୁଯାୟୀ ଦୈର୍ଘ୍ୟ ୩୨.୯୪ମି. ଓ ପ୍ରସ୍ତ ୭.୫ମି. ରହିଥିବା ବେଳେ ଏହି ସେତୁ ଦେଇ ଅକରୁଆ, ଭାତକରୁଆ, ତରତରା, ଚୋରଗଡ଼ିଆ, ଘୋଷରାପଦା, କାଠିଆସରା ଆଦି ଗ୍ରାମର ପ୍ରାୟ ୮ହଜାର ୫ଶହ ୨୦ଜଣ ଲୋକଙ୍କ ସହିତ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହନ, ସ୍କୁଲ-କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ସୁବିଧାରେ ଗମନାଗମନ କରିବା ସହ ଅନେକ ବ୍ୟବସାୟୀମାନେ ବାଣିଜ୍ୟ କାରବାର କରି ଉପକୃତ ହୋଇପାରିବେ ବୋଲି ଆଶା କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ, ଆନନ୍ଦପୁର ଗ୍ରାମ୍ୟ ନିର୍ମାଣ ବିଭାଜନର କର୍ମଚାରୀ ଓ ଉପରିସ୍ଥ ଅଧିକାରୀଙ୍କ ଦାୟିତ୍ୱ ହୀନତା



ଯୋଗୁଁ ନିର୍ମାଣ ଶେଷ ହେବାର ୨ମାସ ମଧ୍ୟରେ ରାସ୍ତାରୁ ପିଚୁ ଫାଟି ଖଣ୍ଡ ଖଣ୍ଡ ହେବା ଏବଂ ସୁରକ୍ଷାଖୁଣ୍ଟି ଗୁଡ଼ିକ ଉପୁଡ଼ି ପଡ଼ି କିଛି ପୋଲରୁ ତଳକୁ ଝୁଲନ୍ତା ଅବସ୍ଥାରେ ତ ପୁଣି କିଛି ଖୁଣ୍ଟ ପୋଲ ତଳେ ପଡ଼ିଥିବା ପରିଲକ୍ଷିତ ହୋଇଛି। ପୋଲ ମୁହାଣରୁ ରାସ୍ତାର ଉଭୟ ପାଶ୍ୱର୍ର କମ୍ପାକ୍ସନ କାର୍ଯ୍ୟରେ ଭାଇବ୍ରେଟିଙ୍ଗ, ରୋଲିଙ୍ଗ, ମେଣ୍ଟାଲିଂ, ଡବ୍ଲୁଏମଏମ ବିଛାଇବା ସହ କ୍ରସର ଚିପ୍ସ ଆଦିର ସାମଗ୍ରୀ ସଠିକ ପରିମାଣରେ ବ୍ୟବହାର କରାଯାଇନଥିବା ଏବଂ ରାସ୍ତାପାଶ୍ୱର୍ର ପଥର ପେଚିଂ କାମ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପଦ୍ମନାଭ ଜେନା, ଭାଗିରଥି ଖଟୁଆ, ପୁରୋତ୍ତମ ଘଡ଼େଇ, ସତ୍ୟବ୍ରତ ଜେନା, ମନୋଜ କୁମାର ଜେନା, ଅଭିନ ଖଟୁଆ, ସନାତନ ଜେନା, ଶରତ ଜେନା, ରଙ୍ଗାଧର ଜେନା ପ୍ରମୁଖଙ୍କ ସହ ଗ୍ରାମର ଅନ୍ୟ ବାସିନ୍ଦା କହିଛନ୍ତି। ଏପରି ନିମ୍ନମାନର କାର୍ଯ୍ୟକୁ କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଅଧିକାରୀ କିପରି କେଉଁ ପରିସ୍ଥିତିରେ ଅନୁମୋଦନ କଲେ ତାହା ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଏଭଳି ଦାୟିତ୍ୱ ହୀନତା ନିମ୍ନମାନର କାର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ କୋଟି କୋଟି ଟଙ୍କାର ସରକାରୀ ଅର୍ଥ ତୋଷାରପାତ ହେବା କୁହାଯାଇଛି। ଏହି ପୋଲଦେଇ ଗମନାଗମନ କରିବା ନିହାତି ପକ୍ଷେ ବିପଦପୂର୍ଣ୍ଣ ପରି ମନେହେଉଛି। ଏଭଳି କାର୍ଯ୍ୟ ପାଇଁ ପ୍ରକୃତରେ କିଏ ଦାୟୀ ଏଥିପ୍ରତି କେନ୍ଦୁଝର ଜିଲ୍ଲାପାଳ, କେନ୍ଦୁଝର ସାଂସଦ, ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ସ୍ଥାନୀୟ ବିଧାୟକ ଅଭିମନ୍ୟୁ ସେଠୀ ତୁରନ୍ତ ଦୃଷ୍ଟିଦେଇ ଏହାର ତଦନ୍ତ କରିବା ସହ ପ୍ରକୃତ ଦୋଷୀ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି ପୁଙ୍ଖାନୁପୁଙ୍ଖ ତଦନ୍ତ କରାନଗଲେ ସ୍ଥାନୀୟ ବାସିନ୍ଦା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲେଇବା ନେଇ କଡ଼ା ଚେତାବନୀ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଭେଟିଲେ ବିଜେପି ନେତା



**ହାଟଡ଼ିହୀ,୨୩।୬(ସମିସ):** ଆନନ୍ଦପୁରର ବରିଷ୍ଠ ବିଜେପି ନେତା ଆଲୋକ ସେଠୀ ଓ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକଙ୍କ ସହ ହାଟଡିହୀ ବିଜେପି ସଂଗଠନର କାର୍ଯ୍ୟକର୍ତ୍ତା ଜଗତଜୀବନ ରାମଗୋଲାମ ଦେବତା, ହରମୋହନ ଶାସିନୀ, ଟୁକୁନା ମାହାନ୍ତ, ଅର୍ଣ୍ଣଦା ପ୍ରସାଦ ଜେନା, ଯୁଧିଷ୍ଠିର ମଲ୍ଲିକ, ବଳଭଦ୍ର ବାରିକ, ସୁନୀଲ କୁମାର ନାୟକ, ଶଶିକାନ୍ତ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂତନ ବାଚସ୍ପତି ସୁରମା ପାଢ଼ୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ହାଟଡିହୀ ଅଞ୍ଚଳରେ ଦୀର୍ଘବର୍ଷ ଧରି ରହିଥିବା ପ୍ରମୁଖ ସମସ୍ୟା ଗୁଡ଼ିକର ସମାଧାନ କିପରି ହେବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବାସହ ସେସବୁର ସମାଧାନ କିପରି ହୋଇପାରିବ ସେନେଇ ଦୃଷ୍ଟି ଦେବେ ବୋଲି ହାଟଡିହୀ ବିଜେପି ଟିମ୍ ପକ୍ଷରୁ ସୂଚନା ମିଳିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ତେଲକୋଇ,୨୩।୬(ସମିସ):** ତେଲକୋଇ ବ୍ଲକ ଅନ୍ତର୍ଗତ ବିମଳା ପଞ୍ଚାୟତ ଅଧିନସ୍ଥ ବଳଭଦ୍ରପୁର (ଖ) ପନାସିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବଲ୍ଲଭ ଦେହୁରୀ ଯୋଗ ଦେଇଥିବା ବେଳେ ଅନ୍ୟଅତିଥିମାନଙ୍କ ମଧ୍ୟରେ ସିରିଗିଡ଼ା ସିଆର୍‌ସିସି ଅଶୋକ କୁମାର ମହାନ୍ତ, ପୂର୍ବତନ ସିଆର୍‌ସିସି ଉଦୟନାଥ ପରିଡ଼ା, ଆକୁଳ ସିଆର୍‌ସିସି କୈଳାସ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରରୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ରହିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିଶିର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଅଳତି ସରପଞ୍ଚ

**ରାମଚନ୍ଦ୍ରପୁର,୨୩।୬(ସମିସ):** କେନ୍ଦୁଝର ମାଟିର ପୁଅ ମୋହନଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଜିଲ୍ଲା ବ୍ୟାପୀ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ନେତା ଠାରୁ ସାଧାରଣ ଜନତା ଶୁଭେଚ୍ଛା ଜଣାଇବାକୁ ଭୁବନେଶ୍ୱରରେ ଭିଡି ଜମାଇଛନ୍ତି। ଇତି ଅବସରରେ ନିଜ ପଞ୍ଚାୟତକୁ ସରକାରଙ୍କ ବିକାଶ ରଥରେ ଆଗଇ ନେବାକୁ ସଙ୍କଳ୍ପ କରି ଘସିପୁରା ବ୍ଲକ ଅଳତି ପଞ୍ଚାୟତର ଯୁବ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଶ୍ରୀବାଦ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ନିଜ ପଞ୍ଚାୟତର ବିକାଶ ପାଇଁ ସହଯୋଗ ଲୋଡିଛନ୍ତି। ଯୁବ ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ପଞ୍ଚାୟତବାସୀ ପ୍ରଶଂସା କରିବା ସହ ସରକାରଙ୍କ ବିକାଶ ରଥରେ ସାମିଲ ହେବାକୁ ଅନାଇ ବସିଛନ୍ତି।



## ନେପାଳ ସମ୍ମିଳନୀରେ ଯୋଗଦେଲେ ଶିକ୍ଷକ

**ସୋସୋ,୨୩।୬(ସମିସ):** ନେପାଳର ପୋଖରା, କାଠମାଣ୍ଡୁଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଧର୍ମ ଓ ପର୍ଯ୍ୟଟନ ସମ୍ପର୍କିତ ସମ୍ମିଳନୀରେ ଓଡିଶାରୁ ଏକମାତ୍ର ପ୍ରତିନିଧି ଭାବେ ଶିକ୍ଷକ ଡ. ସହଦେବ ବେହେରା ଯୋଗଦେଇଛନ୍ତି। ଏହି ଭାରତ ନେପାଳ ଆନ୍ତର୍ଜାତିକ ସମ୍ମିଳନୀରେ ଶ୍ରୀ ବେହେରା ନିଜର ଗବେଷଣାମୂଳକ ସନ୍ଦର୍ଭ 'ଜଗନ୍ନାଥ ମନ୍ଦିରର ଐତିହ୍ୟ ଓ ଧାର୍ମିକ ମାହାତ୍ମ୍ୟ ଏକ ଅଧ୍ୟୟନ' ଉପସ୍ଥାପନ କରି ଉପସ୍ଥିତ ଅତିଥିଙ୍କ ଠାରୁ ପ୍ରଶଂସା ପାଇଥିଲେ। ଭାରତ ଓ ନେପାଳର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ, ଧର୍ମ ଅନୁଷ୍ଠାନର ଅଧ୍ୟାପକ, ପ୍ରାଧ୍ୟାପକ, ଡିନ୍, ଅଧ୍ୟକ୍ଷ, ଗବେଷକ ପ୍ରଭୃତି ତିନିଶହରୁ ଅଧିକ ଅତିଥି ଯୋଗଦେଇଥିଲେ। ଶ୍ରୀ ବେହେରାଙ୍କ ଘର ହାଟଡିହି ବ୍ଲକ ମଙ୍ଗରାଜପୁର ଗ୍ରାମରେ ହୋଇଥିବାବେଳେ ବର୍ତ୍ତମାନ ସେ ଠାକୁରମୁଣ୍ଡାସ୍ଥିତ ଧାତିକିଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

## ଡିଭାଇଡରକୁ ଧକ୍କାଦେଇ ଓଲଟିଲା କାର୍

**ଡୁବୁମୁଙ୍ଗା,୨୩।୬(ସମିସ):** କେନ୍ଦୁଝର ଜିଲ୍ଲା ଡୁବୁମୁଙ୍ଗା ଥାନା ଅନ୍ତର୍ଗତ ପାଟଣା କେନ୍ଦୁଝର ରାସ୍ତାର ଖୁଣ୍ଟାପଡା ନିକଟରେ ସୋମବାର ମଧ୍ୟାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ରାସ୍ତା କଡ଼କୁ ଓଲଟିପଡିଛି। ଫଳରେ କାର୍‌ରେ ଥିବା ଦୁଇ ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ଆହତଙ୍କୁ କରଞ୍ଜିଆ ମେଡ଼ିକାଲକୁ ନେଇ ଚିକିତ୍ସା କାରାଯାଇଛି। କାର୍‌ଟି କେନ୍ଦୁଝର ପଟୁ ପାଟଣା ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଆହତଙ୍କ ପରିଚୟ ମିଳିପାରିନାହିଁ।



## ବେଆଇନ ମାଟି ଇଟା ଭାଟି ଚାଲୁଥିବା ଅଭିଯୋଗ

**ସୋସୋ,୨୩।୬(ସମିସ):** ହାଟଡିହି ବ୍ଲକ ସୋସୋ ରାଜସ୍ୱ ନିରୀକ୍ଷକ ଅଧୀନରେ ବେଆଇନ ଭାବେ ମାଟି ଇଟାଭାଟି ପଡୁଥିବା ବେଳେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ସାଳନ୍ଦୀ ପଠାରୁ ଚୋରା ବାଲି ଚାଲାଣ କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ତହସିଲ ପକ୍ଷରୁ ଜରିମାନା କରାଯାଇଥାଏ କିନ୍ତୁ ରାସ୍ତା କଡରେ ଓ ବସ୍ତି ପାଖରେ ଜନୈକ ବ୍ୟକ୍ତି ଇଟା ପକାଇ ସରକାରୀ ନିୟମକୁ ଖୁଲ୍ଲମଖୋଲା ଉଲ୍ଲଙ୍ଘନ କରୁଥିବାବେଳେ ସେହି ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନେ ଇଟାଭାଟି ପକାଇବାକୁ ନେଇ ଅଭିଯୋଗ ଏବେ ଚର୍ଚ୍ଚା ଜୋର ଧରିଛି। ସେହିପରି ସାଳନ୍ଦୀ ନଦୀ ପଠାରୁ ବାଲି ଚୋରାଚାଲାଣ କରୁଥିବା ଜନୈକ ଟ୍ରାକ୍ଟର ମାଲିକ ସେପଟେ ଟ୍ରାକ୍ଟରରେ ଲୋଡିଂ କରୁଥିବା ଶ୍ରମିକ ଓ ସମର୍ଥକଙ୍କୁ ଧରି ଅଭିଯୋଗ କରିବାକୁ ନେଇ ଏବେ ସୋସୋ ପଞ୍ଚାୟତରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଚାଲୁଣି ଛୁଞ୍ଚି ନାମରେ ଅଭିଯୋଗ କରିବାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ବିଭାଗୀୟ ଅଧିକାରୀ ବେଆଇନ ଭାବେ ମାଟି ଇଟା ପୋଡୁଥିବା ବ୍ୟକ୍ତିଙ୍କ ଜାଗାକୁ ତଦନ୍ତ କରି ସେମାନଙ୍କ ନାମରେ ଜରିମାନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ନାବାଳକ

● ସହାୟତା ପାଇଁ ବାପା ମାଆଙ୍କ ନିବେଦନ

**ଡୁବୁମୁଙ୍ଗା,୨୩।୬(ସମିସ):** କଅଁଳ ବୟସରେ ମାଡି ବସିଲା ବଡ଼ ରୋଗ। ଯେଉଁ ବୟସରେ ହାତରେ ବ୍ୟାଗ ଧରି ସ୍କୁଲ ଯିବା କଥା, ସାଙ୍ଗ ସାଥିଙ୍କ ସହ ଖେଳି ହସଖୁସିରେ ଶୈଶବ ଜୀବନ ବିତାଇବା କଥା ସେହି ବୟସରେ ବିଛଣାରେ ପଡି ରହି ମୃତ୍ୟୁ ସହ ସଙ୍ଘର୍ଷ କରୁଛି ୧୩ ବର୍ଷର ନାବାଳକ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଗ୍ରାମର ଶରତ ଚନ୍ଦ୍ର ସେଠୀ ଓ ଜୋସ୍ନାରାଣୀ ସେଠୀଙ୍କ ଏକମାତ୍ର ୧୩ ବର୍ଷର ପୁଅ ରିଙ୍କୁ ସେଠୀଙ୍କ ଦୁଇଟି ଯାକ କିଡ୍‌ନୀ ନଷ୍ଟ ପରେ ଏବେ ଚିନ୍ତାରେ ବାପା ମାଆ। ରୋଗ ଆରମ୍ଭ ହେବାପର ଠାରୁ ପାଖରେ ଯାହା ଟଙ୍କା ପଇସା ଥିଲା ମେଡିକାଲକୁ ମେଡିକାଲ ଯାଇଡାକ୍ତର ଦେଖାଇ ସର୍ବସ୍ୱ ସାରି ଦେବା ପରେ ସୁନା ଗହଣା ବନ୍ଧା ପକାଇ ସପ୍ତାହକୁ ଦୁଇ ଥର କଟକ ଶିଶୁ ଭବନକୁ ଡାଇଲେସିସ୍ ପାଇଁ ନେବାକୁ ପଡୁଛି। ଏଭଳି ସ୍ଥଳରେ ପାଖରେ ଆଉ ଟଙ୍କା ପଇସା ନଥିବାରୁ ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଆକୁଳ ନିବେଦନ କରିଛନ୍ତି ବାପା ମାଆ। କଅଁଳ ବୟସରେ ନାବାଳକକୁ କିଡ୍‌ନୀ ରୋଗ ଶଯ୍ୟାଶାୟୀ କରିଦେଇଥିବା ବେଳେ ଚିକିତ୍ସା ପାଇଁ ସରକାରୀ ସ୍ତରରେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏଥି ସହ ବେସରକାରୀ କିମ୍ବା ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ପରିବାର ଲୋକେ ନିବେଦନ କରିଛନ୍ତି।



## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ରାମଚନ୍ଦ୍ରପୁର,୨୩।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବେଲସୁନ୍ଦରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଗାଁ ମୁରବୀ ଡ. ସୋମନାଥ ମଲ୍ଲିକ (୮୦)ଙ୍କ ଶନିବାର ରାତି ସାଢେ ୧୨ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ କିଛି ଦିନ ହେଲା କିଡ୍‌ନୀ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ଗତକାଲି ରାତି ୧୨ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସକାଳୁ ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ଟ୍ରଷ୍ଟି ଡ.ରତିକାନ୍ତ ବରାଳ, ଅଳତି ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ, ସମାଜସେବୀ ମନ୍ମଥକୁମାର ରାଉତ, ସହପାଠୀ ଦିଗମ୍ବର ସାହୁ, ଗାଁ ମୁରବୀ ଯୁଧିଷ୍ଠିର ସାହୁ, ଘନଶ୍ୟାମ ସାହୁ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ଗଣମାନ୍ୟ ବ୍ୟକ୍ତି ତାଙ୍କ ବେଲସୁନ୍ଦରୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମଲ୍ଲିକ ଶିକ୍ଷକତାରୁ ଅବସର ନେବା ପରେ ଗ୍ରାମର ବାଦୀପାଲା ଅନୁଷ୍ଠାନ ସହ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଏବଂ ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ ସକ୍ରିୟ ଭାବେ ଜଡ଼ିତ ରହି କାର୍ଯ୍ୟ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ବିଶ୍ୱନାଥ ମଲ୍ଲିକ ମୁଖାଗ୍ନି ଦେଇଥିଲେ।

## କରଡ଼ାପାଳ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର,୨୩।୬(ସମିସ):** ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ଅନ୍ତର୍ଗତ କରଡାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ମହାରଣାଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳିନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ପ୍ରାଥମିକ ସଂଘ (ଅଲୋସ୍ତା) ସମ୍ପାଦକ ସୁରେଶ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଅଳତି କ୍ଲଷ୍ଟର ସିଆର୍‌ସିସି ପ୍ରଭାତକୁମାର ଧୀର, ଗଁପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ହର୍ଯ୍ୟାକୁମାର ଜେନା, ଶିକ୍ଷକ ହିମାଂଶୁ ପଟ୍ଟନାୟକ, ଦିଲ୍ଲିପ କୁମାର ସାହୁ, ସମାଜସେବୀ ରମାକାନ୍ତ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ମହାରଣା ୧୯୯୨ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୩୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଆସିଥିଲେ। ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ ତଥା ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ଉପହାର ସହିତ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରାଙ୍ଗ ସିଆର୍‌ସିସି ବିଶିକେଶନ ଭୂୟାଁ ମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗାଁ ମୁରବୀ ତଥା ଉତ୍ସବର ସଭାପତି ମଧୁସୂଦନ ଜେନା ଗୁରୁଙ୍କୁ ସମ୍ମାନ ଏବଂ ପିତାମାତାଙ୍କ ଠାରେ ସଦାସର୍ବଦା ଭକ୍ତି ରଖିବାକୁ ପୁରାତନ ତଥା ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମଞ୍ଚରୁ ଆହ୍ୱାନ ଦେଇଥିଲେ। ଏଥିସହ କୋରେଇ ବ୍ଲକ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଶତପଥି ଓ ଘସିପୁରା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ଅଭିଭାଷଣ ରଖିଥିଲେ। ଉତ୍ସବ ପରିଚାଳନାରେ ସହକାରୀ ଶିକ୍ଷକ ଦୁର୍ଗାପ୍ରସାଦ ନନ୍ଦ, ମହେନ୍ଦ୍ର କୁମାର ଜେନା, ବାଇଧର ନାୟକ, ଗିରିଧାରୀ ବେହେରା, ଗଗନବିହାରୀ ଜେନା, ଅନନ୍ତ ଜେନା, ରଘୁନାଥ ଜେନା, ବିଭୁତି ଭୂଷଣ ବିହାରୀ, ପୂର୍ଣ୍ଣଚନ୍ଦ୍ର ଜେନା, ମନୋରଞ୍ଜନ ନାୟକ, ବିନୋଜ ଜେନା, ତପନ ଜେନା ସମେତ ଯୁଗଜ୍ୟୋତି ଯୁବକ ସଂଘର କର୍ମୀମାନେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଏକ ବିରାଟ ପଟୁଆରରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କର ପୈତୃକ ଗାଁ ଯାଜପୁର ଜିଲ୍ଲା କୋରାବନ୍ଦିକୁ ପାଛୋଟି ନିଆଯାଇଥିଲା।

## ବିଦ୍ୟୁତ୍ ବିଭାଗରୁ ମିଳୁନି ଜରୁରିକାଳୀନ ସେବା

**ଆବଶ୍ୟକ ବେଳେ ଫୋନ୍ ରିସିଭ୍ କରୁନାହାଁନ୍ତି କର୍ମଚାରୀ**

**ହାଟଡିହୀ,୨୩।୬(ସମିସ):** ପୂର୍ବରୁ ବିଦ୍ୟୁତ ସେବା ଦାୟିତ୍ୱରେ ରହିଥିବା ଘରୋଇ କମ୍ପାନୀ ଗ୍ରାମାଞ୍ଚଳରେ ବସବାସ କରୁଥିବା ନିରୀହ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ବିଭିନ୍ନ ଆଳ ଦେଖାଇ ନନା ପ୍ରକାରର ନିର୍ଯାତନା ଦେବା ସହିତ ବିଦ୍ୟୁତ ସେବା ଯୋଗାଇବାରେ ମନମାନୀ କରିବାରୁ ସରକାର ଏହାକୁ ଗୁରୁତର ସହ ନେଇ ଉକ୍ତ ବିଦ୍ୟୁତ ସେବା ଦାୟିତ୍ୱକୁ ଟାଟା ପାୱାର ହାତକୁ ହସ୍ତାନ୍ତର କରିଛନ୍ତି। କିନ୍ତୁ ଏବେକା ପରିସ୍ଥିତି ଅନୁସାରେ, ଟାଟା ପାୱାର ପୂର୍ବ କମ୍ପାନୀ ଠାରୁ ମଧ ଟପିଗଲା ପରି ମନେହେଉଛି। କେନ୍ଦୁଝର ଜିଲ୍ଲା ହାଟଡିହୀ ଶାଖା ଅଞ୍ଚଳରେ ଅସରାଏ ବର୍ଷା କିମ୍ବା ଝୁଲେ ପବନ ବୋହିଲା କ୍ଷଣି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସେବାରୁ ଅଞ୍ଚଳମାନଙ୍କୁ ବିଚ୍ଛିନ୍ନ କରି ରଖାଯାଉଛି। ବିନା ବିଜୁଳି ଘଡ଼ଘଡ଼ି ଏବଂ ପବନ ନଥାଇ ସୁଦ୍ଧା ବିଦ୍ୟୁତ ବିଭାଗ ମନଇଚ୍ଛା ବିଦ୍ୟୁତ କାଟ କରୁଛି। ଏଭଳି ସମସ୍ୟା ଦିଗରେ ଉପଭୋକ୍ତା ମାନେ ହାଟଡିହୀ ବିଦ୍ୟୁତ ଶାଖାର କନିଷ୍ଠଯନ୍ତ୍ରୀଙ୍କ ସହ ବିଦ୍ୟୁତ ସମସ୍ୟା ସମ୍ପର୍କରେ ଅଭିଯୋଗ ଜଣାଇବାକୁ ବିଭାଗ ପକ୍ଷରୁ ୯୬୯୨୯ ୮୪୧୬୦ ବିଶିଷ୍ଟ ଏକ ଜରୁରୀକାଳୀନ ନମ୍ବର ପ୍ରଦତ୍ତ କରାଯାଇଥିଲେ ସୁଦ୍ଧା ତାହା ଅଧିକାଂଶ ସମୟରେ ବ୍ୟସ୍ତ ରହିବା ସହିତ ଅନେକ ସମୟରେ କେହି ଫୋନ କଲ ରିସିଭ୍ କରନ୍ତି ନାହିଁ। ଚଳିତ ବର୍ଷର ଗରମ ଓ ଗୁଳୁଗୁଳି ପାଇଁ ଲୋକେ ଅସ୍ତବ୍ୟସ୍ତ ହେଉଥିଲା ବେଳେ ବିଦ୍ୟୁତ ବିଭାଗର ଏଭଳି ମନମାନୀପୂର୍ଣ୍ଣ କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମହଲରେ ନପସନ୍ଦ କରାଯାଇଛି। ବିଭାଗୀୟ ଅଧିକାରୀ ଓ ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ଜାତୀୟ ରାଜପଥ ଷ୍ଟ୍ରିଟ୍‌ଲାଇଟ୍ ଅଚଳ**

# ସପ୍ତାହେ ହେଲା ଘନ ଅନ୍ଧାରରେ ରାମଚନ୍ଦ୍ରପୁର ବଜାର

**ରାମଚନ୍ଦ୍ରପୁର,୨୩।୬(ସମିସ):** ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ବଜାର ଏକ ସପ୍ତାହ ହେଲା ଘନ ଅନ୍ଧାରରେ ରହିଛି। ଜାତୀୟ ରାଜପଥ ଉପରେ ଷ୍ଟ୍ରିଟ୍‌ଲାଇଟ ଲାଗିଥିଲେ ସୁଦ୍ଧା ତାହା ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡିଛି। ରାମଚନ୍ଦ୍ରପୁର ବଜାର ନିକଟରୁ ମାତ୍ର କେଇ ମିଟର ଦୂରତା ମଧ୍ୟରେ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ବିଭାଗ ଏଦିଗରେ ଜାଣି ସୁଦ୍ଧା ଚୁପ ବସିଛି। ସେପଟେ ରାମଚନ୍ଦ୍ରପୁର ବଜାର ମଧ୍ୟରେ ପୁଲିସ ଥାନା, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ରାଷ୍ଟ୍ରାୟତ ବ୍ୟାଙ୍କ, ଉଚ୍ଚ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପଞ୍ଚାୟତ ଅଫିସ ଏବଂ ଅନେକ ଛୋଟ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିଲେ ସୁଦ୍ଧା ସଞ୍ଜ ନଇଁଲେ ପୁରା ରାଜପଥରେ ଅନ୍ଧାର ମାଡି ଆସୁଛି। ପୂର୍ବର ଅନେକ ଥର ରାମଚନ୍ଦ୍ରପୁର ବଜାରରେ ବ୍ୟାଙ୍କ ଲୁଟ ଭଳି ଘଟଣା ଘଟିଥିବା ନଜରକୁ ଆସିଛି। ଯାହା ଫଳରେ ପୁଣି ଚୋରି ଡକାୟତି ଭୟ ଆଶଙ୍କା ଭିତରେ ସ୍ଥାନିୟ ଲୋକେ ଭୟବିତ ଅବସ୍ଥାରେ ରହିଥିବା ପ୍ରକାଶ କରିଛନ୍ତି। ସଞ୍ଜ ହେଲେ ବଜାରରେ ଅନ୍ଧକାର ଛାଇ ଯାଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମଧ ଘଟୁଛି ଥିବା ନଜରକୁ ଆସୁଛି। ଜାତୀୟ ରାଜପଥ ପ୍ରାଧିକର୍ତ୍ତା ଟୋଲ ଆଦାୟରେ ବ୍ୟସ୍ତ ରହୁଥିବା ବେଳେ ରାମଚନ୍ଦ୍ରପୁର ବଜାରରେ ଏନ୍‌ଏଚ୍ ଉପରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ ଗୁଡିକ ମରାମତି ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତ। ଯଥାଶିଘ୍ର ଷ୍ଟ୍ରିଟ୍‌ଲାଇଟ୍ ମରାମତି କରି ଆଲୋକୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବାକୁ ରାମଚନ୍ଦ୍ରପୁର ନାଗରିକ ମଞ୍ଚ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଠାରେ ଦୃଢ ଦାବି କରାଯାଇଛି।



# ଅଗ୍ନିଶମ କାର୍ଯ୍ୟାଳୟ ପରିସର ବାର୍‌ହାଙ୍କ ଚରାଭୂଇଁ



**କୋମନା, ୨୩।୬(ସମିସ):** ସନ୍ଧ୍ୟାହେଲେ ପ୍ରତିଦିନ ବାର୍‌ହା ମାନେ କୋମନା ଅଗ୍ନିଶମ କାର୍ଯ୍ୟାଳୟ ନିକଟକୁ ଆସୁଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଅଫିସ କର୍ମଚାରୀ ଓ ତାଙ୍କ ପରିବାର ବର୍ଗ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବର୍ଷେରୁ ଅଧିକ ହେବ ପ୍ରତ୍ୟହ ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ବାର୍‌ହାପଲ ବୁଲୁଛନ୍ତି। ରବିବାର ୨ଟି ବର୍‌ହା ବୁଲୁଥିବା ଦେଖିବାକୁ ମିଳିଥିଲା। ବନବିଭାଗ କୌଣସି ବିହିତ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଗ୍ନିଶମ କର୍ମଚାରୀ ଜଣାଇଛନ୍ତି।

# ଆଗକୁ ରଥଯାତ୍ରା; ସମସ୍ୟା ସୃଷ୍ଟି କରିପାରେ ସହରର ଖୋଲା ଡ୍ରେନ୍

**ସୋନପୁର, ୨୩।୬ (ସମିସ)**

ସୋନପୁର ଏକ ସଂସ୍କୃତି ସମ୍ପନ୍ନ ମନ୍ଦିର। ବିଭିନ୍ନ ଦେବାଦେବୀଙ୍କ ୧୦୮ଟି ମନ୍ଦିର ଏହି ସହରରେ ଅବସ୍ଥିତ। ଶିବରାତ୍ରି, ଶୀତଳଷଷ୍ଠୀ, ରଥଯାତ୍ରା ଆଦି ପର୍ବପର୍ବାଣୀ ଏଠାରେ ଧୁମ ଧାମରେ ପାଳିତ ହୋଇଥାଏ। ଜୁଲାଇ ୭ ତାରିଖରେ ଆନନ୍ଦ ଉଲ୍ଲାସ ସହକାରେ ସୋନପୁରରେ ରଥଯାତ୍ରା ଆୟୋଜିତ ହେବ। ରଥଯାତ୍ରା ସମୟରେ ହଜାର ହଜାର ଶ୍ରଦ୍ଧାଳୁ ବିଭିନ୍ନ ସ୍ଥାନରୁ ଆସି ସୋନପୁରରେ ଠୁଳ ହୁଅନ୍ତି। ତେବେ ରଥଯାତ୍ରାର ଭିଡ ସମୟରେ ସହରର ବିଭିନ୍ନ ସ୍ଥାନରେ ଥିବା ଖୋଲା ଡ୍ରେନ ସମସ୍ୟା ସୃଷ୍ଟି କରିପାରେ। ଏହି ଖୋଲା ଡ୍ରେନ ଯୋଗୁଁ ଧନଜୀବନ ହାନିର ମଧ୍ୟ ଆଶଙ୍କା ରହିଛି। ତେବେ ସବୁଠୁ ବଡ କଥା ହେଲା ଯାତ୍ରା ସମୟରେ ଭିଡ ଜମୁଥିବା ଗୁଣ୍ଡିଚା



ମନ୍ଦିରର ଅନତି ଦୂରରେ ବି ବିପଦଜନକ ଅବସ୍ଥାରେ ଖୋଲା ଡ୍ରେନ ରହିଛି; ସତେ ଯେମିତି ମନ୍ଦିର ନିକଟସ୍ଥ ରାସ୍ତା କରରେ ବିପଦ ଛପି ରହିଛି। କେତେବେଳେ ଯେ କଣ ଅଘଟଣ ନଘଟିବ କହି ହେବ ନାହିଁ। ସୋନପୁର ସହରର ଟିକ୍ରିପଡ଼ା-ତେନ୍ତୁଳିଘାଟ ରାସ୍ତାର ଡାହାଣ ପାର୍ଶ୍ୱ ମହାଣା ଗଳି ନିକଟରେ ରାସ୍ତାକୁ ଲାଗି ବିପଦପୂର୍ଣ୍ଣ ଭାବେ ଖୋଲା ଡ୍ରେନ୍ ରହିଛି। ଏହା ଏକ ବିରାଟକାୟ ଡ୍ରେନ୍ ଏବଂ ରାସ୍ତା ସହ ସମତୁଲ ଭାବେ ଥିବାରୁ ଦେଖା ଯାଉନାହିଁ। ଅଜଣା ଲୋକ ଏହି ରାସ୍ତାରୁ କାର୍ କିମ୍ବା ବାଇକ୍‌ରେ ଗଲା ବେଳେ ଟିକିଏ ଅସାବଧାନ ହେଲେ ଖାଲ ଭିତରକୁ ଗାଡି ଖସି ପଡ଼ିବ। ତେବେ ଏହା ଛୋଟ ଛୁଆ ଏବଂ ଗାଈଗୋରୁଙ୍କ ପାଇଁ ପ୍ରତି କ୍ଷଣରେ ବିପଦ ସାଜିଛି। କେଉଁ ଶିଶୁ ଡ୍ରେନ୍‌ରେ ଖସି ପଡ଼ିଲେ ବଡ ବିପଦ ହେବାର ଆଶଙ୍କା ରହିଛି। ସହରାଞ୍ଚଳରେ କୌଣସି ଡ୍ରେନ୍ ଖୋଲା ନରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କାହାରି ଖାତିର ନାହିଁ ଭଳି ଅନୁମେୟ ହେଉଛି। ଖୋଲା ଡ୍ରେନ୍ ଯୋଗୁଁ ଦୁର୍ଗନ୍ଧ ହେବା ସହ ମଶା ମାଛି ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ରଥଯାତ୍ରା ପୂର୍ବରୁ ଏହି ବିପଦପୂର୍ଣ୍ଣ ଖୋଲା ଡ୍ରେନ୍‌ର ମରାମତି ପାଇଁ ଦାବି ହୋଇଛି।

## ଗଛକୁ ଧକ୍କାଦେଲା ଟ୍ରାକ୍ଟର

**ଜହ୍ନାପଙ୍କ, ୨୩।୬(ସମିସ):** ରବିବାର ଜାତୀୟ ରାଜପଥ ନମ୍ବର ୫୭ର ତେଲିବନ୍ଧ ବାହାଲ ନିକଟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରାକ୍ଟର ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭୁବନେଶ୍ୱରରୁ ଏକ ନୂଆ ଟ୍ରାକ୍ଟର ଚଳାଇ ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗା ସୋ'ରୁମକୁ ବିକ୍ରି ପାଇଁ ନେଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିବା ବେଳେ ଟ୍ରାକ୍ଟରକୁ ଜବତ କରାଯାଇଛି।

## ଗଞ୍ଜେଇ ସହ କାର୍ ଜବତ, ଅଭିଯୁକ୍ତ ଫେରାର

**ଶଗଡ଼ା, ୨୩।୬( ସମିସ):** ମନମୁଣ୍ଡା ପୁଲିସ ୭୦ କେଜି ଗଞ୍ଜେଇ ସହ ଏକ କାର୍ ଜବତ କରିଛି। ତେବେ, ଚାଲାଣ କରୁଥିବା ମାଫିଆ ଫେରାର ଥିବା ଜଣାପଡ଼ିଛି। ମନମୁଣ୍ଡା ଥାନାଧିକାରୀ ରାମକୁମାର ମୁର୍ମୁଙ୍କ ନିର୍ଦ୍ଦେଶକ୍ରମେ ଏକ ପୁଲିସ ଟିମ ଶଗଡ଼ା ଫାଣ୍ଡି ଅନ୍ତର୍ଗତ ତିଳପଙ୍ଗା ଡିମିରିଖୋଲ ରାସ୍ତାରେ ଛକି ବସିଥିଲେ। ଉକ୍ତ ରାସ୍ତାରେ ଏକ କାର ଆସୁଥିବା ବେଳେ ପୁଲିସକୁ ଦେଖି କାର ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିଲା। ପୁଲିସ ସନ୍ଦେହରେ ଉକ୍ତ ଗାଡ଼ିକୁ ଯାଇ ତଦନ୍ତ କଲା ପରେ ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**କୋମନା, ୨୩।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ସୁନାବେଡା ଅଭୟାରଣ୍ୟର ସୋସେଙ୍ଗ ଗାଁରେ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେହି ଗ୍ରାମର ଯୁଗସାଏ ମାଝୀଙ୍କ ପୁଅ ତୁଲସିଂ ମାଝୀ(୪୫) ନିଜ ଚାଷ ଜମିକୁ ଛେଳି ଚରେଇବା ନେଇ ଯାଇଥିଲେ। ଏହି ସମୟରେ ଭାଲୁଟି ପଛପଟୁ ଆକ୍ରମଣକରି ଲହୁଲୁହାଣ କରିଥିଲା। ଚିତ୍କାର କରିବାରୁ ଭାଲୁଟି ପଳାଇଯାଇଥିଲା।କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ବିଦ୍ୟାଳୟରୁ ୪ ପଙ୍ଖା ଚୋରି

**ବ୍ରଜରାଜନଗର, ୨୩।୬(ସମିସ):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚାରଟି ସିଲିଂ ପଙ୍ଖା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରୀଷ୍ମ ଅବକାଶ ସରିବା ପରେ ଗତ ୨୧ ତାରିଖରେ ବିଦ୍ୟାଳୟ ଖୋଲିବାରେ ଶ୍ରେଣୀଗୃହ ଗୁଡିକରେ ଚାରଟି ସିଲିଂ ଫ୍ୟାନ ଚୋରି ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ଜୟପୁରିଆ ଦେଖି ଏନେଇ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରାସ୍ତା ନିର୍ମାଣରେ ଅନିୟମିତତା



**କଣ୍ଟାବାଞ୍ଜି, ୨୩।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକରେ ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସହର ଯୋଜନାରେ କଣ୍ଟାବାଞ୍ଜି ପିଡବ୍ଲ୍ୟୁଡି ରାସ୍ତା ଠାରୁ ମାକରଚୁଆଁ ଭାୟା ବର୍ଣ୍ଣା ପର୍ଯ୍ୟନ୍ତ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପକା ସଡ଼କ ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତା କାମ ଆରମ୍ଭ ଦିନ ଠାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ସରକାରୀ ନିୟମକୁ ଉଲଂଘନ କରି କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ରାସ୍ତା କାମ ନିମ୍ନମାନର ହୋଇଥିବା ଏବଂ ଗୋଟିଏ ପଟେ କାମ ଚାଲୁଥିବା ବେଳେ ଅନ୍ୟପଟେ ରାସ୍ତାରୁ ପିଚୁ ଉଠୁଥିବା ଦେଖାଦେଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରେକେଲା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଦାସଙ୍କୁ ପଚାରିବାରୁ ସେ ଖବର ପାଇଛନ୍ତି। ସେହି ରାସ୍ତା ଦେଇ ଭାରୀଯାନ ଯାତାୟାତ କରୁଥିବାରୁପିଚୁ ଉଖୁଡି ଯାଇଛି ଏବଂ ତାହା ମରାମତି କରାଯିବ ବୋଲି ସେ କହିଛନ୍ତି।

## ଓପିଜିସି ୫ ଓ ୬ ୟୁନିଟ୍ ଜନଶୁଣାଣି ବିରୋଧରେ ବାଇକ୍ ରାଲି

**ଝାରସୁଗୁଡ଼ା, ୨୩।୬(ସମିସ):** ଆସନ୍ତା ୨୭ ତାରିଖରେ ବନହରପାଲି ସ୍ଥିତ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍‌ର ୫ ଓ ୬ ନମ୍ବର ୟୁନିଟର ସମ୍ପ୍ରସାରଣ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜନଶୁଣାଣି ପାଇଁ ନୋଟିସ ଜାରି କରିଛି। ଓପିଜିସିର ସମ୍ପ୍ରସାରଣ ଜନଶୁଣାଣିକୁ ବିରୋଧ କରି ଏକ ବାଇକ ରାଲି ଅନୁଷ୍ଠିତ ହୋଇ ଯାଇଛି। ଏହି ବାଇକ ରାଲି ଓପିଜିସି ଫାଟକରୁ ବାହାରି ତେଲେନପାଲି, କୁସରାଲୋଇ, ଅଡ଼ାପଡ଼ା, କୁମ୍ଭାରବନ୍ଧ ଇତ୍ୟାଦି ସ୍ଥାନରେ ଲୋକଙ୍କୁ ଏହାର ବିରୋଧ କରିବାକୁ ଜନସାଧାରଣଙ୍କୁ ସଚେତନ ସୃଷ୍ଟି କରୁଥିବା ସାଇକେଲ ରାଲି କରୁଥିବା ଜନସାଧାରଣ କହିଛନ୍ତି।

## ବିଧାୟକଙ୍କୁ ଯାଦବ ସମାଜର ଶୁଭେଚ୍ଛା



**ନୂଆପଡ଼ା, ୨୩।୬(ସମିସ):** ନବ ନିର୍ବାଚିତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ନୂଆପଡ଼ା ବ୍ଲକ ଯାଦବ ସମାଜ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନରେ ଯାଦବ ସମାଜ ତରଫରୁ ବ୍ଲକ ସମ୍ପାଦକ ଜୋହନ ରାଉତ ଏବଂ ଖରିଆରରୋଡ ଏନ୍‌ଏସି ସଭାପତି ନବୀରାଜ ଯଦୁ ସଲମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଖରିଆରରୋଡ୍‌ସ୍ଥିତ ବିଧାୟକଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଥିଲେ। ପୂର୍ବରୁ ମନ୍ତ୍ରୀ ଥିବା ସମୟରେ ଯାଦବ ସମାଜ ତଥା ଜିଲ୍ଲା ପାଇଁ ବହୁ ପାଣ୍ଠି ସହଯୋଗ କରିଥିଲେ। ଆଗକୁ ତାଙ୍କର କାର୍ଯ୍ୟକାଳ ଶୁଭଙ୍କର ହେଉ ବୋଲି କାମନା କରିଥିଲେ। ଅନ୍ୟପକ୍ଷେ ଢୋଲକିଆ ମଧ୍ୟ ସମାଜର ସୁଖ ଦୁଃଖରେ ସବୁବେଳେ ଛାଇ ଭଳି ରହିବେବୋଲି କହିଥିଲେ। ଏହି ଅବସରରେ ଉତ୍କଳ ଯାଦବ ସମାଜର ଉପଦେଷ୍ଟା ରାମଲାଲ ହଂସ, ବ୍ଲକ ଯାଦବ ସମାଜର ସମୀକ୍ଷକ ଲାଲସିଂ ରାଉତ, ଜଗତରାମ ଛତ୍ରିଆ, ମହେଶ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ନୂଆପଡ଼ାସ୍ଥିତ ଯାଦବ ଭବନ ନିର୍ମାଣ ସକାଶେ ପୂର୍ବତନ ମନ୍ତ୍ରୀ ତଥା ଏବର ବିଧାୟକ ଢୋଲକିଆ ୧୦ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ କରିଥିବାବେଳେ ଖରିଆରରୋଡ ଏନ୍‌ଏସି ଯାଦବ ଭବନ ପାଇଁ ୨୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।

## ରାସ୍ତା ନିର୍ମାଣକୁ ନେଇ ଗଣ୍ଡଗୋଳ ୨୪ ଜଣଙ୍କ ନାମରେ ମାମଲା

**ଝାରସୁଗୁଡ଼ା, ୨୩।୬(ସମିସ):** କୋଲାବିରା ଥାନା ଅନ୍ତର୍ଗତ ବଡ଼ବାହଲ- ଅଇତାପଡ଼ା ଗ୍ରାମରେ ଏକ ରାସ୍ତା କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇଥିବା ବେଳେ ଦୁଇଟି ପୃଥକ ମାମଲା ରୁଜୁକରି ପୁଲିସ ତଦନ୍ତ କରୁଛି। ପୁଲିସ ଏହି ଘଟଣାରେ ଉଭୟ ପକ୍ଷରୁ ୨୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସୂଚନା ଅନୁସାରେ କୋଲାବିରା ଥାନା ଅନ୍ତର୍ଗତ ବଡ଼ବାହଲ-ଅଇତାପଡ଼ା ଗ୍ରାମରେ ଆର୍ଥିକ ବର୍ଷ ୨୦୨୨-୨୩ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିଲା। ଏହି ରାସ୍ତା ନିର୍ମାଣକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବିବାଦ ଓ ପରେ ମାଡ଼ପିଟ ହୋଇଥିଲା। ଏ ନେଇ ଉଭୟ ଗୋଷ୍ଠୀ ଲିଖିତ ଭାବରେ କୋଲାବିରା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗୋଟିଏ ଗୋଷ୍ଠୀର ୧୫ ଜଣ ଓ ଅନ୍ୟ ଗୋଷ୍ଠୀର ୯ ଜଣଙ୍କ ବିରୁଦ୍ଧରେ ମାମଲା ରୁଜ କରିଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ବ୍ରଜରାଜନଗର, ୨୩।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଭାରତ ସ୍ୱାଭିମାନ ଯୋଗ ପୀଠ ପତଞ୍ଜଳି ଯୋଗ ସମିତି ବ୍ରଜରାଜନଗର ତରଫରୁ ସ୍ଥାନୀୟ ଓପିଏମ ବିର୍ଲା ଶିବ ମନ୍ଦିର



ପ୍ରାଙ୍ଗଣରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସ ପାଳନ ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ପାଇଁ ପ୍ରତ୍ୟେକ ଦିନ ଯୋଗର ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଅବସରରେ ସାଂସଦ ଶ୍ରୀ ପୁରୋହିତଙ୍କୁ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜିଲ୍ଲା ପ୍ରଭାରୀ ପ୍ରଶାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ, ଶ୍ରୀଫଳ ଓ ଉପଢ଼ୌକନ ଦେଇ ସ୍ୱାଗତ ଜଣାଇଥିଲେ। ପତଞ୍ଜଳି ଯୋଗ ସମିତିର ଗୁରୁ ପ୍ରଶାନ୍ତ ପାଲଟାସିଂହଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ସମିତିର କୋଷାଧ୍ୟକ୍ଷ ଓମ ପ୍ରକାଶ ସିଂ ମଞ୍ଚ ପରିଚାଳନା କରିଥିଲେ। ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ପକ୍ଷରୁ ସାଂସଦଙ୍କ ଦ୍ୱାରା ସାହିତ୍ୟ ଏକାଡେମୀ ସଦସ୍ୟା ପୂର୍ବତନ ଶିକ୍ଷୟିତ୍ରୀ ଡ଼ ଶିବପ୍ରିୟା ମିଶ୍ର, ରୀସୁ ରୁଙ୍ଗଟା, ଆଇନଜୀବୀ ତ୍ରିନାଥ ଗୁଆଲ, ସମାଜସେବୀ ସୁଶୀଲ ପୁରୋହିତ, ବ୍ରହ୍ମକୁମାରୀ ମମତା, ବରିଷ୍ଠ ସମାଜସେବୀ ଯୋଗ ସମିତିର ପୁରୁଣା ସଦସ୍ୟ ହରିଶ୍ ଆୱଧବାଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପତଞ୍ଜଳି ଯୋଗ ସମିତି ପରିବାରର ମିଡ଼ିଆ ପ୍ରଭାରୀ ଭାଇ ରଞ୍ଜନ ସିଂହ ଓ ଯୋଗ ଶିକ୍ଷକ ବର୍ଷା ସାହା, ଯୁବ ପ୍ରଭାରୀ ଭାଇ ଯୁବରାଜ ସାହୁ, ଅଭୟ ଜାୟୁ ଉପସ୍ଥିତ ଥିଲେ। ପଣ୍ଡିତ ଟୁନି ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ।

## ଗୋଣ୍ଡୱାନା ଗୋଣ୍ଡ ସମାଜର ବ୍ଲକସ୍ତରୀୟ ସମାବେଶ

**ଖପ୍ରାଖୋଲ, ୨୩।୬(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ମହାରାପଦର ଗ୍ରାମରେ



ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ପଲ୍ଲୀ ଆୟୋଜନ ସମିତି ତରଫରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଶ୍ରୀପତି ଧରୁଆ ସଭାପତିତ୍ୱ କରିଥିବା ବେଳେ ଗୋଣ୍ଡ ମହାସଭା ପାଟଣାଗଡ଼ ମଣ୍ଡଳ ତରଫରୁ ମହାସଚିବ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଗୋଣ୍ଡ ସମାଜର ରୀତିନୀତି, ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ସମାଜର ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା, ସମାଜର ଆର୍ଥିକ ଅନଗ୍ରସର ଲୋକଙ୍କ ସମସ୍ୟା ତଥା ଦାଦନ ସମସ୍ୟା ଉପରେ ସମସ୍ତ ଅତିଥି ଆଲୋଚନା କରିଥିଲେ। ମୁଖ୍ୟଅତିଥି ଓ ଅତିଥିମାନେ ସମାଜର ଉନ୍ନତି ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସାମାଜିକ କାର୍ଯ୍ୟକ୍ରମକୁ ଟିକେଶ୍ୱର ଧରୁଆ ପରିଚାଳନା କରିଥିବା ବେଳେ ଜନାର୍ଦ୍ଦନ ମଲ୍ଲିକ, କରୁଣାକର କୁଅଁର, ଖୁଲଣା ଧରୁଆ, ସାରଙ୍ଗ ଧରୁଆ, ଘନ ଧରୁଆ, ଧର୍ମାନନ୍ଦ ଧରୁଆ, ପୁଷ୍ପଲତା କୁଅଁର, ହେମସାଗର ଧରୁଆ, ପ୍ରବୀଣ ଧରୁଆ, ଘନ ଭୁଏ, ଗୋବର୍ଦ୍ଧନ ଭୋଇ, ନରେନ୍ଦ୍ର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

## ଓପିଜିସି ଠିକା କର୍ମଚାରୀ ଶ୍ରମିକ ସଙ୍ଗଠନର ସାଧାରଣ ସଭା

**ଝାରସୁଗୁଡ଼ା, ୨୩।୬(ସମିସ):** ଲଖନପୁର ବ୍ଲକ ତେଲେନପାଲି ମଙ୍ଗଳ ବଜାର ପ୍ରାଙ୍ଗଣରେ ଓପିଜିସି ଠିକା କର୍ମଚାରୀ ଶ୍ରମିକ ସଙ୍ଗଠନର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ରମେଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରମିକମାନେ ସେମାନଙ୍କର ସମସ୍ୟା ଉପସ୍ଥାପନ କରିଥିଲେ। ଉକ୍ତ ସଭାରେ ସର୍ବସମ୍ମତି କ୍ରମେ ପେ ସ୍ଲିପ ପ୍ରଦାନ, ଷାଠିଏ ବର୍ଷ ହେଉଥିବା ଶ୍ରମିକଙ୍କ ମାନଙ୍କୁ ଅବସର ସମୟରେ ଗ୍ରାଚ୍ୟୁଇଟୀ ସମେତ ବିଭିନ୍ନ ଦାବି ନେଇ ଓପିଜିସି କର୍ତ୍ତୃପକ୍ଷ, ରାଜ୍ୟ ସରକାର ଓ ଶ୍ରମ ବିଭାଗ ନିକଟରେ ଦାବି କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସଭା ପରିଚାଳନା କରିଥିଲେ ସଙ୍ଗଠନର ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଧାନ। ଭକ୍ତ ମେହେର, ଶତ୍ରୁଘ୍ନ ପଧାନ, ରୋହିତ ପଧାନ, ଭେଙ୍କଟେଶ ଷଣ୍ଡ, ମାନସ ରଞ୍ଜନ ମହନ୍ତ, ରୋହିତ ସା ସମେତ ୫୦୦ ଶ୍ରମିକ ଯୋଗ ଦେଇଥିଲେ। ପ୍ରଶାନ୍ତ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

## ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



**ଧର୍ମଗଡ଼, ୨୩।୬(ସମିସ):** ବିଜେପି ଧର୍ମଗଡ଼ ଶାଖା ତରଫରୁ ଧର୍ମଗଡ଼ଠାରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ପାଳନ କରାଯାଇଛି। ଧର୍ମଗଡ଼ ନଗର ସଭାପତି ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ର ନବନିର୍ବାଚିତ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଧନଞ୍ଜୟ ପାତ୍ର ମୁଖ୍ୟବକ୍ତା, ମଣ୍ଡଳ ପ୍ରଭାରୀ ଶିଶୁଦେବ ମୁଣ୍ଡ, ଅନୁସୁଚିତ ଜାତି ମୋର୍ଚ୍ଚାର ରାଜ୍ୟ ନିମନ୍ତ୍ରିତ ସଦସ୍ୟ ଅପ୍ରେସ ସ୍ୱାଇଁ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ଧର୍ମଗଡ଼ ବିଧାନସଭା ସଂଯୋଜକ ମଣିନ୍ଦ୍ର ପାତ୍ର ଯୋଗଦେଇ ଥିଲେ। ଧର୍ମଗଡ଼ ବିଜେପି ନଗର ସଭାପତି ଡମ୍ବୁରୁଧର ଠାକୁର ପରିଚାଳନା କରିଥିବାବେଳେ ଧର୍ମଗଡ଼ ନଗର ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ୨୫ରେ ସ୍କୁଲରେ ପଡ଼ିବ ତାଲା

**ଝାରସୁଗୁଡ଼ା, ୨୩।୬ (ସମିସ)**

ଦେବାଡିହି ଆଶ୍ରମ ବିଦ୍ୟାଳୟରେ ଛାତ୍ରବୃତ୍ତି ଟଙ୍କାକୁ ଜାଲ ଦସ୍ତଖତ କରି ହଡପ କରିଥିବା ନେଇ ଜିଲ୍ଲାପାଳଙ୍କୁ ପୁଣିଥରେ ଅଭିଯୋଗ କରାଯାଇଛି। ଏହି ମାମଲା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୨୫ ତାରିଖରେ ସ୍କୁଲରେ ତାଲା ପକାଇବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଚେତାବନୀ ଦେଇଛନ୍ତି।

ଗତ ୨୦୨୨-୨୩ ଆର୍ôଥକ ବର୍ଷରେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଥିବା ତ୍ରିଲୋଚନ ତନସନା ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କର କାର୍ଯ୍ୟାକାଳ ସମୟରେ ବିଦ୍ୟାଳୟରେ ଅନେକ ଅନିୟମିତତା ହୋଇଛି। ସେହି ସମୟରେ ଥିବା ପ୍ରଧାନଶିକ୍ଷୟିତ୍ରୀ ତୁଲସା ମହାନନ୍ଦଙ୍କଠାରୁ ସମସ୍ତ ତଥ୍ୟ ସେ ମାଗିଥିଲେ ମଧ୍ୟ ତାଙ୍କୁ ମିଳି ନ ଥିଲା ବରଂ ଭୋଜନ ଦାୟିତ୍ୱରେ ଥିବା ମହିଳା ଗ୍ରୁପ ସହିତ ମିଶି ପ୍ରାୟୋଜିତ ଭାବେ ତାଙ୍କ ଉପରେ ଆକ୍ରମଣ କରି ମାରପିଟ କରିଥିବା ଅଭିଯୋଗ କରିଛନ୍ତି। କରୋନା ମହାମାରୀ ସମୟରେ ସ୍କୁଲ ବନ୍ଦ ଥିବା ସମୟରେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ଛାତ୍ରବୃତ୍ତି ଟଙ୍କା କିଛି ଅଭିଭାବକ ପାଇ ନ

> **ଦେବାଡିହି ଆଶ୍ରମ ବିଦ୍ୟାଳୟରେ ଜାଲ ଦସ୍ତଖତରେ ଛାତ୍ରବୃତ୍ତି ଟଙ୍କା ହଡ଼ପ ଘଟଣା**
>
> **ଜିଲ୍ଲାପାଳଙ୍କୁ ଦାବିପତ୍ର**

ଥିବା ଅଭିଯୋଗ ହୋଇଛି। ସରକାର ସେମାନଙ୍କୁ କେତେ ଟଙ୍କା ଦେଇଛନ୍ତି ତାହା ଜାଣିବା ପାଇଁ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ଏଥିରୁ ସେ ଜାଣିବାକୁ ପାଇଛନ୍ତି ଯେ ଏକ ବର୍ଷ ମଧ୍ୟରେ ଆଠଟା କିସ୍ତିରେ ୨୪ ଲକ୍ଷ ୧୫ ହଜାର ୪୦୦ ଟଙ୍କା ଉଭୟ ଏସ୍‌ଟି, ଏସ୍‌ସି ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ପ୍ରଦାନ କରିଛନ୍ତି। ଏହି ଟଙ୍କା କେଉଁ କେଉଁ ଛାତ୍ରଛାତ୍ରୀମାନଙ୍କୁ କେତେ ଦିଆଯାଇଛି ତାର ତଥ୍ୟ ମଧ୍ୟ ଆର୍‌ଟିଆଇ ମାଧ୍ୟମରେ ତ୍ରିଲୋଚନ ମାଗିଥିଲେ। ଏହି ତଥ୍ୟ ଅନୁସାରେ ୨୧ ଲକ୍ଷ ୯୬ ହଜାର ୯୦୦ ଟଙ୍କା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ବାକି ୨ ଲକ୍ଷ ୧୮ ହଜାର ୫୦୦ ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତ୍ରିଲୋଚନ ଆହୁରି ଦର୍ଶାଇଛନ୍ତି ଯେ ଟଙ୍କା ପ୍ରଦାନ କରିଥିବା ବିବରଣୀ ତଥ୍ୟରେ ଅନେକ ଭୁଲ ରହିଛି। ଜଣେ ଜଣେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ତାରିଖରେ ଦୁଇରୁ ତିନି ଥର ଟଙ୍କା ନଗଦ ଓ ଜମାଖାତାରେ ଜମା କରିଥିବା ଦର୍ଶାଯାଇଛି। ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଅନେକ ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ଟଙ୍କା ଜାଲିଆତି କରି ହଡପ ହୋଇଛି। କରୋନା ମହାମାରୀ ସମୟରେ ଥିବା ଏହି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାନନ୍ଦ, ଡବ୍ଲ୍ୟୁଇଓ ସଂଘମିତ୍ରା ପାଣିଗ୍ରାହୀ, ମ୍ୟାଟ୍ରନ କଳନା ପଟେଲ, ବାଳିକା ଛାତ୍ରାବାସ ଦାୟିତ୍ୱରେ ଥିବା ସରିତା ପାଣ୍ଡେ ଓ ବାଳକ ଛାତ୍ରାବାସର ଦାୟିତ୍ୱରେ ଥିବା ରାମଚନ୍ଦ୍ର ସିଂହ ଟଙ୍କା ହଡ଼ପ ମାମଲାରେ ଜଡ଼ିତ ବୋଲି ତ୍ରିଲୋଚନ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆରଟିଆଇରେ ତଥ୍ୟ ମାଗିବା ବେଳେ ପ୍ରଥମ ଶ୍ରେଣୀ ଛାତ୍ରୀମାନେ ତା ୧୫।୯।୨୦୨୧ରିଖରେ ଦୁଇ ଥର ଟଙ୍କା ଗ୍ରହଣ କରିଛନ୍ତି। ଥରେ ଓଡିଆରେ ଏବଂ ଥରେ ଇଂରାଜୀରେ ଦସ୍ତଖତ କରିଥିବା ତ୍ରିଲୋଚନ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ସହିତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତ୍ରିଲୋଚନ ଓ ସମ୍ମିଳିତ ଆଦିବାସୀ ସମାଜ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଆସନ୍ତା ୨୫ ତାରିଖରେ ଦେବାଡ଼ିହି ଆଶ୍ରମ ସ୍କୁଲରେ ତାଲା ପକେଇବାକୁ ସେମାନେ ନିଷ୍ପତ୍ତି ନେଇଥିବା ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

## ଗୌରୀ ସିଂହଙ୍କ ବିୟୋଗରେ ଶୋକସଭା

**କୋଲାବିରା, ୨୩।୬(ସମିସ):** ଅଯୋଧ୍ୟାନଗର ବଣିକ ସଂଘ ଏବଂ ସୁରକ୍ଷା ପରିଷଦ ପକ୍ଷରୁ ସାହିତ୍ୟିକ, ଅବସରପ୍ରାପ୍ତ ଶିକ୍ଷକ, ସଙ୍ଗଠକ, ନିର୍ଦ୍ଦେଶକ ତଥା ନାଟ୍ୟକାର ଗୌରୀ ସିଂହଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସିଂହଙ୍କ ବିୟୋଗରେ ଉପସ୍ଥିତ ସମସ୍ତେ ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ପଶ୍ଚିମ ଓଡ଼ିଶାର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ ଶ୍ରୀ ସିଂହ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ଲୋକେ କଳାପ୍ରେମୀ ପରି ଜଣେ ମୁରବୀଙ୍କୁ ହରାଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବଣିକ ସଂଘର ସଭାପତି ପୀତବାସ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସୁରକ୍ଷା ପରିଷଦର ସଭାପତି କ୍ଷୀରୋଦ ଚନ୍ଦ୍ର ଦାସ କହିଥିଲେ ଯେ ପ୍ରାୟ ୪ ଦଶନ୍ଧି ଧରି ଓଡ଼ିଶାରେ କଳା ଓ ସସ୍କୃତିକୁ ରାଜ୍ୟ ତଥା ଦେଶରେ ପରିଚିତ କରିବାରେ ଯେଉଁ କେତେ ଜଣଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେମାନଙ୍କ ମଧ୍ୟରୁ ଶ୍ରୀ ସିଂହ ଅନ୍ୟତମ। ତାଙ୍କ ବିୟୋଗରେ ଓଡ଼ିଶା କଳା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଲୁ ପୃଷ୍ଟି, ପିଙ୍କୁ ଦାସ, ଅଜିତ ସାହୁ, ସୁରେଶ ସାହୁ, ରଞ୍ଜିତ ପଧାନ, ଅନାଦି ପଧାନ, ପ୍ରଦୀପ ପଧାନ, ରାହାସ ପଧାନ, ନିତ୍ୟାନନ୍ଦ ମେହେର, ରାଜୁ ମେହେର ଓ ସୁକେଶ ସରାଫ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ତାଙ୍କ ସମ୍ମାନରେ ବଣିକ ସଂଘ ପକ୍ଷରୁ ଅଯୋଧ୍ୟା ଛକସ୍ଥିତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା।



# ଏଟ୍‌ଲିଙ୍କ ସହ କାମ କରିବେ ସଲମାନ୍

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ସାଉଥ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲି କୁମାରଙ୍କ ସହ ଏକ ବଡ଼ ବଜେଟ୍‌ର ଫିଲ୍ମରେ କାମ କରିବେ ବୋଲି ଅନେକ ଦିନରୁ ଚର୍ଚ୍ଚା ହେଉଛି । ଇତିମଧ୍ୟରେ ଏଟ୍‌ଲିଙ୍କ ଏହି ଫିଲ୍ମରେ କାମ କରିବା ପାଇଁ ସଲମାନ୍ ରାଜି ହୋଇ ଯାଇଥିବା ଜଣାପଡ଼ିଛି । ତେବେ ଏହି ଫିଲ୍ମଟି ଏକ ଆକ୍ସନ୍ ଫିଲ୍ମ ହେବ । ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି । ବର୍ଷେ ହେଲାଣି ସଲମାନ୍ ଓ ଏଟ୍‌ଲି ଫିଲ୍ମକୁ ନେଇ ଚର୍ଚ୍ଚା କରୁଛନ୍ତି । ଶେଷରେ ଏଟ୍‌ଲିଙ୍କ ପ୍ରସ୍ତାବରେ ସଲମାନ୍ ରାଜି ହୋଇଯାଇଛନ୍ତି । ଏଟ୍‌ଲି ଏବେ ଏହାର କାହାଣୀ ଉପରେ କାମ କରୁଛନ୍ତି । ଆଉ ମାସେ ଭିତରେ ସେ ଏହାର କାହାଣୀ ସଲମାନ୍‌ଙ୍କୁ ଶୁଣାଇବେ । ଏଟ୍‌ଲି ଏକ ପ୍ୟାନ୍ ଇଣ୍ଡିଆ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଥିଲେ । ସେ ଏଥିପାଇଁ ଏପରି ଜଣେ କଳାକାର ଚାହୁଁଥିଲେ ଯାହାଙ୍କୁ ସର୍ବଭାରତୀୟ ସ୍ତରରେ ଦର୍ଶକେ ଗ୍ରହଣ କରିବେ । ତେଣୁ ସେ ସଲମାନ୍‌ଙ୍କୁ ବାଛିଥିବା ଜଣାପଡ଼ିଛି । ସଲମାନ୍‌ଙ୍କ ସହ ଏଥିରେ ସାଉଥ୍‌ର ଜଣେ ଲୋକପ୍ରିୟ ଅଭିନେତା ବି କାମ କରିବେ । ତାଙ୍କ ସହିତ ଏଟ୍‌ଲି ଆଲୋଚନା କରୁଛନ୍ତି । ୨୦୨୫ ଆରମ୍ଭରେ ଫିଲ୍ମର ସୁଟିଂ ଆରମ୍ଭ ହେବ । ସଲମାନ୍ ଏବେ 'ସିକନ୍ଦର'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହା ୨୦୨୫ ଇଦ୍ ଅବସରରେ ଆସିବ ।

# କେଶ ନିର୍ମିତ ସ୍ପଞ୍ଜ

## ପରିବେଶକୁ ଦେବ ସୁରକ୍ଷା



ଅନେକ ସମୟରେ ବୈଜ୍ଞାନିକମାନେ ବହୁ ଅବିଶ୍ୱସନୀୟ ଜିନିଷ ଉଦ୍ଭାବନ କରି ସଭିଙ୍କୁ ବିସ୍ମିତ କରିଥାନ୍ତି । ଏହି କ୍ରମରେ ଲକ୍ଷ୍ନୌର ଦୁଇ ଯୁବ ବୈଜ୍ଞାନିକ ମନୁଷ୍ୟ କେଶକୁ ଉପଯୋଗ କରି ଏକ ବିଶେଷ ଧରଣର ସ୍ପଞ୍ଜ ତିଆରି କରିଛନ୍ତି । ଯାହା ପାଣିରୁ ତେଲକୁ ଅଲଗା କରିବାରେ ଅବା ପାଣିରେ ମିଶି ଯାଇଥିବା ତେଲକୁ ଶୋଷିବାରେ ସହାୟକ ହୋଇଥାଏ । ଲକ୍ଷ୍ନୌସ୍ଥିତ ଅବଦୁଲ କଲାମ ଟେକ୍ନିକାଲ ୟୁନିଭର୍ସିଟି ସେଣ୍ଟର ଫର ଆଡଭାନ୍ସ ଷ୍ଟଡିଜ୍ ଅତ୍ୟାଧୁନିକ ତଥା ହାଇଟେକ ଲ୍ୟାବ୍‌ରେ ଏହି ସ୍ପଞ୍ଜକୁ ପ୍ରସ୍ତୁତ କରାଯାଇଛି । ଡ. ସୌରଭ ମିଶ୍ରା ଓ ଡ଼. ଅନୁଜ ଶର୍ମା ପାଖାପାଖି ଦୁଇବର୍ଷ ଗବେଷଣା କରି ଏହି 'ହ୍ୟୁମାନ ହେୟାର ସ୍ପଞ୍ଜ' ତିଆରି କରିଛନ୍ତି । ଏହି ସ୍ପଞ୍ଜ ପାଣିରେ ମିଶିଥିବା ତେଲକୁ ଅଲଗା କରିବାରେ ସହାୟକ ହୋଇପାରିବ । ମଣିଷ କେଶରୁ ନିର୍ମିତ ଏହି ସ୍ପଞ୍ଜକୁ ପାଣିରେ ବୁଡ଼ାଇବା ଦ୍ୱାରା ତାହା ପାଣିରେ ଥିବା ତେଲକୁ ଶୋଷି ଦେଇଥାଏ । ତେବେ ଏହା ପାଣିକୁ ଶୋଷି ନ ଥାଏ । ଅନେକ ସମୟରେ ସମୁଦ୍ର ତଥା ନଦୀରେ ତେଲ ମିଶ୍ରଣ ଖବର ଆସିଥାଏ । ଯାହା ସାମୁଦ୍ରିକ ଜୀବ ତଥା ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ପାଣିରେ ତେଲ ମିଶ୍ରଣ କାରଣରୁ ପାଣିରେ ଥିବା ଜଳଚର ପ୍ରାଣୀ ତଥା ମାଛ ଆଦି ଶ୍ୱାସକ୍ରିୟା କରିପାରନ୍ତି ନାହିଁ । ଯାହାର ଫଳସ୍ୱରୂପ ସେମାନେ ମୃତ୍ୟୁମୁଖରେ ପଡ଼ନ୍ତି । ଏପରିସ୍ଥଳେ ଏହି ସ୍ପଞ୍ଜ ସହାୟତାରେ ପାଣିରେ ଥିବା ତେଲକୁ ଅଲଗା କରାଯାଇ ପାରିବ । ତେବେ ଏହି ସ୍ପଞ୍ଜ ମଣିଷ କେଶକୁ ଜଳାଇ ସେଥିରେ ପଲିମର ମିଶାଇ ପ୍ରସ୍ତୁତ କରାଯାଇଛି । ସବୁଠୁ ବିଶେଷ କଥା ହେଉଛି ଏହି ସ୍ପଞ୍ଜ ବୁନ୍ଦାଏ ପାଣି ବି ଶୋଷି ନ ଥାଏ । ତେଣୁ ସ୍ପଞ୍ଜ ଉପରେ କେବଳ ତେଲ ଲାଗି ରୁହେ । ବୈଜ୍ଞାନିକଙ୍କ କହିବାନୁଯାୟୀ ଏହି ତେଲକୁ ପୃଥକ୍ କରି ପୂର୍ବ ଭଳି ଏହାକୁ ବ୍ୟବହାର ମଧ୍ୟ କରାଯାଇ ପାରିବ । ଆବଶ୍ୟକତା ଅନୁଯାୟୀ ଏହି ସ୍ପଞ୍ଜର ଆକାରକୁ ଛୋଟ ବଡ଼ କରି ହେବ । ଏହି ସ୍ପଞ୍ଜ ବ୍ୟବହାର କରାଯିବା ଦ୍ୱାରା ଏହା ପରିବେଶ ତଥା ପାଣିକୁ ଶୁଦ୍ଧ କରିବାରେ ସହାୟକ ହୋଇପାରିବ । ଏଥି ସହିତ ଜଳଚର ଜୀବଙ୍କୁ ସୁରକ୍ଷା ଦିଆଯାଇପାରିବ ।

## ଆଜିର ଇତିହାସ

- ୧୫୬୪- ରାଣୀ ଦୁର୍ଗାବତୀଙ୍କ ବିୟୋଗ ।
- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା ।
- ୧୯୧୮ - କାନାଡାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା ।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଯାତ୍ରୀଙ୍କ ପ୍ରାଣହାନି ।
- ୨୦୦୨- ତାଞ୍ଜାନିଆରେ ଏକ ଟ୍ରେନ୍ ଦୁର୍ଘଟଣାରେ ୨୮୧ ଲୋକଙ୍କ ମୃତ୍ୟୁ ।
- ୨୦୦୬- ଫିଲିପାଇନ୍ସରେ ମୃତ୍ୟୁଦଣ୍ଡ ଉଠିଲା ।
- ୨୦୦୮ - ନେପାଳର ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲା ଇସ୍ତଫା ଦେଲେ ।

### ଆଜି ବାହୁଡ଼ିଥିଲେ

# ଜନନାୟକ ନବକୃଷ୍ଣ ଚୌଧୁରୀ



ଜନମାନସରେ ଗଭୀର ପ୍ରତିଛବି ଛାଡ଼ିଯାଇଥିବା ଓଡ଼ିଶାର ଅନ୍ୟତମ ଜନନାୟକ ହେଲେ ନବକୃଷ୍ଣ ଚୌଧୁରୀ । ସେ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କଠାରେ ଉଭୟ ସମାଜବାଦ ଓ ସର୍ବୋଦୟର ସମନ୍ୱୟ ଦେଖିବାକୁ ମିଳିଥିଲା । ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ । ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ । ସେ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ । ନବକୃଷ୍ଣ ଶୈଶବରେ ଖେଳ-କସରତ ପ୍ରିୟ ଥିଲେ । ଆଉ ପିତା ତାଙ୍କୁ ଏହି ଦିଗରେ ଉତ୍ସାହିତ କରୁଥିଲେ, ସ୍ୱତନ୍ତ୍ର ଭାବେ ତାଲିମ ଦେବା ନିମନ୍ତେ ଜଣେ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରିଥିଲେ । ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ଭାବେ ଗଢ଼ି ତୋଳିବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ ଦିଗରେ କାର୍ଯ୍ୟରେ ଲାଗିଥିଲେ । ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ । ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା । ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ । ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ । କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ । ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହେଇଥିବା ନିର୍ବାଚନରେ ସେ ତିର୍ତ୍ତୋଲ-ଏରସମା ଆସନରୁ ଲଢ଼ି ବିଜୟୀ ହୋଇଥିଲେ । ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା । ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ । ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ନିଶା ନିବାରଣ, ଶ୍ରୀମନ୍ଦିର ସଂସ୍କାର ପାଇଁ ମଧ୍ୟ ସେ ବହୁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ । କେନ୍ଦୁପତ୍ରର କ୍ରୟ ଓ ବିକ୍ରୟ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ୧୯୭୫ ମସିହାରେ ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ପତ୍ନୀ ମାଳତୀ ଦେବୀଙ୍କ ସହିତ ଗିରଫ ହୋଇ ସେ ଜେଲ୍‌ରେ ରହିଥିଲେ । ଜେଲରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ମୁକ୍ତ କରାଯାଇଥିଲା । ହେଲେ ସେ ଆଉ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନ ଥିଲେ । ୧୯୮୪ ଜୁନ୍ ୨୪ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

# ନୃତ୍ୟ ପ୍ରବୀଣା ସଂଯୁକ୍ତା ପାଣିଗ୍ରାହୀ



ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପହଞ୍ଚାଇବାରେ ଯେଉଁ କେତେ ଜଣ ନୃତ୍ୟଶିଳ୍ପୀ ପ୍ରମୁଖ ଭୂମିକା ନେଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ହେଲେ ସଂଯୁକ୍ତା ପାଣିଗ୍ରାହୀ । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ସେ ଜଣେ ପ୍ରଧାନ ପ୍ରଚାରିକା ଥିଲେ । ତାଙ୍କର ଶୁଦ୍ଧ ଶୈଳୀ ତାଙ୍କ ନୃତ୍ୟର ବିଶେଷତା ଥିଲା । ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଙ୍ଗୀତ ତାଙ୍କର ନୃତ୍ୟର ମାଧୁର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ । ସେ ଗୀତଗୋବିନ୍ଦଠାରୁ ଆରମ୍ଭ କରି ରବୀନ୍ଦ୍ରସଙ୍ଗୀତ, ସବୁଥିରେ ନୃତ୍ୟପରିବେଷଣ କରି ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଶୀକୁ ଭାରତ ସମେତ ସମଗ୍ର ବିଶ୍ୱରେ ଆଦୃତ କରାଇବା ପାଇଁ ସେ ଆମେରିକା, ଫିଲିପାଇନ୍ସ, ୟୁକେ, ଇସ୍ରାଏଲ, ଗ୍ରୀସ୍ ଆଦି ଦେଶଗୁଡ଼ିକ ଭ୍ରମଣ କରିଥିଲେ । ତାଙ୍କ ନୃତ୍ୟ ପ୍ରତିଭା ଓ ନୃତ୍ୟ କଳା ପ୍ରତି ଅବଦାନ ସ୍ୱରୂପ ତାଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା । ୧୯୭୬ରେ ମଧ୍ୟ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ତାଙ୍କର ଜନ୍ମ ୨୪ ଅଗଷ୍ଟ,୧୯୪୪ ମସିହାରେ ବ୍ରହ୍ମପୁରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଅଭିରାମ ମିଶ୍ର ଓ ମାତାଙ୍କ ନାମ ଶକୁନ୍ତଳା ମିଶ୍ର । ବାଲ୍ୟ ସମୟରୁ ତାଙ୍କ ଭିତରେ ନୃତ୍ୟ ପ୍ରତିଭା ବିକଶିତ ହୋଇଥିଲା । ମାତ୍ର ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ତାଙ୍କ ମା' ତାଙ୍କୁ ନୃତ୍ୟପ୍ରତି ପ୍ରୋତ୍ସାହିତ କରିଥିଲେ । ମା' ଙ୍କ ପ୍ରେରଣା ବଳରେ ସଂଯୁକ୍ତା ଚାରି ବର୍ଷ ବୟସରେ ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ । ୧୯୫୨ ମସିହାରେ ସେ ଅନ୍ତଃରାଷ୍ଟ୍ରୀୟ ଶିଶୁ ଚଳଚ୍ଚିତ୍ର ସମାରୋହରେ ପ୍ରଥମ ପୁରସ୍କାର ପାଇଥିଲେ । ନୃତ୍ୟରେ ଭଲ ପ୍ରଶିକ୍ଷଣ ପାଇଁ ତାଙ୍କ ମା' ତାଙ୍କୁ ଚେନ୍ନାଇରେ କଳାକ୍ଷେତ୍ରକୁ ପଠାଇଥିଲେ । ସେଠାରେ ସେ ୬ବର୍ଷ ପର୍ଯ୍ୟନ୍ତ ଭାରତନାଟ୍ୟମ୍ ଓ କଥକ ଶିକ୍ଷା ଲାଭ କରିଥିଲେ । ୧୪ବର୍ଷ ବୟସରେ ସେ ଓଡ଼ିଶା ଫେରି ଆସି ଓଡ଼ିଶୀ ନୃତ୍ୟର ବିକାଶ ଦିଗରେ ଧ୍ୟାନ ଦେଇଥିଲେ । ୧୯୬୦ ମସିହାରେ ୧୬ବର୍ଷ ବୟସରେ ସେ ସମୟରେ ସଙ୍ଗୀତଜ୍ଞ ରଘୁନାଥ ପାଣିଗ୍ରାହୀଙ୍କୁ ବିବାହ କରିଥିଲେ । ନିଜର ଶେଷ ସମୟ ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ଜାରି ରଖିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ । ନିଜର ଚେଷ୍ଟା ବଳରେ ସେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବାରେ ସଫଳ ହୋଇଥିଲେ । ୧୯୯୭ ମସିହାରେ ଆଜିର ଦିନରେ ଏହି ମହାନ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ସ୍ମୃତିରେ ସ୍ୱାମୀ ରଘୁନାଥ ପାଣିଗ୍ରାହୀ ୧୯୯୯ ମସିହାରେ 'ସଂଯୁକ୍ତା ପାଣିଗ୍ରାହୀ ମେମୋରିଆଲ୍ ଟ୍ରଷ୍ଟ'ଗଠନ କରିଥିଲେ । ୨୦୦୧ ଠାରୁ ଏହି ସଂସ୍ଥା ପ୍ରତିବର୍ଷ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମେଧା ନୃତ୍ୟାଙ୍ଗନାମାନଙ୍କୁ ବୃତ୍ତି ରାଶି ଦେବା ସହ ସଫଳ ନୃତ୍ୟାଙ୍ଗନାମାନଙ୍କୁ ସମ୍ମାନିତ କରିଆସୁଛି ।

# ଭବିଷ୍ୟତରେ ରହିବନି ସ୍ମାର୍ଟଫୋନ୍!



ଏବେ ଯେଉଁଭଳି ଭାବେ ଟେକ୍ନୋଲୋଜି କ୍ଷେତ୍ରରେ ନୂଆ ନୂଆ ପରିବର୍ତ୍ତନ ଆସୁଛି, ତାହାକୁ ଦୃଷ୍ଟି ଦେଲେ ସ୍ମାର୍ଟଫୋନ୍ ଆଗକୁ ରହି ନ ପାରେ ବୋଲି କୁହାଯାଉଛି । ଏଣୁ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ କ'ଣ ଏମିତି କିଛି ଟେକ୍ନୋଲୋଜି ଆସିବ, ଯାହାକି ମୋବାଇଲର ସ୍ଥାନ ନେବ । ତେବେ ଏହି କଥାରେ ପୂରା ସହମତ ବିଶିଷ୍ଟ ଶିଳ୍ପପତି ତଥା ଟେସ୍‌ଲାର ସିଇଓ ଏଲନ୍ ମସ୍କ । ଭବିଷ୍ୟତରେ ମୋବାଇଲର ବ୍ୟବହାର ପୁରୁଣା ଯୁଗର କଥା ହେବ ବୋଲି ସେ କହିଛନ୍ତି । ଏଲନ୍ ମସ୍କ ଏନେଇ ଏକ୍ସ (ଟ୍ୱିଟର)ରେ ପୋଷ୍ଟ କରି କହିଛନ୍ତି, 'ଭବିଷ୍ୟତରେ କୌଣସି ଫୋନ୍ ଆଉ ରହିବନି । ନ୍ୟୁରୋଲିଙ୍କ୍ ଫୋନ୍‌ର ସ୍ଥାନ ନେବ ।' ତେବେ ନ୍ୟୁରୋଲିଙ୍କ୍ ହେଉଛି ଏଲନ୍ ମସ୍କଙ୍କ କମ୍ପାନିର ନାଁ । ଯାହାକି ମଣିଷ ମସ୍ତିଷ୍କରେ ଚିପ୍ ଲଗାଇ ଗବେଷଣା କରୁଛି । ଏଭଳି କ୍ଷେତ୍ରରେ ଏଲନ୍ ମସ୍କ ଇଙ୍ଗିତ କରିଛନ୍ତି ଯେ, ମଣିଷ ମସ୍ତିଷ୍କରେ ଲାଗିଥିବା ଚିପ୍, ଫୋନ୍ ବ୍ୟବହାରକୁ ବନ୍ଦ କରି ତାହାର ସ୍ଥାନ ନେବ । ନ୍ୟୁରୋଲିଙ୍କ୍ ଏବେ ବ୍ରେନ୍ ଚିପ୍ ଉପରେ କାମ କରୁଛି । ଏହାକୁ ଜଣେ ୨୯ ବର୍ଷୀୟ ବ୍ୟକ୍ତିଙ୍କ ମସ୍ତିଷ୍କ ଉପରେ ଲଗାଇ ପରୀକ୍ଷାନିରୀକ୍ଷା ଚଳାଇଛି । ତା'ସହ ଏଥିରୁ ମିଳିଥିବା ତଥ୍ୟ ଉପରେ କମ୍ପାନି କାମ କରୁଛି । ଅନ୍ୟପଟେ କମ୍ପାନି ଆଗାମୀ ଦିନରେ ଅନ୍ୟ ଜଣଙ୍କଠାରେ ଏହି ଚିପ୍ ଲଗାଇବାର ଯୋଜନା କରିଛି । ଏଥିପାଇଁ ଲୋକଙ୍କଠାରୁ ଆବେଦନ ଗ୍ରହଣ କରାଯାଉଛି । ସେହିପରି ମସ୍କ ଏକ ନୂଆ ସ୍ମାର୍ଟଫୋନ୍ ଉପରେ କାମ କରୁଛନ୍ତି । ଯାହାକି ସାଧାରଣ ଫୋନ୍ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ହେବ । କୁହାଯାଉଛି, ଏହି ଫୋନ୍‌କୁ ମଣିଷ ମସ୍ତିଷ୍କରେ ଲାଗିଥିବା ଚିପ୍ ସହ ସଂଯୋଗ କରାଯିବ ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଭାବିଚିନ୍ତି ନିବେଶ କରନ୍ତୁ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

# କୋପା ଆମେରିକା | ଭେନେଜୁଏଲା, ମେକ୍ସିକୋ ବିଜୟୀ



## ଆର୍ଟେଗାଙ୍କ କମାଲ୍

ଟେକ୍ସାସର ଏନ୍‌ଆର୍‌ଜି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍-ବି ମୁକାବିଲାରେ ଫିଫା ମାନ୍ୟତା ୧୫ତମ ସ୍ଥାନରେ ରହିଥିବା ମେକ୍ସିକୋ ୧-୦ ଗୋଲରେ ଜାମାଇକାକୁ ହରାଇଦେଇଛି । ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । ତେବେ ଦ୍ୱିତୀୟାର୍ଦ୍ଧ ତଥା ୬୯ତମ ମିନିଟ୍‌ରେ ଡାନିଏଲ୍ ଆର୍ଟେଗାଙ୍କ ଗୋଲ୍ ମେକ୍ସିକୋକୁ ୧-୦ରେ ଆଗୁଆ କରାଇଥିଲା । ବିଶ୍ୱ ମାନ୍ୟତାର ୫୩ତମ ସ୍ଥାନରେ ରହିଥିବା ଜାମାଇକା ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା । ୩ ପଏଣ୍ଟ ପାଇ ମେକ୍ସିକୋ ଏହି ଗ୍ରୁପରେ ଭେନେଜୁଏଲା ପଛକୁ ୨ୟ ସ୍ଥାନରେ ରହିଛି ।

କାଲିଫୋର୍ଣ୍ଣିଆ, ୨୩।୬ (ଏଜେନ୍ସି): ଚଳିତ କୋପା ଆମେରିକା ଫୁଟ୍‌ବଲ ପ୍ରତିଯୋଗିତାର ୪୮ତମ ସଂସ୍କରଣରେ ରବିବାର ତୃତୀୟ ଦିବସରେ ଭେନେଜୁଏଲା ଓ ମେକ୍ସିକୋ ଦଳ ବିଜୟ ଲାଭ କରିଛନ୍ତି । ଗ୍ରୁପ୍-ବି'ର ଏହି ଦୁଇଟି ମ୍ୟାଚରେ ଭେନେଜୁଏଲା ୨-୧ରେ ଇକ୍ୟୁଏଡରକୁ ଏବଂ ମେକ୍ସିକୋ ୧-୦ ଗୋଲରେ ଜାମାଇକାକୁ ପରାସ୍ତ କରି ୩ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି ।



### ୧୦ ଜଣରେ ଖେଳିଲା ଇକ୍ୟୁଏଡର

ସ୍ଥାନୀୟ ଲେଭିସ ଷ୍ଟାଡିୟମରେ ରବିବାର ଭୋର ସମୟରେ ଇକ୍ୟୁଏଡର ଓ ଭେନେଜୁଏଲା ସାମ୍ନାସାମ୍ନି ହୋଇଥିଲେ । ମ୍ୟାଚର ପ୍ରଥମାର୍ଦ୍ଧ ବେଶ୍ ଘଟଣା ବହୁଳ ରହିଥିଲା । ୨୨ତମ ମିନିଟ୍‌ରେ ଇକ୍ୟୁଏଡର ଷ୍ଟ୍ରାଇକର୍ ଏନ୍ନର ଭାଲେନସିଆ ପ୍ରତିପକ୍ଷ ଡିଫେଣ୍ଡର ଜୋସ ମାର୍ଟିନଜେଙ୍କ ଛାତିକୁ ଗୋଇଠା ମାରିବାରୁ ତାଙ୍କୁ ପ୍ରଥମେ ହଳଦିଆ କାର୍ଡ ପ୍ରଦାନ କରିଥିଲେ । କିନ୍ତୁ ପରେ ଭିଏଆର୍ ଚେକ୍‌ରେ ଏହା ବିପଦଜନକ କିକ୍ ଥିବାରୁ ନିଷ୍ପତ୍ତି ବଦଳାଇ ହଳଦିଆକୁ ନାଲି କାର୍ଡରେ ପରିବର୍ତ୍ତନ କରିଥିଲେ । ଫଳରେ ଏନ୍ନର ପଡ଼ିଆ ଛାଡ଼ିଥିଲେ ଏବଂ ଇକ୍ୟୁଏଡର ମ୍ୟାଚର ବଳକା ସମୟ ୧୦ ଜଣରେ ଖେଳିଥିଲା । ଏହା ସତ୍ତ୍ୱେ ଦଳ ୪୦ତମ ମିନିଟ୍‌ରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା । ଇକ୍ୟୁଏଡରର ଜେରେମୀ ସାର୍ମିଏଣ୍ଟୋ ପ୍ରତିପକ୍ଷ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ଡି' ଏରିଆ ବାହାରୁ ଫ୍ରି-କିକ୍‌ରେ ମାରିଥିବା ସଟ୍‌କୁ ନେଟ୍ ମଧ୍ୟକୁ ପଠାଇଦେଇଥିଲେ । ଫଳରେ ଫିଫା ମାନ୍ୟତାର ୩୦ତମ ସ୍ଥାନରେ ଥିବା ଇକ୍ୟୁଏଡର ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା ।

### ୧୦ ମିନିଟ୍‌ରେ ୨ ଗୋଲ୍

ପ୍ରଥମାର୍ଦ୍ଧରେ ପଛୁଆ ରହିବା ପରେ ଭେନେଜୁଏଲା ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା । ଫିଫା ମାନ୍ୟତାର ୫୪ତମ ସ୍ଥାନରେ ରହିଥିବା ଏହି ଦଳ ୧୦ ମିନିଟ୍ ବ୍ୟବଧାନରେ ଦୁଇଟି ଗୋଲ୍ ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା । ୬୪ତମ ମିନିଟ୍‌ରେ ସୁପର୍-ସବ୍ ଖେଳାଳି ଝୋନ୍ଦର କାଡିଜ୍ ବକ୍ସର ସେଣ୍ଟରରୁ ମାରିଥିବା ସଟ୍ ଗୋଲପୋଷ୍ଟର ଡାହାଣ କର୍ନର ଦେଇ ଗୋଲ୍ ହୋଇଥିଲା । ଫଳରେ ମ୍ୟାଚ୍ ୧-୧ର ବରାବର୍ ସ୍ଥିତିକୁ ଆସିଥିଲା । ଏହାପରେ ୭୪ତମ ମିନିଟ୍‌ରେ ଅନ୍ୟତମ ସୁପର୍-ସବ୍ ଖେଳାଳି ଏଡୁରାର୍ଡ ବେଲୋଙ୍କ ଗୋଲ୍ ଭେନେଜୁଏଲାକୁ ୨-୧ରେ ଅଗ୍ରଣୀ କରାଇଥିଲା । ବଳକା ସମୟରେ ଆଉ କୌଣସି ଗୋଲ୍ ନ ହେବାରୁ ଭେନେଜୁଏଲା ବିଜୟୀ ହୋଇ ୩ ପଏଣ୍ଟ ହାତେଇନେଇଥିଲା ।

# ବଜରଙ୍ଗ ପୁନିଆ ପୁଣି ବାସନ୍ଦ



ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଭାରତର ଏଲିଟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ରବିବାର ପୁଣିଥରେ ବାସନ୍ଦ କରିଛି । ୩ ସପ୍ତାହ ପୂର୍ବେ ଡୋପିଙ୍ଗ ଟେଷ୍ଟ ଲାଗି ବଜରଙ୍ଗ ମୂତ୍ର ନମୁନା ଦେଇ ନ ଥିବାରୁ ତାଙ୍କୁ ଏପ୍ରିଲ ୨୩ରେ ବାସନ୍ଦ କରିଥିଲେ । ଏହି ଆଦେଶ ବିରୋଧରେ ବଜରଙ୍ଗ ନାଡାର ଆଣ୍ଟି ଡିସପ୍ଲିନାରୀ ଡୋପିଙ୍ଗ ପ୍ୟାନେଲ (ଏଡିଡିପି) ନିକଟରେ ଆବେଦନ କରିଥିଲେ । ଏଡିଡିପି ଏହି ବାସନ୍ଦ ବ୍ୟବସ୍ଥାନକୁ ମେ ୩୧ରେ ପ୍ରତ୍ୟାହାର କରିନେଇଥିଲେ । ତେବେ ନାଡା ଯଦି ନୋଟିସ୍ ଅଫ୍ ଚାର୍ଜ ନୋଟିସ୍ ପଠାଏ ତେବେ ଏଡିଡିପିର ନିଷ୍ପତ୍ତି ଅକାମି ହୋଇଯିବ । ଆଜି ବଜରଙ୍ଗଙ୍କୁ ନୋଟିସ୍ ଅଫ୍ ଚାର୍ଜ ନାଡା ପଠାଇଛି । ସୋନିପତରେ ଅନୁଷ୍ଠିତ ଚୟନ ପ୍ରକ୍ରିୟା ବେଳେ ବଜରଙ୍ଗ ନାଡାର କର୍ମକର୍ତ୍ତାଙ୍କୁ ମୂତ୍ର ନମୁନା ଦେବାକୁ ମନା କରିଦେଇଥିଲେ । ସେ କିନ୍ତୁ ଏକ୍ସପାୟରି ହୋଇଥିବା କିଟ୍‌ରେ ମୂତ୍ର ପରୀକ୍ଷା କରିବାକୁ ମନା କରିଥିଲେ ବୋଲି ନାଡାକୁ ଜଣାଇଥିଲେ । ନାଡା କିନ୍ତୁ ଏହାର ଉତ୍ତର ଦେଇ ନଥିଲା । ଅନ୍ୟପକ୍ଷରେ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ୍ ନିୟମର ଧାରା ୨.୩ ଅନୁଯାୟୀ ବଜରଙ୍ଗ ନିୟମ ଭାଙ୍ଗିଥିବାରୁ ତାଙ୍କୁ ପୁନର୍ବାର ସରମୟିକ ବାସନ୍ଦ କରାଯାଇଛି ବୋଲି ଜଣାଇଦିଆଯାଇଛି । ଏବେ ତାଙ୍କ ନିକଟରେ ଦୁଇଟି ରାସ୍ତା ରହିଛି । ଗୋଟିଏ ହେଉଛି ଜୁଲାଇ ୧୧ ମଧ୍ୟରେ ଶୁଣାଣି ଲାଗି ଅନୁରୋଧ କରିବା କିମ୍ବା ଏହି ଅଭିଯୋଗକୁ ଗ୍ରହଣ କରିନେବା । କିନ୍ତୁ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ବଜରଙ୍ଗ ମୂତ୍ର ନମୁନା ନ ଦେବାକୁ କଦାପି ମନା କରି ନାହାନ୍ତି ବୋଲି ବାରମ୍ବାର କହିଆସୁଛନ୍ତି । କେବଳ ଏକ୍ସପାୟରି କିଟ୍‌ରେ ତାହାକୁ ପରୀକ୍ଷା ନ କରିବାକୁ ସେ କହିଛନ୍ତି । ଏ ସମ୍ପର୍କରେ ସେ ୨୦୨୩ ଡିସେମ୍ବର ମାସରେ ଇ ମେଲ ଯୋଗେ ନାଡାକୁ ଜଣାଇଥିଲେ । ଏବେ ସୁଦ୍ଧା ନାଡା ତାହାର ଉତ୍ତର ଦେଇନାହିଁ ।

ଅନ୍ୟପକ୍ଷରେ ବଜରଙ୍ଗ ପୁନିଆଙ୍କ ଓକିଲ ବିଧୁଷ୍ମତ ସିଂହାଣିଆଙ୍କ ମତରେ ଆମେ ଏହି ଆଦେଶ ବିରୋଧରେ ନ୍ୟାୟାଳୟରେ ଆଶ୍ରୟ ନେବୁ । ସେ ଏହି ମକଦ୍ଦମା ହାରିଯାଆନ୍ତି, ତେବେ ତାଙ୍କ ଲାଗି ସରକାର ପ୍ରଶିକ୍ଷଣ ଲାଗି ଖର୍ଚ୍ଚ କରିଥିବା ଅର୍ଥ ଫେରସ୍ତ କରିବାକୁ କହିବେ । ସେହିପରି ଏହି ସମୟରେ ସେ ପାଇଥିବା ପଦକ, ପଏଣ୍ଟ ଓ ଅନ୍ୟ ସଫଳତାକୁ ମଧ୍ୟ ପ୍ରତ୍ୟାହାର କରିନିଆଯିବ । ଏବେ ବଜରଙ୍ଗଙ୍କ ନିକଟରେ ମକଦ୍ଦମା ଜିତିବା ଛଡ଼ା ଅନ୍ୟ ଉପାୟ ନାହିଁ ।

# ଅଣସ୍ୱୀକୃତିପ୍ରାପ୍ତ ଟୁର୍ଣ୍ଣାମେଣ୍ଟ ଖେଳିଲେ କଡ଼ା କାର୍ଯ୍ୟାନୁଷ୍ଠାନ

କୋଲକାତା, ୨୩।୬(ଏଜେନ୍ସି): ଭାରତରେ ଅନେକ ଅଣସ୍ୱୀକୃତିପ୍ରାପ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ଏହା ଫଳରେ ଭାରତୀୟ ଫୁଟବଲରେ ଏହାର କୁ ପ୍ରଭାବ ପଡୁଛି । ଏହାକୁ ବିଚାର କରାଯାଇ ସର୍ବଭାରତୀୟ ଫୁଟବଲ ମହାସଂଘ ଏପରି ଟୁର୍ଣ୍ଣାମେଣ୍ଟ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଧମକ ଦେଇଛି । ଏପରି ଟୁର୍ଣ୍ଣାମେଣ୍ଟରେ ଯଦି କୌଣସି ଖେଳାଳି ଖେଳନ୍ତି ତେବେ ସେମାନଙ୍କୁ ସମସ୍ତ ପ୍ରକାର ଟୁର୍ଣ୍ଣାମେଣ୍ଟରୁ ବାସନ୍ଦ କରାଯିବ ବୋଲି ରବିବାର ଏଆଇଏଫ୍ଏଫ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେବଳ ଖେଳାଳି ନୁହଁନ୍ତ, ଯଦି କୋଚ୍ କିମ୍ବା ରେଫରି ଏପରି ପ୍ରତିଯୋଗିତାରେ ନିଜକୁ ସାମିଲ କରନ୍ତି ତେବେ ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଆଇଏଫ୍ଏଫ୍ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହା ବ୍ୟତୀତ ଏଆଇଏଫ୍ଏଫ୍‌ର ସଦସ୍ୟମାନଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ କରିବା ଲାଗି ନିର୍ଦ୍ଦେଶ ଦେଇଛି । ମିଜୋରାମର ଆଇଜଲଠାରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯିବା ପୂର୍ବରୁ ଏପରି ନିଷ୍ପତ୍ତି ଆୟୋଜକମାନଙ୍କୁ ଅଡୁଆରେ ପକାଇଦେଇଛି । ଏଥିରେ ଅନେକ ଆଇଏସ୍ଏଲ୍ ଓ ଆଇ-ଲିଗ୍ ଖେଳାଳି ଭାଗ ନେବାର କାର୍ଯ୍ୟକ୍ରମ ରହିଥିଲା । ଏହି ମ୍ୟାଚ୍‌ଟି ମିଜୋରାମ ଫୁଟବଲ ଆସୋସିଏସନ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା । ବାତ୍ୟା ରେମାଲରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ସହାୟତା ଲାଗି ଏହି ମ୍ୟାଚର ଆୟୋଜନ କରାଯାଇଥିଲା । ଏ ସମ୍ପର୍କରେ ମିଜୋରାମ କ୍ରୀଡ଼ାମନ୍ତ୍ରୀ ଲାଲଙ୍ଗିଙ୍ଗ୍ଲୋଭା ହାମର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଆମେ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରିବାର ନିୟମ ରହିଛି । ଏଭଳି ଆଦେଶନାମା କିପରି ଓ କେଉଁ ପରିସ୍ଥିତିରେ ନିଆଯାଇଛି ତାହା ମୁଁ ଜାଣିନାହିଁ । ଏଣୁ ଏ ସମ୍ପର୍କରେ ବିଶେଷ କିଛି କହିପାରିବି ନାହିଁ । ହାମର ମଧ୍ୟ ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟିରେ ଜଣେ ସଦସ୍ୟ ରହିଛନ୍ତି । ଏହି ନିଷ୍ପତ୍ତି ପରେ ପ୍ରଦର୍ଶନୀ ମ୍ୟାଚ୍‌ର ଭାଗ୍ୟ କ'ଣ ହେବ ତାହା ଜଣାପଡ଼ିନାହିଁ ।

# ବର୍ଷର ଶ୍ରେଷ୍ଠ ଟାଇମିଂ ସହ ଶା'କାରୀଙ୍କୁ ଅଲିମ୍ପିକ୍ସ ଟିକଟ



ଓରେଗନ୍, ୨୩।୬ (ଏଜେନ୍ସି): ଆମେରିକାର ତାରକା ଧାବିକା ଶା'କାରୀ ରିଚାର୍ଡସନ ଆସନ୍ତା ମାସରେ ପ୍ୟାରିସରେ ଆରମ୍ଭ ହେବାକୁ ଥିବା ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏଠାରେ ଅନୁଷ୍ଠିତ ଆମେରିକା ଅଲିମ୍ପିକ ଟ୍ରାଏଲ୍ସରେ ସେ ୧୦୦ ମିଟର ରେସ୍‌କୁ ୧୦.୭୧ ସେକେଣ୍ଡରେ ଫିନିଶ୍ କରି ଏହି ସଫଳତା ପାଇଛନ୍ତି । ମହିଳା ୧୦୦ ମିଟର ରେସ୍‌ରେ ଚଳିତ ବର୍ଷର ଏହା ଶ୍ରେଷ୍ଠ ଟାଇମିଂ ଥିଲା । ୨୪ ବର୍ଷୀୟା ଶା'କାରୀ କ୍ୟାରିୟରର ପ୍ରଥମଥର ଲାଗି କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବାରେ ସଫଳ ହୋଇଛନ୍ତି । ତାଙ୍କ ବ୍ୟତୀତ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହିଥିବା ମେଲିସା ଜେଫରସନ (୧୦.୮୦ ସେକେଣ୍ଡ) ଓ ଦ୍ୱନିଶା ଟେରୀ (୧୦.୮୯) ମଧ୍ୟ ପ୍ୟାରିସ୍ ଟିକଟ୍ ଲାଭ କରିଛନ୍ତି । ତିନିବର୍ଷ ତଳେ ଏହି ଆମେରିକା ଅଲିମ୍ପିକ ଟ୍ରାଏଲ୍ସରେ ରିଚାର୍ଡସନ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଡୋପ୍ ଟେଷ୍ଟରେ ବିଫଳ ହେବାରୁ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ । ଗତବର୍ଷ ବୁଦାପେଷ୍ଟ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ୧୦.୬୫ ସେକେଣ୍ଡ ସହ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଯାହାକି ତାଙ୍କ କ୍ୟାରିୟରର ପ୍ରଥମ ମେଜର ଟାଇଟଲ୍ ଥିଲା ।

### ହ୍ୱିଲ୍‌ଚେୟାର ଫେନ୍ସିଂ ସାଟେଲାଇଟ୍ କପ୍

# ଓଡ଼ିଶାର ରାଖାଲଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୩।୬ (ସମିସ): ଫ୍ରାନ୍ସର ଓରାଙ୍ଗେଠାରେ ଚାଲିଥିବା ହ୍ୱିଲ ଚେୟାର ଫେନ୍ସିଂ ଅନ୍ତର୍ଜାତୀୟ ସାଟେଲାଇଟ୍ କପ୍‌ରେ ଓଡ଼ିଶାର ରାଖାଲ କୁମାର ସେଠୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଭାରତରୁ ଏକମାତ୍ର ଖେଳାଳି ଭାବେ ଏହି ପ୍ରତିଯୋଗିତାରେ ଭାଗନେଇଥିବା ରାଖାଲ ବ୍ୟକ୍ତିଗତ ଇପି ଇଭେଣ୍ଟରେ ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । ଭାରତର ପ୍ରଥମ ଫେନ୍ସିଂ ଖେଳାଳି ଭାବେ ସେ ଏହି ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ରବିବାର ଅନୁଷ୍ଠିତ ବ୍ୟକ୍ତିଗତ ଇପି ଇଭେଣ୍ଟ ଫାଇନାଲରେ ରାଖାଲଙ୍କ ମୁକାବିଲା ଘରୋଇ ଫ୍ରାନ୍ସର ଚାର୍ଲଟଙ୍କ ସହ ହୋଇଥିଲା । ଏଥିରେ ରାଖାଲ ୬-୧୫ ସ୍କୋରରେ ହାରିଯାଇଥିଲେ । ରାଖାଲଙ୍କୁ ଏହି ଅବସରରେ ଜାତୀୟ ସଂଘ ସଭାପତି ଜୟରାମ ଚନ୍ଦ୍ରଶେଖର, ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘର ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ସୁନିଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି ।

### ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତ

# ଧୀରଜ, ମିକ୍ସଡ୍ ଟିମ୍‌କୁ କାଂସ୍ୟ ପଦକ

ଆଣ୍ଟାଲ୍ୟା, ତୁର୍କୀ, ୨୩।୬(ଏଜେନ୍ସି): ଭାରତର ଧୀରଜ ବୋମ୍ମାଦେବରା ଓ ତାଙ୍କ ପାର୍ଟନର ଭଜନ କୌର ତୁର୍କୀର ଆଣ୍ଟାଲ୍ୟାରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ରିକର୍ଭ ପୁରୁଷ ଏକକ ଇଭେଣ୍ଟରେ ଧୀରଜ ଓ ମିକ୍ସଡ ଟିମ୍ ଇଭେଣ୍ଟରେ ଧୀରଜ ଓ ଭଜନ କାଂସ୍ୟ ପଦକ ହାସଲ କରିଛନ୍ତି । ଏହା ଫଳରେ ଚଳିତ ବିଶ୍ୱକପ୍‌ରେ ଭାରତର ପଦକ ସଂଖ୍ୟା ୪ରେ ପହଞ୍ଚିଛି । ପୂର୍ବରୁ ଶନିବାର ଅନୁଷ୍ଠିତ ପ୍ରଥମଦିନ ଇଭେଣ୍ଟରେ ଭାରତ ପକ୍ଷରୁ ଜ୍ୟୋତି ସୁରେଖା, ପରନୀତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଓ ପୁରୁଷ ପୁରୁଷ ବିଭାଗରେ ପ୍ରିୟାଂଶ ପୁରୁଷ ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ଜିତିଥିଲେ ।



ରବିବାର ଅନୁଷ୍ଠିତ ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଧୀରଜ ଓ ଭଜନଙ୍କ ଯୋଡି କାଂସ୍ୟ ପଦକ ମୁକାବିଲାରେ ମେକ୍ସିକୋର ମାଟିଆସ୍ ଗ୍ରାଣ୍ଡେ ଓ ଆଲେଜାଣ୍ଡ୍ରା ଭାଲେନ୍ସିଆଙ୍କୁ ୫-୩ ସେଟ୍‌ରେ ପରାସ୍ତ କରିଥିଲେ । ଏମାନେ ଭାରତ ଲାଗି ତୃତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି । ଏହି ଇଭେଣ୍ଟରେ ଧୀରଜ ଓ ଭଜନଙ୍କୁ ନେଇ ଗଠିତ ରିକର୍ଭ ମିକ୍ସଡ ଟିମ୍ ଯୋଡ଼ି ପ୍ରଥମ ରାଉଣ୍ଡରେ ବାଇ ପାଇଥିଲେ । କାଂସ୍ୟ ପଦକ ମୁକାବିଲାରେ ଏହି ଯୋଡି ଦୁଇଥର ୧୦ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମ୍ୟାଚ୍ ଜିତିଥିଲେ ।

ପୁରୁଷ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଧୀରଜ ସେମିଫାଇନାଲରେ ଦକ୍ଷିଣ କୋରିଆର ବିଶ୍ୱ ତଥା ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା କିମ୍ ଉଜିନ୍‌ଙ୍କଠାରୁ ୨-୬ ସେଟ୍‌ରେ ହାରିଯାଇଥିଲେ । କିନ୍ତୁ କାଂସ୍ୟ ପଦକ ମୁକାବିଲରେ ସେ ଧୈର୍ଯ୍ୟର ସହ ମୁକାବିଲା କରି ଏହି ମ୍ୟାଚ୍‌କୁ ୪-୨ ବ୍ୟବଧାନରେ ଜିତିନେଇଥିଲେ । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଧୀରଜ ଏହି ଇଭେଣ୍ଟରେ ଷ୍ଟେଜ୍-୧ରେ ମଧ୍ୟ କାଂସ୍ୟ ପଦକ ହାସଲ କରିଥିଲେ । ମହିଳା ବିଭାଗ ଏକକରେ ଅଙ୍କିତା ଭକତ ସେମିରେ ଚୀନ୍‌ର ୟାଙ୍ଗ୍ ଜିଆଲୋଇଙ୍କଠାରୁ ୨-୬ ଓ କାଂସ୍ୟ ପଦକ ମୁକାବିଲାରେ ମେକ୍ସିକୋର ଆଲେଜାଣ୍ଡ୍ରାଙ୍କଠାରୁ ୩-୭ ବ୍ୟବଧାନରେ ପରାଜିତ ହୋଇ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ ।

ସ୍ମୃତିରକ୍ଷା ଉଦ୍ଦେଶ୍ୟରେ



୰ ସନ୍ତୋଷ କୁମାର ମିଶ୍ର (ସନ୍ଟୁ)
ତିରୋଧାନ: ୨୪.୦୬.୨୦୧୫
ଶେଷଯାତ୍ରାଏ ଏ ଶରୀରକୁ ନିଦେଖିବାର ଧୈର୍ଯ୍ୟ ଲୋଡ଼ା । ମାଟି ତଳେ ଦେଇ ପାଇଁ ପାଣି, ପବନ ଓ ସୂର୍ଯ୍ୟାଲୋକ ଲୋଡ଼ା । ଆମ ଅଭିମାନ, ଅଭିଯୋଗ ପଚିରହେ ଚାହିଁବା ଭଳି ଆଦରର ହାତଟିଏ ଆଗେଇ ଆସେନି । ଏହା ଗୋଟିଏ କରୁଣ କାହାଣୀ ଭଳି ଜୀବନକୁ ଛାଇ ଭଳି ଯାହା ପିଛା କରୁଥାଏ । ଏହା ହିଁ ଜଗନ୍ନାଥଙ୍କ ନିକଟରେ ଅନ୍ତିମ ପ୍ରାର୍ଥନା ।
ଶୋକସନ୍ତପ୍ତ:
ତୋର ବାବା ଓ ବୋଉ

## ଦିନିକିଆ ବିଶ୍ୱକପ ପରାଜୟର ପ୍ରତିଶୋଧ ଟି-୨୦ରେ

# ଅଷ୍ଟ୍ରେଲିଆକୁ ହରାଇଲା ଆଫଗାନିସ୍ତାନ



କିଙ୍ଗଷ୍ଟନ୍, ୨୩।୬(ଏଜେନ୍ସି): ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ରବିବାର ଘଟିଛି ଏକ ବଡ଼ ବିପର୍ଯ୍ୟୟ। ବିଶ୍ୱର ଏକ ଶକ୍ତିଶାଳୀ ଦଳ ତଥା ପୂର୍ବଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୧ ରନ୍‌ରେ ପରାସ୍ତ କରି ଆଫଗାନିସ୍ତାନ ଏହି ବିପର୍ଯ୍ୟୟ ସୃଷ୍ଟି କରିଛି। ଏହି ବିଜୟ ଫଳରେ ଆଫଗାନିସ୍ତାନ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଅନ୍ୟ ପକ୍ଷରେ ଭାରତରେ ଅନୁଷ୍ଠିତ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ବରଣ କରିଥିବା ପରାଜୟର ପ୍ରତିଶୋଧ ନେଇଛି ଆଫଗାନିସ୍ତାନ। ଏହି ମ୍ୟାଚରେ ଆଫଗାନିସ୍ତାନ ବିଜୟର ଦ୍ୱାରଦେଶରେ ପହଞ୍ଚିଥିଲେ ମଧ୍ୟ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବୀରତ୍ୱପୂର୍ଣ୍ଣ ଅପରାଜିତ ଦ୍ୱିଶତକ ବଳରେ ଅଷ୍ଟ୍ରେଲିଆ ମ୍ୟାଚ୍ ଛଡ଼ାଇନେଇଥିଲେ। ଏଠାରେ ମଧ୍ୟ ସେ ପୁନରାବୃତ୍ତି କରିବାକୁ ଯାଉଥିଲାବେଳେ ଗୁଲବଦିନ ଏଥିରେ ବ୍ରେକ୍ ଲଗାଇଥିଲେ। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟରେ ଷଷ୍ଠ ମୁକାବିଲାରେ ଆଫଗାନିସ୍ତାନ ପ୍ରଥମ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ଏହି ମ୍ୟାଚ୍‌ରେ ୩୩ ବର୍ଷୀୟ ମିଡିୟମ ପେସ୍ ବୋଲର ଗୁଲବଦିନ ନାଏବ ୨୦ ରନ୍‌ରେ ୪ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ପ୍ରଥମ ୱିକେଟରେ ଶତକୀୟ ଭାଗୀଦାରି

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୬ ୱିକେଟରେ ୧୪୮ ରନ୍ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ରହମନୁଲ୍ଲା ଗୁରବାଜ୍ ଓ ଇବ୍ରାହିମ ଜଦ୍ରାନ ଅର୍ଦ୍ଧଶତକ ହାସଲ କରିବା ସହ ପ୍ରଥମ ୱିକେଟ ଭାଗୀଦାରିରୁ ୧୧୮ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। ଗୁରବାଜ୍ ୪୯ ବଲରେ ୬୦ ଓ ଜଦ୍ରାନ ୪୮ ବଲ୍‌ରୁ ୫୧ ରନ୍ କରିଥିଲେ। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ସମସ୍ତ ମ୍ୟାଚ୍ ଜିତିଥିବାରୁ ଆଫଗାନିସ୍ତାନର ଏକ ଡିଫେଣ୍ଡେବଲ ସ୍କୋର କରିପାରିଥିଲା। ଏହି ମ୍ୟାଚରେ ଅଷ୍ଟ୍ରେଲିଆର ଫିଲ୍ଡର ଡେଭିଡ ୱାର୍ଣ୍ଣର ଓ ଆଷ୍ଟନ ଅଗର ଦୁଇଟି କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଦଳ ପକ୍ଷରୁ ପ୍ୟାଟ କମିନ୍ସ ହ୍ୟାଟ୍ରିକ ସହ ୩ଟି ଓ ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ।

### ପେସ ବୋଲରଙ୍କ ଘାତକ ବୋଲିଂ

୧୪୯ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ପ୍ରଥମ ୩ ଓଭରରେ ୨ ୱିକେଟ ହରାଇଥିଲା। ମିଡିୟମ୍ ପେସ୍ ବୋଲର ନବୀନ-ଉଲ-ହକ୍ ତାଙ୍କ ଆଇପିଏଲ ଫର୍ମ ବଜାୟ ରଖି ଟ୍ରାଭିସ ହେଡ (୦) ଓ ମିଚେଲ ମାର୍ଶ (୧୨)ଙ୍କୁ ଆଉଟ କରି ଆଫଗାନିସ୍ତାନକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ଏହି ସମୟରେ ଦିନିକିଆ ବିଶ୍ୱକପ ପରି ଗ୍ଲେନ୍ ମ୍ୟାକ୍ସୱେଲ ଆଉ ଏକ ବୀରତ୍ୱପୂର୍ଣ୍ଣ ପାଳି ଖେଳିବାକୁ ଯାଉଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ଆଫଗାନିସ୍ତାନର ସଫଳ ବୋଲର ଗୁଲବଦିନ ମଧ୍ୟ ତାଙ୍କୁ ଆଉଟ କରି ବଡ଼ ସଫଳତା ପାଇଥିଲେ। ମ୍ୟାକ୍ସୱେଲ ୪୧ ବଲ୍ ଖେଳି ସର୍ବାଧିକ ୫୯ ରନ୍ କରିଥିଲାବେଳେ ଆଉ ଜଣେ ଖେଳାଳି ମାର୍କସ ଷ୍ଟୋଇନିସ ୧୧ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଗୁଲବଦିନ ଅଷ୍ଟ୍ରେଲିଆର ଶକ୍ତିଶାଳୀ ମିଡଲ ଅର୍ଡର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ସେ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୪ଟି ଓ ନବୀନ-ଉଲ-ହକ୍ ସମାନ ରନ୍ ଦେଇ ୩ଟି ୱିକେଟ ନେଇଥିଲେ। ଯାହା ଫଳରେ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ଦୁଇ ପେସ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଆଫଗାନିସ୍ତାନ ଐତିହାସିକ ବିଜୟ ହାସଲ କରିଥିଲା।

### କମିନ୍ସଙ୍କ ହ୍ୟାଟ୍ରିକ କାମଦେଲାନି

ଏହି ମ୍ୟାଚ୍‌ରେ ଆଫଗାନିସ୍ତାନର ରଶିଦ୍ ଖାନ, କରିମ ଜାନତ ଓ ଗୁଲବଦିନ ନାଏବଙ୍କୁ ଆଉଟ କରି ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୧୮ତମ ଓଭରର ଶେଷ ବଲ ଓ ୨୦ତମ ଓଭରର ପ୍ରଥମ ଦୁଇଟି ବଲ୍‌ରେ ସେ ଏହି ସଫଳତା ପାଇଥିଲେ। ଏହା ପୂର୍ବରୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ସମାନ ସ୍ଥିତିରେ ହ୍ୟାଟ୍ରିକ ସଫଳତା ପାଇଥିଲେ। ଏହା ଫଳରେ ଅନ୍ତର୍ଜାତୀୟ କ୍ରିକେଟର କ୍ରମାଗତ ମ୍ୟାଚ୍‌ରେ ହ୍ୟାଟ୍ରିକ ଅର୍ଜନ କରିବାରେ ସେ ପାକିସ୍ତାନର ୱାସିମ ଆକ୍ରମଙ୍କ ପରେ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ୧୯୯୯ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆକ୍ରମଙ୍କୁ ଏହି ସଫଳତା ମିଳିଥିଲା। ଏମାନଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ଜିମି ମାଥ୍ୟୁସ ଗୋଟିଏ ଟେଷ୍ଟରେ ଦୁଇଟି ହ୍ୟାଟ୍ରିକ୍ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟରେ ମାଥ୍ୟୁସ ଏହି ସଫଳତା ପାଇଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ହ୍ୟାଟ୍ରିକ ସଫଳତା ସତ୍ତ୍ୱେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ପରାଜିତ ହୋଇଛି।

**୪ ୱିକେଟ ନେଇ ନାଏବ ଶ୍ରେଷ୍ଠ ଖେଳାଳି**

**ଗୁରବାଜ୍ ଓ ଜଦ୍ରାନଙ୍କ ଅର୍ଦ୍ଧଶତକ**

**ପ୍ୟାଟ କମିନ୍ସଙ୍କ ହ୍ୟାଟ୍ରିକ୍ ବ୍ୟର୍ଥ**

**କ୍ୟାଚ୍ ଛାଡ଼ିଲେ ୱାର୍ଣ୍ଣର, ଅଗର**

**ଷଷ୍ଠ ମୁକାବିଲାରେ ପ୍ରଥମ ବିଜୟ**

**ଟି-୨୦ ବିଶ୍ୱକପ୍**

**ଆଜିର ମ୍ୟାଚ୍**

**ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍**
ସ୍ଥାନ- ନର୍ଥସାଉଣ୍ଡ, ସମୟ- ସକାଳ ୬ଟା

**ଭାରତ-ଅଷ୍ଟ୍ରେଲିଆ**
ସ୍ଥାନ- ଗ୍ରସ୍ ଆଇଲେଟ, ସମୟ- ରାତି ୮ଟା

**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ:** ୧୪୮/୬, ୨୦ ଓଭର (ରହମନୁଲ୍ଲା ଗୁରବାଜ୍-୬୦, ଇବ୍ରାହିମ ଜଦ୍ରାନ-୫୧, ପ୍ୟାଟ କମିନ୍ସ-୩/୨୮, ଆଦାମ ଜାମ୍ପା-୨/୨୮)।

**ଅଷ୍ଟ୍ରେଲିଆ:** ୧୨୭/୧୦, ୧୯.୨ ଓଭର (ଗ୍ଲେନ୍ ମ୍ୟାକ୍ସୱେଲ-୫୯, ମିଚେଲ ମାର୍ଶ-୧୨, ଗୁଲବଦିନ ନାଏବ- ୪/୨୦, ନବୀନ-ଉଲ-ହକ୍- ୩/୨୦)।



ବିରାଟଙ୍କ ଅଭ୍ୟାସ

## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ବର୍ଷା ଆଶଙ୍କା

ଗ୍ରସ ଆଇଲେଟ୍, ୨୩।୬(ଏଜେନ୍ସି): ଆଫଗାନିସ୍ତାନଠାରୁ ପରାଜିତ ହେବା ପରେ ଭାରତ ସହ ଅଷ୍ଟ୍ରେଲିଆ ସୋମବାର ଖେଳିବାକୁ ଥିବା ସୁପର-୮ ଗ୍ରୁପ୍-୧' ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ଏହି ଗ୍ରୁପ୍‌ରେ ଭାରତ ୨ଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହୋଇଛି। ଉଭୟ ପଏଣ୍ଟ ଓ ନେଟ ରନ୍ ରେଟ୍‌ରେ ଭାରତ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ୨ଟି ଲେଖାଏଁ ମ୍ୟାଚ୍ ଖେଳି ଗୋଟିଏ ଲେଖାଏଁ ବିଜୟୀ ହୋଇଛି। ଉଭୟ ଦଳର ପଏଣ୍ଟ ସମାନ ହୋଇଥିଲେ ମଧ୍ୟ ନେଟ୍ ରନ୍‌ରେଟ୍‌ରେ ଅଷ୍ଟ୍ରେଲିଆ ଆଗୁଆ ରହିଛି। ଏହା ଫଳରେ ଆସନ୍ତାକାଲି ଭାରତ ସହ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହେଲେ ସେମିଫାଇନାଲକୁ ଉନ୍ନୀତ ହେବ। ନଚେତ ଦଳକୁ ଆଫଗାନିସ୍ତାନ ଓ ବାଂଲାଦେଶ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଯଦି ଏହି ମ୍ୟାଚ୍‌କୁ ୪୧ ରନ୍ ବ୍ୟବଧାନରେ ବିଜୟୀ ହୁଏ, ତେବେ ଅନ୍ୟ ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଦଳର ସେମିଫାଇନାଲ ଖେଳିବା ରାସ୍ତା ପରିଷ୍କାର ହୋଇଯିବ। କିନ୍ତୁ ଏହି ମ୍ୟାଚ୍‌ର ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେଣ୍ଟ ଲୁସିଆ ପାଣିପାଗ ବିଭାଗ ଅନୁଯାୟୀ ଆସନ୍ତାକାଲି ଏଠାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ବର୍ଷା ଯେ ଲାଗି ରହିବ ତାହା କୁହାଯାଇନାହିଁ। ଯାହା ଫଳରେ ମ୍ୟାଚ୍ ବାତିଲ ହେବାର ଆଶଙ୍କା ନାହିଁ ବୋଲି ଏହି ଭବିଷ୍ୟବାଣୀରୁ ସ୍ପଷ୍ଟ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ଦୁଇ ଓପନର ସଫଳ ହୋଇନାହାନ୍ତି। କିମ୍ବା ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନାହାନ୍ତି। ଦୁଇ ବଡ଼ ଖେଳାଳି ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲ ସୁଯୋଗ ପାଇନାହାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସେମାନଙ୍କୁ ସୁଯୋଗ ମିଳିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ପୂର୍ବପରି ଭାରତୀୟ ୩ ପେସର ଓ ୩ ସ୍ପିନରଙ୍କୁ ନେଇ ଏହି ମ୍ୟାଚ୍ ଖେଳିବ। ଭଲ ପ୍ରଦର୍ଶନ ଦେଇ ନଥିବା ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ ଯୁଜବେନ୍ଦ୍ର ଚହଲ ଖେଳିବେ ବୋଲି ଆଶା କରାଯାଇପାରେ। କିନ୍ତୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବିଜୟୀ କମ୍ବିନେସନ ଭାଙ୍ଗିବେ ବୋଲି ଆଶା କରାଯାଉନାହିଁ। ଏଭଳି ସ୍ଥିତିରେ କିଏ କିପରି ଖେଳିବେ ତାହା ଟସ୍ ପରେ ଜଣାପଡ଼ିବ। ଅନ୍ୟ ପକ୍ଷରେ ଭାରତ ଏହି ମ୍ୟାଚ୍ ହାରିଗଲେ ଦଳର ଫାଇନାଲ ଖେଳିବା ଆଶଙ୍କା ମଧ୍ୟକୁ ଚାଲିଯାଇପାରେ। ଏହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଭାରତ ଖେଳିନାହିଁ। ଏଣୁ ଏହି ମ୍ୟାଚ୍‌ରେ କିପରି ପ୍ରଦର୍ଶନ କରିବ ତାହାକୁ ନେଇ ସନ୍ଦେହ ରହିଛି।

**ସୁପର-୮ ଗ୍ରୁପ-୧ ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ଭାରତ | ୨ | ୨ | ୦ | ୪ | +୨.୪୨୫ |
| ଅଷ୍ଟ୍ରେଲିଆ | ୨ | ୧ | ୧ | ୨ | +୦.୨୨୩ |
| ଆଫଗାନିସ୍ତାନ | ୨ | ୧ | ୧ | ୨ | -୦.୬୫୦ |
| ବାଂଲାଦେଶ | ୨ | ୦ | ୨ | ୦ | -୨.୪୮୯ |

### ବଟଲରଙ୍କ ବିସ୍ଫୋରଣ; କ୍ରିସ୍ ଜୋର୍ଡାନଙ୍କ ହ୍ୟାଟ୍ରିକ୍

# ସେମିରେ ଇଂଲଣ୍ଡ

ବାର୍ବାଡୋସ୍, ୨୩।୬(ଏଜେନ୍ସି): ଅଧିନାୟକ ଜୋଶ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଆମେରିକାକୁ ୧୦ ୱିକେଟରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଏଠାରେ ଖେଳାଯାଇଥିବା ସୁପର-୮ ଗ୍ରୁପ୍-୨ ମୁକାବିଲାରେ ଆମେରିକା ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ୧୧୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଇଂଲଣ୍ଡ ମାତ୍ର ୯.୪ ଓଭରରେ କୌଣସି ୱିକେଟ ନ ହରାଇ ୧୧୭ ରନ୍ କରି ବିଜୟ ଲାଗି ଆବଶ୍ୟକ ରନ୍ ହାସଲ କରିନେଇଥିଲା। ସେମିଫାଇନାଲରେ ପ୍ରବେଶ କରିବା ଲାଗି ଇଂଲଣ୍ଡକୁ ୧୮.୪ ଓଭରରେ ବିଜୟ ଆବଶ୍ୟକ ହେଉଥିଲା। କିନ୍ତୁ ବଟଲର ମାତ୍ର ୩୮ ବଲ୍‌ରେ ୬ ଚୌକା ଓ ୭ଛକା ସହ ଅପରାଜିତ ୮୩ ରନ୍ କରିବା ଫଳରେ ଦଳ ୬୨ଟି ବଲ ବାକିଥାଇ ବିଜୟୀ ହୋଇଥିଲା। ଦଳର ନେଟ୍ ରନ୍ ୧.୯୯୨ରେ ପହଞ୍ଚିଥିଲା। ଫିଲିପ ସଲ୍ଟ ୨୧ବଲ୍‌ରେ ୨୫ ରନ୍ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ଆମେରିକା ପାଳିରେ ମାତ୍ର ୪ ଓଭର ବୋଲିଂ କରି ୧୩ ରନ୍‌ରେ ୨ଟି ୱିକେଟ ନେଇଥିବା ଇଂଲଣ୍ଡର ଆଦିଲ ରାଶିଦ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଇଂଲଣ୍ଡ ସୁପର-୮'ରେ ୩ଟି ମ୍ୟାଚ୍‌ର ୨ଟି ବିଜୟ ସହ ୪ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ୨ଟି ମ୍ୟାଚ୍‌ରୁ ୪ ଏବଂ ୱେଷ୍ଟଇଣ୍ଡିଜ୍ ଗୋଟିଏ ବିଜୟ ସହ ୨ ପଏଣ୍ଟ ପାଇଛି। ଆସନ୍ତାକାଲି ସକାଳେ ଦ.ଆଫ୍ରିକା ଓ ଇଣ୍ଡିଜ୍ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସେମିଫାଇନାଲକୁ ଉନ୍ନୀତ ହେବ। ଏବେ ସୁଦ୍ଧା ଦକ୍ଷିଣ ଆଫ୍ରିକାର ନେଟ ରନ୍ +୦.୬୨୫ ରହିଛି। ଅନ୍ୟପକ୍ଷରେ ଇଣ୍ଡିଜ୍‌ର ନେଟ ରନ୍ +୧.୮୧୪। ଇଣ୍ଡିଜ୍ ବିଜୟୀ ହେଲେ ନେଟରନ୍ ରେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଦ୍ୱିତୀୟ ହେବ। କିନ୍ତୁ ଦକ୍ଷିଣ ଆଫ୍ରିକା ବିଜୟୀ ହେଲେ ୬ ପଏଣ୍ଟ ସହ ଗ୍ରୁପ୍‌ର ପ୍ରଥମ ଦଳ ଭାବେ ସେମିକୁ ଯିବ। ଏହି ମ୍ୟାଚ୍‌ରେ ଆମେରିକା ପାଳିରେ ୫ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ନୀତୀଶ କୁମାର ସର୍ବାଧିକ ୩୦ ଓ କୋରି ଆଣ୍ଡରସନ ୨୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ହ୍ୟାଟ୍ରିକ ସହ ୩ଟି ୱିକେଟ ପାଇଥିଲେ। ସାମ କୁରାନ ଓ ରଶିଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।



କ୍ରିସ୍ ଜୋର୍ଡାନ

**ଟି-୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍**

| ଖେଳାଳି | ଦେଶ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|---|
| ବ୍ରେଟ ଲୀ | ଅଷ୍ଟ୍ରେଲିଆ | ବାଂଲାଦେଶ | କେପ୍‌ଟାଉନ୍ | ୨୦୦୭ |
| କର୍ଟିସ କ୍ୟାମ୍ଫର | ଆୟର୍ଲାଣ୍ଡ | ନେଦରଲାଣ୍ଡସ | ଆବୁଧାବି | ୨୦୨୧ |
| ୱାନିନ୍ଦୁ ହାସରଙ୍ଗା | ଶ୍ରୀଲଙ୍କା | ଦକ୍ଷିଣ ଆଫ୍ରିକା | ଶାରଜା | ୨୦୨୧ |
| କାଗିସୋ ରାବାଡା | ଦକ୍ଷିଣ ଆଫ୍ରିକା | ଇଂଲଣ୍ଡ | ଶାରଜା | ୨୦୨୧ |
| କାର୍ତ୍ତିକ ମେୟାପ୍ପାନ | ୟୁଏଇ | ଶ୍ରୀଲଙ୍କା | ଜୀଲଙ୍ଗ୍ | ୨୦୨୨ |
| ଜୋଶୁଆ ଲିଟଲ | ଆୟର୍ଲାଣ୍ଡ | ନ୍ୟୁଜିଲାଣ୍ଡ | ଆଡିଲେଡ୍ | ୨୦୨୨ |
| ପ୍ୟାଟ କମିନ୍ସ | ଅଷ୍ଟ୍ରେଲିଆ | ବାଂଲାଦେଶ | ଆଣ୍ଟିଗୁଆ | ୨୦୨୪ |
| ପ୍ୟାଟ କମିନ୍ସ | ଅଷ୍ଟ୍ରେଲିଆ | ଆଫ୍‌ଗାନିସ୍ତାନ | କିଙ୍ଗ୍‌ସଟାଉନ | ୨୦୨୪ |
| କ୍ରିସ୍ ଜୋର୍ଡାନ | ଇଂଲଣ୍ଡ | ଆମେରିକା | ବ୍ରିଜ୍‌ଟାଉନ | ୨୦୨୪ |

## ଭାରତ ୩-୦ରେ ସିରିଜ୍ ଜିତିଲା

ବେଙ୍ଗାଲୁରୁ, ୨୩।୬ (ଏଜେନ୍ସି): ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚରେ ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ପକ୍ଷରୁ ଧାର୍ଯ୍ୟ ୨୧୬ ରନର ଲକ୍ଷ୍ୟକୁ ପିଛା କରି ଭାରତ ୪୦.୪ ଓଭରରେ ୪ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ପୂର୍ବରୁ ଏହି ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ଦୁଇ ମୁକାବିଲାକୁ ଯଥାକ୍ରମେ ୧୪୩ ଓ ୪ ରନରେ ଜିତିଥିବା ଭାରତୀୟ ମହିଳା ଦଳ ଏଥିସହ ୩-୦ରେ ସିରିଜ ମୂଳପୋଛ କରିଛି। ହ୍ୟାଟ୍ରିକ ଶତକ ଅର୍ଜନ କରିବାର ବିରଳ ସଫଳତାରୁ ବଞ୍ଚିତ ହୋଇଥିବା ସ୍ମୃତି ମନ୍ଧାନା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦୁଇ ଦଳ ମଧ୍ୟରେ ୪ ଦିବସୀୟ ଏକମାତ୍ର ଟେଷ୍ଟ ମ୍ୟାଚ୍ ୨୮ରୁ ଚେନ୍ନଇରେ ଆରମ୍ଭ ହେବ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ୩ୟ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ବ୍ୟାଟିଂ କରିଥିଲା। ଦୁଇ ଓପନର୍ ଅଧିନାୟିକା ଲୌରା ୱଲଭର୍ଡଟ ଓ ତାଜମିନ ବ୍ରିଟ୍ସ ଓପନିଂ ୱିକେଟ୍‌ରେ ୧୦୨ ରନର ଶତକୀୟ ଭାଗୀଦାରି ଗଢ଼ି ଭଲ ଆରମ୍ଭ କରିଥିଲେ। କିନ୍ତୁ ୨ ରନ ବ୍ୟବଧାନରେ ଲୌରା (୬୧ ରନ) ଓ ବ୍ରିଟ୍ସ (୩୮ ରନ) ଆଉଟ୍ ହେବା ଫଳରେ ଦକ୍ଷିଣ ଆଫ୍ରିକା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ପରବର୍ତ୍ତୀ ବ୍ୟାଟର୍‌ମାନେ କୌଣସି ଆଖିଦୃଶିଆ ପ୍ରଦର୍ଶନ କରି ନ ପାରିବାରୁ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୨୧୫ ରନ କରିଥିଲା। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ଓ ଦୀପ୍ତି ଶର୍ମାଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

# ୟୁରୋ କପ୍: ବେଲ୍‌ଜିୟମର ପ୍ରଥମ ବିଜୟ

କୋଲଗନେ, ୨୩।୬ (ଏଜେନ୍ସି): ୟୁରୋପ୍ ମହାଦେଶ ସର୍ବଶ୍ରେଷ୍ଠ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍‌ର ଚଳିତ ୧୭ତମ ସଂସ୍କରଣରେ ବେଲ୍‌ଜିୟମ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଶନିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏକ ମ୍ୟାଚରେ ବେଲ୍‌ଜିୟମ ୨-୦ ଗୋଲରେ ଫିଫା ମାନ୍ୟତାର ୪୭ତମ ସ୍ଥାନରେ ରହିଥିବା ରୋମାନିଆକୁ ମାତ୍ ଦେଇଛି। ଏଥିସହ ବେଲ୍‌ଜିୟମ ଦୁଇ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ଦ୍ୱିତୀୟ ସ୍ଥାନରେ ରହିଛି। ରୋମାନିଆ ପ୍ରଥମ ପରାଜୟ ସହ ଦୁଇ ମ୍ୟାଚରୁ ୩ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ବେଲ୍‌ଜିୟମ ଉପରେ ଏକ ନମ୍ବର ସ୍ଥାନ ହାସଲ କରିଛି। ବେଲ୍‌ଜିୟମ ଏହାର ପ୍ରଥମ ମ୍ୟାଚରେ ୧-୦ ଗୋଲରେ ସ୍ଲୋଭାକିଆ ନିକଟରୁ ହାରିଯାଇଥିଲା। ଯାହାକି ୟୁରୋକପ୍ ଇତିହାସର ଅନ୍ୟତମ ବଡ଼ ବିପର୍ଯ୍ୟୟ ଥିଲା। ସେହିଭଳି ରୋମାନିଆ ୩-୦ରେ ୟୁକ୍ରେନକୁ ହରାଇ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଗ୍ରୁପ୍‌ରୁ ସମସ୍ତ ୪ଟି ଯାକ ଟିମ୍ ଗୋଟିଏ ଲେଖାଏ ମ୍ୟାଚ୍ ଜିତିଥିବାରୁ କେଉଁ ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ତାହା ଏବେ କଷ୍ଟକର ହୋଇପଡ଼ିଛି।

### ୭୩ ସେକେଣ୍ଡରେ ୟୁରିଙ୍କ ଗୋଲ୍

ବର୍ତ୍ତମାନ ଫିଫା ମାନ୍ୟତାର ୩ୟ ସ୍ଥାନରେ ରହିଥିବା ବେଲ୍‌ଜିୟମ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚର ପ୍ରାରମ୍ଭରୁ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ଆଷ୍ଟନ ଭିଲ୍ଲା କ୍ଲବର ମଧ୍ୟଭାଗ ଖେଳାଳି ୟୁରି ଟିଲେମାନ୍ସ ମ୍ୟାଚର ୭୩ ସେକେଣ୍ଡରେ ଏକ ଗୋଲ୍ ଦେଇ ବେଲ୍‌ଜିୟମକୁ ୧-୦ରେ ଆଗୁଆ କରାଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ସ୍ଥିତି ବଳବତ୍ତର ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ବେଲ୍‌ଜିୟମ ଆଉ ଏକ ଗୋଲ୍ ଦେଇ ମ୍ୟାଚକୁ ନିୟନ୍ତ୍ରଣକୁ ନେଇଥିଲା। ୮୦ତମ ମିନିଟ୍‌ରେ କେଭିନ ଡି ବ୍ରୁନେ ଏହି ଗୋଲଟି ଦେଇଥିଲେ। ରୋମାନିଆ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପ୍ରଥମ ମ୍ୟାଚରେ ହାରିଯାଇଥିବାରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ବେଲ୍‌ଜିୟମକୁ ପ୍ରତିଯୋଗିତାରେ ତିଷ୍ଠି ରହିବା ଲାଗି ଏହି ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଥିଲା। ଯାହାକୁ ଯୁବ ଖେଳାଳି କରିଦେଖାଇଛନ୍ତି। ଟାଇଟଲ୍ ଦାବିଦାର ବେଲ୍‌ଜିୟମ ୨୦୨୨ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ଗତ ଦୁଇଟି ୟୁରୋକପ୍‌ର କ୍ୱାର୍ଟର ଫାଇନାଲରୁ ହାରିଥିଲା। ତେଣୁ ବେଲ୍‌ଜିୟମର ସ୍ୱର୍ଣ୍ଣିମ ଯୁଗ ଶେଷ ହୋଇଯାଇଥିବା କୁହାଯାଉଥିବାବେଳେ ଯୁବ ଖେଳାଳି ରୋମାନିଆ ବିପକ୍ଷରେ ଦଳକୁ ଜିତାଇ ଆଶା ଉଜ୍ଜୀବିତ ରଖିଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର